# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ଅକ୍ଟୋବର ୫/୨୦୧୯ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Sambalpur, Saturday, October 5 / 2019 ★★

୧୫୫ଶ ଭାଗ ୨୮୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




### ପୁଣି ଫେରିବେ ଶାହାରୁଖ

ବଲିଉଡ୍ ବାଦ୍‌ଶାହା ଶାହରୁଖ୍ ଖାଁ ପୁଣି ବଡ଼ ପରଦାକୁ ଫେରିବେ ବୋଲି ଘୋଷଣା କରିଛନ୍ତି। ଏଥର ବୋଧହୁଏ ଦୀପିକାଙ୍କ ସହ ଶାହାରୁଖ ଫେରିବେ ବୋଲି ଅନୁମାନ କରାଯାଉଛି।

୦୯

୧୮

### ଅଶ୍ୱିନଙ୍କୁ ୫ ଉଇକେଟ

ବିଶାଖାପାଟଣାରେ ଚାଲିଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ୫ ଉଇକେଟ ସଫଳତାଲାଭ କରିଛନ୍ତି ଭାରତୀୟ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ।




ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


■ ବିଧାୟକ-ତହସିଲଦାର ମୁହାଁମୁହିଁ

# ନୀଳଗିରିରେ ପରିସ୍ଥିତି ଅଶାନ୍ତ

**ବାଲେଶ୍ୱର ଅଫିସ/ସଜନାଗଡ, ୪।୧୦(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରିରେ ପ୍ରଶାସନ ଓ ଲୋକପ୍ରତିନିଧି ମୁହାଁମୁହିଁ ହେବା ଘଟଣା ପରେ ପରିସ୍ଥିତି ଅଶାନ୍ତ ହୋଇପଡ଼ିଛି। ନୀଳଗିରି ବିଧାୟକଙ୍କୁ ସ୍ଥାନୀୟ ତହସିଲଦାରଙ୍କ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ଓ ତହସିଲଦାରଙ୍କୁ ବିଧାୟକ ଜାତିଆଣ ଆକ୍ଷେପ କରିବା ଭଳି ଅଭିଯୋଗ ହୋଇଛି। ଏନେଇ ଉଭୟ ପକ୍ଷରୁ ନୀଳଗିରି ଥାନାରେ ଅଭିଯୋଗ ହେବା ପରେ ପୋଲିସ ଦୁଇଟି ମାମଲା ରୁଜୁ କରିଛି। ଅନ୍ୟପକ୍ଷେ ବିଧାୟକ ସୁକାନ୍ତ ନାୟକଙ୍କୁ ଦୁର୍ବ୍ୟବହାର କରିବା ଘଟଣାରେ ତାଙ୍କ ସମର୍ଥକମାନେ ଉତ୍‌କ୍ଷିପ୍ତ ହୋଇ ତହସିଲଦାର ସୁଶ୍ରୀତା ଟୁଡୁଙ୍କ ତୁରନ୍ତ ବଦଳି ଦାବି କରି ତାଙ୍କ କାର୍ଯ୍ୟାଳୟକୁ ଘେରାଉ କରି ଧାରଣା ଦେଇଥିଲେ। ତହସିଲଦାର ଟୁଡୁ ଦୀର୍ଘ ସମୟ ଧରି ଅଫିସ ବାହାରକୁ ଆସିପାରି ନ ଥିଲେ। ଏଭଳି ପରିସ୍ଥିତିରେ ପୋଲିସ ଓ ଉଚ୍ଚ ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ ମଧ୍ୟ ଏଯାଏ ସମାଧାନ ବାଟ ବାହାରିନାହିଁ। ସନ୍ଧ୍ୟାରେ ପ୍ରଶାସନ ପକ୍ଷରୁ



ତହସିଲଦାର ସୁଶ୍ରୀତା ଟୁଡୁ ଓ ବିଧାୟକ ସୁକାନ୍ତ ନାୟକଙ୍କ ମଧ୍ୟରେ କଥା କଟାକଟି।

ଏକ ଉଚ୍ଚସ୍ତରୀୟ ସର୍ବଦଳୀୟ ବୈଠକରେ ପରିସ୍ଥିତିର ସମୀକ୍ଷା କରାଯାଇଛି। ବିଧାୟକଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ଘଟଣାରେ ତହସିଲଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ବିଧାୟକଙ୍କ ସମର୍ଥକ ତଥା ଭାଜପା କର୍ମୀମାନେ ଅଡି ବସି ଧାରଣା ଜାରି ରଖିଛନ୍ତି। ଖବର ଲେଖା ହେବା ଯାଏ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିବା ସୂଚନା ମିଳିଛି।

ଉଲ୍ଲେଖନୀୟ ଯେ, ନୀଳଗିରି କଚେରି ପରିସରରେ ଥିବା ଉପଜିଲାପାଳ, ସବ୍‌ରେଜିଷ୍ଟ୍ରାର ଓ ତହସିଲଦାରଙ୍କ ଅଫିସ ବାରଣ୍ଡାରେ ମୋହରିର ବସି ଦୀର୍ଘଦିନ ଧରି କୋର୍ଟ କାର୍ଯ୍ୟ କରି ଆସୁଥିଲେ। ୨୦୧୩ରେ ତତ୍କାଳୀନ ଉପଜିଲାପାଳ ଶ୍ରୀଧର ନାୟକ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଅବ୍ୟବହୃତ ଜାଗାରେ ମୋହରିରଙ୍କୁ ଚାଳିଆ ନିର୍ମାଣ କରିବା ଲାଗି ଅନୁମତି ଦେବାରୁ ସେମାନେ ନିଜ ଖର୍ଚ୍ଚରେ ଚାଳିଆ କରି କାର୍ଯ୍ୟ କରି ଆସୁଥିଲେ। ଘଟଣାକ୍ରମେ ତହସିଲ କର୍ତ୍ତୃପକ୍ଷ ଓ ମୋହରିରଙ୍କ ମଧ୍ୟରେ ବିବାଦ ଉପୁଜିଥିଲା। ଏହାକୁ ନେଇ ମୋହରିରମାନଙ୍କ ଚାଳିଆ ଉଚ୍ଛେଦ ସକାଶେ ତହସିଲ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିଲା। ତଦନୁଯାୟୀ, ଗତ ୩ ଦିନ ପୂର୍ବରୁ ଜେସିବି ମେଶିନ ଅଣାଯାଇଥିଲା। ମୋହରିରମାନଙ୍କ ନିବେଦନକ୍ରମେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ, ବିଧାୟକ ସୁକାନ୍ତ ନାୟକ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରି ଉଚ୍ଛେଦ ସ୍ଥଗିତ ରଖି ୭ ଦିନିଆ ନୋଟିସ ଜାରି କରିବାକୁ କହିଥିଲେ। ଘଟଣାର ୪ ଦିନ ନ ପୂରୁଣୁ ଶୁକ୍ରବାର ପୂର୍ବାହ୍ନ ୮ଟା ବେଳେ ତହସିଲ ପକ୍ଷରୁ ଚାଳିଆ ଭଙ୍ଗା ଆରମ୍ଭ ହୋଇଥିଲା। ଖବର ପାଇ ନୀଳଗିରି ବିଧାୟକ ପହଞ୍ଚି ଚାଳିଆ ନ ଭାଙ୍ଗିବାକୁ ତହସିଲଦାରଙ୍କୁ କହିଥିଲେ। ୭ ଦିନ ନ ପୂରୁଣୁ ଏବଂ ଏକ ଜରୁରୀ ବୈଠକ ଡକାଯିବାର ପ୍ରସ୍ତାବ ଥିବା ବେଳେ କାହିଁକି ଚାଳିଆ ଭଙ୍ଗାଗଲା ବୋଲି ବିଧାୟକ ପ୍ରଶ୍ନ କରିବାରୁ ସେଠାରେ ବିଧାୟକ ଓ ତହସିଲଦାରଙ୍କ ମଧ୍ୟରେ ଉଚ୍ଚବାଚ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏପରିକି ଜଣେ ବରିଷ୍ଠ ଆଇନଜୀବୀଙ୍କୁ ତହସିଲ କର୍ତ୍ତୃପକ୍ଷ ସେଠାରେ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ☞ପୃଷ୍ଠା-୪

ଅଭିଯୋଗକାରୀଙ୍କୁ ଅଣ୍ଡା, କୁକୁଡ଼ା ମାଗିବା ଘଟଣା

# ପୋଲିସ ଏଏସ୍‌ଆଇ ନିଲମ୍ବିତ

**ବଲାଙ୍ଗୀର ଅଫିସ,୪।୧୦**

ଥାନାରେ ଅଭିଯୋଗ କରିବାକୁ ଆସିଥିବା ଜଣେ ଅଭିଯୋଗକାରୀଙ୍କୁ ଅଣ୍ଡା ଓ କୁକୁଡ଼ା ମାଗି ଚର୍ଚ୍ଚାରକୁ ଆସିଥିବା ସଇଁତଲା ଥାନା ପୋଲିସ ଏଏସ୍‌ଆଇ ଜଗଦୀଶ ମହାନନ୍ଦଙ୍କୁ ଶୁକ୍ରବାର ଚାକିରୀରୁ ନିଲମ୍ବିତ କରାଯାଇଛି। ଏହା ସହିତ ତାଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଏଭଳି ନିଲମ୍ବନ କରାଯାଇଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ରାଜ୍ୟ ସରକାରଙ୍କ ମୋ ସରକାର କାର୍ଯ୍ୟକ୍ରମରେ ଅଭିଯୋଗକାରୀଙ୍କ ପାଖକୁ ଟୋଲ ଫ୍ରି ନମ୍ବରରୁ ଫୋନ୍ କରାଯାଇ ତାଙ୍କ ମତାମତ ନେବାବେଳେ ଏଏସ୍‌ଆଇ ମହାନନ୍ଦ ଅଭିଯୋଗକାରୀଙ୍କୁ ଅଣ୍ଡା ଓ କୁକୁଡ଼ା ଆଣିବାକୁ କହିଥିବା ଜଣାପଡ଼ିଥିଲା।

ସଇଁତଲା ଥାନାରେ କିଛି ଦିନ ପୂର୍ବରୁ ଏକ ମାରପିଟ ଘଟଣାକୁ ନେଇ ଆଶିଷ ସାହୁ ନାମକ ଜଣେ ଯୁବକ ଥାନାରେ ଅଭିଯୋଗ କରିଥିଲେ। ଏହି ମାମଲାର ତଦନ୍ତକାରୀ ଅଫିସର ଭାବେ ଏଏସ୍‌ଆଇ ମହାନନ୍ଦ ଦାୟିତ୍ୱ ନେଇଥିଲେ। ତେବେ ମାମଲା ତଦନ୍ତ ଆରମ୍ଭ କରିବା ପରେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଛାଡି ଅଭିଯୋଗକାରୀଙ୍କୁ ଅଣ୍ଡା ଓ କୁକୁଡା ଆଣି ଦେବାକୁ କହିଥିଲେ। ମୋ ସରକାର



ନିଲମ୍ବିତ ପୋଲିସ ଏଏସ୍‌ଆଇ ଜଗଦୀଶ ମହାନନ୍ଦ।

କାର୍ଯ୍ୟକ୍ରମ ଆରମ୍ଭ ହେବାର ଅବ୍ୟବହିତ ପୂର୍ବରୁ ଗତ ୩୦ ତାରିଖରେ ଆଶିଷଙ୍କୁ ଏକ ଟୋଲ ଫ୍ରି ନମ୍ବରରୁ ଫୋନ୍ ଆସିଥିଲା। ସେ ଯେତେବେଳେ ଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ ତାଙ୍କୁ ଥାନାରେ ପୋଲିସ ଅଧିକାରୀମାନେ କିଭଳି ବ୍ୟବହାର କରିଥିଲେ। ବସିବାକୁ ଚୌକି ଦେଇଥିଲେ କି ନାହିଁ ଓ ସେମାନଙ୍କ ସେବାରେ ସେ କେତେ ସନ୍ତୁଷ୍ଟ ଅଛନ୍ତି ଏଭଳି କିଛି ପ୍ରଶ୍ନ କରାଯାଇଥିଲା। ଉକ୍ତ ଟୋଲ ଫ୍ରି ନମ୍ବରର ଫୋନ୍‌ଟି ରେକର୍ଡିଂ କରାଯାଉଛି ଓ ଏହା ମୁଖ୍ୟମନ୍ତ୍ରୀ, ଡିଆଇଜି ଓ ଏସ୍‌ପି ଶୁଣିବେ ବୋଲି କୁହାଯାଇଥିଲା। ☞ପୃଷ୍ଠା-୪

## ରେପୋ ରେଟ୍ ୦.୨୫% ହ୍ରାସ କଲା ଆର୍‌ବିଆଇ

**ମୁମ୍ବାଇ,୪।୧୦:** ଦେଶର ଜିଡିପି ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଲାଗି ରିଜର୍ଭ ବ୍ୟାଙ୍କ ଏହାର ସୁଧହାରରେ ଶୁକ୍ରବାର ହ୍ରାସ ଘୋଷଣା କରିଛି। ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ବସିଥିବା ୬ ସଦସ୍ୟ ବିଶିଷ୍ଟ ମୁଦ୍ରାନୀତି କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ରୀୟ ବ୍ୟାଙ୍କ ଏହାର ରେପୋ ରେଟ୍ (ବ୍ୟାଙ୍କଗୁଡିକୁ ପ୍ରଦାନ କରୁଥିବା ଋଣ ଉପରେ ସୁଧହାର)କୁ ୦.୨୫% ବା ୨୫ ବେସିସ୍ ପଏଣ୍ଟ ହ୍ରାସ କରିଛି। ୨୦୧୯ରେ ଲଗାତର ୫ଥର ଲାଗି ରିଜର୍ଭ ବ୍ୟାଙ୍କ ସୁଧହାର ହ୍ରାସ କରିବା ଫଳରେ ଏହା ୧.୩୫% କମି ୫.୧୫% ରହିଛି।

(ସମ୍ପୂର୍ଣ୍ଣ ରିପୋର୍ଟ: ବିଜ୍‌ନେସ୍ ପୃଷ୍ଠା)

ଏମ୍‌ବିବିଏସ୍ ପାଠ୍ୟକ୍ରମରେ ନାମଲେଖା

## ୨୦୨୦ରୁ ଏମ୍ସରେ ଲାଗୁ ହେବ ନିଟ୍

**ନୂଆଦିଲ୍ଲୀ,୪।୧୦(ପି.ଟି.)**

ଆଗାମୀ ୨୦୨୦ ଶିକ୍ଷାବର୍ଷରୁ ଏମ୍ସ, ଜେଆଇପିଏମ୍‌ଇଆର୍ (ଜବାହରଲାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପୋଷ୍ଟଗ୍ରାଜୁଏଟ୍ ମେଡିକାଲ ଏଜୁକେଶନ ଆଣ୍ଡ ରିସର୍ଚ୍ଚ) ସମେତ ଦେଶର ସମସ୍ତ ମେଡିକାଲ କଲେଜରେ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ନାମ ଲେଖାଇବାକୁ ହେଲେ ଜାତୀୟ ଯୋଗ୍ୟତା ପ୍ରବେଶିକା ପରୀକ୍ଷା (ନିଟ୍) ଦେବାକୁ ହେବ। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ ଶୁକ୍ରବାର ଏହି ସୂଚନା ଦେଇଛନ୍ତି। ଦେଶର ମେଡିକାଲ ଶିକ୍ଷାକ୍ଷେତ୍ରରେ ସମାନ ମାନ ଧାର୍ଯ୍ୟ କରିବାରେ ଏହା ସହାୟକ ହୋଇପାରିବ। ଏବେ ଏମ୍ସ ଏବଂ ଜେଆଇପିଏମ୍‌ଇଆର୍ ବ୍ୟତୀତ ଅନ୍ୟ ସମସ୍ତ ମେଡିକାଲ କଲେଜରେ ନାମଲେଖା ପାଇଁ ନିଟ୍ ଦେବାକୁ ପଡୁଛି। ଏମ୍ସ ଓ ଜେଆଇପିଏମ୍‌ଇଆର କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅଧୀନରେ ପରିଚାଳିତ ହେଉଥିବାରୁ ସେମାନେ ନିଜସ୍ୱ ନାମଲେଖା ପରୀକ୍ଷା କରିଥାଆନ୍ତି। ଜାତୀୟ ମେଡିକାଲ କମିଶନ ଆଇନ (ଏନ୍‌ଏମ୍‌ସି), ୨୦୧୯ ଅନୁଯାୟୀ ହେଉଥିବା ନିଟ୍ ସମେତ କମନ୍ କାଉନସେଲିଂ ଏବଂ ଏମ୍‌ବିବିଏସ୍ ଶେଷ ବର୍ଷ ପରୀକ୍ଷା ସମସ୍ତ ମେଡିକାଲ କଲେଜ ପାଇଁ ସମାନ ହେବ। ସେହିପରି ନେକ୍ସଟ୍ (ନ୍ୟାଶନାଲ ଏକ୍‌ଜିଟ୍ ଟେଷ୍ଟ) ଫଳାଫଳ ଆଧାରରେ ପିଜି ପାଠ୍ୟକ୍ରମରେ ନାମଲେଖା ସୁଯୋଗ ଏବଂ ଚିକିତ୍ସା ଲାଗି ଲାଇସେନ୍ସ ମିଳିବ। ବିଦେଶରେ ମେଡିକାଲ ଶିକ୍ଷାରେ ସ୍ନାତକ କରିଥିବା ଛାତ୍ରୀଛାତ୍ରଙ୍କ ପାଇଁ ମଧ୍ୟ ଏହା ସ୍କ୍ରିନିଂ ପରୀକ୍ଷା ଭାବେ କାର୍ଯ୍ୟ କରିବ। ନେକ୍ସଟ୍ କାର୍ଯ୍ୟକାରୀ ହେବା ପୂର୍ବରୁ ୩ ବର୍ଷର ୱିଣ୍ଡୋ ପରିୟଡ ରଖାଯାଇଛି ଏବଂ ଏହି ପରୀକ୍ଷା କିଭଳି ହେବ ତାହା ପରବର୍ତ୍ତୀ ସମୟରେ ଏନ୍‌ଏମ୍‌ସି ଦ୍ୱାରା ସ୍ଥିରୀକୃତ ହେବ। ନେକ୍ସଟରେ ଉତ୍ତୀର୍ଣ୍ଣ ହେବା ପରେ ଜଣେ ପ୍ରାର୍ଥୀ ନିଜକୁ ପଞ୍ଜୀକୃତ କରିବା ସହ ଡାକ୍ତରୀ ବୃତ୍ତି ପାଇଁ ଲାଇସେନ୍ସ ପାଇପାରିବେ। ପିଜି ପାଠ୍ୟକ୍ରମରେ ନାମଲେଖା ଲାଗି ର୍‍ୟାଙ୍କ ବଢ଼ାଇବାକୁ ଜଣେ ଏକାଧିକ ଥର ନେକ୍ସଟ ଦେଇପାରିବେ ବୋଲି ହର୍ଷବର୍ଦ୍ଧନ କହିଛନ୍ତି।

■ ବାଲାକୋଟ ଏୟାର୍‌ଷ୍ଟ୍ରାଇକ୍‌ର ଭିଡିଓ ଜାରିକଲା ଆଇଏଏଫ୍

## 'ନିଜ ହେଲିକପ୍ଟର ଖସାଇବା ବଡ଼ ଭୁଲ୍'

**ନୂଆଦିଲ୍ଲୀ, ୪।୧୦(ପି.ଟି.)**

ଭାରତୀୟ ବାୟୁସେନା ପକ୍ଷରୁ କଶ୍ମୀରର ବଡ଼ଗାମ୍‌ଠାରେ ଗତ ଫେବୃୟାରୀ ୨୭ରେ ଏହାର ଏକ ଏମ୍‌ଆଇ-୧୭ ହେଲିକପ୍ଟରକୁ କ୍ଷେପଣାସ୍ତ୍ର ମାଡ଼କରି ଖସାଇ ଦିଆଯାଇଥିଲା। ବାୟୁସେନା ହେଲିକପ୍ଟରରେ ଥିବା ୬ ଯବାନଙ୍କ ସହ ୭ ନିହତ ହୋଇଥିଲେ। ଏହା ଏକ ବଡ଼ ଭୁଲ୍ ଥିଲା ବୋଲି ବାୟୁସେନା ମୁଖ୍ୟ ରାକେଶ କୁମାର ସିଂ ଭଦୌରିଆ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏନେଇ ଏକ ଭିଡିଓ କ୍ଲିପ୍ ଜାରି କରାଯାଇଛି। ପାକିସ୍ତାନର ବାଲାକୋଟରେ ଥିବା ଜୈଶ୍ ଆତଙ୍କବାଦୀ



ରାକେଶ କୁମାର ସିଂ ଭଦୌରିଆ

ଆଡ୍ଡା ଉପରେ ଭାରତୀୟ ବାୟୁସେନାର ଆକ୍ରମଣ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଛକାପଞ୍ଝା ଆରମ୍ଭ ହୋଇଥିଲା। ଶତ୍ରୁପକ୍ଷର ହେଲିକପ୍ଟର ଭାବି ଭାରତୀୟ ବାୟୁସେନା ପକ୍ଷରୁ କ୍ଷେପଣାସ୍ତ୍ର ମାଡ଼ କରାଯାଇଥିଲା। ଏହି ଭୁଲ୍ ଲାଗି ଦୁଇ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଓ ୪ ଅଧିକାରୀଙ୍କ ବିରୋଧରେ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବାୟୁସେନା ମୁଖ୍ୟ କହିଛନ୍ତି। କୋର୍ଟ ଅଫ୍ ଇନକ୍ୱାରି ଶେଷ ହୋଇଥିବାବେଳେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯୋଗାଯୋଗରେ ତ୍ରୁଟି ଯୋଗୁ ଏଭଳି ଅଘଟଣ ଘଟିଥିଲା। ଆଗକୁ ସେଭଳି ନ ହେବା ଲାଗି ସତର୍କତା ଅବଲମ୍ବନ କରାଯିବ ବୋଲି ସେ ମତ ଦେଇଛନ୍ତି।

## ସମ୍ବଲପୁରରେ ପୁଣି ଏନକାଉଣ୍ଟର

**ସମ୍ବଲପୁର, ୪।୧୦ (ବ୍ୟୁରୋ)**

■ ୬୦ ହଜାର ଟଙ୍କାରେ ଜଣେ ଯୁବକଙ୍କୁ ମୁଣ୍ଡ ଜାମିନ ରଖିଥିଲେ

■ ଗୋଟିଏ ମାସରେ ୩ ଏନ୍‌କାଉଣ୍ଟର



ଡାକ୍ତରଖାନାରେ ଅମିତ ସାହୁ।

ଶୁକ୍ରବାର ଅପରାହ୍ନ ପ୍ରାୟ ୫ଟାରେ କ୍ଷେତରାଜପୁର ପୋଲିସ ଗୁଡେଶ୍ୱରବେର୍ଣ୍ଣା ନିକଟରେ ଏନକାଉଣ୍ଟର କରିଛି। ଏଥିରେ ଅମିତ ସାହୁ (୩୫) ନାମକ ଜଣେ ଯୁବକ ଆହତ ହୋଇଛନ୍ତି। ପୋଲିସ ତାଙ୍କୁ ଚିକିତ୍ସା ପାଇଁ ବୁର୍ଲା ଭିମସାର (ବୀର ସୁରେନ୍ଦ୍ର ସାଏ ଇନଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସ ଆଣ୍ଡ ରିସର୍ଚ୍ଚ)ରେ ଭର୍ତ୍ତି କରିଛି। କ୍ଷେତରାଜପୁର ଅଞ୍ଚଳର ଜଣେ ୨୨ ବର୍ଷର ଯୁବକଙ୍କୁ ସେ ଅପହରଣ କରି ୬୦ ହଜାର ଟଙ୍କା ବଦଳରେ ମୁଣ୍ଡ ଜାମିନ ରଖିଥିଲେ ବୋଲି ପୋଲିସ କହିଛି। ଉକ୍ତ ଯୁବକ ମା'ଙ୍କ ଅଭିଯୋଗ ଆଧାରରେ ପୋଲିସ ତାଙ୍କୁ ଧରିବାକୁ ଯାଇଥିଲା। ହେଲେ ପୋଲିସକୁ ଦେଖି ଅମିତ ପ୍ରଥମେ ଗୁଳି ଚଳାଇ ଖସି ପଳାଇବାକୁ ଚେଷ୍ଟା କରିଥିଲେ। ☞ପୃଷ୍ଠା-୪







ଆଜିର ସମ୍ପାଦକୀୟ

କ୍ଷେତ୍ରାଧିକାର ଚିନ୍ତା


**ଆଜିର ମନ୍ତବ୍ୟ**

"ରାଷ୍ଟ୍ରବାଦ କେବେ ବିପଜ୍ଜନକ ହୋଇ ନ ପାରେ।

-ଏସ୍. ଜୟଶଙ୍କର, ବହିର୍ବ୍ୟାପାର ମନ୍ତ୍ରୀ

**କିଛି ତଥ୍ୟ**

ଅକ୍ଟୋବର ୧ ସୁଦ୍ଧା ଦେଶର ବିଦେଶୀ ମୁଦ୍ରା ଭଣ୍ଡାର ୪୩୪.୬ ବିଲିୟନ ଡଲାର ସ୍ତରରେ ରହିଛି। ଚଳିତ ବର୍ଷ ମାର୍ଚ୍ଚ ପରଠାରୁ ଏହା ୨୧.୭ ବିଲିୟନ ଡଲାର ବଢ଼ିଛି।

-ରିଜର୍ଭ ବ୍ୟାଙ୍କ


Vencobb Fresh Chicken — Taste the difference!

03.10.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 62 | 109 | 119 |
| CTC | 62 | 109 | 119 |
| DKL | 61 | 107 | 117 |
| BDK | 60 | 106 | 116 |
| BLS | 60 | 106 | 116 |
| ANG | 62 | 109 | 119 |
| BHM | 57 | 102 | 112 |

*Conditions Apply

Issued in the Interest of Consumers







"ଦଲାଇ ଲାମା ନିଜେ ତାଙ୍କ ଉତ୍ତରାଧିକାରୀ ବାଛିବେ। ଏହା ସ୍ଥିର କରିବା ଚାଇନାର କାମ ନୁହେଁ। ବିଶେଷକରି ଧର୍ମକୁ ବିଷ ସହ ତୁଳନା କରୁଥିବା ଚାଇନାର କମ୍ୟୁନିଷ୍ଟ ପାର୍ଟି ଏକ ନାସ୍ତିକ ସଙ୍ଗଠନ ହୋଇଥିବାରୁ ଏହି ବ୍ୟାପାରରେ ମୁଣ୍ଡ ଖେଳାଇବା ଅନୁଚିତ।
-ଲୋବ୍‌ସାଙ୍ଗ ସଙ୍ଗୟ,ନିର୍ବାସିତ ତିବ୍ବତୀୟ ସରକାର ଅଧକ୍ଷ

## ସଂକ୍ଷେପରେ

### ୧୭ରେ ସରିବ ଅଯୋଧ୍ୟା ଶୁଣାଣି

**ନୂଆଦିଲ୍ଲୀ,୪।୧୦(ପି.ଟି.):** ଅଯୋଧ୍ୟା ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ଜମି ବିବାଦ ମାମଲାର ଶୁଣାଣି ୧୭ ତାରିଖରେ ଶେଷ କରିବାକୁ ସୁପ୍ରିମକୋର୍ଟ ଶୁକ୍ରବାର କହିଛନ୍ତି। ୩୭ ଦିନର ଶୁଣାଣି ପରେ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି। ମୁସଲମାନ ପକ୍ଷଙ୍କ ଯୁକ୍ତି ଉପସ୍ଥାପନ ୧୪ରେ ଶେଷ ହେବାକୁ ଥିବାବେଳେ ହିନ୍ଦୁ ପକ୍ଷଙ୍କୁ ଆଉ ଦୁଇଦିନ ସମୟ ମିଳିବ ଏବଂ ୧୭ ତାରିଖ ଶୁଣାଣିର ଶେଷ ଦିନ ବୋଲି ଅଦାଲତ କହିଛନ୍ତି। ସାମ୍ବିଧାନିକ ପୀଠରେ ଅନ୍ୟମାନଙ୍କ ମଧ୍ୟରେ ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ, ଡି.ୱାଇ. ଚନ୍ଦ୍ରଚୂଡ଼, ଅଶୋକ ଭୂଷଣ ଏବଂ ଏସ୍.ଏ. ନାଜିର ଅଛନ୍ତି। ନଭେମ୍ବର ୧୭ରେ ପ୍ରଧାନ ବିଚାରପତି ଅବସର ନେବାକୁ ଥିବାରୁ ଉକ୍ତ ତାରିଖ ସୁଦ୍ଧା ମାମଲାର ରାୟ ପ୍ରକାଶ ପାଇବ। ପୂର୍ବରୁ ଅକ୍ଟୋବର ୧୮ରେ ଶୁଣାଣି ଶେଷ କରିବାକୁ ସମୟସୀମା ଧାର୍ଯ୍ୟ କରାଯାଇଥିଲା।

### ୟାସିନ ମଲିକଙ୍କ ବିରୋଧରେ ଚାର୍ଜଶିଟ୍



**ନୂଆଦିଲ୍ଲୀ,୪।୧୦(ପି.ଟି.):** ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ମାମଲାରେ ଜେକେଏଲ୍‌ଏଫ୍ ମୁଖ୍ୟ ୟାସିନ ମଲିକଙ୍କ ସମେତ ୫ ଜଣଙ୍କ ବିରୋଧରେ ଏନ୍‌ଆଇଏ ଦିଲ୍ଲୀ ଅଦାଲତରେ ଅତିରିକ୍ତ ଚାର୍ଜଶିଟ୍ ଦାଖଲ କରିଛି। ଏଥିରେ ଜମ୍ମୁ-କଶ୍ମୀରର ପୂର୍ବତନ ବିଧାୟକ ରଶିଦ ଇଞ୍ଜିନିୟରଙ୍କ ସମେତ ବିଚ୍ଛିନ୍ନତାବାଦୀ ନେତା ଆସିୟା ଅନ୍ଦ୍ରାବି, ଶବୀର ଶାହ ଏବଂ ମସରତ ଆଲମ ଭଟ୍ଟଙ୍କ ନାଁ ରହିଛି। ଅକ୍ଟୋବର ୨୩ରେ ଅତିରିକ୍ତ ଦୌରାଜଜ୍ ରାକେଶ ସୟାଲ ଏହାକୁ ଅନୁଧ୍ୟାନ କରିବେ।

### ସମର୍ଥନକାରୀ ରାଷ୍ଟ୍ରଙ୍କ ନାଁ ପଚାରିବାରୁ ଚିଡ଼ିଲେ କୁରେଶୀ

**ଇସ୍‌ଲାମାବାଦ,୪।୧୦:** ଜାତିସଂଘ ମାନବାଧିକାର କମିଶନରେ ଜମ୍ମୁ-କଶ୍ମୀର ପ୍ରସଙ୍ଗରେ ଇସ୍‌ଲାମାବାଦର ଆଭିମୁଖ୍ୟକୁ ୫୮ଟି ଦେଶ ସମର୍ଥନ କରୁଥିବା ପାକ୍ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ଦାବି କରିଥିଲେ। ଇମ୍ରାନ୍‌ଙ୍କ ଏହି ମନ୍ତବ୍ୟକୁ ସମର୍ଥନ କରି ବହିର୍ବ୍ୟାପାର ମନ୍ତ୍ରୀ ଶାହ ମହମ୍ମଦ କୁରେଶୀ ଟୁଇଟ୍ କରିଥିଲେ। ଏକ ଟିଭି ଶୋରେ ଖବରଦାତା ତାଙ୍କୁ ୫୮ଟି ସମର୍ଥନକାରୀ ରାଷ୍ଟ୍ରଙ୍କ ନାଁ ପଚାରିବାରୁ ସେ ଚିଡ଼ିଯାଇଥିଲେ। ଆପଣ କାହା ଏଜେଣ୍ଡାରେ କାମ କରୁଛନ୍ତି ବୋଲି କୁରେଶୀ ପ୍ରଶ୍ନ କରିଥିଲେ। ଜାଭେଦ ଚୌଧୁରୀଙ୍କ ଦ୍ୱାରା ଏହି ଟକ୍ ଶୋ ଆୟୋଜନ କରାଯାଇଥିଲା। ଏପରିକି ସେ କରିଥିବା ଟୁଇଟ୍‌କୁ ତାଙ୍କୁ ଦେଖାଯିବାରୁ ଏଥିରେ କିଛି ଭୁଲ୍ ନାହିଁ ବୋଲି ପାକ୍ ବହିର୍ବ୍ୟାପାର ମନ୍ତ୍ରୀ କହିଥିଲେ।

### [ଇତିହାସର ଆଇନାରେ]

### ଅକ୍ଟୋବର ୫ର ପ୍ରମୁଖ ଘଟଣା

୧୯୪୮ ଅକ୍ଟୋବର ୫ରେ ତୁର୍କମେନିସ୍ତାନ୍‌ର ଆସ୍କାବେଥ୍‌ରେ ଭୟଙ୍କର ଭୂକମ୍ପ ହେବାରୁ ଏହାଦ୍ୱାରା ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିଲେ। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୭.୩ ଥିଲା। ଏହାର ପ୍ରଭାବରେ ବହୁ ଘର ଭାଙ୍ଗିଯାଇଥିବାବେଳେ ଅନେକ କ୍ଷୟକ୍ଷତି ହୋଇଥିଲା।

୧୯୯୧ ଅକ୍ଟୋବର ୫ରେ ଇଣ୍ଡୋନେସିଆ ବାୟୁସେନାର ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ଥିବା ୧୩୫ ଯାତ୍ରୀ ପ୍ରାଣ ହରାଇଥିଲେ। ଜାକର୍ତ୍ତା ବିମାନବନ୍ଦରରୁ ବନଦୁର୍ଗ ଅଭିମୁଖେ ଉଡ଼ାଣ ଆରମ୍ଭ କରିବାର କିଛି ସମୟ ପରେ ବିମାନଟିରେ ହଠାତ୍ ନିଆଁ ଲାଗିଯାଇଥିଲା। ପରେ ଏହା ବିସ୍ଫୋରଣ ହୋଇଥିଲା।

## ■ ସରକାର ବିରୋଧୀ ବିକ୍ଷୋଭର ୪ ମାସ ପରେ

# ହଂକଂରେ ଫେସ୍ ମାସ୍କ ନିଷିଦ୍ଧ

**ହଂକଂରେ ପ୍ରତ୍ୟର୍ପଣ ବିଲ୍ ବିରୋଧରେ ଗତ ଜୁନ୍‌ରେ ଆରମ୍ଭ ହୋଇଥିବା ସରକାର ବିରୋଧୀ ବିକ୍ଷୋଭକୁ ୪ ମାସ ବିତିଛି। ସରକାର ଗତମାସରେ ଏହି ବିବାଦୀୟ ବିଲ୍‌କୁ ପ୍ରତ୍ୟାହାର କରିନେଇଥିଲେ ହେଁ ଜଳୁଥିବା ନିଆଁ ଲିଭୁନାହିଁ। ଅଦ୍ୟାବଧି ୧୭୫୦ ବିକ୍ଷୋଭକାରୀଙ୍କୁ ଅଟକ କିମ୍ବା ଗିରଫ କରାଯାଇଛି। ସେମାନଙ୍କୁ ମୁକ୍ତ କରିବା, ପୋଲିସ ବର୍ବରତାର ନିରପେକ୍ଷ ତଦନ୍ତ, ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ବାଚନକୁ ପ୍ରତ୍ୟକ୍ଷ କରି ସାବାଳକଙ୍କୁ ମତଦାନ ଅଧିକାର ପ୍ରଦାନ ଆଦି ଦାବିରେ ରାସ୍ତାକୁ ଓହ୍ଲାଇଥିବା ଆନ୍ଦୋଳନକାରୀ ପଛଘୁଞ୍ଚା ଦେବାର ନାଁ ଧରୁନାହାନ୍ତି। ଏହି ସ୍ଥଳେ ଚାଇନାର ୭୦ତମ ଜାତୀୟ ଦିବସ ପାଳନର ଦୁଇଦିନ ପରେ ହଂକଂରେ ଫେସ୍ ମାସ୍କକୁ ନିଷେଧ କରାଯାଇଛି।**

ହଂକଂ,୪।୧୦



**ପ୍ରଥମ ବିପଜ୍ଜନକ କଟକଣା**

- ■ମୁଖାବରଣ ପିନ୍ଧିଲେ ବା ମୁହଁରେ ପେଣ୍ଟିଂ କଲେ ବର୍ଷେ ଜେଲ
- ■ଚାଇନା କହିଲା ହିଂସା ରୋକିବା ପାଇଁ ନିଷେଧ 'ଅତ୍ୟନ୍ତ ଜରୁରୀ'
- ■ଫେସ୍ ମାସ୍କ ପିନ୍ଧି ରାସ୍ତାକୁ ଓହ୍ଲାଇଲେ ହଜାର ହଜାର ବିକ୍ଷୋଭକାରୀ

ହଂକଂରେ ସରକାର ବିରୋଧୀ ବିକ୍ଷୋଭ ଚତୁର୍ଥ ମାସରେ ପହଞ୍ଚିଥିବାବେଳେ ଫେସ୍ ମାସ୍କ (ମୁଖାବରଣ)କୁ ନିଷିଦ୍ଧ ଘୋଷଣା କରାଯାଇଛି। ହଂକଂ ମୁଖ୍ୟ କାର୍ଯ୍ୟନିର୍ବାହୀ କେରି ଲାମ୍ ଶୁକ୍ରବାର ଏକ ପୁରୁଣାକାଳିଆ ଜରୁରୀ ଆଇନ ବଳରେ ଏହା ଉପରେ କଟକଣା ଜାରି ଆନ୍ଦୋଳନକୁ ଚପାଇବା ଉଦ୍ୟମ କରିଛନ୍ତି। ଚାଇନାର ଅର୍ଦ୍ଧ ସ୍ୱୟଂଶାସିତ କ୍ଷେତ୍ର ହଂକଂ ଉପରେ ଅଧିପତ୍ୟ ଜାହିର କରୁଥିବା ବେଜିଂ ଏହି ନିଷ୍ପତ୍ତିକୁ 'ଅତ୍ୟନ୍ତ ଜରୁରୀ' ଭାବେ ଅଭିହିତ କରି ସମର୍ଥନ କରିଥିବାବେଳେ ପ୍ରତିବାଦରେ ବିକ୍ଷୋଭକାରୀ ରାଜରାସ୍ତାକୁ ଓହ୍ଲାଇଛନ୍ତି।

ହଂକଂରେ ଫେସ୍ ମାସ୍କକୁ ନିଷିଦ୍ଧ ଘୋଷଣା କରି କରି ଲାମ୍ କହିଛନ୍ତି, ଅକ୍ଟୋବର ୧ରେ ବିକ୍ଷୋଭ ବେଳେ ବ୍ୟାପକ ହିଂସା ଦେଖିବାକୁ ମିଳିଥିବାରୁ ଏହି ପଦକ୍ଷେପ ନିଆଯାଇଛି। ପରିସ୍ଥିତିକୁ ଅଧିକ ଖରାପରୁ ଖରାପ ହେବାକୁ ଦିଆଯାଇ ପାରିବ ନାହିଁ। ଏହା ସହରକୁ ଧ୍ୱଂସ କରିବାରେ ଲାଗିଥିବାରୁ ଏପରି ନିଷ୍ପତ୍ତି ନେବାକୁ ସେ ବାଧ ହୋଇଛନ୍ତି। ଶନିବାରଠାରୁ ଏହି ଆଇନ କାର୍ଯ୍ୟକାରୀ ହେବ। ଏହାର ବୈଧତା ପାଇଁ ବ୍ୟବସ୍ଥାପିକାର ସହଯୋଗ ନିଆଯିବ ବୋଲି ସେ କହିଛନ୍ତି। ସେହପରି ଚାଇନାର ହଂକଂ ଓ ମକାଓ ବ୍ୟାପାର ମୁଖପାତ୍ର ୟାଙ୍ଗ୍ ଗୁଆଙ୍ଗ୍ କହିଛନ୍ତି, ହଂକଂରେ ଅନିର୍ଦ୍ଦିଷ୍ଟ କାଳ ଯାଏ ଅରାଜକତା ଚାଲିପାରିବ ନାହିଁ। ହିଂସା ବନ୍ଦ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସମୟ ଆସିଛି। ତେଣୁ ଫେସ୍ ମାସ୍କ ଉପରେ କଟକଣା ଯଥାର୍ଥ। ସେପଟେ ଏହି ଘୋଷଣା ପରେ ପିଟିଶନରେ ଉଲ୍ଲେଖ କରିଛନ୍ତି। କାରଣ ସାଧାରଣ ସମାଗମସ୍ଥଳରେ ମୁଖାବରଣ ପିନ୍ଧିଥିବା ବା ମୁହଁରେ ପେଣ୍ଟିଂ କରିଥିବା ବ୍ୟକ୍ତିଙ୍କୁ ୧ ବର୍ଷ ଜେଲ ଦଣ୍ଡାଦେଶର ବ୍ୟବସ୍ଥା ରହିଛି। ସେହିପରି ଚିହ୍ନଟ ପାଇଁ ଫେସ୍ ମାସ୍କ ହଟାଇବାକୁ ପୋଲିସର ନିର୍ଦ୍ଦେଶ ନ ମାନିଲେ ୬ ମାସ ଜେଲ ହୋଇପାରେ। ତେବେ ସ୍ୱାସ୍ଥ୍ୟ କିମ୍ବା ଧାର୍ମିକ କାରଣରୁ ମାସ୍କ ପିନ୍ଧିଥିବା ପ୍ରମାଣ ଦେଇପାରିଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଆଇନତଃ ଅନୁମତି ମିଳିବ। ସରକାର ଆମକୁ ଉତ୍ତେଜିତ କରିବାକୁ ଉଦ୍ୟମ କରୁଛନ୍ତି। ସେମାନେ

ଜରୁରୀ ନିୟନ୍ତ୍ରଣ ଅଧାଦେଶ ଅତ୍ୟନ୍ତ ବିପଜ୍ଜନକ। ୧୯୨୨ରେ ବ୍ରିଟିଶ ଶାସନ ଅମଳରେ ନାବିକମାନଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ବେଳେ ଏପରି କରାଯାଇଥିଲା। ୧୯୬୭ରେ ଦଙ୍ଗା ରୋକିବା ପାଇଁ ମଧ୍ୟ ଜରୁରୀ ଅଧାଦେଶ ଅଣାଯାଇଥିଲା। ଏହା ବଳରେ ହଂକଂର ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କୁ ଜରୁରୀ ପରିସ୍ଥିତିରେ କାର୍ଯ୍ୟ କରିବା ଭଳି କ୍ଷମତା ମିଳିଥାଏ। ଏଥିପାଇଁ ତାଙ୍କୁ ହଂକଂ ପାର୍ଲାମେଣ୍ଟ ଲେଜିସ୍‌ଲେଟିଭ୍ କାଉନ୍‌ସିଲର ଅନୁମତି ନେବାକୁ ପଡ଼ି ନ ଥାଏ। ଫେସ୍ ମାସ୍କ ନିରୋଧୀ ଆଇନ ପ୍ରଭାବଶାଳୀ ନ ହେଲେ ଲୋକଙ୍କ ସ୍ୱାଧୀନତାରେ ହସ୍ତକ୍ଷେପ କରି କର୍ଫ୍ୟୁ ଜାରି କରିବା ଭଳି କଠୋର ଆଇନ ଅଣାଯାଇପାରେ।
—ପ୍ରଫେସର ୱିଲି ଲାମ୍, ଚାଇନା ୟୁନିଭର୍ସିଟି

ବିକ୍ଷୋଭକାରୀମାନେ ଏହାକୁ ଅବଜ୍ଞା କରି ରାସ୍ତାକୁ ଓହ୍ଲାଇଛନ୍ତି। ହଜାର ହଜାର ବିକ୍ଷୋଭକାରୀ ମୁଖାବରଣ ପିନ୍ଧି ସରକାରଙ୍କୁ ସମାଲୋଚନା କରିଛନ୍ତି। ସେଣ୍ଟ୍ରାଲ ବିଜିନେସ ଡିଷ୍ଟ୍ରିକ୍ ଓ ଅନ୍ୟ ଅଞ୍ଚଳରେ ସେମାନେ 'ହଂକଂବାସୀ ବିରୋଧ କର' ବୋଲି ସ୍ଲୋଗାନ ଦେଇଛନ୍ତି। ଫେସ୍ ମାସ୍କକୁ ନିଷିଦ୍ଧ କରାଯିବା ମାତ୍ରେ ଦୁଇଜଣ ବିକ୍ଷୋଭକାରୀ ହାଇକୋର୍ଟରେ ଏହାକୁ ଚ୍ୟାଲେଞ୍ଜ କରିଛନ୍ତି। ଏହା ଲୋକଙ୍କ ମଧ୍ୟରେ ଭୟ ସଂଚାର କରିବା ସହ ସେମାନଙ୍କ ବାକ୍ ସ୍ୱାଧୀନତା ଓ ଏକତ୍ରିତ ହେବାର ଅଧିକାରକୁ କ୍ଷୁଣ୍ଣ କରିବ ବୋଲି ସେମାନେ ଦାଏର କରିଥିବା ୧ ଲକ୍ଷ ଜଣଙ୍କୁ ରାସ୍ତାରେ ଗିରଫ କରିପାରିବେ କି ବୋଲି ଲୁଇ ନାମକ ଜଣେ ବିକ୍ଷୋଭକାରୀ ପ୍ରଶ୍ନ କରିଛନ୍ତି। ଏହି ବିବାଦୀୟ ନିଷେଧାଦେଶକୁ କାର୍ଯ୍ୟକାରୀ କରିବା କଠିନ ହେବ ବୋଲି ବିଶ୍ଳେଷକମାନେ କହିଛନ୍ତି। ସେହିପରି ସମାଲୋଚକମାନେ ଏହାକୁ ଅନେକ ନିର୍ଦ୍ଦୟ ପଦକ୍ଷେପ ମଧ୍ୟରୁ ପ୍ରଥମ ଉପାୟ ଏବଂ ଆଗକୁ ଆଇନ ନାମରେ ଏକାଧିକ କଟକଣା ଜାରି ହୋଇପାରେ ବୋଲି ଚେତାଇଦେଇଛନ୍ତି। ଇତିମଧ୍ୟରେ ବ୍ରିଟେନ ବହିର୍ବ୍ୟାପାର ସଚିବ ଡୋମିନିକ୍ ରାବ୍ ରାଜନୈତିକ ଆଲୋଚନା ଜରିଆରେ ସମସ୍ୟାର ସମାଧାନ ପାଇଁ ପ୍ରସ୍ତାବ ଦେଇଛନ୍ତି।



ଇରାକ୍ ରାଜଧାନୀ ବାଗ୍‌ଦାଦରେ ସରକାର ବିରୋଧୀ ବିକ୍ଷୋଭ ଶୁକ୍ରବାର ଚତୁର୍ଥ ଦିନରେ ପହଞ୍ଚିଛି। ପାନୀୟ ଜଳ, ବିଦ୍ୟୁତ୍ ସେବା, କର୍ମନିଯୁକ୍ତି ପ୍ରଦାନ ସହ ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଲୋକେ ରାସ୍ତାକୁ ଓହ୍ଲାଇଛନ୍ତି। ଆନ୍ଦୋଳନକୁ ଚପାଇବା ପାଇଁ ସୁରକ୍ଷା ବଳ ଗୁଳି ଚଳାଇଛି। ଏଥିରେ ୪୦ ନିହତ ହୋଇଥିବାବେଳେ ୬୦୦ରୁ ଊର୍ଦ୍ଧ୍ୱ ଆହତ ହେଲେଣି। ଦଙ୍ଗା ବେଳେ ପୋଲିସ ଗାଡ଼ିରେ ନିଆଁ ଲଗାଇଦେଇଥିବା ବିକ୍ଷୋଭକାରୀମାନେ ବିଜୟ ସଙ୍କେତ ଦେଖାଉଛନ୍ତି।

### ଭାଜପା-ଶିବସେନା ଆସନ ବୁଝାମଣା ଚୂଡ଼ାନ୍ତ

**ମୁମ୍ବାଇ,୪।୧୦**

ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଲାଗି ଭାଜପା ଓ ଶିବସେନା ମଧ୍ୟରେ ଆସନ ବୁଝାମଣା ଶୁକ୍ରବାର ଚୂଡ଼ାନ୍ତ ହୋଇଛି। ୨୮୮ ଆସନ ବିଶିଷ୍ଟ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଶିବସେନା ୧୨୪ ଆସନରେ ଲଢ଼ିବ। ଭାଜପା ଓ ଅନ୍ୟ ଛୋଟଦଳ ୧୬୪ ଆସନରେ ପ୍ରାର୍ଥୀ ଦେବେ। ଭାଜପାର ଚତୁର୍ଥ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବା ପରେ ଏହା ସ୍ପଷ୍ଟ ହୋଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ନାଗପୁର ଦକ୍ଷିଣପଶ୍ଚିମ ଆସନ ପାଇଁ ନାମାଙ୍କନପତ୍ର ଦାଖଲ ଓ ରୋଡ ଶୋ' ସାରି ତୁରନ୍ତ ମୁମ୍ବାଇ ଫେରିଆସିଥିଲେ। ୨୧ରେ ମହାରାଷ୍ଟ୍ର ନିର୍ବାଚନ ଥିବାବେଳେ ୨୪ରେ ଫଳାଫଳ ପ୍ରକାଶ ପାଇବ।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ—**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ସାମାନ୍ୟ ବର୍ଷା ସହ ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି।

**ସ୍ଥାନୀୟ ଅଞ୍ଚଳ—**ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୩ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୦ | ୨୪.୯ |
| ଚାନ୍ଦବାଲି | ୩୩.୨ | ୨୬.୬ |
| କଟକ | ୩୪.୨ | ୨୩.୫ |
| ପାରାଦ୍ୱୀପ | ୩୨.୬ | ୨୮.୦ |
| ଭୁବନେଶ୍ୱର | ୩୨.୭ | ୨୪.୮ |
| ଗୋପାଳପୁର | ୩୪.୧ | ୨୫.୫ |
| ପୁରୀ | ୩୫.୨ | ୨୭.୦ |
| ଅନୁଗୋଳ | ୩୪.୭ | ୨୦.୬ |
| ବାରିପଦା | ୩୧.୮ | ୨୪.୫ |
| ଝାରସୁଗୁଡ଼ା | ୩୧.୪ | ୨୪.୫ |
| କେନ୍ଦୁଝର | ୩୧.୩ | ୨୨.୬ |
| ସମ୍ବଲପୁର | ୩୩.୨ | ୨୩.୭ |
| ସୁନ୍ଦରଗଡ଼ | -- | ୧୮.୦ |
| ହୀରାକୁଦ | ୩୨.୫ | ୨୫.୧ |
| ତାଳଚେର | -- | ୨୪.୫ |
| ଭବାନୀପାଟଣା | ୩୧.୫ | ୨୪.୦ |
| ବଲାଙ୍ଗୀର | ୩୩.୮ | ୨୩.୫ |
| କୋରାପୁଟ | ୩୧.୨ | ୧୯.୬ |
| ଫୁଲବାଣୀ | ୩୧.୬ | -- |
| ଟିଟିଲାଗଡ଼ | ୩୩.୪ | ୨୦.୬ |
| ମାଲକାନଗିରି | ୩୩.୦ | -- |
| ସୋନପୁର | ୩୫.୬ | ୨୧.୪ |
| ଦାରିଙ୍ଗିବାଡ଼ି | ୨୯.୦ | ୧୬.୦ |

ଡିଗ୍ରୀ ସେଲ୍‌ସିୟସ୍

## ମେ'ରେ ଆସିବ ରାଫାଲ



**ନୂଆଦିଲ୍ଲୀ,୪।୧୦(ପି.ଟି.)**

ଆସନ୍ତାବର୍ଷ ମେ'ରେ ପ୍ରଥମ ରାଫାଲ ଯୁଦ୍ଧବିମାନ ଭାରତୀୟ ଆକାଶରେ ଦେଖିବାକୁ ମିଳିବ। ମେ' ସୁଦ୍ଧା ପ୍ରଥମ ପର୍ଯ୍ୟାୟରେ ଫ୍ରାନ୍ସର ଡାସଲ୍ଟ ଆଭିଏଶନ କମ୍ପାନୀ ଭାରତକୁ ୪ଟି ରାଫାଲ ଜେଟ୍ ଯୋଗାଇଦେବ ବୋଲି ଶୁକ୍ରବାର ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଆର.କେ.ଏସ୍. ଭଦୁରିଆ କହିଛନ୍ତି। ସେତେବେଳକୁ ଭାରତୀୟ ପାଇଲଟଙ୍କ ପ୍ରଶିକ୍ଷଣ ଶେଷ ହୋଇଥିବ। ୮ ତାରିଖରେ ବାୟୁସେନା ଦିବସ ପାଳନ ହେବାକୁ ଥିବାବେଳେ ଭଦୁରିଆ ଖବରଦାତା ସମ୍ମିଳନୀରେ ଉପରୋକ୍ତ ସୂଚନା ଦେଇଛନ୍ତି।

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ୮ ତାରିଖ ଦଶହରା ଦିନ ଫ୍ରାନ୍ସରେ ପ୍ରଥମ ରାଫାଲ ଜେଟ୍ ଗ୍ରହଣ କରିବେ। ସେ ଏହାର ଏକ ଟ୍ରେନର୍ ଭର୍ସନକୁ ଉଡ଼ାଇବା କାର୍ଯ୍ୟକ୍ରମ ରହିଛି। ଏହି ଆନୁଷ୍ଠାନିକ ହସ୍ତାନ୍ତର ପ୍ରକ୍ରିୟା ଶେଷ କରିବା ଲାଗି ଗତ ମାସରେ ଏକ ତଦାରଖ ଟିମ୍ ଫ୍ରାନ୍ସ ଯାଇଥିଲା। ସେତେବେଳେ କାଗଜପତ୍ର କାମ ଶେଷ ହେବା ସହ ବାୟୁସେନା ରାଫାଲ ବିମାନ ଗ୍ରହଣ କରିଥିଲା। ୮ରେ ପ୍ରତିରକ୍ଷା ମନ୍ତ୍ରୀ ଆନୁଷ୍ଠାନିକ ଭାବେ ଏହାକୁ ଗ୍ରହଣ କରିବେ ବୋଲି ଭଦୁରିଆ କହିଛନ୍ତି।

## ■ ଚିଦାମ୍ବରମଙ୍କ ଜାମିନ ଆବେଦନ

# ସିବିଆଇକୁ ସୁପ୍ରିମକୋର୍ଟ ନୋଟିସ

**ନୂଆଦିଲ୍ଲୀ,୪।୧୦(ପି.ଟି.)**



ଆଇଏନ୍‌ଏକ୍ସ ମିଡିଆ ଦୁର୍ନୀତି ମାମଲାରେ ତିହାର ଜେଲ୍‌ରେ ଥିବା ପୂର୍ବତନ ଅର୍ଥମନ୍ତ୍ରୀ ପି. ଚିଦାମ୍ବରମଙ୍କ ଜାମିନ ଆବେଦନ ଉପରେ ସୁପ୍ରିମକୋର୍ଟ ସିବିଆଇକୁ ନୋଟିସ ଜାରି କରିଛନ୍ତି। ଜଷ୍ଟିସ ଆର୍. ଭାନୁମଥି ଓ ହୃଷୀକେଶ ରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଜବାବ ଦାଖଲ କରିବା ଲାଗି ସିବିଆଇ ପକ୍ଷରୁ ଉପସ୍ଥିତ ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ କହିବା ସହ ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୧୫କୁ ଧାର୍ଯ୍ୟ କରିଛନ୍ତି। ସେପ୍ଟେମ୍ବର ୩୦ରେ ଦିଲ୍ଲୀ ହାଇକୋର୍ଟ ଚିଦାମ୍ବରମଙ୍କ ଜାମିନ ଆବେଦନକୁ ଖାରଜ କରିବା ପରେ ସେ ଏହାକୁ ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରିଥିଲେ। ଅଗଷ୍ଟ ୨୧ରେ ସିବିଆଇ ଚିଦାମ୍ବରମଙ୍କୁ ଗିରଫ କରିବା ପରେ ସେ ଏବେ ବିଚାର ବିଭାଗୀୟ ହାଜତରେ ଅଛନ୍ତି। ଦିଲ୍ଲୀର ଏକ ଅଦାଲତ ତାଙ୍କ ହାଜତ ସମୟସୀମାକୁ ୧୭ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ସିବିଆଇ ହାଜତ ଓ ତିହାର ଜେଲ୍‌ରେ ଚିଦାମ୍ବରମ ୪୩ ଦିନ ବିତାଇସାରିଲେଣି।

### 'ମାନସିକତା ବଦଳାନ୍ତୁ ଦକ୍ଷିଣ ଏସୀୟ ରାଷ୍ଟ୍ର'

**ନୂଆଦିଲ୍ଲୀ,୪।୧୦ (ପି.ଟି.)**

ଦକ୍ଷିଣ ଏସୀୟ ରାଷ୍ଟ୍ରଗୁଡ଼ିକ ସଂଖ୍ୟାଗରିଷ୍ଠ-ସଂଖ୍ୟାଲଘୁ ମାନସିକତାରେ ପରିବର୍ତ୍ତନ ଆଣିବାକୁ ହେବ ବୋଲି ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ଶୁକ୍ରବାର କହିଛନ୍ତି। ବହୁଳତାବାଦ ହେଉଛି ଆଞ୍ଚଳିକ ଶକ୍ତି। ଆଞ୍ଚଳିକ ସହଯୋଗ ବଢ଼ାଇବା ଲାଗି ବାଂଲାଦେଶ ସବୁବେଳେ ଉଦ୍ୟମ କରିଆସିଛି ବୋଲି ଇଣ୍ଡିଆ ଇକୋନମିକ୍ ସମିଟ୍‌ରେ ଉଦ୍‌ବୋଧନ ଦେଇ ହାସିନା କହିଛନ୍ତି। ଭାରତ ହଠାତ୍ ପିଆଜ ରପ୍ତାନି ବନ୍ଦ କରିଦେବା ବାଂଲାଦେଶୀଙ୍କୁ ପ୍ରଭାବିତ କରିଛି। ପୂର୍ବରୁ ସୂଚନା ଦେଇଥିଲେ ଭଲ ହୋଇଥାନ୍ତା ବୋଲି ହାସିନା କହିଥିଲେ।



ଶେଖ୍ ହାସିନା

## ■ କୋରେଗାଁଓ-ଭୀମା ହିଂସା ମାମଲା

# ନଭଲଖାଙ୍କୁ ଅନ୍ତରୀଣ ସୁରକ୍ଷା

**ନୂଆଦିଲ୍ଲୀ,୪।୧୦(ପି.ଟି.)**



କୋରେଗାଁଓ- ଭୀମା ହିଂସା ମାମଲାରେ ନାଗରିକ ଅଧିକାର କର୍ମୀ ଗୌତମ ନଭଲଖାଙ୍କୁ ଗିରଫଦାରିରୁ ୧୫ ପର୍ଯ୍ୟନ୍ତ ସୁରକ୍ଷା ମିଳିଛି। ସୁପ୍ରିମକୋର୍ଟ ଶୁକ୍ରବାର ତାଙ୍କ ଅନ୍ତରୀଣ ସୁରକ୍ଷା ସମୟସୀମାକୁ ଅକ୍ଟୋବର ୧୫ ପର୍ଯ୍ୟନ୍ତ ବଢ଼ାଇଦେଇଛନ୍ତି। ଗୌତମଙ୍କ ବିରୋଧରେ ତଦନ୍ତରୁ ମିଳିଥିବା ତଥ୍ୟ ପ୍ରମାଣ ଦାଖଲ କରିବା ଲାଗି ସୁପ୍ରିମକୋର୍ଟ ମହାରାଷ୍ଟ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗୌତମଙ୍କ ବିରୋଧରେ ଦାଏର ଏତଲା ଖାରଜ କରିବା ଆବେଦନକୁ ହାଇକୋର୍ଟ ମନା କରିଦେବା ପରେ ସେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଅକ୍ଟୋବର ୧୫କୁ ଧାର୍ଯ୍ୟ କରାଯାଇଛି। ୨୦୧୭ କୋରେଗାଁଓ-ଭୀମା ହିଂସା ମାମଲା ଓ ଏଥିସହ ମାଓବାଦୀଙ୍କ ସମ୍ପୃକ୍ତି ଅଭିଯୋଗରେ ଗୌତମଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା।

## ■ ଅନୁପ୍ରବେଶ ଅପେକ୍ଷାରେ ପାକ୍ ଆତଙ୍କବାଦୀ

# ଏଲ୍‌ଓସି, ଆଇବିରେ ହାଇଆଲର୍ଟ

**ନୂଆଦିଲ୍ଲୀ,୪।୧୦**

ଭାରତରେ ଅନୁପ୍ରବେଶ ଲାଗି ପାକ୍ ଅଧିକୃତ କଶ୍ମୀର (ପିଓକେ)ରେ ଥିବା ଲଞ୍ଚ୍‌ପ୍ୟାଡ୍‌ଗୁଡ଼ିକରେ ଆତଙ୍କବାଦୀ ଅପେକ୍ଷାରତ ଥିବା ଗୋଇନ୍ଦା ସୂଚନା ମିଳିବା ପରେ ଶୁକ୍ରବାର ନିୟନ୍ତ୍ରଣ ରେଖା (ଏଲ୍‌ଓସି) ଏବଂ ଅନ୍ତର୍ଜାତୀୟ ସୀମା (ଆଇବି)ରେ ହାଇ ଆଲର୍ଟ ଜାରି ହୋଇଛି। ଏଲ୍‌ଓସି ନିକଟବର୍ତ୍ତୀ ମଛିଲ ଓ କେରନ ସେକ୍ଟରରେ ବହୁସଂଖ୍ୟାରେ ଆତଙ୍କବାଦୀଙ୍କ ଗତିବିଧି ଦେଖିବାକୁ ମିଳିଛି। ସୀମା ଆରପଟ ଅନ୍ୟ ଏକ ଲଞ୍ଚ୍‌ପ୍ୟାଡ୍‌ରେ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀଙ୍କର ଏକ ୬ ଜଣିଆ ଗ୍ରୁପ୍‌କୁ ଠାବ କରାଯାଇଛି। ଏହା ବ୍ୟତୀତ କେରନ ସେକ୍ଟର ନିକଟବର୍ତ୍ତୀ ଜୁରାଠାରେ ଥିବା ଲଞ୍ଚ୍‌ପ୍ୟାଡ୍‌ରେ ମଧ୍ୟ କେତେଜଣ ଆତଙ୍କବାଦୀ ଥିବା ଜଣାପଡ଼ିଛି। ସେହିପରି ଏଲ୍‌ଓସି ଆରପଟେ ଥିବା ମୋହରାରେ ୩ଟି ଆତଙ୍କବାଦୀ ଗୋଷ୍ଠୀ ଅନୁପ୍ରବେଶ ଅପେକ୍ଷାରେ ରହିଛନ୍ତି। ଭାରତର ଭିମ୍ବର ଗଲି ସେକ୍ଟରକୁ ଲାଗି ଏହି ଅଞ୍ଚଳ ରହିଛି। ସେହିପରି ଏଲ୍‌ଓସି ନିକଟବର୍ତ୍ତୀ ଲଞ୍ଜୋଟ୍ ଓ ଡାଡୋଟ ଲଞ୍ଚ୍‌ପ୍ୟାଡ୍‌ରେ ଆତଙ୍କବାଦୀଙ୍କର ୩ରୁ ୪ଟି ଗୋଷ୍ଠୀ ରହିଥିବାବେଳେ ତେଜିଆନ ଲଞ୍ଚ୍‌ପ୍ୟାଡ୍‌ରେ ଅତିରିକ୍ତ ୪ରୁ ୫ଟି ଗୋଷ୍ଠୀ ଅପେକ୍ଷାରତ ଅଛନ୍ତି।



ଗୋଇନ୍ଦା ସୂଚନା ଅନୁଯାୟୀ, ପିଓକେର ସଲହୁନ ଓ ମାଟ୍ରିଆନରେ ଅନ୍ୟୂନ ୫୦ ଜେଇଏମ୍ ଆତଙ୍କବାଦୀଙ୍କ ସହ ୩୦ ଲସ୍କର-ଇ-ତୋଇବା ଆତଙ୍କବାଦୀ ରହିଛନ୍ତି। ସେହିପରି କେରନ ସେକ୍ଟର ଦେଇ ଭାରତରେ ଅନୁପ୍ରବେଶ ଲାଗି ଲସ୍କର ଓ ଅଲ୍-ବଦର ସଂଗଠନର ପାଖାପାଖି ୯୦ ଆତଙ୍କବାଦୀ ପ୍ରତୀକ୍ଷା କରିଥିବା ଜଣାପଡ଼ିଛି। ଏମାନେ ସ୍ଥାନୀୟ ଲୋକଙ୍କ ସହାୟତାରେ ଇହୁଦୀ ସମ୍ପ୍ରଦାୟର ସଦସ୍ୟମାନଙ୍କୁ ଟାର୍ଗେଟ କରିପାରନ୍ତି ବୋଲି ଆଶଙ୍କା କରାଯାଉଛି।

ଶୁକ୍ରବାର ସୀମାରେ ସେନା ଓ ପୋଲିସ ପକ୍ଷରୁ ମିଳିତ ତଲାସି ଅଭିଯାନ ବେଳେ ୧୭ଟି ହ୍ୟାଣ୍ଡ ଗ୍ରେନେଡ୍ ଜବତ ହୋଇଥିବା ଜଣେ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ଗୋଇନ୍ଦା ସୂଚନାକ୍ରମେ ଖରଗଲି ଓ ଲୋରାନ ସୀମାନ୍ତ ଅଞ୍ଚଳରେ ତଲାସି କରାଯାଇଥିଲା।

ASUS




16X FASTER
ULTRA-FAST NVME SSD LAPTOP*

Vivobook 14/ 15 (X409/ X509)

Ultra Fast PCIe NVMe SSD
Slim bezel 82.5% Screen-to-Body Ratio##
Fast & Secure Login
Fast charges the battery to 60% in just 49 minutes

Get your Vivobook
EMI Starting at
₹3,443#

| CPU | OS | GPU | Display | RAM | Dual Storage |
|---|---|---|---|---|---|
| Up to Intel® Core™ i7 8565U Processor | Windows 10 Home | Up to NVIDIA GeForce MX230 2GB GDDR5 VRAM | Up to 39.6cm (15.6) Narrow border, FHD 1920x1080 | Upgradable up to 12GB | Upgradable up to 1TB+512GB NVMe SSD |

1800-2090-365 www.asus.com/in ASUS – No.1 consumer notebook brand in APAC**

**For Sales Inquiry:** - Madhusudan - 9040068400, Preetiranjan - 9439264188, Satya - 9337447044 **Asus Exclusive Stores & ROG store:** - Subham Infotech - 9776214096

**Asus Authorised Dealers:** BHUBANESWAR: The Computer House - 7205000252, The Gadget Zone - 8908183283, SA IT Gateway - 9337086618, Tanisha-e-world - 7978305858, Nigama Comptech & services- 9937017235, IT Distributors - 9337336247, Prilin e world - 9338104040 • CUTTACK: Compuserve - 9437020022 • ROURKELA: Micro Computer - 9439308647, PC Island - 9437096534 • BERHMAPUR: Rajib Computer- 9776938444, IBC Systems - 9338704698, Global computer - 9438323432 • SAMBALPUR: Nexgen - 9437068063, Mahamaya - 9437093877 • BHADRAK: Jagannath Computer - 7978281344, ACT- 7008239561, Computer Junxon - 9556677299, Computer Galaxy - 7540844065 • BALASORE: Raj computer - 9040009887, Jeeban computer - 8847861578, Mama Computer - 9439901047 • BARIPADA: Maa ambika- 9338811175, Lokanath - 9937382712, Shivam - 9437084798, Samay computer - 9861038440, Cyber Planet - 9937277707

* To Know more about vivobook 14/15

Also available at
croma Reliance digital vijay sales amazon paytm

*When compared to sequential reading speed of HDD. # Processing fee & Downpayment needs to be paid as per the financing scheme. • **According to the latest IDC report, 2nd Half,2018 , Asia Pacific excluding China & Japan • ASUS reserves the right to alter product offerings & specifications at any time without notice. Models product pictures are for illustration purpose only.Information as advertised has no contractual effect. ##82.5% is the screen-to-body ratio of X509

Found at www.asus.com/in
With Up to 8th Gen Intel® Core™ i7 processor.
intel CORE i7 8th Gen

TVS



ଏକ ରୁ ବଳି ଆରେକ
ଫେଷ୍ଟିଭ୍ ଧମାକା ଅଫର୍ସ
₹11,000^ ପର୍ଯ୍ୟନ୍ତ ସଞ୍ଚୟ କିମ୍ବା 0%# ଭଳି ନ୍ୟୁନତମ ସୁଧ ହାର



କୌଣସି ଅତିରିକ୍ତ ମୂଲ୍ୟ ନାହିଁ
5 ବର୍ଷର ପରିବର୍ଦ୍ଧିତ ୱାରେଣ୍ଟୀ* | ରୋଡ୍ ସାଇଡ୍ ଆସିଷ୍ଟାନ୍ସ**

Zest 110 — Available in New Matte Series
TVS Wego 110 — With Body Balance Technology
TVS NTORQ 125 — India's first Bluetooth® connected scooter
TVS Jupiter — ବେଶୀ ଲାଭ — 3 million+ Happy Customers
Scooty Pep+ — Ex-showroom price ₹42,277/-##

Now available at CSD | www.tvsmotor.com | Toll Free Number: 1-800-425-2077 | SMS 'TVSMOT' to 575758 | SHOWROOMS OPEN ON SUNDAYS | ^ Applicable on TVS Jupiter (on RF offers). ' Applicable on TVS Jupiter at select locations. * Terms and conditions apply. ** Within the cost of 1+5 years Insurance. ## Ex-showroom price in Orissa.

Download TVS Service App
5 YEAR WARRANTY

+ FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com **Authorised Main Dealers: SAMBALPUR**: Kishore TVS, Ph.: 9778371171. **BOLANGIR:** Rajlaxmi TVS, Ph.: 918260437538. **BARGARH:** Subhamm TVS, Ph.: 8860625628. **BHAWANIPATNA:** Barun TVS, Ph: 8260430746; **ROURKELA:** Unique TVS, Ph : 8114372182, 8114372181, Gurugobind TVS, Ph: 9776280601, 9437203299 ; **JHARSUGUDA:** Gunnu TVS, Ph: 8586977624; **SONEPUR: Minerva TVS, Ph : 6370700730, 6370700732 Authorised Dealers:** Rengali, Ph.: 9437052831; Deogarh, Ph : 9437392892; Charbahal, Ph.: 9853406294; Junagarh, Ph.: 9437092284, 9437939586; Nuapara, Ph.: 9937653638; Raj Khariar, Ph : 9439144433; Muniguda, Ph : 9583860028; Dharmagarh, Ph : 9938883405; Kutra, Ph : 6370312667, 7796501441; Belpahar, Ph.: 9238581791; Binka, Ph : 7894255589; Attabira, Ph : 9853157276; Barpali, Ph.: 9777703149; Patnagarh, Ph.: 9938621078; Dungripally, Ph.: 9937926986; Sundergarh, Ph.: 06622-274361, 9437139011; Rajgangpur, Ph : 9861265188 ; San Balichuan, Ph : 8658502167; Khariar Road, Ph.: 9938098888; Sohela, Ph.: 9938739550; Thuvapali, Ph : 9937452169 ; Bhatli, Ph : 9090140103; Titlagarh, Ph : 9438096285; Boudh, Ph.: 9439238768; Kantabanji, Ph : 9437210599; Gaisilat, Ph : 9937408645; Jaipatna, Ph : 9178280401;Padampur, Ph : 9938110070; Sambalpur, Ph : 9337016000; Bamra, Ph : 9437535172; Kuchinda, Ph : 9437058129; Tarbha : Ph : 9439135679 ; Redhakhol : Ph : 7978349822; Saintala : Ph : 9853781372; Gaisilat, Ph: 7683848645, Kantapali, Ph: 8342939695; Paikmal, Ph : 9938119999, 9777822622; Laikera, Ph : 9938465363 Bheden, Ph : 7008024042, 7008822177; Godbhaga, Ph : 6372444931, 6372445813; Bangamunda, Ph : 9937526500; Tusura, Ph : 9437890955, 9439581200; Bandhabahal, Ph : 6371909005 ; Bagdehi, Ph : 7008977491; Udanbandh, Ph : 7326042333, 7326042335; Lathor, Ph : 7008086417.

dentsuindia/sam sam/38/19

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ଅକ୍ଟୋବର ୫/୨୦୧୯




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରିଙ୍କୁ
ପରିବାରବର୍ଗ


ଦିବ୍ୟାଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


ପ୍ରଥମ ପୃଷ୍ଠାରୁ...

## ନୀଳଗିରିରେ ପରିସ୍ଥିତି...

ଅଭିଯୋଗ ହୋଇଥିଲା। ଏହି ପରିପ୍ରେକ୍ଷୀରେ ବିଧାୟକଙ୍କ ସମେତ ବିଭିନ୍ନ ଦଳର ନେତୃବୃନ୍ଦ, ବରିଷ୍ଠ ନାଗରିକ, ଆଇନଜୀବୀ, ମୋହରିର ଏବଂ ବିଭିନ୍ନ ଦଳର କର୍ମୀ ଏକାଠି ହୋଇ ଉପଜିଲାପାଳ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ନିଜେ ବିଧାୟକ ମଧ୍ୟ ଅନଶନରେ ବସିଥିଲେ। ଘଟଣା ପ୍ରଚାରିତ ହେବା ହେବା ପରେ ଶହ ଶହ ଲୋକ ଆସି ଧାରଣାରେ ସାମିଲ ହୋଇଥିଲେ। ଏସ୍‌ଡିପିଓ ସୁଦାମ ଚରଣ ସାହୁ, ଆଇଆଇସି ନଳିତା ମୋଦୀ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ। ଏହା ମଧ୍ୟରେ ଜିଲାପାଳଙ୍କ ନିର୍ଦ୍ଦେଶରେ ବିବାଦର ସମାଧାନ ଲାଗି ବାଲେଶ୍ୱର ଭାରପ୍ରାପ୍ତ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ନୀଳଗିରି ଉପଜିଲାପାଳ ହରିଶ ଜେନା, ପିଏ ଆଇଟିଡିଏ ବୀର କିଶୋର ପାଣିଗ୍ରାହୀ ଅନଶନ ସ୍ଥଳରେ ପହଞ୍ଚି ଅନଶନକାରୀ ଏବଂ ବିଧାୟକ ସହ ଆଲୋଚନା କରିଥିଲେ ମଧ୍ୟ କୌଣସି ସମାଧାନର ପନ୍ଥା ବାହାରି ପାରି ନ ଥିଲା। କାର୍ଯ୍ୟାଳୟ ଭିତରେ ଅଟକି ରହିଥିବା ତହସିଲଦାରଙ୍କୁ ପ୍ରାୟ ସାଢେ ୪ଟାରେ ପୋଲିସ ତହସିଲ ଅଫିସ ପଛଦ୍ୱାର ଦେଇ ଉଦ୍ଧାର କରି ଆଣିଥିଲା। ବିଧାୟକଙ୍କୁ ତହସିଲଦାରଙ୍କ ଦୁର୍ବ୍ୟବହାର ଓ ତହସିଲଦାରଙ୍କୁ ବିଧାୟକଙ୍କ ଜାତିଆଣ ଆକ୍ଷେପ ଅଭିଯୋଗ କ୍ରମେ ପୋଲିସ ୨ଟି ପୃଥକ ମାମଲା (ନଂ.୨୪୩/୨୦୧୯ ଓ ନଂ.୨୪୨/୨୦୧୯) ରୁଜୁ କରି ତଦନ୍ତ କରୁଥିବା କହିଛି।

## ପୋଲିସ ଏଏସ୍‌ଆଇ...

ଏଭଳି ଫୋନ୍ କଲ୍ ପାଇବା ପରେ ଆଶିଷ ଥାନାରେ ଘଟିଥିବା ସମସ୍ତ ବିବରଣୀ ସମ୍ପର୍କରେ କହିଥିଲେ। ଅଭିଯୋଗ କରିବା ଦିନ ସଇଁତଲା ଥାନା ଅଧିକାରୀ ଭଲ ବ୍ୟବହାର ଦେଖାଇଥିଲେ ମଧ୍ୟ ଘଟଣାର ତଦନ୍ତ କରୁଥିବା ଏଏସ୍‌ଆଇ ଜଗଦୀଶ ମହାନନ୍ଦ ତାଙ୍କୁ ଅଣ୍ଡା ଓ କୁକୁଡ଼ା ଆଣି ଦେବାକୁ କହିଥିବା ଜଣାଇଥିଲେ। ଏହା ସହିତ ଥାନାରେ ପାଣି ପିଇବାକୁ ଦେଇ ନ ଥିଲେ ବୋଲି ଜଣାଇଥିଲେ। ଉକ୍ତ ଫୋନ୍ ଆସିବାର ୨ଦିନ ପରେ ଗତ ବୁଧବାର ଜଣେ ପୋଲିସ ଅଧିକାରୀ ଆଶିଷଙ୍କ ସଇଁତଲା ଘରକୁ ଆସି ଦୀର୍ଘ ସମୟ ଧରି ଘଟଣା ସମ୍ପର୍କରେ ଆଲୋଚନା କରିବା ସହ ପୋଲିସ ଏଏସ୍‌ଆଇ ମହାନନ୍ଦଙ୍କ ବିରୋଧରେ କରିଥିବା ଅଭିଯୋଗ ଶୁଣିଥିଲେ। ଏନେଇ ଏଏସ୍‌ଆଇ ମହାନନ୍ଦଙ୍କୁ ଏସ୍‌ପିଙ୍କ କାର୍ଯ୍ୟାଳୟରୁ କଲ୍ ଫର୍ ନୋଟିସ ଜାରି କରାଯାଇ ଏସ୍‌ପିଙ୍କ କାର୍ଯ୍ୟାଳୟରେ ହାଜର ହେବାକୁ ନିର୍ଦ୍ଦେଶ ଜାରି କରାଯାଇଥିଲା। ଶୁକ୍ରବାର ସମ୍ପୃକ୍ତ ଏଏସ୍‌ଆଇ ମହାନନ୍ଦଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିବା ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ସୂଚନା ଦେଇଛନ୍ତି। ମୋ ସରକାର କାର୍ଯ୍ୟକ୍ରମର ଫୋନ୍ କଲ୍ ରେକର୍ଡିଂରୁ ଜଣେ ଏଏସ୍‌ଆଇ ନିଲମ୍ବିତ ହେବା ପରେ ପୋଲିସ ବିଭାଗରେ ହଇଚଇ ସୃଷ୍ଟି ହୋଇଛି।

## ସମ୍ବଲପୁରରେ ପୁଣି...

ଏଣୁ ବାଧ ହୋଇ ପୋଲିସ ମଧ୍ୟ ଗୁଳି ଚଳାଇଥିଲା। ଅମିତଙ୍କ ଡାହାଣ ଗୋଡରେ ପୋଲିସର ଗୁଳି ବାଜିଥିଲା। ସେ ଦୌଡି ପଳାଇ ଯିବା ସମୟରେ ପୋଲିସ କାବୁ କରି ନେଇଥିଲା। ଏହି ସମୟରେ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା। ଏଥିରେ କ୍ଷେତରାଜପୁର ଥାନା ଅଧିକାରୀ ମମତା ନାୟକ ସାମାନ୍ୟ ଆହତ ହୋଇଛନ୍ତି। ପୋଲିସ ଘଟଣା ସ୍ଥଳରୁ ଗୋଟିଏ ପିସ୍ତଲ, ଗୁଳି, ଗୋଟିଏ ଖୋକା ଜବତ କରିଛି। ଅଭିଯୁକ୍ତ ଅମିତଙ୍କ ନାମରେ ବିଭିନ୍ନ ଥାନାରେ ୮ଟି ମାମଲା ରହିଛି। ଅନ୍ୟପଟେ ପୋଲିସ ଅପହରଣ ହୋଇଥିବା ଯୁବକଙ୍କ ପରିବାର ଲୋକଙ୍କୁ ମଧ୍ୟ ପୋଲିସ ପଚରାଉଚୁରା ଜାରି ରଖିଛି। ଟଙ୍କା ପାଇଁ ଅପହରଣ କରାଯାଇଛି ନା ଧାର ଟଙ୍କା ନ ଫେରିବାରୁ ଏଭଳି ଘଟଣା ଘଟିଛି ତାହା ତଦନ୍ତ କରାଯାଉଛି। ଯେଉଁ ଯୁବକଙ୍କୁ ସେ ଅପହରଣ କରିଥିଲେ ତାଙ୍କ ଘର ଲୋକଙ୍କୁ ଫୋନ୍ କରି ଟଙ୍କା ନ ଦେଲେ ପୁଅକୁ ହତ୍ୟା କରିବେ ବୋଲି ଧମକ ଦେଇଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା (ନଂ. ୨୫୨/୧୯) ରୁଜୁ କରିଥିଲା। ଅଭିଯୁକ୍ତଙ୍କୁ ଧରିବାକୁ ସଙ୍ଗେ ସଙ୍ଗେ ଏକ ସ୍ୱତନ୍ତ୍ର ଟିମ୍ ମଧ୍ୟ ଗଠନ କରିଥିଲା। ଫୋନ କଲ୍ ଟ୍ରାକିଂ କରି ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ପାଇଁ ସୁବିଧା ହୋଇଥିଲା। ସନ୍ଧ୍ୟାରେ ଏସ୍‌ପି ଅଫିସ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି କନୱର ବିଶାଲ ସିଂ ଏହି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ସେପ୍ଟେମ୍ବର ୨ ତାରିଖରୁ ଅକ୍ଟୋବର ୪ ତାରିଖ ଭିତରେ ସମ୍ବଲପୁର ସହରରେ ପୋଲିସ ୩ଟି ଏନକାଉଣ୍ଟର କରିଛି। ପ୍ରଥମେ ସେପ୍ଟେମ୍ବର ୨ ତାରିଖ ବିଳମ୍ବିତ ରାତିରେ ମୁସିମ ଅଖତର୍ ଓରଫ ବିଟୁ (୩୨)ଙ୍କୁ ପୋଲିସ ଏନକାଉଣ୍ଟର୍ କରିଥିଲା। ସେଦିନ ଗୁଳି ବିନିମୟରେ ଜଣେ ପୋଲିସ ଏସ୍‌ଆଇ ମହମ୍ମଦ ଜାହାଙ୍ଗିର ଆହତ ହୋଇଥିଲେ। ଅଭିଯୁକ୍ତଙ୍କଠାରୁ ପୋଲିସ ଗୋଟିଏ ପିସ୍ତଲ, ଗୋଟିଏ ଗୁଳି, ଗୋଟିଏ ମୋବାଇଲ ସହ ୪ହଜାର ଟଙ୍କା ଜବତ କରିଥିଲା। ମୁସିମ୍‌ଙ୍କ ନାମରେ ଜିଲାର ବିଭିନ୍ନ ଥାନାରେ ଡକାୟତି, ଲୁଟ, ମାରପିଟ ଭଳି ୧୫ରୁ ଅଧିକ ଅନେକ ମାମଲା ରହିଛି। ସେହିପରି ସେପ୍ଟେମ୍ବର ୧୦ ତାରିଖ ଭୋରରେ ପୁଣି ବିଭିନ୍ନ ଅପରାଧିକ ମାମଲାରେ ଥିବା ତ୍ରିଦେବ ବାଗ (୨୫)ଙ୍କୁ ଏନକାଉଣ୍ଟର କରିଥିଲା। ପୋଲିସ ସହ ଗୁଳିବିନିମୟ ବେଳେ ତ୍ରିଦେବଙ୍କ ଡାହଣ ଗୋଡରେ ଗୁଳି ବାଜିଥିଲା। ଜଣେ ପୋଲିସ କର୍ମଚାରୀ ମଧ୍ୟ ଆହତ ହୋଇଥିଲେ। ଅଭିଯୁକ୍ତ ତ୍ରିଦେବଙ୍କ ନିକଟରୁ ୩୦ ହଜାର ଟଙ୍କା, ଗୋଟିଏ ଦେଶୀ ପିସ୍ତଲ, ୩ଟି ମୋବାଇଲ ଫୋନ, ୨ଟି ଗୁଳି, ଏକ ମୋଟର ସାଇକେଲ ଓ ୩ଟି ଲୁଟ୍ ସୁନା ଚେନ୍ ଜବତ ହୋଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ପାରିବାରିକ ଓ କର୍ମକ୍ଷେତ୍ର ପ୍ରତି ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟିକରି ଆପଣଙ୍କୁ ନିରୁତ୍ସାହିତ କରିପାରେ। ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ, କାରଣ ଏହି ଦିଗ ପ୍ରତି ଧ୍ୟାନ ଦେଲେ ନିଜ ଲୋକଙ୍କୁ ସନ୍ଦେହ କରିବେ। ତଥାପି ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ ଓ ଆର୍ଥିକ ଉନ୍ନତି ଘଟିବ।

**ବୃଷ** ଆପଣ ସ୍ତ୍ରୀଙ୍କ ମତଭେଦ କିମ୍ବା ଅସୁସ୍ଥତା କିମ୍ବା କୌଣସି ମହିଳାଙ୍କ ପ୍ରତି ଆଶକ୍ତି ଜନିତ ମିଥ୍ୟାରୋପ ଲାଗିପାରେ। ବ୍ୟବସାୟ, ବାଣିଜ୍ୟ, ଯାତ୍ରା, ପ୍ରତିଦ୍ୱନ୍ଦ୍ୱିତା ପ୍ରଭୃତି ପ୍ରତ୍ୟେକ କ୍ଷେତ୍ରରେ କିଛିଟା ଖର୍ଚ୍ଚାନ୍ତ କରାଇ କାମ ହାସଲରେ ସହାୟକ ହେବ। ନୂତନ କାମର ପରିକଳ୍ପନା କରିବେ। ଘରକୁ ବହୁତ ଦିନରୁ ଇଚ୍ଛା କରି ମଧ୍ୟ ଆଣି ପାରି ନଥିବା ଜିନିଷଟି ଆଜି ଆଣିପାରନ୍ତି।

**ମିଥୁନ** ଆପଣଙ୍କୁ ନିଜର ଘର କାମ ସାଙ୍ଗକୁ ବନ୍ଧୁମାନଙ୍କ କାମକୁ ମଧ୍ୟ ଅଗ୍ରାଧିକାର ଭିତରେ କରିବାକୁ ପଡ଼ିବ। ଆଜିର ଯାତ୍ରାରେ ସଫଳତା ପାଇବେ, କିନ୍ତୁ ସମସ୍ୟା ଭିତର ଦେଇ ଯିବାକୁ ହେବ। ଉପରିସ୍ଥଙ୍କ ଆଦେଶ ପ୍ରାପ୍ତ ହୋଇ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେବାକୁ ପଡ଼ିପାରେ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି।

**କର୍କଟ** ନୂତନ ସ୍ଥାନ, ନୂଆଁ କାମ, ଅଜଣା ଲୋକମାନଙ୍କ ସଂସ୍ପର୍ଶରେ ଆସି ଆଜି ଏତେଦୂର ବ୍ୟସ୍ତ ରହିବେ ଖାଇବାକୁ ମଧ୍ୟ ସମୟ ପାଇବେ ନାହିଁ। କର୍ମକ୍ଷେତ୍ରରେ ଫାଇଲ୍ କାମ, ଯାନ୍ତ୍ରିକ ତ୍ରୁଟି, ମିଟିଂ ପ୍ରଭୃତିରେ ଜଞ୍ଜାଳ ବୃଦ୍ଧି ପାଇବ। ପରିବାର ପ୍ରତି ବିମୁଖ ପରିଲକ୍ଷିତ ହେବ। ବାଣିଜ୍ୟ, ବ୍ୟବସାୟ, ପରିବହନ ବାଧାପ୍ରାପ୍ତ ହୋଇପାରେ।

**ସିଂହ** ଆପଣଙ୍କ ପରୋକ୍ଷରେ ଅନ୍ୟମାନେ ପଛରେ ବିଭିନ୍ନ ପ୍ରକାର ସମାଲୋଚନା କରିପାରନ୍ତି। କେତେକ ପରିସ୍ଥିତିରେ ଆପଣଙ୍କ ମନ କଥା ଅପ୍ରକାଶ୍ୟ ରହିଯିବ। ନିଜର ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ଭଉଣୀ କିମ୍ବା ସ୍ତ୍ରୀଙ୍କ ତରଫରୁ ସମସ୍ୟା ଆସିପାରେ, ଅବଶ୍ୟ କିଛି ଘରୋଇ କଥାକୁ କେନ୍ଦ୍ରକରି।

**କନ୍ୟା** ପ୍ରତ୍ୟେକ କ୍ଷେତ୍ରରେ ସତର୍କରେ ନ ଚଳିଲେ ମରୀଚିକା ପଛରେ ଗୋଡ଼ାଇ ହତାଶ ହେବେ। ବିଭିନ୍ନ ପ୍ରକାର ସମସ୍ୟାର ସାମ୍ନା କରିବାକୁ ପଡ଼ିବ। ପରିବହନରେ ପ୍ରତିବନ୍ଧକ ଦେଖାଦେଇପାରେ। ଯାହା ବିଷୟରେ ଆଲୋଚନା କରୁଥିବେ ତାହାକୁ ହଠାତ୍ ଅତି ନିକଟରେ ଦେଖି ହଡ଼ବଡ଼େଇ ଯାଇପାରନ୍ତି।

**ତୁଳା** ଆପଣଙ୍କ ସକାଶେ ଘର ଲୋକମାନଙ୍କ ବ୍ୟସ୍ତ ଓ ବିବ୍ରତାକୁ ଲକ୍ଷ୍ୟ କରି ମନ ଅଶାନ୍ତ ରହିବ। କର୍ମକ୍ଷେତ୍ରରେ କୌଣସି ବନ୍ଧୁଙ୍କ ପ୍ରତି ଅତିରିକ୍ତ ଆନ୍ତରିକତା ନିଜ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରିପାରେ। ଆର୍ଥିକ ଅଭାବ ଇଚ୍ଛା ପୂରଣରେ ବାଧା ସୃଷ୍ଟି କରିବ। ନିର୍ମାଣ, କଳା, ସାହିତ୍ୟ କ୍ଷେତ୍ରରେ ସୁନାମକୁ ନିକଟସ୍ଥ ବ୍ୟକ୍ତିମାନେ ଈର୍ଷା କରିପାରନ୍ତି।

**ବିଛା** ସତର୍କତା ଅଭାବରୁ ଆଜି ଭଲ ରୂପେ ନ ବୁଝି ନ ଶୁଝି ସରଳ ବିଶ୍ୱାସ କରି ଠକିଯାଇପାରନ୍ତି। ନିଜ ପରିସରର ଲୋକମାନେ ଅପଯଶ ଗାଇ ବୁଲିବେ, ଯଦ୍ଵାରା କି ଆପଣଙ୍କ ମନୋବଳ ହ୍ରାସ ପାଇବ। କେତେକ କ୍ଷେତ୍ରରେ ଶୀଘ୍ର ନିଷ୍ପତ୍ତି ନେବାକୁ ବାଧ ହୋଇ ଦ୍ୱନ୍ଦ୍ୱରେ ପଡିପାରନ୍ତି। ଦ୍ରବ୍ୟଲାଭ, ଭ୍ରମଣ ଓ କାର୍ଯ୍ୟସିଦ୍ଧି ଯୋଗୁ ମନ ଏକ ପ୍ରକାର ଖୁସି ରହିବ।

**ଧନୁ** ପ୍ରତ୍ୟେକ କ୍ଷେତ୍ରରେ ସତର୍କ ରକ୍ଷା ନ କଲେ ଅର୍ଥହାନି ଓ ଶରୀର ପୀଡ଼ାରୁ କଷ୍ଟ ପାଇବେ। ଆଗାମୀ ଦିନର ମାଙ୍ଗଳିକ କିମ୍ବା ଆନୁଷ୍ଠାନିକ କାର୍ଯ୍ୟ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ବନ୍ଧୁଙ୍କ ସାହାଯ୍ୟରେ ଆଜି ଋଣ ସୂତ୍ରରେ ଅର୍ଥଲାଭ କରିବେ। ଅଫିସ୍ କାମରେ ସହକର୍ମୀ ରାଗି ଦି'ପଦ ଶୁଣାଇ ଦେଇପାରନ୍ତି, କିନ୍ତୁ କାମଟି ଶେଷରେ କରିଦେଇପାରନ୍ତି।

**ମକର** ଆଜି ଏହିଭଳି କୌଣସି ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିବ ଯେପରିକି କ'ଣ କରିବେ କିମ୍ବା ନ କରିବେ ହଠାତ୍ କିଛି ଠିକ୍ କରିପାରିବେ ନାହିଁ। କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେବାକୁ ପଡ଼ିପାରେ। ଆର୍ଥିକ ସ୍ଥିତି ଭଲ ରହି ନ ପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଦେଖାଦେବା ସାଙ୍ଗକୁ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବ।

**କୁମ୍ଭ** ବିଭିନ୍ନ ପ୍ରକାର ସମସ୍ୟା ତ ଆସିବ, ମାତ୍ର ଆପଣ ବ୍ୟସ୍ତ ନ ହୋଇ ଧୀରସ୍ଥିର ଭାବରେ କାମ କଲେ ପରିସ୍ଥିତିର ମୁକାବିଲା କରିବାରେ ସମର୍ଥ ହେବେ। ଶିଳ୍ପ, ବାଣିଜ୍ୟ, ଶେୟାର ବଜାର କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ନିଜ ନିଜ ଭିତରେ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। ପଡ଼ୋଶୀଙ୍କ ସହ ସମ୍ପର୍କ ବୃଦ୍ଧି ପାଇପାରେ।

**ମୀନ** ଆପଣଙ୍କର ଅତୀତରେ ଯିଏ ଶତ୍ରୁତା କରୁଥିଲା ସେ ମଧ୍ୟ ଆପଣା ଆଡୁ ସାହାଯ୍ୟ ସହଯୋଗର ହାତ ବଢ଼ାଇବ। କର୍ମକ୍ଷେତ୍ରରେ ସମସ୍ୟାଗୁଡ଼ିକ ଆପଣାଛାଏଁ ସୁଧୁରିଯିବ। ଅନ୍ୟମାନଙ୍କ ମନକୁ ମନେଇ କିମ୍ବା ପିଠି ଥାପୁଡ଼େଇ କାମ ହାସଲ କରିବେ। କଳା, ସାହିତ୍ୟ ପ୍ରତି ଅନୁରାଗ ବଢ଼ିବ ଓ ପ୍ରଶଂସିତ ମଧ୍ୟ ହେବେ।

ଆଜି ଆଶ୍ୱିନ ଶୁକ୍ଳପକ୍ଷର ମହାଷ୍ଟମୀ ଶନିବାର, ମୃଣ୍ମୟୀ ଦେବୀଙ୍କର ସପ୍ତମୀପୂଜା, ଭାଇ ଜିଉନ୍ତିଆ ଓଷା, ମଣ୍ଡଳପୂଜା ବା ଫଳଥୁଆ, ଅକ୍ଟୋବର ୫ ତାରିଖ, ବିଶ୍ୱ ଶିକ୍ଷକ ଦିବସ,ରାଶି ନକ୍ଷତ୍ର– ଦିବା ଘ୧।୫୦ମି. ପର୍ଯ୍ୟନ୍ତ ମୂଳା/ଧନୁ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୬।୨୮ମି. ମଧ୍ୟେ ଘ୭।୧୬ମି. ଗତେ, ଘ୯।୩୬ମି. ମଧ୍ୟେ ଘ୧୧।୫୬ମି. ଗତେ, ଘ୩।୦୨ମି. ମଧ୍ୟେ ଅମୃତ ବେଳା। ଦିବା ଘ୭।୧୦ମି. ଗତେ ଘ୮।୩୮ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୮।୩୮ମି. ଗତେ ଘ୧୦।୦୭ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

## automobile

### SALE

Mercedes benz gla 200d new condition 5950 km 18month 8917525377. D-14631

## real estate

### SALE

**Gharabari boundary plot Infocity-2 near 200ft. road side. Direct owner-8144391451.** D-66786

ମୋର Readymade plot କଳିଙ୍ଗନଗର ଏବଂ ଘାଟିକିଆରେ ଅଛି, କେବଳ ଘର କରିବା ପାଇଁ କିଣିବା ଲୋକ ଯୋଗାଯୋଗ କରନ୍ତୁ। 9438166196. D-14641

**ଭୁବନେଶ୍ୱର ଖୋର୍ଦ୍ଧା NH ପାଖରେ ପିତାପଲ୍ଲୀ ଛକରେ possession ଥାଇ plot sqft. 399/-ରେ ମିଳୁଅଛି। 9090963952.** D-66774

4BHK duplex with gated community at Balianta (land-1400, construction- 2200@ 55lakhs/ 2600@ 65lakhs) Mplanets: 9938219397, 9861022055. D-14645

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-14330

**2/3BHK ready to move Premium Duplex and Flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-14331

**Gharabari plots at Balianta, Bhingarpur and Bagalpur. Immediate possession & registration, contact- 9437147826.** D-14430

**Fully developed Gated community boundarywall plot sale near Uttara Gudiapokhari also 3BHK flat available Hanspal- 9238902929, 7992736330.** D- 66789

**Yellowzone sthitiban gharabari plot sale at AIIMS Hospital, Bhubaneswar. 7381809172.** D-66791

**ଭୁବନେଶ୍ୱର ପାତ୍ରପଡ଼ା NH side Amber ପଛପଟେ 3200 sqft. gharabari yellowzone plot boundary ଥାଇ sqft. 2650/-ରେ ମିଳୁଅଛି। 7894207092.** D-66794

Yellowzone plots Badagada Canalroad 1600/-, simplex Tankapani Road 27,40,000/- simplex BJEM-(2) 15,80,000/, plots available at Jharapada, Pipili. 7735738102. D-14643

**1800sqft. residential plot for sale at Nakhara and Pahal with boundary wall. Mob: 8249485093, 7855071231.** D-14625

**ଭୁବନେଶ୍ୱର Patrapada BDA yellowzone plot ଏବଂ Tamandoରେ plot କିଣନ୍ତୁ, 9348767829.** D-66795

**213 decml gharabari sthitiban plot, yellow zone on 60ft road @ Sundarpur, Bhubaneswar adjacent to 200ft road. Contact owner: 9338342502.** D-68118

## PURCHASE

Sthitiban gharabari land requires in around Bhubaneswar. Contact: 9937816565, 9937568585. D-68115

## GENERAL

### SALE

A company want to purchase paper egg tray. Interested parties contact- 9778733339. D-14606

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## construction

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-14648

## to-let

300sqft. shop for medicine, etc, A/43, near Reliance Fresh, Ruchika Market, Baramunda, Bhubaneswar. 8763246739. D-67236

Two partisoned room 600sqft. Jagannath Vihar Baramunda 4000/-, excluding electricity. Only for small family. 9437400407. D-66195

Open space 12000sqft for rent at Puri bypass, 7500 RCC godown at canal road Hanspal, 9437002484, 9348236615. D- 14635

New 3BHK flat for rent @ 10,000 per month at Udayagiri Vihar, Patrapara, Bhubaneswar. Contact: 8851368162, 9938695933. D-68117

6000 sqft. open space commercial land for rent, Khandagiri 9437100949. D-66974

## ACCOMMODATION

SC genuine private plot preferly Tankapani road, Badagada canal road (Brokers excuse) 8249993227. D-67083

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## packers & movers

Shivam logistic packers movers. Household/ car relocation countrywide. 9777044177, 9338461133. D-14523

## healthcare

Fully refreshed / relaxed body massage by expert therapist, Shastri Nagar. 7377984773. D-68107

Rejuvenate and ayurvedic full body massage by smart therapist. 9114402304. D-68108

Kajal ayurvedic massage club fully relaxed by smart lady, home service available. 9937637219. D-66971

Experience full body massage with us (expert). Call: 7377048581, 06742597822. D-68110

Full body herbal massage with refreshment expert therapist. 7381239385, 06742540855. D-68109

Herbal full body massage by smart / expert therapist. Contact: 8338067247. D-68111

Summer special mesmerizing offer expert therapeutic refreshing massage appointment. 9668374480. D-68112

Refresh your mind and soul with best therapy at Orchid Salon/ Spa. 9937287222. D-66972

Newly open full body massage ladies and gents full service- 7609923705. D-38564

Your Classified Advertisement published in Dharitri will be listed free in Dharitri Online Edition: **www.dharitri.com**

## education

Medical Courses ପାଇଁ registration କରନ୍ତୁ। BDS, BAMS, BHMS, BUMS, D.Pharma, ANM, GNM (only for practioners). Whatsapp / call: 9893869473, (Agent excuse). D-68116

## astrology

ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଲୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଲେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166


## LOST

ମୁଁ ଚନା ସାମଲ, ଗ୍ରାମ: ଜୟପୁର, ପୋ: ପାହାଳ, ଥାନା: ବାଲିଅନ୍ତା, ମୋ.ନଂ. ୮୯୦୮୩୨୧୭୧୭. ମୋର ଗ୍ରାମରୁ ଭୁବନେଶ୍ୱର ଯାଉଥିବା ବେଳେ ମୂଳ ଦଲିଲ ୭୩୪୧ ଏବଂ ୫୭୧୮ ହଜିଯାଇଥିବାରୁ କେହି ସହୃଦୟ ବ୍ୟକ୍ତିଙ୍କୁ ମିଳିଥିଲେ ଉପରୋକ୍ତ ମୋବାଇଲ ନଂ.ରେ ଯୋଗାଯୋଗ କରିପାରିବେ। ନଚେତ୍ କୌଣସି ଦୁରୁପଯୋଗ ହେଲେ ମୁଁ ଦାୟୀ ରହିବି ନାହିଁ। ଧ-୧୪୬୫୯

## LEGAL NOTICE

IN THE COURT OF J.M.F.C. Niali
I.C.C. 20/2019
Sulochana Mallick .....Complainant
-Versus-
Sujata Anjali Mallick & 4 others ..... Accused

To,
1. Sujata Anjali Mallick, aged about 38 years, W/o- Debasis Mallick, D/o- Giridhari Mallick, Village- Haladibasanta, Po/Ps- Niali, Dist- Cuttack.
2. Giridhari Mallick, aged about 68 years, S/o- Late Shankar Mallick.
3. Basanti Mallick, aged about 63 years, W/o- Giridhari Mallick.
4. Preeti Mallick, aged about 33 years, D/o- Giridhari Mallick.
5. Lipi Mallick, aged about 31 years, D/o- Giridhari Mallick.

Sl. No. 2 to 5 all are of Village- Jena dihi, Po- Binjharpur, Dist- Jajpur.

At present Sl. 1 to 5 are residing at Qtr. No. B-7/1, SBI Colony, Sector-8, Ps- Sector-7, Rourkela-9, Dist-Sundargarh.

Take notice that the above named complainant has instituted the aforementioned complain case against all of you before this court and the court has been pleased to take cognizance against all of you U/S.323/294/354/506/34IPC and issued summons to you on the aforesaid address to appear before this court to answer the charges but you all are intentionally and deliberately avoiding to receive the same.

Hence you all are directed to appear before this court on 30.10.2019 at about 10.30 A.M. to answer the charges personally and in the event of your failure to appear before this court on the date and time fixed the action will be taken against all of you as per law.

Given under my hand and seal of this court on this 30th day September month of 2019.

Sd/-
J.M.F.C.
Niali
D-14636


## ଜନ୍ମଦିନ ଶୁଭେଚ୍ଛା



**ଦିବ୍ୟାଂଶୁ (ଜ୍ୟାନ୍)**

ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ ଓ ତୋତେ ଦୀର୍ଘାୟୁ କରନ୍ତୁ।

**ଶୁଭେଚ୍ଛା ସହ**

ଜେଜେ ମା', ଦେଠେଇ, ନାନୀମାନେ, ବାବା ଓ ମାମା, ନନା ଓ ବୋଉ, ତବୁ, ଡିମ୍ପୁଲ୍, ଖୁସି, ଇଚ୍ଛା, କାହ୍ନା ଓ ସିମ୍ପୁଲ୍

ଧ-୧୪୬୫୨

ପୂଜା ଚାନ୍ଦା




■ ‘୨୩ କୋଟି ଖର୍ଚ୍ଚ ପରେ ବି ନଗଡ଼ାରେ ବିକାଶ ନାହିଁ’

# ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ମାଗିଲେ ଏନ୍ଏଚ୍ଆର୍ସି

ଭୁବନେଶ୍ୱର, ୪।୧୦(ବ୍ୟୁରୋ)

ଯାଜପୁର ଜିଲାର ନଗଡ଼ାରେ ପୁଷ୍ଟିହୀନତା ଖବର ପ୍ରକାଶ ପାଇବାର ୩ ବର୍ଷରୁ ଅଧିକ ହୋଇଗଲାଣି । ଏ ନେଇ ସରକାରଙ୍କ ପାଣ୍ଠିରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ବାସ୍ତବ ଚିତ୍ର କିଛି ଭିନ୍ନ ଦେଖିବାକୁ ମିଳୁଛି। ସେଠାକାର ଶିଶୁମାନଙ୍କୁ ଏବେ ବି ପୁଷ୍ଟିକର ଖାଦ୍ୟ ମିଳୁନାହିଁ। ସରକାରଙ୍କ ଅନୁଦାନ ସତ୍ତ୍ୱେ କାହିଁକି ନଗଡ଼ାର ଦୟନୀୟ ସ୍ଥିତିରେ ପରିବର୍ତ୍ତନ ହୋଇନାହିଁ, ସେ ସମ୍ପର୍କରେ ମୁଖ୍ୟ ଶାସନ ସଚିବଙ୍କଠାରୁ ଜାତୀୟ ମାନବ ଅଧିକାର କମିଶନ (ଏନ୍ଏଚ୍ଆର୍ସି) ରିପୋର୍ଟ ମାଗିଛନ୍ତି। ନଗଡ଼ାର ଏଭଳି ସ୍ଥିତି ଉପରେ ମାନବିକ ଅଧିକାର କର୍ମୀ ଅଖଣ୍ଡ ଗତ ଅଗଷ୍ଟ ମାସରେ ଏକ ପିଟିଶନ୍ ଦାୟର କରିଥିଲେ। ସେ ଦର୍ଶାଇଥିଲେ ଯେ, ୨୦୧୬ ଜୁଲାଇ ମାସରେ ଗଣମାଧ୍ୟମରେ ନଗଡ଼ାରେ ଶିଶୁମାନଙ୍କ ପୁଷ୍ଟିହୀନତାରେ ମୃତ୍ୟୁ କଥା ପଦାକୁ ଆସିଥିଲା। ଏହାପରେ ସରକାର ସଜାଗ ହୋଇଥିଲେ। ସେଠାରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରିଥିଲେ। କିନ୍ତୁ ୩ ବର୍ଷରୁ ଅଧିକ ସମୟ ପରେ ବି ଅବସ୍ଥାରେ ଆଖିଦୃଶିଆ ପରିବର୍ତ୍ତନ



ହୋଇନାହିଁ। ‘ଖାଦ୍ୟ ଅଧିକାର ଅଭିଯାନ’ ପକ୍ଷରୁ ସେଠାକୁ ଏକ ତଥ୍ୟ ଅନୁସନ୍ଧାନକାରୀ ଦଳ ଗତ ଜୁଲାଇ ୮ ତାରିଖରେ ଯାଇଥିଲେ। ସେମାନେ ଦେଖିବାକୁ ପାଇଥିଲେ ଯେ, ଏବେ ବି ଶିଶୁମାନେ ପୁଷ୍ଟିହୀନତାର ଶିକାର ଅଛନ୍ତି। ଭାତ, ଡାଲି ଓ ଲୁଣ ଖାଉଛନ୍ତି। ତିନି ଓଳି ଏହି ଜୁଆଙ୍ଗ ଶିଶୁଙ୍କୁ ଏହା ହିଁ ଖାଇବାକୁ ଦିଆଯାଉଛି। ସେମାନଙ୍କ ସ୍ଥିତି ବଦଳି ନାହିଁ। ଗାଁ ଲୋକଙ୍କ ପାଇଁ ଏମ୍ଜିଏନ୍ଆର୍ଜିଏସ୍ ମାଧ୍ୟମରେ ୮୮ ଲକ୍ଷ ଟଙ୍କା ଅନୁମୋଦନ ହୋଇଥିବା ବେଳେ ମାତ୍ର ୪ଲକ୍ଷ ଟଙ୍କା ଖର୍ଚ୍ଚ ହୋଇପାରିଛି। ପାନୀୟଜଳ ଯୋଗାଣ ପ୍ରକଳ୍ପ ଅଚଳ ହୋଇପଡ଼ିଛି। ତେଣୁ ଗାଁ ଲୋକେ ବିଶୁଦ୍ଧ ଜଳରୁ ବଞ୍ଚିତ ହେଉଛନ୍ତି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ ନଗଡ଼ା ପାଇଁ ବିଭିନ୍ନ ପ୍ରକଳ୍ପରେ ୨୩ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇ ସାରିଛି। କିନ୍ତୁ ସେମାନଙ୍କୁ ମୁଖ୍ୟ ଧାରାରେ ସାମିଲ କରାଯାଇପାରିନାହିଁ। ଅଖଣ୍ଡଙ୍କ ଏହି ଅଭିଯୋଗକୁ ଅତି ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି ଏନ୍ଏଚ୍ଆର୍ସି। ଏହା ଉପରେ ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦେବା ପାଇଁ କମିଶନ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟ ମଧ୍ୟରେ ରିପୋର୍ଟ ନ ଦେଲେ ମାନବିକ ଅଧିକାର ସୁରକ୍ଷା ଆଇନ ୧୯୯୩ ଧାରା ୧୩ ଅନୁଯାୟୀ ବ୍ୟକ୍ତିଗତ ଭାବେ ହାଜର ଦେବାକୁ ପଡ଼ିବ ବୋଲି କମିଶନ ତାଙ୍କ ନିର୍ଦ୍ଦେଶରେ ସ୍ପଷ୍ଟ କରିଛନ୍ତି।




# ୨୦ ଖଣି ନିଲାମ ପାଇଁ ବିଜ୍ଞପ୍ତି



ଭୁବନେଶ୍ୱର,୪।୧୦(ବ୍ୟୁରୋ)

ରାଜ୍ୟ ସରକାର ୨୦ଟି ଲୁହାପଥର ଓ ମାଙ୍ଗାନିଜ ଖଣି ନିଲାମ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ କରିଛନ୍ତି। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଶୁକ୍ରବାର ଇସ୍ପାତ ଓ ଖଣି ବିଭାଗ ପକ୍ଷରୁ ୧୦ଟି ଲୁହାପଥର ଓ ମାଙ୍ଗାନିଜ ଖଣି ନିଲାମ ପାଇଁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଅବଶିଷ୍ଟ ଖଣିର ବିଜ୍ଞପ୍ତି ଆସନ୍ତା ୧୪ ତାରିଖ ମଧ୍ୟରେ ପ୍ରକାଶ କରାଯିବ ବୋଲି ବିଭାଗର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ସେଥିରୁ ୧୨ଟି ଲୁହାପଥର, ୨ଟି ମାଙ୍ଗାନିଜ ଏବଂ ୬ଟି ଲୁହାପଥର ଓ ମାଙ୍ଗାନିଜ (ଉଭୟ ମିଶ୍ରିତ )ଖଣି ଦୁଇଟି ପର୍ଯ୍ୟାୟରେ ନିଲାମ ହେବ। ଲେଟର ଅଫ ଇଣ୍ଟେଣ୍ଟ ୨୦୨୦ ଜାନୁୟାରୀ ୪ରୁ ୧୪ ତାରଖ ମଧ୍ୟରେ ପଠାଯିବ ବୋଲି ସୂଚନା ମିଳିଛି।

କେନ୍ଦ୍ରରେ ମୋଦି ସରକାର କ୍ଷମତାକୁ ଫେରିବା ପରେ ୨୦୧୫ରେ ଖଣି ଆଇନକୁ ସଂଶୋଧନ କରି ସମସ୍ତ ଖଣିକୁ ନିଲାମ କରିବାକୁ ନିଷ୍ପତ୍ତି ନେଇଥିଲେ। ୨୦୨୦ ମାର୍ଚ୍ଚ ୩୧ ସୁଦ୍ଧା ଦେଶର ୩୨୯ଖଣିର ଲିଜ ଅବଧି ଶେଷ ହେଉଛି। ଏହି ସମୟ ମଧ୍ୟରେ ଓଡ଼ିଶାରୁ ୨୪ଟି ଖଣିର ଅବଧି ମଧ୍ୟ ଶେଷ ହେଉଛି। ଏଠାରେ ସୂଚନା ଯୋଗ୍ୟ ଯେ ରାଜ୍ୟ ସରକାର ୨ଟି କ୍ରୋମାଇଟ ଖଣି ପାଇଁ ବିଜ୍ଞପ୍ତି ପ୍ରକାଶ କରି ସାରିଛନ୍ତି। ତେବେ ଓଡ଼ିଶା ଖଣି ନିଗମର ସୁକିନ୍ଦା କ୍ରୋମାଇଟ ଖଣିକୁ ଟାଟା ଷ୍ଟିଲ ପାଇଁ ରଖାଯାଇଛି।

# ଓଡ଼ିଶା ହାଇକୋର୍ଟରେ ନିଯୁକ୍ତ ହେବେ ୨ ନୂଆ ବିଚାରପତି

କଟକ ଅଫିସ, ୪।୧୦

**କେନ୍ଦ୍ରକୁ ନାମ ସୁପାରିସ କଲେ କଲେଜିୟମ**

ଆଇନଜୀବୀ ସଞ୍ଜୀବ କୁମାର ପାଣିଗ୍ରାହୀ ଏବଂ ଜିଲା ଓ ସେସନ୍ସ ଜଜ୍ ବିଭୁପ୍ରସାଦ ରାଉତରାୟଙ୍କୁ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ଦେବାକୁ ସୁପ୍ରିମ୍କୋର୍ଟ କଲେଜିୟମ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଛନ୍ତି। ଗତ ମେ ୭ ତାରିଖରେ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି କେ.ଏସ୍. ଝାବେରୀଙ୍କ ଅଧ୍ୟକ୍ଷତାରେ ଗଠିତ



କଲେଜିୟମ ବିଚାରପତି ନିଯୁକ୍ତି ଲାଗି ୮ଜଣ ଆଇନଜୀବୀ ଓ ୪ଜଣ ଜୁଡିସିଆଲ ଅଫିସରଙ୍କ ନାମ ସୁପ୍ରିମ୍କୋର୍ଟଙ୍କୁ ସୁପାରିସ କରିଥିଲେ। ଆଇନଜୀବୀଙ୍କ ମଧ୍ୟରୁ ବରିଷ୍ଠ ଆଇନଜୀବୀ ସଞ୍ଜୀବ କୁମାର ପାଣିଗ୍ରାହୀ ଓ ଜୁଡିସିଆଲ ଅଫିସରଙ୍କ ମଧ୍ୟରୁ ବିଭୁପ୍ରସାଦ ରାଉତରାୟଙ୍କ ନାମକୁ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ, ବିଚାରପତି ଏସ୍.ଏ. ବୋବ୍ଡେ ଓ ବିଚାରପତି ଏନ୍.ଭି. ରମନାଙ୍କୁ ନେଇ ଗଠିତ କଲେଜିୟମ ଗୁରୁବାର ସୁପାରିସ କରିଛନ୍ତି। କେନ୍ଦ୍ର ସରକାରଙ୍କ ସ୍ୱୀକୃତି ମିଳିବା ପରେ ପାଣିଗ୍ରାହୀ ଓ ରାଉତରାୟଙ୍କୁ ଓଡ଼ିଶା ହାଇକୋର୍ଟ ବିଚାରପତି ଭାବେ ନିଯୁକ୍ତି ମିଳିବ। ସୂଚନାଥାଉ କି, ଆଇନଜୀବୀ ଗୌତମ ମୁଖାର୍ଜୀ, ସମୀର କୁମାର ମିଶ୍ର, ପ୍ରସନ୍ନ କୁମାର ପାଢ଼ୀ, ସାବିତ୍ରୀ ରଥୋ, ପ୍ରଫୁଲ୍ଲ କୁମାର ରଥ, ଦୁର୍ଗାପ୍ରସାଦ ନନ୍ଦ, ପ୍ରଭାତ କୁମାର ମୁଦୁଲି, ସଞ୍ଜୀବ କୁମାର ପାଣିଗ୍ରାହୀ ପ୍ରମୁଖ ୮ଜଣଙ୍କ ନାମ ଓଡ଼ିଶା ହାଇକୋର୍ଟ ପକ୍ଷରୁ ସୁପାରିସ କରାଯାଇଥିଲା। ସେହିପରି କାର୍ଯ୍ୟରତ ଜୁଡିସିଆଲ୍ ଅଫିସର ସତ୍ୟନାରାୟଣ ମିଶ୍ର, ବିଭୁପ୍ରସାଦ ରାଉତରାୟ, ଗୌତମ ଶର୍ମା, ବିରଞ୍ଚି ନାରାୟଣ ମହାନ୍ତି ପ୍ରମୁଖଙ୍କ ନାମ ସୁପାରିସ କରାଯାଇଥିଲା।



ପରିପୂର୍ଣ୍ଣତା ଆଡ଼କୁ ଆମକୁ ନେଇଯିବା ପାଇଁ ଭଗବାନ ଯେଉଁ ପ୍ରୟାସ କରୁଛନ୍ତି – ତା'ବିରୁଦ୍ଧରେ ବାଧାଦାନର ଖେଳ ହିଁ ହେଲା ପାପ-ପୁଣ୍ୟ। ଏଇ ପୁଣ୍ୟବୋଧ ମଧ୍ୟ ଆମକୁ ନିଜ ପାପ ସବୁକୁ ଗୁପ୍ତ ରଖିବାରେ ସହାୟତା କରେ। -ଶ୍ରୀଅରବିନ୍ଦ

# କନ୍ଦାଉଛି ପିଆଜ



ଅନିଲ କୁମାର ବିଶ୍ୱାଳ

ଲଙ୍କ କଥା ବୁଝୁଛି ଖେତ, ଖେତ କଥା ବୁଝେ ଚଷା, ଓଡ଼ିଆ ମନ ଓଡ଼ିଆ ପ୍ରାଣ ବୁଝେ ପଖାଳ କଂସା। ଆଉ ଯେତେବେଳେ ପଖାଳର କଥା ଆସେ ସେତେବେଳେ ପିଆଜ ପଖାଳ ସହିତ ଆପେ ଯୋଡ଼ିହୋଇଯାଏ। ଏବେ ଓଡ଼ିଶା ବଜାରରେ ପିଆଜ କିଲୋ ୬୦ ଛୁଇଁଲାଣି। ପାଇକାରୀ ଦର ହୁ ହୁ ହୋଇ ବଢୁଥିବା ବେଳେ ଖୁଚୁରା ବଜାରରେ ତା'ର ପ୍ରଭାବ ବଢ଼ିବାରେ ଲାଗିଛି। ଆଗକୁ ସ୍ଥିତି ଆହୁରି ସଙ୍ଗିନ ହୋଇପାରେ। ପିଆଜର ଦରବୃଦ୍ଧି, ଉତ୍ପାଦନ ବେଳେ ଅଭାବୀ ବିକ୍ରି ପ୍ରାୟ ସବୁବର୍ଷ ହେଉଛି। ଆଉ ସବୁବେଳେ ସେହି ଗୋଟିଏ ଚିରାଚରିତ ଉତ୍ତର ସରକାରଙ୍କ ପାଖରୁ, 'ଏ ବର୍ଷ ନାସିକରେ ପିଆଜ ଉତ୍ପାଦନ କମ୍ ହୋଇଛି। ସାରା ଦେଶରେ ପିଆଜ ଦର ଉଚ୍ଚ ଅଛି। ଓଡ଼ିଶାରେ ବି ଉଚ୍ଚା ରହୁଛି। ଏହା ଏକ ଜାତୀୟ ସମସ୍ୟା'।

ଆମେ ଭାବୁ ଆଳୁ ଭଳି ପିଆଜରେ ବି ଆମେ ଆତ୍ମନିର୍ଭରଶୀଳ ନୁହଁ। ହେଲେ ବାସ୍ତବ ସ୍ଥିତି ତାହା ନୁହେଁ। ରାଜ୍ୟରେ ବର୍ଷକୁ ପିଆଜର ହାରାହାରି ଆବଶ୍ୟକତା ହେଉଛି ୨ ଲକ୍ଷ ୯୭ ହଜାର ମେଟ୍ରିକ ଟନ। ରାଜ୍ୟରେ ବାର୍ଷିକ ପିଆଜ ଉତ୍ପାଦନ ହାରାହାରି ଭାବେ ହେଉଛି ୩ ଲକ୍ଷ ୫୦ ହଜାର ମେଟ୍ରିକ ଟନ୍‌ରୁ ୩ ଲକ୍ଷ ୮୦ ହଜାର ମେଟ୍ରିକ ଟନ୍। ଏହାର ଅର୍ଥ ପିଆଜ ଉତ୍ପାଦନରେ ଆମେ ବଳକା ରାଜ୍ୟ। ଅତି କମ୍‌ରେ ୫୦ ହଜାର ମେଟ୍ରିକ ଟନ ପିଆଜ ଆମ ପାଖେ ବଳକା ରହିବା କଥା। ହେଲେ ଆମେ କାହିଁକି ପୁଣି ସେହି ଆନ୍ଧ୍ର, ନାସିକ ଉପରେ ନିର୍ଭରଶୀଳ। ଏହାର କାରଣ ହେଲା ଆମ ଚାଷୀ ପାଖେ ପିଆଜକୁ ଉଚିତ ଦରରେ ବିକ୍ରି କରିବା ପାଇଁ ବଜାର ବ୍ୟବସ୍ଥା ନାହିଁ, ପିଆଜକୁ ସଂରକ୍ଷଣ କରିବା ପାଇଁ ଶୀତଳଭଣ୍ଡାର ନାହିଁ, ଏପରି କି ଉତ୍ପାଦନ ସମୟରେ ବି ତାକୁ ଅତି କମ୍‌ରେ ମାସଟିଏ ସାଇତି ରଖିବା ପାଇଁ ଗୋଦାମ ଘରଟିଏ ବି ନାହିଁ। ଚାଷୀ ତ ଅମଳ କରୁଛି ହେଲେ ତାକୁ ଯଦି ତା' ଫସଲର ମୂଲ୍ୟ ଦେବା ଓ ସଂରକ୍ଷଣର ବ୍ୟବସ୍ଥା କରା ନ ଯାଏ ସେ କରିବ କ'ଣ? ବାଧ୍ୟ ହୋଇ ରାଜ୍ୟ ବାହାର ବେପାରୀଙ୍କୁ ବିକିବ। ସେହି ପିଆଜ ପୁଣି ବାହାର ରାଜ୍ୟର ଶୀତଳଭଣ୍ଡାରରୁ ଆସି ଓଡ଼ିଶା ବଜାରରେ ଚଢ଼ା ଦରରେ ବିକ୍ରି ହେବ। ଖାଉଟି କ୍ଷତିରେ, ଚାଷୀ ବି କ୍ଷତିରେ।

ଏବେ ସଦ୍ୟ ପ୍ରକାଶିତ ଅର୍ଥନୈତିକ ସର୍ଭେ ରିପୋର୍ଟ ୨୦୧୮-୧୯ ଅନୁସାରେ ୨୦୧୭-୧୮ ଆର୍ଥିକ ବର୍ଷରେ ରାଜ୍ୟରେ ୩୩ ହଜାର ହେକ୍ଟର ଚାଷଜମିରେ ପିଆଜ ଚାଷ ହୋଇଥିଲା। ପିଆଜ ଉତ୍ପାଦନ ହେଉଛି ୩ ଲକ୍ଷ ୮୦ ହଜାର ମେଟ୍ରିକ ଟନ। ଜାତୀୟ ସ୍ତରରେ ପିଆଜର ହେକ୍ଟର ପିଛା ଉତ୍ପାଦନ ୧୬ ମେଟ୍ରିକ ଟନ ଥିବା ବେଳେ ଓଡ଼ିଶାରେ ଏହା ହେଉଛି ୧୧ ମେଟ୍ରିକ ଟନ। ପାଖାପାଖି ୫ ମେଟ୍ରିକ ଟନ କମ୍ । ଏହା ପଛରେ ବି ଅଛି ସରକାରୀ କଳର ଉଦାସୀନତା ଓ ଦୁର୍ନୀତିଖୋର ମନୋଭାବ। ଉନ୍ନତ ମାନର ବିହନର ଅଭାବ ଏହାର ଏକ ମୁଖ୍ୟ କାରଣ। ପିଆଜର ଉତ୍ପାଦନ ମୁଖ୍ୟତଃ ଅବିଭକ୍ତ କଳାହାଣ୍ଡି, କୋରାପୁଟ, ବଲାଙ୍ଗୀର ଓ ଉପକୂଳ ଓଡ଼ିଶାର ଅନେକ ଜିଲାରେ ହେଉଛି। ଆଜି ବି ଆମର ଚାଷୀମାନେ ସେହି ପୁରୁଣା କିସମ ବିହନ ବ୍ୟବହାର କରୁଛନ୍ତି। ଓଡ଼ିଶାରେ ପ୍ରାୟତଃ ଦୁଇ ପ୍ରକାରର ପିଆଜ ଚାଷ ହୁଏ। ଗୋଟିଏ ହେଉଛି ଉଲି ପିଆଜ ଯାହାର ଉତ୍ପାଦନ ବେଶି, ବଜାରରେ ଚାହିଦା ବି ଭଲ। ଏହା ପ୍ରାୟତଃ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ହୁଏ। ଅନ୍ୟଟି ହେଲା କୋଲା ପିଆଜ, ଯାହା ରସୁଣ ଭଳି କୋଲା କୋଲା ହୋଇ ଫଳେ। ଏହା ସାଧାରଣତଃ ଉପକୂଳ ଓଡ଼ିଶାରେ ହୁଏ। ଏହାର ସ୍ୱାଦ ଭଲ କିନ୍ତୁ ବେଶି ଉତ୍ପାଦନ କ୍ଷମତାଯୁକ୍ତ ନୁହେଁ।

୨୦୧୫ରେ ଯେତେବେଳେ ରାଜ୍ୟରେ ପିଆଜ ଦର ୮୦ ଛୁଇଁଥିଲା ସେତେବେଳେ ରାଜ୍ୟ ସରକାର କରିଥିଲେ ପିଆଜ ମିଶନ। ଲକ୍ଷ୍ୟ ଥିଲା ପିଆଜର ଉତ୍ପାଦନ ବୃଦ୍ଧି ଓ ରାଜ୍ୟରେ ବ୍ୟାପକ ସଂଖ୍ୟାରେ ଶୀତଳଭଣ୍ଡାର ନିର୍ମାଣ କରି ପିଆଜ ସଂରକ୍ଷଣର ସୁବିଧା। ୫ ବର୍ଷ ପୂରିବାକୁ ବସିଲାଣି। ହେଲେ ସେହି ଦୁଇଟି ଲକ୍ଷ୍ୟ ସାଧନ ହେଲା କି? ୨୦୧୬-୧୭ରେ ରାଜ୍ୟ ସରକାର ଖରିଫ ଓ ରବି ଋତୁରେ ପିଆଜ ବିହନ କିଣାରେ ପ୍ରାୟ ୫୪ କୋଟି ଟଙ୍କା ରାଜ୍ୟ ରାଜକୋଷରୁ ଖର୍ଚ୍ଚ କରିଥିଲେ। ସରକାରଙ୍କ କ୍ରୟ ନୀତି ଅନୁସାରେ ୫ ଲକ୍ଷରୁ ଅଧିକ ଟଙ୍କାର କିଣା ହେଲେ ଟେଣ୍ଡର ହେବା କଥା। କିନ୍ତୁ ବିନା ଟେଣ୍ଡରରେ ସେତେବେଳେ ଓଡିଶା ସରକାର କୁଇଣ୍ଟାଲ ପିଛା ୯୩୯ ଟଙ୍କାରେ ବିହନ କିଣିଥିଲେ ଯେଉଁଠି କି ଆସାମ ଭଳି ରାଜ୍ୟ ସେହି ସମାନ କିସମର ବିହନ ଅନ୍ୟ ଏକ ବିହନ ଉତ୍ପାଦନକାରୀ ସଂସ୍ଥାଠାରୁ କୁଇଣ୍ଟାଲ ପିଛା ୫୩୯ ଟଙ୍କାରେ କିଣିଥିଲା। ଓଡ଼ିଶାରେ ଚାଷୀମାନଙ୍କୁ ଦିଆଯାଇଥିବା ସେହି ପିଆଜ ବିହନ ଗଜା ହେଲା ନାହିଁ, ଯାହା ଫଳରେ ଚାଷୀମାନେ ହଇରାଣ ହେଲେ। ପରିସ୍ଥିତି ଏପରି ହେଲା ଯେ ଚାଷୀମାନେ ତା' ପରବର୍ଷ ଆଉ ସରକାରୀ ବିହନକୁ ଭରସା କଲେ ନାହିଁ। ନିଜର ପୁରୁଣା ବିହନକୁ ଚାଷ କଲେ।

ଏ ଗଲା ଉତ୍ପାଦନ କଥା। ବାକି ରହିଲା ସଂରକ୍ଷଣ। ବିଧାନସଭାରେ ସରକାର ମାନିଛନ୍ତି ପିଆଜ ସଂରକ୍ଷଣର ବିକଳ ଚିତ୍ର। ଅବିଭକ୍ତ କେବିକେ ଜିଲାରେ ଯେଉଁଠି ବେଶି ପିଆଜ ଉତ୍ପାଦନ ହେଉଛି ସେଠାରେ ଅଛି ସମୁଦାୟ ମାତ୍ର ୨୯ ହଜାର ମେଟ୍ରିକ ଟନ କ୍ଷମତାବିଶିଷ୍ଟ ଗୋଦାମ ଘର। ଆନ୍ଧ୍ରପ୍ରଦେଶର ଗୋଟିଏ ଗୋଟିଏ ବ୍ଲକରେ ଯେତିକି ଶୀତଳଭଣ୍ଡାର ଅଛି ତାହାର କ୍ଷମତା ବି ଏହାଠାରୁ ଅଧିକ। କଳାହାଣ୍ଡି ଜିଲାରେ ଅଛି ମାତ୍ର ୭୬୫୦ ମେଟ୍ରିକ ଟନ କ୍ଷମତାବିଶିଷ୍ଟ ପିଆଜ ସଂରକ୍ଷଣ ଗୃହ। ଗ୍ରୀଷ୍ମ ଋତୁ ସୁଦ୍ଧା ରାଜ୍ୟରେ ବଳକା ପିଆଜ ଉତ୍ପାଦନ ହେଉଥିଲାବେଳେ ଅଧିକାଂଶ ପିଆଜ ମଧ୍ୟସ୍ଥଙ୍କ ଜରିଆରେ ବିକ୍ରି ହେଉଛି ଓ ବ୍ୟବହାର ପାଇଁ ଅଳ୍ପ କିଛି ଗୋଦାମରେ ରଖାଯାଉଛି। ଛତିଶଗଡ଼, ଆନ୍ଧ୍ରକୁ ଯାଉଛି ଓଡ଼ିଶା ପିଆଜ। ପଶ୍ଚିମ ଓଡ଼ିଶାରୁ ପିଆଜ ରାୟପୁରର ଦଲାଲମାନେ ଅତି ଶସ୍ତା ମୂଲ୍ୟରେ ନେଉଛନ୍ତି। ତାକୁ ନାସିକ ଓ ଆନ୍ଧ୍ରପ୍ରଦେଶ ପଠାଉଛନ୍ତି। ସେଠାରୁ ସେହି ପିଆଜ ପୁଣି ଆସୁଛି ଓଡ଼ିଶା ବଜାରକୁ ୬ ମାସ ପରେ। ପର୍ଯ୍ୟାପ୍ତ ପରିମାଣର ପିଆଜ ମହଜୁଦ କ୍ଷମତା ନ ଥିବା କାରଣରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ଦେବଗଡ଼ରେ ୨୦୧୮ରେ ପିଆଜର ଅଭାବୀ ବିକ୍ରି ହୋଇଥିଲା। ଦେବଗଡ଼ ଜିଲାରେ ସଂରକ୍ଷଣ ପାଇଁ ଆଦୌ ବ୍ୟବସ୍ଥା ନାହିଁ। ରାଜ୍ୟରେ ଥିବା ସମୁଦାୟ ୧୨୮ ଶୀତଳଭଣ୍ଡାରରୁ ୮୦ଟି ଅଚଳ ଅବସ୍ଥାରେ ପଡିଛି। ଆଳୁ ଓ ପିଆଜ ମିଶନରେ ସରକାର ବେସରକାରୀ ସ୍ତରରେ ଯାହା ଶୀତଳଭଣ୍ଡାର କରିବା ପାଇଁ ଲକ୍ଷ୍ୟ ରଖିଥିଲେ ତାହା ବି ଫଳପ୍ରଦ ହେଲାନାହିଁ। ଆଜି ବି ଓଡ଼ିଶାରେ ଯାହା ଶୀତଳ ଭଣ୍ଡାର ଅଛି ତାହାର ସମୁଦାୟ କ୍ଷମତା ହେଉଛି ୨ ଲକ୍ଷ ୧୭ ହଜାର ମେଟ୍ରିକ ଟନ। ଏହା କେବଳ ପିଆଜକୁ ନିଅଣ୍ଟ। କାରଣ ପିଆଜ ଉତ୍ପାଦନ ଆସି ପହଞ୍ଚିଲାଣି ୩ ଲକ୍ଷ ୮୦ ହଜାର ମେଟ୍ରିକ ଟନରେ। ବାକି ଆଳୁ, ଅଦା, ଅନ୍ୟ ପନିପରିବା ପାଇଁ ଜାଗା କାହିଁ? ସେହି ସବୁ ଫସଲର ବି ସ୍ଥିତି ସମାନ। ବିକ୍ରି ପାଇଁ ବ୍ୟବସ୍ଥା ନାହିଁ କି ସଂରକ୍ଷଣ କରିବାକୁ ଶୀତଳଭଣ୍ଡାର ନାହିଁ। କୃଷି, ସମବାୟ, ଖାଦ୍ୟ ଯୋଗାଣ ବିଭାଗର ତାଳମେଳ ନାହିଁ। ରାଜ୍ୟ ସରକାର ସ୍ଥାୟୀ ସମାଧାନ ପାଇଁ କିଛି ଠୋସ ପଦକ୍ଷେପ ନେବାର ସମୟ ଆସିଗଲାଣି। ଆମେ କେବେ ଶିଖିବା କୃଷିଜାତ ଉତ୍ପାଦନର ସଂରକ୍ଷଣ? କେବେ ତିଆରି ହେବ ଶୀତଳଭଣ୍ଡାର? ହଁ ସରକାର ଯଦି ଖାଲି ରାଜନୀତି ଆଉ ଭୋଟ ବ୍ୟାଙ୍କ କଥା ଚିନ୍ତା କରୁଥାନ୍ତି ତା'ହେଲେ ବି ପିଆଜ କମ୍ ରାଜନୀତିର ବିଷୟ ନୁହେଁ। ଆଗରୁ ପିଆଜର ମାତ୍ରାଧିକ ଦରବୃଦ୍ଧି ପାଇଁ ସରକାର ଭୁଶୁଡ଼ିଛି। ଦେଶର ଅନେକ ରାଜ୍ୟରେ ପିଆଜ ଦରବୃଦ୍ଧି ଏକ ନିର୍ବାଚନୀ ପ୍ରସଙ୍ଗ ହୋଇଛି। ପିଆଜ ଉତ୍ପାଦନରେ ଓଡ଼ିଶା ବଳକା ରାଜ୍ୟ କିନ୍ତୁ ସଂରକ୍ଷଣରେ ଫେଲ୍। ତା' ଅର୍ଥ କେଉଁଠି ନା କେଉଁଠି ସରକାରୀ ସ୍ତରରେ ନୀତିଗତ ବା ପରିଚାଳନାଗତ ତ୍ରୁଟି ରହୁଛି, ଯାହା ଫଳରେ ପିଆଜ ପ୍ରଚୁର ଥିବା ସତ୍ତ୍ୱେ ଓଡ଼ିଶା ଖାଉଟି ଓ ଚାଷୀ ଉଭୟେ ହଇରାଣ ହେଉଛନ୍ତି। ଆମ ପାଖେ ଭଲ ଚାଷଜମି ଅଛି, ଜଳ ସମ୍ପଦ ବି ଅଛି। ତାକୁ ବିନିଯୋଗ କରି ଆମ ଚାଷୀଙ୍କୁ ଆମେ ସଶକ୍ତ କରିବା ଦରକାର।

ହରିରାଜପୁର, ପୁରୀ,
ମୋ- ୯୪୩୮୫୭୯୨୯୦

# କ୍ଷେତ୍ରାଧିକାର ଚିନ୍ତା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ମୋଦି ସରକାରରେ କେବଳ ଆଇଏଏସ୍ ଅଫିସରମାନେ ଯେ ସେମାନଙ୍କ କ୍ଷେତ୍ରାଧିକାର ସଂକୀର୍ଣ୍ଣ ହେଉଥିବାର ଅନୁଭବ କରୁଛନ୍ତି ତାହା ନୁହେଁ। ଆଇପିଏସ୍ ଅଫିସରମାନେ ମଧ୍ୟ ସେପରି ଅନୁଭବ କରୁଛନ୍ତି। ନିକଟରେ ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରଣାଳୟର ଉପଦେଷ୍ଟା ଆର୍.କେ. ମିଶ୍ରଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯିବାର ମାତ୍ର କେଇଦିନ ପରେ ତାଙ୍କୁ ଉକ୍ତ ପଦରୁ ହଟେଇ ଦିଆଯିବା ଘଟଣା ଏହି ପରିସ୍ଥିତିର ଆଉ ଏକ ଉଦାହରଣ ପରି ମନେହୁଏ। କାର୍ଯ୍ୟକାଳ ସମ୍ପ୍ରସାରଣ ପରେ ଉକ୍ତ ସମ୍ପ୍ରସାରିତ ଅବଧି ପୂରା କରିବା ପୂର୍ବରୁ ମିଶ୍ରଙ୍କୁ ଚାକିରିରୁ ଅବ୍ୟାହତି ଦେବା ଘଟଣାରୁ ଜଣାପଡୁଛି ଯେ ଆଇପିଏସ୍ ଅଫିସର ଓ ସେଣ୍ଟ୍ରାଲ ଆର୍ମଡ୍ ପୋଲିସ ଫୋର୍ସେସ୍ (ସିଏପିଏଫ୍) କ୍ୟାଡର ମଧ୍ୟରେ ଦୀର୍ଘଦିନ ଧରି ଚାଲିଥିବା ଟଣାଓଟରାର ଏହା ଏକ ଅଂଶ ବିଶେଷ ହୋଇପାରେ, ଯେଉଁଥିରେ ସିଏପିଏଫ୍ ବାବୁମାନେ ଉପକୃତ ହେଉଛନ୍ତି।

ମିଶ୍ର ସେଣ୍ଟ୍ରାଲ ସେକ୍ରେଟାରିଏଟ୍ ସର୍ଭିସ୍ (ସିଏସ୍ଏସ୍)ର ଜଣେ ଅଫିସର ଥିଲେ ଏବଂ ଅବସର ପରେ ଉପଦେଷ୍ଟା ଭାବେ ପୁନର୍ନିଯୁକ୍ତି ପାଇବା ପୂର୍ବରୁ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଥିଲେ। ମନ୍ତ୍ରଣାଳୟର ଅର୍ଦ୍ଧସାମରିକ ବାହିନୀ ବ୍ୟାପାର ଦେଖାଶୁଣା କରୁଥିବା ବିଭାଗର ଦାୟିତ୍ୱରେ ସେ ଥିଲେ। ପ୍ରାପ୍ତ ସୂଚନା ଅନୁଯାୟୀ ସେ ଚାକିରି ସମ୍ପର୍କିତ ବ୍ୟାପାରରେ ଆଇପିଏସ୍ ଅଫିସରମାନଙ୍କୁ ବେଶି ଅନୁଗ୍ରହ ଦେଖାଇ ଆସୁଥିଲେ ବୋଲି ସିଏପିଏଫ୍ ଅଫିସରମାନେ ଅଭିଯୋଗ କରିଆସୁଥିଲେ। ତେଣୁ ତାଙ୍କୁ ଉକ୍ତ ପଦବୀରୁ ହଟେଇ ଦିଆଯିବା ଘଟଣାରୁ ସ୍ପଷ୍ଟ ହେଉଛି ଯେ ସରକାର ସିଏପିଏଫ୍ କ୍ୟାଡର ଅଫିସରମାନଙ୍କ ପ୍ରତି ଅଧିକ ସମ୍ବେଦନଶୀଳ।

ସିଏପିଏଫ୍ ଅଫିସରମାନଙ୍କୁ ପ୍ରୋତ୍ସାହନ ସ୍ୱରୂପ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ସେମାନଙ୍କୁ ଅଧିକ ଦରମା ଓ ସୁବିଧା ସୁଯୋଗ ଦେବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛି କାରଣ ସୁପ୍ରିମ୍‌କୋର୍ଟ ଦ୍ୱାରା ସେମାନଙ୍କୁ ଉଚ୍ଚତର ଷ୍ଟାଟସ ଓ ମର୍ଯ୍ୟାଦା ପ୍ରଦାନ କରାଯାଇଛି। ଏହାଦ୍ୱାରା ସିଏପିଏଫ୍ ଅଫିସରମାନେ ଆଇଏଏସ୍, ଆଇପିଏସ୍ ଓ ଅନ୍ୟ ଏ କିସମ ସେବା ଅଫିସରମାନଙ୍କ ସମକକ୍ଷ ହୋଇପାରିବେ।

ମିଳିଥିବା ରିପୋର୍ଟ ଅନୁସାରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଉକ୍ତ ବାହିନୀର ମହାନିର୍ଦ୍ଦେଶକ (ଡିଜି)ମାନଙ୍କୁ ଏକ ଆଦେଶନାମା ଜାରି କରି ସିଏପିଏଫ୍ ଅଫିସରମାନଙ୍କୁ ନନ୍-ଫଙ୍କ୍‌ଶନାଲ ସିଲେକ୍ସନ ଗ୍ରେଡ୍ (ଏନ୍ଏଫ୍ଏସ୍‌ଜି) ପ୍ରଦାନ କରିବା ନିମନ୍ତେ ଏକ ଆଭ୍ୟନ୍ତରୀଣ କମିଟି ଗଠନ କରିବା ସହ ନୂତନ ନିଯୁକ୍ତି ନିୟମ ପ୍ରଣୟନ ଲାଗି ନିର୍ଦ୍ଦେଶ ଦେଇଛି। ମିଶ୍ରଙ୍କ ଅପସାରଣ ସତ୍ତ୍ୱେ ଆଇପିଏସ୍ ଓ ସିଏପିଏଫ୍ ବାବୁମାନଙ୍କ ଭିତରେ ଚାଲିଆସିଥିବା ଶତ୍ରୁତାର ଅନ୍ତ ଘଟିବାର ସମ୍ଭାବନା ନାହିଁ। ତେବେ ଆଗକୁ କ'ଣ ଘଟୁଛି ଜାଣିବା ପାଇଁ ପାଠକେ ଏହି ସ୍ତମ୍ଭ ଉପରେ ନଜର ରଖିଥାନ୍ତୁ।

### ଉତ୍ତରାଧିକାରକୁ ନେଇ ଗୁଞ୍ଜରଣ

ବିଦେଶ ସଚିବ ବିଜୟ ଗୋଖଲେଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଆଉ ପାଞ୍ଚମାସ ବାକି ଥିବାବେଳେ ତା'ପରେ କିଏ ତାଙ୍କର ଉତ୍ତରାଧିକାରୀ ହେବେ ତାକୁ ନେଇ ବାବୁ ମହଲରେ ଏବେଠାରୁ ଗୁଞ୍ଜରଣ ଆରମ୍ଭ ହୋଇଗଲାଣି। ସାଧାରଣତଃ ଏପରି ସ୍ଥଳେ ବରିଷ୍ଠତମ କୂଟନୀତିଜ୍ଞ ହିଁ ଉକ୍ତ ଶୀର୍ଷ ପଦବୀରେ ନିଯୁକ୍ତ ହୋଇଥାନ୍ତି। କିନ୍ତୁ ଆଜିକାଲି ସରକାର ବିଦେଶ ସଚିବ ବାଛିବାକୁ ଗଲାବେଳେ ଏପରି କୌଣସି ପୂର୍ବାନୁମାନଯୋଗ୍ୟ ଢାଞ୍ଚା ବା ପରମ୍ପରା ମାନୁ ନ ଥିବା ଦେଖାଯାଉଛି। କାରଣ ବର୍ତ୍ତମାନର କେନ୍ଦ୍ର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଆମେରିକାରେ ଭାରତର ରାଷ୍ଟ୍ରଦୂତ ଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ଆଣି ସୁଜାତା ସିଂଙ୍କ ସ୍ଥାନରେ ବିଦେଶ ସଚିବ ଭାବେ ନିଯୁକ୍ତି ଦେଇଥିଲେ।

ବର୍ତ୍ତମାନ ବାଜିମରାଳିମାନେ କହୁଛନ୍ତି ଯେ ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ଥିବା ସୟଦ ଆକବରୁଦ୍ଦିନଙ୍କୁ ଗୋଖଲେଙ୍କ ସ୍ଥାନରେ ନିଯୁକ୍ତି ଦିଆଯାଇପାରେ। ଯଦି ତାହା ହୁଏ, ତେବେ ସେ ବର୍ତ୍ତମାନ ଲଣ୍ଡନରେ ଭାରତର ଉଚ୍ଚାୟୁକ୍ତ ଥିବା ରୁଚି ଘନଶ୍ୟାମଙ୍କ ସମେତ ଅନେକ ବରିଷ୍ଠ ଆଇଏଫ୍ଏସ୍ ଅଫିସରଙ୍କୁ ଅତିକ୍ରମ କରି ଏହି ପଦବୀରେ ନିଯୁକ୍ତି ପାଇବେ। ଘନଶ୍ୟାମ ହେଉଛନ୍ତି ବରିଷ୍ଠତମ କୂଟନୀତିଜ୍ଞ ଯେ କି ଏହି ପଦବୀରେ ସ୍ୱାଭାବିକ ଭାବେ ନିଯୁକ୍ତି ପାଇବା କଥା। ଅନ୍ୟତମ ବରିଷ୍ଠ ଅଫିସର ହେଉଛନ୍ତି ହର୍ଷବର୍ଦ୍ଧନ ଶ୍ରିଙ୍ଗଲା, ଯେ କି ବର୍ତ୍ତମାନ ଆମେରିକାରେ ରାଷ୍ଟ୍ରଦୂତ ଅଛନ୍ତି। ଆକବରୁଦ୍ଦିନ ଏ ଦୁହିଙ୍କଠାରୁ କନିଷ୍ଠ। ପ୍ରଧାନମନ୍ତ୍ରୀ ହିଁ ବିଦେଶ ବ୍ୟାପାର ମନ୍ତ୍ରଣାଳୟ ସହ ପରାମର୍ଶ କରି ବିଦେଶ ସଚିବଙ୍କୁ ଚୟନ କରିଥାନ୍ତି। କିନ୍ତୁ ବାବୁ ନିଯୁକ୍ତିରେ ମୋଦି ଯେହେତୁ କୌଣସି ପରମ୍ପରାକୁ ମାନନ୍ତି ନାହିଁ, ତେଣୁ ସେ ଏଥର ବରିଷ୍ଠତମ ବାବୁଙ୍କୁ ବାଛିବେ କି ପରମ୍ପରା ବାହାରକୁ ଯିବେ ତାହା ଦେଖିବାକୁ ବାକି ରହିଲା।

Email: dilipcherian@gmail.com

# ମା'ଙ୍କ ଧରାବତରଣ



ଡ. କିଶୋର ମହାନ୍ତି

ମା' ପ୍ରକୃତରେ କିଏ? କ'ଣ ତାଙ୍କର ସ୍ୱରୂପ? ସେ ହେଉଛନ୍ତି ଜଗଜ୍ଜନନୀ ମା' ଯୋଗମାୟା, ବିଶ୍ୱେଶ୍ୱରୀ, ଜଗନ୍ମାତା ମା' ଦୁର୍ଗା। ମାତୃରୂପରେ ସେ ଆବିର୍ଭୂତା ହୋଇଥାନ୍ତି ଏ ବିଶାଳ ଧରାରେ ଶାରଦୀୟ ପ୍ରକୃତି ଓ ନୈସର୍ଗିକ ସୌନ୍ଦର୍ଯ୍ୟର ମନୋରମ ମାହେନ୍ଦ୍ର ବେଳାରେ। ନଈପଠାରେ ଧାଡ଼ି ଧାଡ଼ି ଶୁଭ୍ର ହିଲ୍ଲୋଳିତ କାଶତଣ୍ଡୀ ଫୁଲ ଜଣାଇଦିଏ ମା'ଙ୍କ ଧରାବତରଣକୁ। ହିନ୍ଦୁ ଶାସ୍ତ୍ରାନୁସାରେ ମା' ଦୁର୍ଗା ସର୍ବଶକ୍ତିର ଅନନ୍ତ ଉତ୍ସ। ସେ ଭିନ୍ନ ଭିନ୍ନ ରୂପରେ ଶକ୍ତିକୁ ନିୟନ୍ତ୍ରଣ କରିଥାନ୍ତି। ସେ ମହାଲକ୍ଷ୍ମୀ, ସେ ମାତା ସରସ୍ୱତୀ ଓ ମାତା କାଳୀ। ଦୁର୍ଗାର ଅର୍ଥ ସେ ହେଉଛନ୍ତି ଦୁର୍ଗ ରକ୍ଷାକାରିଣୀ, ଦୁର୍ଗତିନାଶିନୀ। ମାଟିର କବି ସାରଳା ଦାସ ଚଣ୍ଡୀପୁରାଣରେ ଲେଖିଛନ୍ତି- ''ଦୁର୍ଗତିରୁ ଯେଣୁକରି କରନ୍ତି ଉଦ୍ଧାର, ତେଣୁକରି ଦୁର୍ଗା ନାମ ଅଟଇ ତାଙ୍କର।''

ସେ ଦୁର୍ଗ ରକ୍ଷାକାରିଣୀ। ପୁଣି ସେ ଦୁର୍ଗମ ନାମକ ମହାସୁରକୁ ବଧ କରିଥିଲେ ବୋଲି ତାଙ୍କର ନାମ ଦୁର୍ଗା। ଏହିପରି ବିଶ୍ୱର ଆଦ୍ୟାଶକ୍ତିଙ୍କର ସ୍ୱରୂପ ପ୍ରକଟନ କରାଯାଇଛି ବିଭିନ୍ନ ମାର୍ଗରେ। ସେ ପୁଣି ଦୁର୍ଗତିନାଶିନୀ, ଯିଏକି ସମସ୍ତ ଦୁଃଖ, କ୍ଳେଶକୁ ଦୂରୀଭୂତ କରିଥାନ୍ତି। ସେ ଚାରୋଟି ମନ୍ଦ ପ୍ରକୃତିକୁ ଦମନ କରିଥାନ୍ତି- ଯେପରି ଦାରିଦ୍ର୍ୟ, ଦୁର୍ଭିକ୍ଷ, ଦୁଃଖ ଓ ଦୁରାଚାର। ଅନ୍ୟାୟ ଓ ଅନୀତି ବିରୋଧରେ ଖଡ୍ଗ ଉତ୍ତୋଳନ କରିଥାନ୍ତି। ବ୍ୟଭିଚାରକୁ ପ୍ରଶ୍ରୟ ଦିଅନ୍ତି ନାହିଁ ଓ ଆଳସ୍ୟକୁ ଦୂରେଇଥାନ୍ତି। ପୃଥିବୀରୁ ଦୁଃଖ, ଶୋକ, ତାପ, ପାପ, କଳୁଷ ଦୂରୀଭୂତ ହୋଇଥାଏ ମା'ଙ୍କର ଆଗମନୀରେ। ମା' ଓହ୍ଲାଇ ଆସନ୍ତି ଧରାବକ୍ଷକୁ, ବିଶ୍ୱବାସୀଙ୍କୁ ଅଭୟ ପ୍ରଦାନ କରନ୍ତି।

ମାତା ଦୁର୍ଗା ହେଉଛନ୍ତି ଅଯୋନିଜା। ସେ ବିଶ୍ୱସୁନ୍ଦରୀ, ତାଙ୍କ ସୁନ୍ଦରପଣର ତୁଳନା ନାହିଁ। ସେ ସତ୍ୟ-ଶିବ-ସୁନ୍ଦରର ପ୍ରତୀକ। ମା'ଙ୍କ ହାତରେ ଶୋଭା ପାଉଥାଏ ବିଭିନ୍ନ



ପ୍ରକାର ଅସ୍ତ୍ର ଓ ସରଞ୍ଜାମ। ସେ ପୁଣି ହାତରେ ଶଙ୍ଖ ଧରିଥାନ୍ତି। ଯାହାକି ସ୍ପଷ୍ଟ ସୂଚିତ କରେ ପ୍ରଣବ ବା ଓଁକାର ଧ୍ୱନିକୁ। ଧନୁ ଓ ଶର ତାଙ୍କ ହାତରେ ଶୋଭା ପାଇଥାଏ। ତାହା ସ୍ପଷ୍ଟ କରେ ଯେ ସକଳ ଶକ୍ତି ଓ ସେଇ ଶକ୍ତିକୁ ନିୟନ୍ତ୍ରଣ କରିବାର କ୍ଷମତା ତାଙ୍କ ହାତରେ ଅଛି। ବଜ୍ର ବି ଥାଏ ତାଙ୍କ ହାତରେ। ତାହା କହିଦିଏ ଦୃଢ଼ଚିତ୍ତ ହୁଅ। ମା'ଙ୍କ ହାତରେ ଶୋଭା ପାଇଥାଏ ଅର୍ଦ୍ଧ ପ୍ରସ୍ଫୁଟିତ କମଳ। ତାହା ସଫଳତାର ସୂଚନା ପ୍ରଦାନ କରେ। କୁହେ ସମ୍ପୂର୍ଣ୍ଣ ଫଳ ପ୍ରାପ୍ତିର ଆଶା ରଖିବାର ଚିନ୍ତାଠାରୁ ଦୂରେଇ ରୁହ। ଚକ୍ର ଯାହା ତାଙ୍କ ତର୍ଜନୀରେ ଶୋଭାପାଏ। ତାହା ସୂଚିତ କରେ ସକଳ ବିଶ୍ୱ ତାଙ୍କ ଅଧୀନରେ। ତୀକ୍ଷ୍ଣ କରବାଳ ହାତରେ ମା'ଙ୍କର ଥାଏ। ତାହା ସୂଚିତ କରେ ଅଜ୍ଞାନରୂପୀ ଅନ୍ଧକାରକୁ ଜ୍ଞାନ ହିଁ ଦୂରୀଭୂତ କରିପାରେ। ତେଣୁ ସେ ଜ୍ଞାନଦାତ୍ରୀ। ଯେଉଁ ତ୍ରିଶୂଳ ତାଙ୍କ ହାତରେ ଥାଏ, ତାହା ପ୍ରକାଶ କରେ ସତ୍ତ୍ୱ-ରଜ-ତମକୁ। ସେ ପ୍ରକୃତରେ ତିନିପ୍ରକାର ତାପକୁ ଖଣ୍ଡନ କରିଥାନ୍ତି- ଆଧିଭୌତିକ, ଆଧିଦୈବିକ ଓ ଆଧ୍ୟାତ୍ମିକ। ମା' ଦୁର୍ଗା ହେଉଛନ୍ତି ଚିନ୍ମୟୀ। ଶକ୍ତି ଓ ସୌନ୍ଦର୍ଯ୍ୟ ସମନ୍ୱିତ ବିଶ୍ୱ ଚେତନାର ଏକ ଗୁଣାଧିକ ପରିପ୍ରକାଶ। ସେ ସର୍ବଶକ୍ତିର ଆଧାର। ତାଙ୍କ ସହାୟତା ବିନା ସ୍ୱୟଂ ଶିବ ମଧ୍ୟ ଶବ ପ୍ରାୟ ଶକ୍ତିହୀନ।

ଆଜିର ଏହି ପବିତ୍ର ଶାରଦୀୟ ବେଳାରେ ମା'ଙ୍କର ଧରାବତରଣ ଭକ୍ତ ମନରେ ଯୁଗପତ୍ ଆନନ୍ଦର ଫୁଆର ଖେଳାଇଦିଏ। ମା' ଆସିଛନ୍ତି ଆଶିଷ ପ୍ରଦାନ ନିମନ୍ତେ। ଆଜି ଏ ଧରା ସତରେ କଳୁଷିତ। ନାରୀ ନିର୍ଯାତନା ଏଠି ବୃଦ୍ଧି ପାଇବାରେ ଲାଗିଛି। ଆସୁରିକ ପ୍ରବୃତ୍ତିରେ ଆଚ୍ଛନ୍ନ ଏ ମଣିଷ ଅମୃତର ପୁତ୍ର ହୋଇ ଆଉ ରହିନାହିଁ। ସମାଜରେ ଅହିତ ସାଧନ ପାଇଁ ଜନ୍ମ ନେଇଛନ୍ତି ଅନେକ ମହିଷାସୁର ଓ ଶୁମ୍ଭନିଶୁମ୍ଭ ଏମାନଙ୍କୁ ନିପାତ କରିବା ପାଇଁ ମା'ଙ୍କର ଏ ଅଭିଯାନ ବାସ୍ତବିକ ସ୍ୱାଗତଯୋଗ୍ୟ। ପ୍ରତିଟି ମଣିଷକୁ ସମୁଚିତ ଶିକ୍ଷା ଦେବା ହେଉଛି ମା'ଙ୍କର ମନ୍ତ୍ର ଓ ବାଣୀ। ତେଣୁ ତ ଭକ୍ତ ଚାହିଁଛି ମା'ଙ୍କର ଶୁଭ ଆଗମନରେ ଏ ଧରାରୁ ସକଳ ପାପ କଳୁଷ ଦୂର ହେଉ। ମା'ଙ୍କର ପବିତ୍ର ପଦପାତରେ ଏ ଧରା ସ୍ୱର୍ଗରେ ପରିଣତ ହେଉ। ଭକ୍ତ ଆଜି ଯୋଡ଼ହସ୍ତରେ ମିନତି କରୁଛି- 'ଶରଣ୍ୟେ ତ୍ର୍ୟମ୍ବକେ ଗୌରି ନାରାୟଣି ନମସ୍ତୁତେ।'

ଇ/୫୦, ସେକ୍ଟର-୭, ସିଡିଏ, କଟକ,
ମୋ-୯୪୩୭୭୨୮୪୭୫

## ଏଇ ଭାରତରେ

ଭାରତରେ ଗାନ୍ଧୀ ବିଚାରଧାରାରେ ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ନିଜ ସମ୍ବଳରେ ଗାନ୍ଧୀବାଦର ବାର୍ତ୍ତା ଦେଇଚାଲିଛନ୍ତି। ଏମିତି ଜଣେ ବ୍ୟକ୍ତି ହେଉଛନ୍ତି ବିହାରର ଶଶିଭୂଷଣ ସିଂ। ସେ ବିହାରର ସୀତାମଢ଼ି ମେଜରଗଞ୍ଜ ବ୍ଲକର ଟୁମରିକଲା ଗାଁରେ ରହନ୍ତି। ଭାରତ ସରକାରଙ୍କ ସ୍ୱଚ୍ଛତା ଅଭିଯାନ ଆରମ୍ଭ ହେବା ପୂର୍ବରୁ ସେ ତାଙ୍କ ଅଞ୍ଚଳରେ ଏହାକୁ କାର୍ଯ୍ୟକାରୀ କରିଛନ୍ତି। ସ୍ୱଚ୍ଛତା ତାଙ୍କ ଜୀବନଚର୍ଯ୍ୟାରେ ସାମିଲ ହୋଇଯାଇଛି। ସ୍ୱଚ୍ଛତାର ଆଧୁନିକ ସିପାହି ଶଶିଭୂଷଣ ୨୦୧୧ରୁ ତାଙ୍କ ଗାଁରେ ସ୍ୱଚ୍ଛତା ଅଭିଯାନ ଚଲାଇଛନ୍ତି। କିଛି ସମ୍ବଳ ନ ଥାଇ ବି ହୃଦୟରେ ସ୍ୱଚ୍ଛତାକୁ ସ୍ଥାନ ଦେଇ ସକାଳୁ ଝାଡୁ ଧରି ବାହାରିଯାଆନ୍ତି ଶଶିଭୂଷଣ। ପ୍ରଥମରୁ ଲୋକେ 'ବେକାରିର ଟାଇମ୍‌ପାସ' ଓ ପରେ 'ପାଗଳ ଝାଡୁଦାର' ବୋଲି କହୁଥିଲେ ବି ସେ କେବେ ବି ଏପରି କାର୍ଯ୍ୟରୁ ପଛକୁ ହଟିନାହାନ୍ତି। ତାଙ୍କ ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନ ଥିଲେ ମଧ୍ୟ ନିଜେ ଟଙ୍କା ଖର୍ଚ୍ଚକରି ଝାଡୁ ଓ ଟୋକେଇ କିଣୁଛନ୍ତି। ଏହା ସହ ଲୋକମାନଙ୍କୁ ବାହାରେ ଶୌଚ ବିରୋଧରେ ସଚେତନ କରାଉଛନ୍ତି। ବିବାହ ପରେ ଶଶିଭୂଷଣଙ୍କ ସ୍ତ୍ରୀ ତାଙ୍କ ସହ ଏହି ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଯାଇଛନ୍ତି। ପାଗଳ ଝାଡୁବାଲା ଡାକରେ ଲୋକମାନଙ୍କର ସ୍ନେହ ରହିଛି ବୋଲି କୁହନ୍ତି ଶଶିଭୂଷଣ।

## ଚିରନ୍ତନୀ

ଯଉବନ! ଯଉବନ! କଣ୍ଠ ତଟେ
ଢାଳି ଦିଅ ଗୀତ
ଜୀବନ ମନ୍ଦିର ଚୂଳେ ଜଳିଉଠୁ
ମୋର ମହାଦୀପ।

(ମହାଦୀପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୫ ଅକ୍ଟୋବର ୧୯୯୪

- ଭାରତ ବିରୋଧରେ ଆମେରିକା ସୁପର-୩୦୧ କଟକଣା ଲାଗୁ ନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛି।
- ଝାନ୍‌ସୀରେ ଏକ ବାଣ କାରଖାନାରେ ବିସ୍ଫୋରଣ ଘଟି ୨୪ ଜଣ ପ୍ରାଣ ହରାଇଛନ୍ତି।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 2 | D | | | | | | 6 | | B | | | | |
| | | | | | 7 | E | 1 | | | | | | | 2 |
| | | | 6 | | C | | 0 | | 3 | 8 | | | | |
| | | 6 | | D | B | | | A | 7 | 4 | E | 0 | | |
| | | | A | 0 | | | 8 | | 1 | | 5 | | E | |
| | B | | | A | 8 | 9 | | | C | | | | | |
| | | | | | 1 | | | | | | A | 8 | | |
| E | 5 | | | | D | 3 | B | 7 | 8 | | | 1 | | |
| | 3 | | | C | | 0 | 6 | | | | | | | |
| D | | 8 | | E | | 1 | | | B | | 4 | 3 | | 0 |
| 0 | | 9 | | | | A | | | | 6 | | | | 3 |
| | | | | | E | | | | A | 9 | | | 7 | |
| | 1 | C | | B | | | | 2 | 4 | 3 | | | | 5 |
| | | | C | | | 6 | 9 | E | | | | 4 | | 1 |
| 3 | | | | 4 | 6 | C | | | | 2 | 0 | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 8 | B | 0 | 2 | 6 | 1 | A | E | 4 | 5 | 7 | D | 3 | C |
| 3 | 4 | 7 | A | 1 | 8 | 9 | C | B | 2 | E | D | 6 | 0 | 5 |
| 1 | 0 | A | 3 | 5 | B | D | 4 | 8 | 9 | C | 6 | 7 | 2 | E |
| 5 | E | 6 | C | 7 | D | 2 | 0 | 3 | A | 1 | B | 4 | 8 | 9 |
| C | D | 2 | E | 4 | 9 | 6 | 5 | 7 | 8 | 0 | 3 | B | A | 1 |
| 4 | 5 | 8 | 9 | B | 3 | E | 6 | D | 1 | 2 | 0 | C | 7 | A |
| 6 | 9 | D | 7 | C | 1 | 0 | 8 | 2 | 5 | B | A | 3 | E | 4 |
| 7 | 2 | 3 | 5 | E | 4 | A | 1 | C | 6 | 8 | 9 | 0 | B | D |
| A | B | E | 6 | 0 | 2 | 3 | 9 | 4 | 7 | D | C | 5 | 1 | 8 |
| 0 | 1 | C | D | 8 | A | 7 | B | 5 | 3 | 4 | E | 9 | 6 | 2 |
| E | 6 | 5 | 4 | 9 | C | 8 | 7 | 0 | B | A | 1 | 2 | D | 3 |
| D | 7 | 4 | 1 | 3 | E | B | 2 | A | 0 | 9 | 5 | 8 | C | 6 |
| 2 | 3 | 0 | 8 | A | 5 | C | D | 6 | E | 7 | 4 | 1 | 9 | B |
| 8 | A | 1 | B | D | 7 | 4 | 3 | 9 | C | 6 | 2 | E | 5 | 0 |
| B | C | 9 | 2 | 6 | 0 | 5 | E | 1 | D | 3 | 8 | A | 4 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ୮ ତାରିଖର ଦଶହରା ପାଳନ ନିର୍ବିବାଦୀୟ ହେଉ

ମହାଶୟ,

ଆଗାମୀ ୮ ତାରିଖରେ ଦଶହରା। ଏହିଦିନ ଶ୍ରୀମନ୍ଦିରରେ ବିମଳାଙ୍କ ମନ୍ଦିରରେ ମଧ୍ୟ ଦଶହରା ପାଳିତ ହେବ। ଏହା ନିର୍ବିବାଦୀୟ ହୋଇଥିବା ବେଳେ ପଣ୍ଡିତ ସଭା ସ୍ୱୀକୃତ ପଞ୍ଜିକାରେ ୭ ତାରିଖ ଦର୍ଶାଯାଇଛି। ଏହାକୁ ପଣ୍ଡିତସଭାର ମୁଖପାତ୍ର ବିରୋଧ କରିବା ପଛରେ କିଛି ଉଦ୍ଦେଶ୍ୟ ସ୍ପଷ୍ଟ ହୋଇଛି। ଆମ୍ଭେ ଜାଣିବାରେ ଶଙ୍କରାଚାର୍ଯ୍ୟଙ୍କ ମଠରେ ସ୍ଥାପିତ ବିମଳାଙ୍କର ଦଶହରା ୭ ତାରିଖକୁ ଧାର୍ଯ୍ୟ କରାଯାଇଥିବାରୁ ହୁଏତ ଭକ୍ତମାନଙ୍କ ମନରେ ପ୍ରଶ୍ନ ଆସିପାରେ। ତେଣୁ ଉଦ୍ଦେଶ୍ୟ ପ୍ରଣୋଦିତ ଭାବରେ ତାଙ୍କ ପୂଜକ ଏହାକୁ ବିରୋଧ କରି ଲୋକମତକୁ ବିଭ୍ରାନ୍ତ କରାଇଛନ୍ତି। ୮ ତାରିଖ ଦିନ ୨.୫୦ ପର୍ଯ୍ୟନ୍ତ ଦଶମୀ ତିଥି ରହିଥିବାରୁ ସର୍ବତ୍ର ୮ ତାରିଖରେ ଦଶହରା ପାଳନୀୟ। ପଣ୍ଡିତ ସଭା ସ୍ୱୀକୃତ ପଞ୍ଜିକାରେ ଦଶମୀ ବ୍ୟାପ୍ତି ଦିନ ୨ଟା ୧୩ ପର୍ଯ୍ୟନ୍ତ ଦର୍ଶାଯିବା ତ୍ରୁଟିଯୁକ୍ତ। ୭ ତାରିଖରେ ପୀଠେ ଦଶହରା ଓ ୮ ତାରିଖରେ ମୃଣ୍ମୟୀ ଦଶହରା ବୋଲି ପାଞ୍ଜିରେ ଅଛି। ଯଦି ବିମଳାଙ୍କ ମନ୍ଦିରରେ ପୀଠେ ଦଶହରା ହିସାବରେ ପାଳନ କରାଯାଏ, ତେବେ ମନ୍ଦିର କର୍ତ୍ତୃପକ୍ଷ ଏହାକୁ ୮ ତାରିଖରେ ପାଳନ କରିବାକୁ କାହିଁକି ନିଷ୍ପତ୍ତି ନେଲେ?

ହରିଶଙ୍କର ମିଶ୍ର, ୧୧୩, ଗୁଣ୍ଡିଚାବିହାର, ପୁରୀ

### ସ୍ମାର୍ଟ ମିଟର ଏକ ଯୁଗୋପଯୋଗୀ ପଦକ୍ଷେପ

ବିଜୁଳି ବଣ୍ଟନ କ୍ଷେତ୍ରରେ ସଂସ୍କାରମୂଳକ କାର୍ଯ୍ୟାନୁଷ୍ଠାନ ସ୍ୱରୂପ କେତୋଟି ସହରରେ ପରୀକ୍ଷାମୂଳକ ଭାବେ ରିଚାର୍ଜ ହୋଇପାରୁଥିବା ସ୍ମାର୍ଟ ମିଟର ବସାଇବା ପାଇଁ ଆମ ସରକାର ସ୍ଥିର କରିଛନ୍ତି। ତେବେ କେତେକ ରାଜନୈତିକ ଦଳ ଓ ସଂସ୍ଥା ଏହାକୁ ବିରୋଧ କରିବା ଆରମ୍ଭ କଲେଣି। ଆମ ରାଜ୍ୟର ଗାଁ ଗହଳିରେ ବିଦ୍ୟୁତ୍ ଚୋରି ହେବା ସମସ୍ତଙ୍କୁ ଜଣା। ସରକାରଙ୍କର ପ୍ରୟାସ ଏହି ବିଦ୍ୟୁତ୍ ଚୋରିକୁ ରୋକିବାରେ ସହାୟ ହେବ, ଏହା ନିଃସନ୍ଦେହ। ତେଣୁ ସରକାରଙ୍କର ପ୍ରୟାସ ଯୁଗୋପଯୋଗୀ ଓ ସ୍ୱାଗତଯୋଗ୍ୟ।

ସୁଧାଂଶୁ ଶେଖର ମିଶ୍ର, ବ୍ଲକ କଲୋନୀ, ଆଠଗଡ, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



କ୍ଷମତାର ମୁକୁଟ ଭିତରେ କଣ୍ଟା ମଧ୍ୟ ଥାଏ, ଠିକ୍ ଭାବରେ ତାକୁ ପିନ୍ଧି ନ ଜାଣିଲେ ମୁଣ୍ଡ ଖଣ୍ଡିଆ ହୋଇଯାଏ।
- ଜେମ୍ସ କୁକ୍



## ସେଲ୍‌ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍‌ଫି ଛାପି ହେଉନାହିଁ। ଅଧିକ ସେଲ୍‌ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ପୃଥ୍ୱୀରାଜ



ହରିବନ୍ଧୁ



କୃପା

ସେଲ୍‌ଫି ଉଠାନ୍ତୁ ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

# ଦୁର୍ନୀତି ପ୍ରହାର, ୫ ଅଧିକାରୀ ବିଦା

ଭୁବନେଶ୍ୱର,୪।୧୦(ବ୍ୟୁରୋ): ଦୁର୍ନୀତି ମାମଲାରେ ଜଡିତ ୫ଜଣ ଅଧିକାରୀଙ୍କ ବିରୋଧରେ ରାଜ୍ୟ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଶୁକ୍ରବାର ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ଚାକିରିରୁ ଆଗୁଆ ଅବସର ଦିଆଯାଇଥିବା ବେଳେ ଜଣଙ୍କୁ ବହିଷ୍କାର କରାଯାଇଛି। ଭିଜିଲାନ୍ସ କୋର୍ଟରେ ଦୋଷୀ ସାବ୍ୟସ୍ତ ହେବା ପରେ ସେହି ଅଧିକାରୀମାନଙ୍କ ବିରୋଧରେ ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଢେଙ୍କାନାଳ ଆଞ୍ଚଳିକ ପରିବହନ ଅଧିକାରୀ(ଆରଟିଓ) ବସନ୍ତ କୁମାର ବେହେରା, ଅବକାରୀ ବିଭାଗର ଡେପୁଟି କମିଶନର ଦିଲୀପ କୁମାର ନାଗ, ଉପବନସଂରକ୍ଷକ ଶରତ ଚନ୍ଦ୍ର ପଣ୍ଡାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଥିବା ବେଳେ ସହକାରୀ ଯୋଗାଣ ଅଧିକାରୀ ଅଶୋକ କୁମାର ମାଝିଙ୍କୁ ଚାକିରିରୁ ଆଗୁଆ ଅବସର ଦିଆଯାଇଛି । ସେହିପରି କୋମନା ବ୍ଲକର ପୂର୍ବତନ ବିଡିଓ ତଥା ବର୍ତ୍ତମାନର ମୟୂରଭଞ୍ଜ ଜିଲା କପ୍ତିପଦା ତହସିଲଦାର ପ୍ରଦୀପ କୁମାର ବେହେରାଙ୍କୁ ଦୁର୍ନୀତି ଅଭିଯୋଗରେ ଚାକିରିରୁ ବହିଷ୍କାର କରାଯାଇଛି। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ସେହି ଅଧିକାରୀମାନଙ୍କୁ ଗିରଫ କରିଥିଲା। ଦୋଷୀ ସାବ୍ୟସ୍ତ ହେବା ପରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନୂଆପଡା ଜିଲା କୋମନା ବ୍ଲକର ପୂର୍ବତନ ବିଡିଓ ତଥା ମୟୂରଭଞ୍ଜ ଜିଲାର କପ୍ତିପଦା ତହସିଲଦାର ପ୍ରଦୀପ କୁମାର ବେହେରା ଦୁର୍ନୀତି ଅଭିଯୋଗରେ ଚାକିରିରୁ ବିଦା ହୋଇଛନ୍ତି। ୨୦୦୮ରେ ତାଙ୍କ ନାମରେ ଭିଜିଲାନ୍ସ କେସ କରାଯାଇଥିଲା। ସେହିପରି ଅବକାରୀ ବିଭାଗର ଡେପୁଟି କମିଶନର ଦିଲୀପ କୁମାର ନାଗ ଆୟ ବହିର୍ଭୂତ ମାମଲାରେ ଗିରଫ ହୋଇ ଜେଲ ଯାଇଥିଲେ। ୨୦୧୨ରୁ ୨୦୧୫ ଯାଏ ତାଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିଲା। ଢେଙ୍କାନାଳ ଆଞ୍ଚଳିକ ପରିବହନ ଅଧିକାରୀ(ଆରଟିଓ) ବସନ୍ତ କୁମାର ବେହେରା ମଧ୍ୟ ଦୁର୍ନୀତି ଓ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ୨୦୧୮ରେ ଗିରଫ ହୋଇଥିଲେ। ତାଙ୍କ ନିକଟରୁ ୩ କୋଟି ୬୧ ଲକ୍ଷ ୧୯ ହଜାର ୨୨୬ ଟଙ୍କାର ସମ୍ପତ୍ତି ଜବତ ହୋଇଥିଲା। ନୂଆପଡା ଜିଲାର ଖରିଆର ବନଖଣ୍ଡରେ ଉପବନସଂରକ୍ଷକ ଭାବେ ନିଯୁକ୍ତି ପାଇଥିବା ଶରତ ଚନ୍ଦ୍ର ପଣ୍ଡା ଦୁର୍ନୀତି ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ୨୦୧୭ରେ ଗିରଫ ହୋଇଥିଲେ। ତାଙ୍କ ନିକଟରୁ ୫ କୋଟି ୨୩ ଲକ୍ଷ ୬୦ ହଜାର ୭୮ କୋଟି ଟଙ୍କାର ଆୟବହିର୍ଭୂତ ସମ୍ପତ୍ତି ଭିଜିଲାନ୍ସ ଠାବ କରିଥିଲା। ସହକାରୀ ଯୋଗାଣ ଅଧିକାରୀ ଅଶୋକ କୁମାର ମାଝି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ସହ ଅସାଧୁ ମିଲରମାନଙ୍କୁ ଅନୁକମ୍ପା ଦେଖାଇବା ଏବଂ ଗତ ଫନୀ ବାତ୍ୟା ସମୟରେ ନିଜର କର୍ତ୍ତବ୍ୟ ପାଳନ କରି ନ ଥିବାରୁ ତାଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିଲା।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସେଦିନ ସେକାଳ ଗଲା**
**ଝାଡ଼ବନସ୍ତରେ କୋଇଲି କାନ୍ଦିଲା**
**ଝୁରିଝୁରି ଦିନ ଗଲା ।**

ଦେଖା ସାକ୍ଷାତରୁ ଭାବ ପ୍ରୀତି, ମନ ଦିଆନିଆ ପରେ ଦେଖା ନ ହେବାରୁ ମନ ଉଣା। ପ୍ରତୀକ୍ଷା ସାଧାରଣତଃ ଯନ୍ତ୍ରଣାଦାୟକ ହୋଇଥାଏ। ମନର ମଣିଷକୁ ଆପଣାର କରିବା ପାଇଁ ଦୀର୍ଘ ପ୍ରତୀକ୍ଷାରତ ରମଣୀ ବିରହଜନିତ ଦୁଃଖରେ ଭାଙ୍ଗିପଡ଼ିବା ସ୍ୱାଭାବିକ ହୋଇଥିବା ସ୍ଥଳେ ତା'ର ହତାଶ ତଥା ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ସବୁ ପିଠାପଣା ଭାତର ତଳ**
**ସବୁ ବାପଭାଇ କାଚର ତଳ ।**

ପିଠାପଣା ସାମୟିକ ଭଲ ଲାଗେ, କିନ୍ତୁ ତାହା କେବେ ଭାତ ସମକକ୍ଷ ହୋଇ ପାରି ନ ଥାଏ। ଝିଅ ବାହାହେବା ପର୍ଯ୍ୟନ୍ତ ବାପା ଭାଇ ତା'ର ସମସ୍ତ ଦାୟିତ୍ୱ ତୁଲାଇଥାନ୍ତି। ପରନ୍ତୁ ବାହାହୋଇ ଶାଶୁଘରକୁ ଚାଲିଗଲେ ବାପାଭାଇଙ୍କର ଚିନ୍ତା ସରିଯାଇଥାଏ। କିନ୍ତୁ ଯାହାକୁ ସେ ବିଭା ହୋଇଥାଏ ସେହି ସ୍ୱାମୀ ଜୀବନର ସୁଖଦୁଃଖରେ ସବୁବେଳେ ସାଥୀ ହୋଇ ରହିଥାଏ। ଝିଅ ପାଇଁ ବାପାଭାଇ ଅପେକ୍ଷା ସ୍ୱାମୀ ଶ୍ରେଷ୍ଠ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ସାଢ଼େ ୬ଟାରେ ରାଧାଦାମୋଦର ବେଶ

ପୁରୀ ଅଫିସ, ୪।୧୦

ଆଶ୍ୱିନ ଶୁକ୍ଳ ଏକଦଶୀ ଅର୍ଥାତ୍ ଅକ୍ଟୋବର ୯ରୁ ଶ୍ରୀମନ୍ଦିରରେ ଆରମ୍ଭ ହେବ କାର୍ତ୍ତିକ ମାସ ବାଳ ଧୂପ ନୀତି। ଏହା ନଭେମ୍ବର ୧୨ ପର୍ଯ୍ୟନ୍ତ ଚାଲିବ। ମହାପ୍ରଭୁଙ୍କ ରାଧାଦାମୋଦର ବେଶ ଆଶ୍ୱିନ ଶୁକ୍ଳ ଏକାଦଶୀ (ଅକ୍ଟୋବର ୯)ରୁ ଆରମ୍ଭ ହୋଇ କାର୍ତ୍ତିକ ଶୁକ୍ଳ ଦଶମୀ (ନଭେମ୍ବର ୭) ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହା ପରେ ୫ଦିନ ଧରି ପଞ୍ଚକ ଚାଲିବ। ଶୁକ୍ରବାର ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ କାର୍ତ୍ତିକ ମାସର ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି।

ଅନ୍ୟପକ୍ଷରେ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦେଖି ଦିବା ପହୁଡ଼ ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ବିଶେଷକରି ଶନିବାର, ରବିବାର ଏବଂ ସ୍ୱତନ୍ତ୍ର ଦିନଗୁଡ଼ିକୁ ବାଦ୍ ଦେଇ ଅନ୍ୟଦିନ ଠାକୁରଙ୍କ ଦିବା ପହୁଡ଼ କରାଯିବାକୁ ଆଲୋଚନା ହୋଇଛି। ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ହୋଇଥିବା ନୀତି ନିର୍ଘଣ୍ଟ ଅନୁଯାୟୀ, ରାତ୍ର ୧୨ଟାରେ ପହୁଡ଼ ନୀତି ସମ୍ପନ୍ନ ହୋଇ ଭୋର ୪ଟାରେ ଦ୍ୱାରଫିଟିବ। ସାଢ଼େ ୪ରେ ଭିତର ଶୋଧ କରାଯାଇ ଭୋର ୫ଟାରେ ମଙ୍ଗଳ ଆଳତି କରାଯିବାକୁ ନୀତି ନିର୍ଘଣ୍ଟ ହୋଇଛି। ସେହିପରି ଏ ବର୍ଷ ପଞ୍ଚକ ୫ ଦିନ ଧରି ଅନୁଷ୍ଠିତ ହେବ। ନଭେମ୍ବର ୮ ତାରିଖରେ ମହାପ୍ରଭୁଙ୍କ ଠିଆକିଆ ତଥା ଲକ୍ଷ୍ମୀନାରାୟଣ ବେଶ, ୯ରେ ବାଙ୍କଚୂଡ଼ ବା ବାମନ ବେଶ, ୧୦ରେ ଆଡକିଆ ତଥା ତ୍ରିବିକ୍ରମ ବେଶ, ୧୧ରେ ଡାଳିକିଆ ବା ଲକ୍ଷ୍ମୀନୃସିଂହ ବେଶ ଏବଂ ନଭେମ୍ବର ୧୨ରେ ସୁନାବେଶ ତଥା ରାଜରାଜେଶ୍ୱର ବେଶ ଅନୁଷ୍ଠିତ ହେବ। ଅନ୍ୟପକ୍ଷରେ ଦୀପାବଳି ଅମାବାସ୍ୟାଠାରୁ ପଞ୍ଚକ ମଧ୍ୟରେ ସୋମବାର ପଡ଼ିଲେ ବଡ଼ ଠାକୁରଙ୍କ ବାଡ଼ରେ ହରିହର ବେଶ ହେବାର ବିଧି ରହିଛି। ତେଣୁ ନଭେମ୍ବର ୪ ତାରିଖ ଅବକାଶ ନୀତି ପରେ ହରିହର ବେଶ ଅନୁଷ୍ଠିତ ହେବ ବୋଲି ବୈଠକରେ ଆଲୋଚନା କରାଯାଇଛି। ମୁଖ୍ୟ ପ୍ରଶାସକ କହିଛନ୍ତି, ଠାକୁରଙ୍କ ବେଶ କିପରି ଠିକ୍ ସମୟରେ ଏବଂ ଭଲ ଭାବେ କରାଯିବ ସେ ନେଇ ସବୁ ନିଯୋଗ ସହମତି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଆସନ୍ତା ବୁଧବାର ଶ୍ରୀମନ୍ଦିରର କୌଣସି ପ୍ରସଙ୍ଗ କିମ୍ବା ସେବାୟତଙ୍କ ସମସ୍ୟା ଆଲୋଚନା କରିବେ ବୋଲି ସେ କହିଛନ୍ତି। ପରିଚାଳନା କମିଟି ସଦସ୍ୟ ରାମଚନ୍ଦ୍ର ଦାସମହାପାତ୍ର କହିଛନ୍ତି, ସେବାୟତଙ୍କ ଯାହା ପ୍ରାପ୍ୟ ପାଉଣା ରହିଛି ତାହା ଉପରେ ବୈଠକରେ ଆଲୋଚନା କରାଯାଇଥିଲା।

# 'ଏସ୍‌ଏଚ୍‌ଜିଙ୍କୁ ଅଧିକ ଋଣ ଦିଅନ୍ତୁ ବ୍ୟାଙ୍କ'

ଭୁବନେଶ୍ୱର,୪।୧୦(ବ୍ୟୁରୋ)

ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ଗୁଡିକ ବ୍ୟାଙ୍କରୁ ନେଉଥିବା ଋଣକୁ ଠିକ୍ ଭାବେ ପୈଠ କରୁଥିବା ବେଳେ ସେମାନଙ୍କ ଉପରେ ଅନାଦାୟ ଋଣ (ଏନ୍‌ପିଏ) ରହୁନାହିଁ। ବ୍ୟାଙ୍କଗୁଡ଼ିକ ରାଜ୍ୟରେ ମୋଟ୍ ୨ ଲକ୍ଷ କୋଟି ଟଙ୍କାର ଋଣ ପ୍ରଦାନ କରିଛନ୍ତି। ଏସ୍‌ଏଚ୍‌ଜିଗୁଡିକୁ ଏହାର ଅଂଶ ୧୨ରୁ ୧୩% ରହିଛି। ଏହାକୁ ବଢାଇବା ଦିଗରେ ବ୍ୟାଙ୍କ ଗୁଡ଼ିକ କାର୍ଯ୍ୟ କରିବା ଉଚିତ ବୋଲି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ସ୍ଥାନୀୟ ଚନ୍ଦ୍ରଶେଖରପୁରଠାରେ ଏସ୍‌ବିଆଇ ଆନୁକୁଲ୍ୟରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗ୍ରାହକ ମେଳା କ୍ୟାମ୍ପର ଶୁଭାରମ୍ଭ କରି ସେ କହିଛନ୍ତି, ରାଜ୍ୟର ଅଧିକାଂଶ ଲୋକଙ୍କ ନିକଟରେ ବ୍ୟାଙ୍କ ଖାତା ରହିଛି। ଆଗାମୀ ଗୋଟିଏ ବର୍ଷ ବର୍ଷରେ ସବୁ ପରିବାରକୁ ବ୍ୟାଙ୍କ ଖାତା ଯୋଗାଣ ଦିଗରେ କାର୍ଯ୍ୟକ୍ରମ ଜାରି କରିବା ଦିଗରେ ବ୍ୟାଙ୍କ ଯୋଗଦାନ ରଖନ୍ତୁ। ରାଜ୍ୟରେ ଏବେ ମଧ୍ୟ ୪୦ ଲକ୍ଷ ଲୋକଙ୍କ ନିକଟରେ ଭଲ ବାସଗୃହ ନାହିଁ। ବ୍ୟାଙ୍କଗୁଡିକ ଏକ୍ଷେତ୍ରରେ କାର୍ଯ୍ୟ କରିବାର ସୁଯୋଗ ରହିଛି। ଓଡ଼ିଶାରେ ଅଧିକ ସଂଖ୍ୟକ ବ୍ୟାଙ୍କ ଖୋଲିବା ଲାଗି ଅର୍ଥମନ୍ତ୍ରଣାଳୟକୁ ସେ ଚିଠି ଲେଖିଥିବା କହିଛନ୍ତି। ଡିଜିଟାଲ ପ୍ଲାଟଫର୍ମରେ ୩୦ ସେକେଣ୍ଡରରେ ୫୦ ହଜାର ଟଙ୍କାର ଋଣ ମିଳି ପାରୁଛି ବୋଲି ସେ ସ୍ପଷ୍ଟ କରିଛନ୍ତି। ଏହି ଅବସରରେ ସେ ୨୬୦୬ ଜଣଙ୍କୁ ମୋଟ ୧୬୬.୧୧ କୋଟି ଟଙ୍କାର ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରିଛନ୍ତି।

ସାଧାରଣ ଲୋକଙ୍କ ନିକଟରେ ବ୍ୟାଙ୍କ ସେବା ପହଞ୍ଚାଇ ଆର୍ଥିକ ଗତିବିଧିକୁ ମଜଭୁତ କରିବା ସରକାରଙ୍କ ଲକ୍ଷ୍ୟ ରହିଛି। ସେହିଭଳି ଦେଶର ବିକାଶ ଦିଗରେ ବ୍ୟାଙ୍କଗୁଡିକ ସାଧାଣର ଲୋକଙ୍କୁ ସାମିଲ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସୂଚନା ଯୋଗ୍ୟ ଦେଶର ୪୦୦ ଜିଲାରେ ଋଣ ମେଳା ଆୟୋଜନ କାର୍ଯ୍ୟକ୍ରମ ଅନ୍ତର୍ଗତ ଓଡ଼ିଶାରେ ୬ ଜିଲାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଭୁବନେଶ୍ୱର ରେଳ ଅଡିଟୋରିମଠାରେ ଅନୁଷ୍ଠିତ ମେଳାରେ ୧୮ ବ୍ୟାଙ୍କ ଏବଂ ୪ ଘରୋଇ ବ୍ୟାଙ୍କ ପ୍ରତିଷ୍ଠାନ ନିଜର ଷ୍ଟଲ ସ୍ଥାପନ କରି ଲୋକଙ୍କୁ ଋଣ ଯୋଗାଇ ଦେଉଛନ୍ତି। କାର୍ଯ୍ୟକ୍ରମ ଅବସରରେ ଏସ୍‌ବିଆଇ ସିଜିଏମ୍ ପ୍ରବୀଣା କାଲା, ନାବାର୍ଡ ସିଜିଏମ୍ ଏ.ଚନ୍ଦ୍ରଶେଖର , ଆଇଓସିଏଲ୍ ସିଜିଏମ୍ ଶୁଭଜିତ ଘୋଷ, ଏସ୍‌ବିଆଇ ଜିଏମ୍ ସିଏଲ୍‌ଏନ୍ ଚାରୟୁଲୁ, ଏସ୍‌ଏଲ୍‌ବିସି କନଭେନର ଟି.ଆର୍.ଚୋକଲିଙ୍ଗମ, ଏସ୍‌ବିଆଇ ଡିଜିଏମ୍ ଡି.ସି.ବଳ, ଡିଜିଏମ୍ ଆନନ୍ଦ ବିକ୍ରମ ପ୍ରମୁଖ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅଭିଭାଷଣ ରଖୁଛନ୍ତି।

**ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଋଣ ମେଳା ଶୁଭାରମ୍ଭ**


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS

**Tower Vision Network Company**
ଦୟାକରି ଧ୍ୟାନ ଦିଅନ୍ତୁ Tower Vision କମ୍ପାନୀ ଦ୍ୱାରା ସହର ଓ ଗ୍ରାମାଞ୍ଚଳରେ ଖାଲିଥିବା ଜମି, ଛାତ ଓ କ୍ଷେତରେ 4G ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/-, ଭଡା 30,000/- ଟଙ୍କା ପାଆନ୍ତୁ ଜଣଙ୍କୁ ଚାକିରି ମିଳିବ । ଦରମା 18,000 + ଅନ୍ୟାନ ସୁବିଧା । ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
B- 548, Sector-5, DLF City Centre Mall, MG Road, Gurgaon, Haryana, 122003.
9452940480
9813608775

**Telnet Towers Co.**
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇ-ୱେ ପାର୍ଶ୍ୱ ଜମିରେ ଡିଜିଟାଲ ମଲ୍ଟିମିଡିଆ ଟାୱାର୍ ଲଗାନ୍ତୁ।
ଅଗ୍ରିମ: 70 ଲକ୍ଷ
ଭଡ଼ା: 60 ହଜାର
+ ଏଗ୍ରିମେଣ୍ଟ
09625373491, 07827396829
www.telnettowers.com
Add.: Hamiltonganj, Uttar Latabari (WB)

**GTL Telecom Network Company**
ଖାଲିଥିବା ଜମି, କ୍ଷେତ ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣଙ୍କୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ + ବାଇକ୍+ 30,000ର ଅନ୍ୟାନ ସୁବିଧା
ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348700276
8227843135

**All India Tower**
ଗ୍ରୁପ୍ 20 ବର୍ଷ ଧରି ଆପଣଙ୍କ ସେବାରେ । ସବୁ କମ୍ପାନୀର ଡିଜିଟାଲ ଟାୱାର୍ ନିଜ ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍‌ରେ ଲଗାନ୍ତୁ। ଅଗ୍ରିମ ୨୦ ଲକ୍ଷ, ଭଡ଼ା 60,000 + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ। ଆମକୁ ସାରା ଓଡ଼ିଶାରେ 750 ଟାୱାର୍ ଲଗାଇବାର ଅଛି। ଶୀଘ୍ର ଯୋଗାଯୋଗ କରନ୍ତୁ।
7838639856




FINANCE

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
**DHANLAXMI FINANCE PVT. LTD.** ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
B-34/7 A Block Vijay Enclave Burari, New Delhi

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

**FINANCE COMPANY**
ପାର୍ବଣ ଋତୁରେ ଲୋନ ମେଳା
୨୦ ବର୍ଷରୁ ଫାଇନାସ କମ୍ପାନୀ ଦ୍ୱାରା ନିଜର ମାର୍କସିଟ, ପଶୁପାଳନ, ଆଧାରକାର୍ଡ, ହୋମ୍, ମାଛଚାଷ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ । ୨% ସୁଧ ୫୦%ଛାଡ ।
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
9736683901
8859983504

**FINANCE**
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
MOB: 7292041586
Address - 12, Govt. Place (East), 2nd floor, Kolkata, west Bengal- 700069

ଧମାକା! ଦୀପାବଳି ଧମାକା!
ହିନ୍ଦୁସ୍ତାନ ଫାଇନାନ୍ସ (ରେଜି.)
କମ୍ପାନୀ ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର, ପଶୁପାଳନ, ଗ୍ରୁପ୍ ଏବଂ ସମସ୍ତ ଋଣ 24 ଘଣ୍ଟାରେ 2% ସୁଧ 50% ରିହାତି ।
(ମହିଳା ଓ ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି)
7065621830

ନବରାତ୍ରିର ଶୁଭ ଅବସରରେ ଋଣ ଧମାକା
ଭାରତର Govt. Regd. ନଂ.1 କମ୍ପାନୀ
**DURGA FINANCE LTD.**
Reg. No. U6519TN198PLC008555
ଆଧାରକାର୍ଡ, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଗ୍ରୁପ୍ ଓ ସମସ୍ତ ଋଣ 3-4 ଦିନରେ ଘରେ ବସି ପାଆନ୍ତୁ
2% ସୁଧ 40% ରିହାତି
ବ୍ୟବସାୟିକ ସୁଯୋଗ ପାଇଁ ଯୋଗାଯୋଗ କରନ୍ତୁ
9499218733
7302958798
H.No. 12, Sohana, Distt. Mohali

ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


COLOR DISPLAY CLASSIFIED

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra
on every Tuesday & Friday



ନୂଆ ଗାଡ଼ି କିଣିଛନ୍ତି ରଣବୀର ସିଂହ। ଯାହାକୁ ନେଇ ଏବେ ଚର୍ଚ୍ଚା। ଲାଲ୍ ରଙ୍ଗର ଲମ୍ବୋରଗିନି ୟୁଆର୍‌ୟୁଏସ୍‌କୁ ଚଳାଉଥିବାର କିଛି ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ରଣବୀର କିଣିଥିବା ଗାଡ଼ିର ଦାମ ୩ କୋଟି। ଫଟୋରେ ରଣବୀର ଚାଳକ ସିଟ୍‌ରେ ବସି ମଜା ଉଠାଉଥିବା ଥିବା ଦେଖାଯାଉଛି। ରଣବୀରଙ୍କ କାମକୁ ଯଦି ଦେଖାଯାଏ ତେବେ ସେ ଏବେ କପିଲ ଦେବଙ୍କ ଜୀବନୀ ଉପରେ ଆଧାରିତ ଫିଲ୍ମ '୮୩'ର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଏଥିରେ ତାଙ୍କ ସହ ସ୍ତ୍ରୀ ଦୀପିକା ମଧ କାମ କରୁଛନ୍ତି। ବିବାହ ପରେ ଏହା ଉଭୟଙ୍କ ପ୍ରଥମ ଫିଲ୍ମ।



## ପ୍ରଧାନମନ୍ତ୍ରୀଙ୍କୁ ଖୋଲାଚିଠି ଲେଖି

# ଫସିଲେ ୫୦ ସେଲିବ୍ରିଟି








**ନୂଆଦିଲ୍ଲୀ:** ଦେଶରେ ବଢ଼ିଚାଲିଥିବା ଭିଡ଼ହିଂସା ନେଇ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସେଲିବ୍ରିଟିମାନଙ୍କୁ ମହଙ୍ଗା ପଡ଼ିଛି। ବିହାରର ମୁଜାଫରପୁର ଜିଲାରେ ଏକ ସ୍ଥାନୀୟ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୫୦ ସେଲିବ୍ରିଟିଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ କରାଯିବା ପରେ ବିବାଦ ମୁଣ୍ଡ ଟେକିଛି। ସେଲିବ୍ରିଟିମାନେ ଆଇନ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବଲିଉଡ୍ ଅଭିନେତ୍ରୀ କୋଙ୍କଣ ସେନ, ଅପର୍ଣ୍ଣା ସେନ ଶର୍ମା, ପ୍ରଯୋଜକ ମଣିରତ୍ନମ, ନିର୍ଦ୍ଦେଶକ ଶ୍ୟାମ୍ ବେନେଗାଲ, ଅନୁରାଗ କଶ୍ୟପ ଓ ଐତିହାସିକ ରାମଚନ୍ଦ୍ର ଗୁହା ଏବଂ ଅନ୍ୟ ୪୫ ସେଲିବ୍ରିଟି ଗତ ଜୁଲାଇରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ଏକ ଖୋଲାଚିଠି ଲେଖିଥିଲେ। ମୁସ୍‌ଲିମ, ଦଳିତ ଓ ଅନ୍ୟ ସଂଖ୍ୟାଲଘୁଙ୍କ ଉପରେ ହେଉଥିବା ଭିଡ଼ହିଂସା ତୁରନ୍ତ ବନ୍ଦ କରାଯିବା ଜରୁରୀ ବୋଲି ଏଥିରେ ସେମାନେ ଦର୍ଶାଇଥିଲେ। 'ଜୟ ଶ୍ରୀରାମ'ସ୍ଲୋଗାନ କିପରି ଏକ 'ଉତ୍ତେଜକ ଯୁଦ୍ଧ ଘୋଷଣା'ରେ ସୀମିତ ହୋଇଯାଇଛି ତାହା ଉଲ୍ଲେଖ କରିବା ସହ ଦେଶରେ ଗଣତନ୍ତ୍ର ଭୁଶୁଡ଼ିପଡ଼ିଥିବା ସେମାନଙ୍କ ଅସନ୍ତୋଷରୁ ସ୍ପଷ୍ଟ ହେଉଛି ବୋଲି ଲେଖିଥିଲେ। ଏହାକୁ ନେଇ ଦୁଇମାସ ତଳେ ସୁଧୀର କୁମାର ଓଝା ନାମକ ଜଣେ ଆଇନଜୀବୀ ବିଚାରବିଭାଗୀୟ ମୁଖ୍ୟ ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ଏକ ପିଟିଶନ ଦାଏର କରିଥିଲେ। ଏଥିରେ ସେ ପ୍ରାୟ ୫୦ ସ୍ୱାକ୍ଷରକାରୀଙ୍କୁ ଅଭିଯୁକ୍ତ ଦର୍ଶାଇ ଉଲ୍ଲେଖ କରିଥିଲେ, ସେମାନେ ଦେଶର ଛବିକୁ ମଳିନ କରିଛନ୍ତି। ଏହାସହ ପୃଥକୀକରଣ ପ୍ରବୃତ୍ତିକୁ ସମର୍ଥନ ଦେବା ସଙ୍ଗେ ସଙ୍ଗେ ପ୍ରଧାନମନ୍ତ୍ରୀଙ୍କ ପ୍ରଭାବଶାଳୀ ପ୍ରଦର୍ଶନକୁ ନ୍ୟୂନ କରିଦେଇଛନ୍ତି। ସିଜେଆଇ ସୂର୍ଯ୍ୟକାନ୍ତ ତିୱାରି ଉକ୍ତ ଆବେଦନର ଶୁଣାଣି କରି ସେଲିବ୍ରିଟିମାନଙ୍କ ବିରୋଧରେ ମାମଲା ରୁଜୁ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏକ ସ୍ଥାନୀୟ ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ସଦର ଥାନାରେ ଗୁରୁବାର ମାମଲା ରୁଜୁ ହୋଇଥିବା ମୁଜାଫରପୁର ଜିଲା ପୋଲିସର ଅଧିକାରୀମାନେ କହିଛନ୍ତି। ସେଲିବ୍ରିଟିମାନେ ଏହାକୁ ନେଇ ଶୁକ୍ରବାର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅପର୍ଣ୍ଣା ସେନ କହିଛନ୍ତି, ଦେଶଦ୍ରୋହ ମାମଲା ରୁଜୁ କରିବା ହାସ୍ୟାସ୍ପଦ ଓ ସମ୍ପୂର୍ଣ୍ଣ ଭାବେ ହଇରାଣ କରିବା ପାଇଁ ଉଦ୍ଦିଷ୍ଟ। ଆମ ଗଣତାନ୍ତ୍ରିକ ଅଧିକାରଗୁଡ଼ିକୁ ଏଭଳି ଭାବେ କ୍ରମଶଃ ଛଡ଼ାଇ ନିଆଯାଉଛି। ସେଲିବ୍ରିଟିଙ୍କ ବିରୋଧରେ ମାମଲା କରିବା ଓକିଲ ସୁଧୀର ଓଝାଙ୍କ ପୁରୁଣା ଅଭ୍ୟାସ। ପୂର୍ବରୁ ସେ ମୁଜାଫରପୁର ଜିଲା କୋର୍ଟରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ସମେତ ସଚିନ ତେନ୍ଦୁଲକର(୨୦୧୩ରେ ଭାରତ ରତ୍ନ ପାଇବାବେଳେ), ଶାହରୁଖ୍ ଖାନ, ସଲମାନ ଖାନ, କଟ୍ରିନା କୈଫ୍, ଅରବିନ୍ଦ କେଜ୍‌ରିୱାଲ ଓ ଆନ୍ନା ହାଜାରେଙ୍କ ବିରୋଧରେ ମଧ୍ୟ ଏପରି ପିଟିଶନ ଦାଏର କରିଥିଲେ। ଏହି ମାମଲା ପାଟନା ହାଇକୋର୍ଟକୁ ଯିବା ପରେ ଖାରଜ ହୋଇଯିବ। ଶ୍ୟାମ ବେନେଗାଲ କହିଛନ୍ତି, ଭିଡ଼ହିଂସା ଏକ ଗଣତାନ୍ତ୍ରିକ ସମାଜରେ ଗ୍ରହଣୀୟ ନୁହେଁ। ଏହା ବିରୋଧରେ ସ୍ୱର ଉଠାଇବା ଯଦି ଦେଶଦ୍ରୋହ ତେବେ ସଂଜ୍ଞାଗୁଡ଼ିକ ବଦଳିବାରେ ଲାଗିଛି ବୋଲି ଧରିବାକୁ ହେବ। ସେହିପରି ଖୋଲାଚିଠିରେ ସ୍ୱାକ୍ଷର କରିଥିବା ମାଲୟାଲମ ଫିଲ୍ମ ପ୍ରଯୋଜକ ଅଦୂର ଗୋପାଳକ୍ରିଷ୍ଣନ୍ କହିଛନ୍ତି, ଦେଶରେ ବିଚିତ୍ର ଘଟଣାମାନ ଘଟୁଛି। ଆମ ଦେଶରେ ଜଣେ ମହିଳା ନାଥୁରାମ ଗଡସେଙ୍କୁ ସ୍ମରଣ କରିବାକୁ ଯାଇ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିକୁ ଗୁଳି କରିଥିବାବେଳେ ତାଙ୍କ ବିରୋଧରେ କୌଣସି କୋର୍ଟରେ ମାମଲା ରୁଜୁ ହୋଇନାହିଁ। ସେହି ମହିଳା ଏବେ ପାର୍ଲାମେଣ୍ଟ ସଦସ୍ୟ। ଆମ ବିରୋଧରେ ମାମଲା ରୁଜୁ ପାଇଁ କୋର୍ଟଙ୍କ ନିର୍ଦ୍ଦେଶ ଆଇନ ବ୍ୟବସ୍ଥାକୁ ନେଇ ସନ୍ଦେହ ସୃଷ୍ଟି କରୁଛି। ସେହିପରି କଂଗ୍ରେସ ନେତା ରାହୁଲ ଗାନ୍ଧୀ ନିଜ ସଂସଦୀୟ ଆସନ ୱାୟନାଡରେ କହିଛନ୍ତି, ପ୍ରଧାନମନ୍ତ୍ରୀ କିମ୍ବା ସରକାରଙ୍କ ବିରୋଧରେ ଯିଏ କିଛି କହୁଛନ୍ତି ତାଙ୍କୁ ଜେଲରେ ପୂରାଇ ଦିଆଯାଉଛି।

**ଭିଡ଼ହିଂସା ନେଇ ଦୃଷ୍ଟି ଆକର୍ଷଣ କରିଥିଲେ**

**କୋର୍ଟ ନିର୍ଦ୍ଦେଶ ପରେ ଦେଶଦ୍ରୋହ ମାମଲା**

## ମାଟି ଖୋଳିଲେ କରୀନା



**ନୂଆଦିଲ୍ଲୀ:** କପୁର ପରିବାରର ଝିଅ, ନୱାବ୍ ପରିବାରର ବୋହୂ ତଥା ବଲିଉଡ୍ ଅଭିନେତ୍ରୀ କରୀନା କପୁର ଖାନ୍ ଜମିରେ ମାଟି ଖୋଳୁଛନ୍ତି। ଶୁଣିଲେ ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏହା ସତ। ଦର୍ଶକେ କରୀନାଙ୍କୁ ରେଡ୍ କାର୍ପେଟ୍ ବା ସିଲଭର୍ ସ୍କ୍ରିନ୍‌ରେ ଦେଖିଥିବେ। କିନ୍ତୁ ପ୍ରଥମ ଥର ପାଇଁ ତାଙ୍କୁ ରିୟଲ ଲାଇଫ୍‌ରେ ଜମିରେ କାମ କରୁଥିବା ଦେଖିବାକୁ ମିଳିଛି। ପ୍ରକୃତରେ କରୀନା ଆଜିକାଲି ସାମାଜିକ ସମ୍ପର୍କ ସୁଦୃଢ଼ କରିବାରେ ଲାଗିପଡ଼ିଛନ୍ତି ବୋଲି ଶୁଣିବାକୁ ମିଳିଛି। ଏହାସହ ସେ ନାରୀ ପରିବେଶ ସୁରକ୍ଷା, ସଶକ୍ତୀକରଣ ଓ ବାଲ୍ୟାଧିକାର ସହ ଜଡ଼ିତ ବିଭିନ୍ନ କାର୍ଯ୍ୟକ୍ରମରେ ମଧ ନିଜକୁ ସାମିଲ କରୁଛନ୍ତି। ଏହିକ୍ରମରେ ତାଙ୍କର ଏକ ଜିଆଇଏଫ୍ ଭିଡିଓ ସୋସିଆଲ ମିଡିଆ ମାଧ୍ୟମରେ ସାମ୍ନାକୁ ଆସିଛି, ଯେଉଁଥିରେ ସେ ଜମିରେ ମାଟି ଖୋଳୁଥିବା ଦେଖିବାକୁ ମିଳିଛି। କରୀନାଙ୍କ ଏହି ଭିଡିଓରେ ଲୋକପ୍ରିୟ ୟୁଟ୍ୟୁବ୍ ଷ୍ଟାର୍ ପ୍ରାଜକ୍ତା କୋଲିଙ୍କୁ ମଧ ଦେଖିବାକୁ ମିଳିଛି। ସୂତ୍ର ଅନୁସାରେ ଏକ ବୃକ୍ଷରୋପଣ ଅଭିଯାନରେ ନିଜକୁ ସାମିଲ କରି ଉଭୟ ଗଛ ଲଗାଇବାରେ ସହାୟତା କରିବାକୁ ଜମିରେ ମାଟି ଖୋଳିଥିଲେ। ତେବେ କରୀନାଙ୍କ ଏହି ବିଚାରଧାରାକୁ ଫ୍ୟାନ୍ସ ଖୁବ୍ ପସନ୍ଦ କରିଛନ୍ତି। ପୂର୍ବରୁ ମଧ ସେ ୟୁନିସେଫ୍ ସହ ହାତ ମିଳାଇ ସାମାଜିକ ଉତ୍‌ଥାନ ଦିଗରେ ଅନେକ କାର୍ଯ୍ୟ କରିଛନ୍ତି। ଅନ୍ୟପକ୍ଷରେ ଖୁବ୍‌ଶୀଘ୍ର କରୀନାଙ୍କୁ 'ଗୁଡ୍ ନ୍ୟୁଜ୍' ଫିଲ୍ମରେ ଦେଖିବାକୁ ମିଳିବ। ଫିଲ୍ମରେ ଦୀଲ୍‌ଜିତ୍ ଦୋସାଞ୍ଜଙ୍କ ସହ ସେ ମୁଖ୍ୟ ଭୂମିକାରେ ନଜରକୁ ଆସିବେ।

## ଶୋଇଲେ ବି କମେ ମୋଟାପଣ

**ନୂଆଦିଲ୍ଲୀ:** ଶରୀରରୁ ମୋଟାପଣ କମାଇବ ପାଇଁ କିଏ କେତେ ପ୍ରକାର ଉପାୟ ଆପଣେଇଥାନ୍ତି। ବିଶେଷକରି ୱାକ୍‌ଆଉଟ୍, ଦୌଡ଼ିବା ବା ପହଁରିବା ଆଦି କଲେ ଓଜନ ହ୍ରାସ ପାଏ। କିନ୍ତୁ କିଛି କାମ ନ କରି ମୋଟାପଣ ଘଟାଇବା ଅସମ୍ଭବ ମନେ ହେଉଥିଲେ ବି ସତ। ବାସ୍ କିଛି ସମୟ ଶାନ୍ତିରେ ଶୋଇବା ଦ୍ୱାରା ବି ଶରୀରରୁ କ୍ୟାଲୋରୀ ହ୍ରାସ ପାଇଥାଏ। ଶୋଇବା ସମୟରେ ବି ଶରୀର ବେଶ୍ ସକ୍ରିୟ ଥାଏ। ଏହି ସମୟରେ ନୂତନ କୋଷ ତିଆରି ଓ ମସ୍ତିଷ୍କରେ ଥିବା ସୂଚନାକୁ ଫିଲ୍ଟର ହେବା ପାଇଁ ଶରୀରରୁ କିଛି ମାତ୍ରାରେ କ୍ୟାଲୋରୀ ନଷ୍ଟ ହୋଇଥାଏ। କିନ୍ତୁ ଏହା ଶରୀରର ଓଜନ, ତାପମାତ୍ରା ଓ ଶୋଇବା ସମୟ ଆଦି ଉପରେ ନିର୍ଭର କରେ। ଓଜନ କମାଇବା ପାଇଁ କିଛି ଘଣ୍ଟା ଶାନ୍ତିରେ ଶୋଇବା ଆବଶ୍ୟକ। ନିଦ ପୂରା ନ ହେଲେ ଶରୀର ଓ ମସ୍ତିଷ୍କ କ୍ଳାନ୍ତ ହୋଇଯିବା ଦ୍ୱାରା ଅଧିକ ଭୋକ ଲାଗିଥାଏ। ଫଳରେ କ୍ୟାଲୋରୀଯୁକ୍ତ ଖାଦ୍ୟ ଖାଇବାକୁ ପଡ଼େ। ଏକ ଅଧ୍ୟୟନରୁ ଜଣାପଡ଼ିଛି, ନିଦ ପୂରା ନ ହେଲେ କୋଷଗୁଡ଼ିକ ଇନ୍‌ସୁଲିନ୍ ପ୍ରତି କମ୍ ସମ୍ବେଦନଶୀଳ ହୋଇପଡ଼ନ୍ତି, ଯାହା ମୋଟାପଣକୁ ନିମନ୍ତ୍ରଣ କରେ। ଅନ୍ଧାର ଘରେ ହିଁ ନିଦ ଖୁବ୍ ଭଲ ହୋଇଥାଏ। ମଣିଷ ଶରୀରରୁ ମେଲାଟୋନିନ୍ ନାମକ ଏକ ହରମୋନ ଉତ୍ପନ୍ନ ହୋଇଥାଏ, ଯାହା ଶୋଇବା ପାଇଁ ଅନୁମତି ପ୍ରଦାନ କରେ। ରାତି ପ୍ରାୟ ୧୧ଟାରୁ ଭୋର ୩ଟା ମଧ୍ୟରେ ଏହି ହର୍‌ମୋନ ଉତ୍ପନ୍ନ ହୁଏ। ଶରୀରରେ ବ୍ରାଉନ୍ ଫ୍ୟାଟ୍ ବଢ଼ିଲେ କ୍ୟାଲୋରୀ କମିଥାଏ। ମେଲାଟୋନିନ୍ ହର୍‌ମୋନ୍ ଏହି ବ୍ରାଉନ୍ ଫ୍ୟାଟ୍ ବଢ଼ାଇବାରେ ସହାଯ୍ୟ କରେ, ଯାହାଫଳରେ ଶୋଇବା ସମୟରେ ବି ଶରୀରରୁ କ୍ୟାଲୋରୀ ନଷ୍ଟ ହୋଇଥାଏ।



## ଗୋଡ଼ ହଲାଇବା ରୋଗର ଲକ୍ଷଣ



**ମିଚିଗାନ୍:** ଗୋଡ଼ ହଲାଇବା ଏକ ରୋଗର ଲକ୍ଷଣ ବୋଲି କହିଛନ୍ତି ମିଚିଗାନ୍ ୟୁନିଭର୍ସିଟିର ଗବେଷକ। ଶରୀରରେ ଆଇରନର ମାତ୍ରା କମ୍ ହେଲେ ଏପରି ଲକ୍ଷଣ ଦେଖାଦେଇଥାଏ। ବିଶେଷ କରି ୩୫ ବର୍ଷରୁ ଉର୍ଦ୍ଧ୍ୱ ବୟସର ଲୋକଙ୍କ ପାଖରେ ଏପରି ଲକ୍ଷଣ ଦେଖାଦେଇଥାଏ। ଏହା ରେଷ୍ଟଲେସ୍ ସିଣ୍ଡ୍ରୋମର ଲକ୍ଷଣ ହୋଇଥାଇ ପାରେ ବୋଲି ଗବେଷକମାନେ କହିଛନ୍ତି। ଏହା ନର୍ଭସ୍ ସିଷ୍ଟମ ସହ ଯୋଡି ହୋଇଥାଏ। ଗୋଡ଼ ହଲାଇବା ଦ୍ୱାରା ଡୋପାମାଇନ୍ ହର୍ମୋନ୍ ନିର୍ଗତ ହୋଇଥାଏ। ଯାହାକି ବାରମ୍ବାର ଗୋଡ଼ ହଲାଇବାକୁ ଇଚ୍ଛା ପ୍ରକାଶ କରାଏ। ସ୍ଲିପ ଡିସ୍‌ଅର୍ଡର ହେଲେ ଜଣେ ବ୍ୟକ୍ତି ଗୋଡ଼ ହଲାଇଥାଏ ବୋଲି ଗବେଷଣାରୁ ଜଣାପଡିଛି। ଠିକ୍ ଭାବେ ନିଦ ନ ହେଲେ ଜଣେ ବ୍ୟକ୍ତି ବାରମ୍ବାର ଗୋଡ ହଲାଇବାକୁ ଭଲ ପାଏ। ତେବେ ଏହା ଜାଣିବା ପାଇଁ ବ୍ଲଡ ଟେଷ୍ଟ କରାଯାଇଥାଏ। ଶରୀରରେ ଆଇରନର ମାତ୍ରା କମ୍‌ହେଲେ, କିଡନୀ ସମସ୍ୟା ଦେଖାଦେଲେ ପାର୍କିନସନ୍ ରୋଗୀ, ଗର୍ଭବତୀ ମହିଳାଙ୍କ ହରମୋନରେ ପରିବର୍ତ୍ତନ ହେଲେ, ହୃଦରୋଗୀ, ମଧୁମେହ, ବ୍ଲଡ ପ୍ରେସର ଥିଲେ ଗୋଡ଼ ହଲାଇବା ଭଳି ଲକ୍ଷଣ ଦେଖାଦେଇଥାଏ। ଏଥିପାଇଁ ଆଇରନ୍ ଯୁକ୍ତ ଖାଦ୍ୟ ସହ ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ଖାଇବା ଭଲ।

## ରକ୍ତର ରଙ୍ଗ ସବୁଜ, ହଳଦିଆ, ନୀଳ

ପିଲାଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ଜାଣନ୍ତି ମନୁଷ୍ୟ ରକ୍ତର ରଙ୍ଗ ଲାଲ। ବିଶ୍ୱରେ ଏମିତି ଅନେକ ଜୀବଜନ୍ତୁ ଅଛନ୍ତି, ଯେଉଁମାନଙ୍କ ରକ୍ତ ଲାଲ ରଙ୍ଗର। ହେଲେ ଆପଣମାନେ ଶୁଣିଲେ ଆଶ୍ଚର୍ଯ୍ୟ ହେବେ, ଏମିତି କିଛି ଜୀବ ଅଛନ୍ତି ଯେଉଁମାନଙ୍କ ରକ୍ତର ରଙ୍ଗ ସବୁଜ, ହଳଦିଆ ଏବଂ ନୀଳ। ସେମାନେ ହେଲେ ଅକ୍ଟୋପାସ୍, ସି-କୁକୁମ୍ବର ଓ , ପିନଟ୍ ୱାର୍ମ, ନ୍ୟୁଜିନିଆ, କ୍ରୋକୋଡାଇଲ ଆଇସ୍‌ଫିସ୍ ପ୍ରମୁଖ।



**ଅକ୍ଟୋପସ୍:** ଏହା ଏକ ସାମୁଦ୍ରୀକ ଜୀବ। ଏପରି ଅନେକ ଦେଶ ରହିଛି ଯେଉଁଠାରେ ଲୋକମାନେ ଏହାକୁ ଖାଇଥାନ୍ତି। ୮ଟି ଗୋଡ଼ ବିଶିଷ୍ଟ ଏହି ଜୀବର ରକ୍ତର ରଙ୍ଗ ହେଉଛି ନୀଳ। ଏହାର କାରଣ ହେଲା ଅକ୍ଟୋପସ୍‌ର ରକ୍ତରେ ତମ୍ବାର ପରିମାଣ ଅଧିକ ଥାଏ। ଏହି କାରଣରୁ ସେମାନଙ୍କ ରକ୍ତର ରଙ୍ଗ ନୀଳ।



**ସି-କୁକୁମ୍ବର:** ଏହା ଏକ ସାମୁଦ୍ରୀକ ଜୀବ। ଏହି ଜୀବ ଦେଖିବାକୁ ସବୁଜ ରଙ୍ଗର । ମାତ୍ର ଏହାର ରକ୍ତ ହଳଦିଆ ରଙ୍ଗର। ଏହା ପଛର କାରଣ ଆଜି ପର୍ଯ୍ୟନ୍ତ ବୈଜ୍ଞାନିକମାନେ ଜାଣିପାରି ନାହାନ୍ତି।

**ପିନଟ ୱାର୍ମ:** ପିନଟ ୱାର୍ମ ପୋକର ରଙ୍ଗ ବାଇଗେଣୀ। ଏହାର ଶରୀରରେ ହିମୋରିଥରିନ ନାମକ ପ୍ରୋଟିନ୍‌ର ଯେତେବେଳେ ଅକ୍ସିକରଣ (କଳଙ୍କି ଲାଗିଯାଏ) ହୋଇଥାଏ ସେତେବେଳେ ତାର ରଙ୍ଗ ବାଇଗେଣୀ, ବେଳେବେଳେ ଗୋଲାପି ମଧ ହୋଇଥାଏ।

**ନ୍ୟୁ ଜିନିଆ:** ନ୍ୟୁ ଜିନିଆ ନାମକ ବହୁରୂପୀ ଏଣ୍ଡୁଅର ରକ୍ତର ରଙ୍ଗ ହେଉଛି ସବୁଜ। ଏହି କାରଣରୁ ଏହି ଏଣ୍ଡୁଅର ମାଂଶପେସୀ ଏବଂ ଜିଭର ରଙ୍ଗ ମଧ ସବୁଜ।



**କ୍ରୋକୋଡାଇଲ ଆଇସଫିଶ:** ଏହା ଏକ ପ୍ରକାର ମାଛ। ବିଶେଷକରି ଆଣ୍ଟାର୍କଟିକା ମହାସାଗରରେ ଏହା ଦେଖାଯାଇଥାଏ। ଏହି ମାଛର ରକ୍ତ ରଙ୍ଗହୀନ। ଆଇସ୍‌ଫିଶର ରକ୍ତରେ ହେମୋଗ୍ଲୋବିନ ଏବଂ ହେମୋସାଇନିନ ନ ଥାଏ, ଏହି କାରଣରରୁ ଏହି ମାଛର ରକ୍ତର କୌଣସି ରଙ୍ଗ ନ ଥାଏ।

## ଭାଙ୍ଗିଲା ୫୨୫ ବର୍ଷର ପରମ୍ପରା

# ବନ୍ଦ ହେଲା ପଶୁ, ପକ୍ଷୀ ବଳି

ଅଗରତାଲା: ଦୀର୍ଘ ୫୨୫ ବର୍ଷ ପରେ ବଦଳିଲା କୁପ୍ରଥା। ଶାରଦୀୟ ଦୁର୍ଗାପୂଜା ଅବସରରେ ତ୍ରିପୁରାସ୍ଥିତ ଲୋକପ୍ରିୟ ଦୁର୍ଗାବାଡ଼ି ମନ୍ଦିରରେ ଆଉ ବଳି ପଡ଼ିବେନି ନିରୀହ ପଶୁ, ପକ୍ଷୀ। ତ୍ରିପୁରା ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଶହ ଶହ ବର୍ଷରୁ ପ୍ରଚଳିତ ବଳି ପ୍ରଥା ଉପରେ ଏଠାରେ ରୋକ୍ ଲାଗିଛି। ସୂଚନା ଯେ, ଦୀର୍ଘ ୭୦ ବର୍ଷ ହେଲା ଦୁର୍ଗାବାଡ଼ି ମନ୍ଦିରରେ ଶାରଦୀୟ ଦୁର୍ଗାପୂଜା ପାଳନ ନିମନ୍ତେ ତ୍ରିପୁରା ସରକାର ସମସ୍ତ ଖର୍ଚ୍ଚ ବହନ କରିଆସୁଛନ୍ତି।

ଏ ନେଇ ମନ୍ଦିରର ମୁଖ୍ୟ ପୂଜକ ଦୁଲାଲ୍ ଭଟ୍ଟାଚାର୍ଜି କହିଛନ୍ତି, ଆମେ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରିଛୁ। ପ୍ରଥମଥର ପାଇଁ ଏଠାରେ ପାଞ୍ଚଦିନିଆ ଦୁର୍ଗାପୂଜା ପାଳନ ଅବସରରେ ଦୀର୍ଘ ୫୨୫ ବର୍ଷର ବଳି ପ୍ରଥାକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ତେବେ ଗତବର୍ଷ ଏକ ମଇଁଷି ସମେତ ଅନେକ ଛେଳି ଓ ପାରାଙ୍କୁ ଏଠାରେ ପଞ୍ଚଦିବସୀୟ ଦୁର୍ଗାପୂଜା ଅବସରରେ ବଳି ଦିଆଯାଇଥିଲା। ମୁଖ୍ୟ ବିଚାରପତି ସଞ୍ଜୟ କାରୋଲ ଏବଂ ଅରିନ୍ଦମ ଲୋଧଙ୍କୁ ନେଇ ଗଠିତ ତ୍ରିପୁରା ହାଇକୋର୍ଟଙ୍କ ଏକ ଖଣ୍ଡପୀଠ ସେପ୍ଟେମ୍ବର ୨୭ରେ ଏଭଳି ଐତିହାସିକ ରାୟ ଶୁଣାଇଛନ୍ତି। କୌଣସି ବ୍ୟକ୍ତି କିମ୍ବା ସରକାର ରାଜ୍ୟର କୌଣସି ମନ୍ଦିରରେ ପଶୁ, ପକ୍ଷୀ ବଳି ଦେଇ ପାରିବେନାହିଁ ବୋଲି ହାଇକୋର୍ଟଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

## କିନ୍ନର ହୁଅନ୍ତି 'ମା'

ରାଜସ୍ଥାନର ଅଜମେରରେ ଥିବା ମହମ୍ମଦ ସରିଫ ଦରଘାରେ ଘଟେ ଅନେକ ଚମତ୍କାର ଘଟଣା। ଯାହା ବିଶ୍ୱାସ ହେଉ ନ ଥିଲେ ବି ସତ ବୋଲି କୁହନ୍ତି ସ୍ଥାନୀୟ ଲୋକେ। ଏଠାରେ ବିଶେଷ କରି ନିଃସନ୍ତାନ ଦମ୍ପତିମାନେ ମାନସିକ କଲେ ସେମାନଙ୍କ ମାନସିକ ପୂରଣ ହୋଇଥାଏ ବୋଲି କୁହାଯାଏ। ଏଠାରେ ଥିବା ଏକ ଲାଲ୍ ବୁନ୍ଦି ଗଛର ରହିଛି ଏମିତି ଚମତ୍କାରିତା। କୁହାଯାଏ ଯେଉଁ ମହିଳା ଏହି ଗଛର ଫଳ ଖାଆନ୍ତି ସେ ସନ୍ତାନପ୍ରାପ୍ତି ହୋଇଥାନ୍ତି। ହେଲେ ଏଠାକୁ କୁଆଡେ ଅଧିକ ପରିମାଣରେ କିନ୍ନର ଆସିଥାନ୍ତି ବୋଲି କୁହାଯାଏ। ଜଣେ କିନ୍ନର ଏଠାରେ ଥିବା ଲାଲ୍ ବୁନ୍ଦି ଗଛର ଫଳ ଖାଇବା ପରେ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିବା କହିଥିଲେ। ଏହାପରେ କିନ୍ନରମାନଙ୍କ ବିଶ୍ୱାସ ରହିଛି ଯେ, ଯିଏ ଏହି ଦରଘାକୁ ଆସିବ ଆଉ ଲାଲ୍ ବୁନ୍ଦି ଗଛର ଫଳ ଖାଇବ ସେ ମାତୃତ୍ୱ ଲାଭ କରିବାର ସୌଭାଗ୍ୟ ପାଇବ।



## ଫେରିବେ ଶାହରୁଖ



ମୁମ୍ବାଇ: ବଲିଉଡ୍ ବାଦ୍‌ଶାହା ଶାହରୁଖ୍ ଖାନ୍ ବେଶ୍ କିଛିଦିନ ହେବ ବଡ଼ ପରଦାରୁ ଦୂରେଇ ରହିଛନ୍ତି। ହେଲେ ଖୁବ୍‌ଶୀଘ୍ର ସେ ଫେରିବେ ବୋଲି ଘୋଷଣା କରିଛନ୍ତି। ଏକ ଲଞ୍ଚ ଇଭେଣ୍ଟ୍‌ରେ ଯୋଗ ଦେବା ଅବସରରେ ଶାହରୁଖ କହିଛନ୍ତି ଏବେ ସେ ୨-୩ଟି ସ୍କ୍ରିପ୍ଟ ଉପରେ କାମ କରୁଛନ୍ତି। ହେଲେ ସମ୍ପୂର୍ଣ୍ଣ ତଥ୍ୟ ସମୟ ଆସିଲେ ସେ ଦେବେ ବୋଲି କହିଛନ୍ତି। ଏଥିରୁ ଅନୁମାନ କରାଯାଇଛି କି, ହୁଏତ ଶାହରୁଖ ବଡ଼ ପରଦାକୁ ଫେରିବାକୁ ଆଉ ବେଶି ସମୟ ଲାଗିବ ନାହିଁ। ନିକଟରେ ଦୀପିକା ପାଦୁକୋନ ଶାହରୁଖ୍‌ଙ୍କ ଟୁଇଟ୍‌କୁ ନେଇ କମେଣ୍ଟ କରିଥିବା ବେଳେ ତାଙ୍କ ପ୍ରଶଂସକ ଭାବିଥିଲେ ଏଥର ବୋଧହୁଏ ଦୀପିକାଙ୍କ ସହ ଶାହରୁଖ ଫେରିବେ। ଅବଶ୍ୟ ଏହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ ଯେ , ଶାହରୁଖ କାହା ସହ କେଉଁ ବ୍ୟାନରରେ ଫେରିବେ। କିନ୍ତୁ ଶାହରୁଖ ଯାହା ସୂଚନା ଦେଇଛନ୍ତି, କେବଳ ତାଙ୍କୁ ଦେଖି ଅନୁମାନ କରାଯାଉଛି କି ସେ ଖୁବ୍‌ଶୀଘ୍ର ବଡ ପରଦାକୁ ଫେରିପାରନ୍ତି।



ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଇଥାଏ। ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲଟନ

## ସଂକ୍ଷେପରେ

### ୪ ଲକ୍ଷ ଟଙ୍କା ସହ ଅଳଙ୍କାର ଚୋରି

ବରପାଲି, ୪।୧୦ (ଡି.ଏନ.ଏ): ବରପାଲିଥାନା ରେଳ ଷ୍ଟେଶନ ରାସ୍ତା ଯୁଗୀମୁଣ୍ଡା ମନ୍ଦିର ନିକଟରେ ରହୁଥିବା ହେମଚନ୍ଦ୍ର ସାହୁଙ୍କ ଘରେ ଗୁରୁବାର ରାତିରେ ଏକ ବଡଧରଣର ଚୋରିହୋଇଛି। ଚୋରମାନେ ଫାଟକ ତାଲା ଭାଙ୍ଗିଘରେ ପଶିବା ସହ ଆଲମିରା ତାଡିସେଥିରେ ଥିବା ୪ ଲକ୍ଷରୁଊର୍ଦ୍ଧ୍ବଟଙ୍କା ଓ ପ୍ରାୟ ୧୫ ଭରିସୁନା ଅଳଙ୍କାର ଚୋରିକରିନେଇଥିବା ଅଭିଯୋଗ ହୋଇଛି। ହେମଚନ୍ଦ୍ର ଘରେ ନ ଥିବାବେଳେ ଏଡିଚୋରିହୋଇଥିଲା। ସେ ଘରକୁଆସିତାଲା ଭଙ୍ଗା ଯାଇଥିବା ଦେଖିଥାନାରେ ଅଭିଯୋଗ କରିଥିଲେ। ପରେ ପୋଲିସ ଘଟଣାସ୍ଥଳକୁପହଞ୍ଚି ତଦାଘନା ଚଳାଇଛି। ଏ ନେଇ ବରପାଲଇ ଥାନାର ଏକ ମାମଲା (ନଂ.୨୨୯/୧୯) ରୁଜୁହୋଇଛି।

### ମାଁ ଶ୍ୟାମାକାଳୀଙ୍କ ପୂଜା ପ୍ରସ୍ତୁତି ବୈଠକ

ପଦ୍ମପୁର, ୪।୧୦ (ଡି.ଏନ.ଏ): ପଦ୍ମପୁର ହନୁମାନପଡା କାଳୀ ମଣ୍ଡପରେ ଆସନ୍ତା ୨୭ ରୁ ୩୦ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ମାଁ ଶ୍ୟାମାକାଳୀଙ୍କ ପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସାର୍ବଜନୀନ କାଳୀ ପୂଜା କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଏହି ବୈଠକରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ନୂତନ କମିଟିରେ ଅଜିତ କୁମାର ଶତପଥି ସଭାପତି, ଧରମ ପାଢ଼ୀ ଓ ମୁନା ଭୋଇ ଉପସଭାପତି, ପ୍ରିତେଶ ବହିଦାର ସମ୍ପାଦକ, ସୁବାଷ ପାତ୍ର ସହ ସମ୍ପାଦକ, ଶ୍ୟାମଳ ଦାସ କୋଷାଧକ୍ଷ ଏବଂ ସରୋଜ ମିଶ୍ରଙ୍କୁ ସହ କୋଷାଧକ୍ଷ ଭାବେ ମନୋନିତ କରାଯାଇଥିଲା। ଏହାସହ ଏକ ଉପଦେଷ୍ଟା କମିଟି ଓ କାର୍ଯ୍ୟକାରୀ କମିଟି ଗଠିତ ହୋଇଥିଲା। ଚଳିତ ବର୍ଷ ପୂଜା ଅବସରରେ ଦୁଇଦିନ ଧରି ମହିଷାସୁର ବଧ ସହ ବୋଡାସମ୍ବର ଉତ୍ସବ ପାଳନ କରିବା ପାଇଁ ସମ୍ମତି ପ୍ରକାଶ ପାଇଥିଲା। ମୁନା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

■ ସରକାରୀ ସୁବିଧା ସୁଯୋଗରୁ ବଁଚିତ୍ ୨ କୁଷ୍ଠରୁଗୀ

# ଗଛତଳେ ବିତୁଛେ ଅସାହା ଜୀବନ୍

ଘେଁସ, ୪।୧୦ (ଡି.ଏନ୍.ଏ.)

କେନ୍ଦ୍ର ଆର ରାଏଜ୍ ସରକାର ଅସାହା ଗରିବ୍ ଦୁଖିକର ଚିକିଛା ଲାଗି ଅନେକ୍ ଯୋଜନା କାଯ୍‌କାରୀ କରୁଛନ୍। ମାହାଲିଆ ଚିକିଛା ସଂଗେ ଉଷୋକଷା ବି ଯୁଗେଇ ଦେଉଛନ୍। ହେଲେ ଆମର ସମାଜରେ ଥିବାର କୁସଂସ୍କାର, ଅଁଧ୍‌ବିଶାସ୍ ଲାଗି ଅନେକ ରୁଗୀ ସରକାରୀ ସୁବିଧା ସୁଯୋଗରୁ ବଁଚିତ୍ ହେଇ ଦୁଖ୍ ପାଉଛନ୍। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଲିଛେ ବରଗଡ଼ ଜିଲା ସୋହେଲା ବ୍ଲକରେ।



ଉଭଏ କୁଷ୍ଠ ରୁଗୀକୁଁ ଆର୍‌ଆଇ, ସରପଁଚ୍ ସାହାଯ୍ ଯୁଗେଇ ଦେଉଛନ୍।

ସୂଚନା ଅନ୍‌ସାରେ ସୋହେଲା ବ୍ଲକ ପେଟୁପାଲି ପାସର ଭାଟେନଡୁଙ୍ଗୁରିର ରାସ୍‌ତା ତରେ ଗଛତଲେ ଝାଟିମାଟି କୁରିଆରେ ପଲିଥିନ୍ ଢାପି ଜୀବନ୍ ବିତଉଛନ୍ ଦୁଇ ଅସାହା ପରାନୀ। ଖବର ନେଲାରୁ ଝନେ ଭେଡ଼େନ ବ୍ଲକ ସାରସପାଲିର ମୁନସି ସେଠ୍(୪୦) ଆର ଝନେ ଅତାବିରା ବ୍ଲକ ବରହାମୁଣ୍ଡା ଗାଁର ଇନ୍ଦ୍ରା ଲୁହା(୫୦) ବଲି ଜନପଡ଼ିଛେ। ଇ ଦୁଇ ଅସାହା ଅନେକ ବଛର ତଲେ କୁଷ୍ଠ ରୋଗ୍‌ରେ ଆକ୍ରାଁତ୍ ହେଇ ସମାଜ ଭଏରେ ନିଜର ନିଜର ଘର ଛାଡ଼ିଥିଲେ। ହେଲେ ଦଇବ ତାହାକୁ ଭେଟ୍ କରେଇ ଦେଇଛେ। ଦୁଇ ଝନ ମା'ପୁଓ ଲେଖେଁ ଅନେକ ଦିନ୍ ହେଲା ଚଲିଆସୁଥିବାର କହିଛନ୍ ମୁନସି। ସଖାଲ ପାଏଲେ ମୁନସି ଗୁଟେ ଫଟା ବ୍ୟାଗ୍, ଭଂଗା ଥାଲି ଧରି ଭିଖ୍ ମାଗବାର ଲାଗି ବାହାରି ପଡୁଛନ୍। ହେଲେ ରୋଗ୍ ପରଭାବ୍‌ରେ ତାକର ଗୋଡ୍ ବହୁତ୍ ଦରଦ୍ ହେଉଛେ, ଅଧିକା ସମିଆ ସେ ଠିଆ ହେଇ ରହି ନାଇଁପାରବାର। ଆସର ପାସର ଗାଁମାନକେ ବୁଲି ବୁଲି ଯାହା ଭିଖ୍‌ରେ ପାଉଛନ୍ ସେଥିରେ ଦୁଇ ମା'ପୁଅ ଚଲୁଛନ୍। ଯେନ୍‌ଦିନ ନାଇଁ ମିଲବାର ଖାଡ଼ା ଉପାସେ ରହୁଛନ୍। ହେଲେ ଆଏଜ୍ ବି ଇମାନକର ଆଧାର କାର୍ଡ କି ରାଶନ କାର୍ଡ ନାଁଇନ। କହେବାକେ ଗଲେ ଦୁଇଝନ ସବୁପରକାର ସରକାରୀ ସୁବିଧା ସୁଯୋଗରୁ ବଁଚିତ୍ ହେଇ ରହିଛନ୍। କିଛିଦିନ ତଲେ ସ୍ୱାସ୍ଥ୍ୟ ବିଭାଗ ତରଫୁ ଇମାନକୁ କୁଷ୍ଠ ରୁଗୀ ହିସାବେ ଚିନ୍‌ହଁଟ କରାଯାଇ ପରମାନପତର ଦିଆଯାଇଛେ। ହେଲେ ଆଏଜ୍‌ତକ୍ କେହେନ୍‌ସି ପରକାର ସରକାରୀ ସାହାଯ୍ ନାଇଁ ପୁହୁଁଚିପାରି। ଇ ଘଟନା ବାବ୍‌ଦେ ଖବର ପାଇ ବୁଧୁବାର ପେଟୁପାଲି ସରପଁଚ୍ ଘୋଷାମଣି ବାଗ, ସମିତି ସଭ୍ୟ କୁଞ୍ଜ ବିହାରୀ ପଧାନ, ଘେଁସ ରାଜସ୍ୱ ନିରୀକ୍ଷକ ରବି ଚନ୍ଦ୍ର ବୁଢ଼େକ, କିଶୋର ବୁଢ଼େକ, ଥାନୀଅ ଏ.ଏନ୍.ଏମ୍ ଅଞ୍ଜଳି ପଧାନ ପରମୁଖ ପୁହୁଁଚି ସାହାଯ୍‌ର ହାତ୍ ବଢ଼େଇଛନ୍। ଆର୍.ଆଇ ବୁଢ଼େକ ଉଭଏକୁଁ ଶାଢ଼ି, ଗାମ୍‌ଛା ସଂଗେ କିଛି କାଏବାର ଜିନିଷ, ଫିଦିନିଆଁ ବେଭାର କଲା ଜିନିଷ ଦେଇଥିଲେ। ସେନ୍‌ତା ସରପଁଚ୍ ବାଗ ଆର ସମିତି ସଭ୍ୟ ପଧାନ ୧୦ କେ.ଜି. ଚାଉଲ ସଂଗେ ନଗଦ୍ କେତେ ଟଁକା ଦେଇଛନ୍। ଗରିବ୍ ଦୁଖିକୁ ସରକାରୀ ଯୋଜନାରେ ଦିଆଯାଉଥିବାର ଘରଖଁଡ଼େ, ରାଶନ କାର୍ଡ, ଭତା ଯୁଗେଇ ଦେଲେ ବାକି ଜୀବନ୍ ହସଖୁସିରେ ବିତାତୁଁ ବଲି ଉଭଏ ମୁନସି ଆର ଇନ୍ଦ୍ରା କହିଛନ୍।



ଅର୍ଜୁନ ପୁରସ୍କାର ବିଜେତା ପ୍ରମୋଦ ଭଗତଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରୁଛନ୍ତି ।

## ଅର୍ଜୁନ ପୁରସ୍କାର ବିଜେତାଙ୍କୁ ସମ୍ବର୍ଦ୍ଧନା

ବରଗଡ଼ ଅଫିସ୍,୪।୧୦

ବରଗଡ଼ ଜିଲା ଅତାବିରାର ଅର୍ଜୁନ ପୁରସ୍କାର ବିଜେତା ପ୍ରମୋଦ ଭଗତଙ୍କୁ ଶୁକ୍ରବାର ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ସଭାରେ ଅଧ୍ୟକ୍ଷତା କରିବା ସହିତ ପ୍ରମୋଦଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବରଗଡ଼ ଜିଲାର ଗୌରବ ପ୍ରମୋଦ ତାଙ୍କର ନିଷ୍ଠା, ଅଧ୍ୟବସାୟ ଓ କଠୋର ପରିଶ୍ରମ ଯୋଗୁ ଆନ୍ତର୍ଜାତିକ ସ୍ତରରେ ନିଜର ପରିଚୟ ସୃଷ୍ଟି କରିବା ସହିତ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଥିବା ଜିଲାପାଳ ପ୍ରଧାନ କହିଥିଲେ। ସମାରୋହରେ ଜିଲା ସୂଚନା ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ, ଜିଲା କ୍ରୀଡ଼ା ଅଧିକାରୀ ତୁଷାରକାନ୍ତି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସମଲେଶ୍ୱରୀଙ୍କ କାଳରାତ୍ରି ବେଶ

ବରଗଡ଼ ଅଫିସ୍,୪।୧୦

ଶାରଦୀୟ ନବରାତ୍ର ପୂଜାରେ ବରଗଡ଼ ସହରର ଶକ୍ତିପୀଠ ଗୁଡ଼ିକ ଚଳଚଞ୍ଚଳ ହୋଇ ପଡ଼ିଛି । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସ୍ଥାନୀୟ ତଳିପଡ଼ାସ୍ଥିତ ସମଲେଶ୍ୱରୀ ମନ୍ଦିରରେ ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀ କାଳରାତ୍ର ବେଶରେ ଦର୍ଶନ ଦେଇଥିଲେ । ଦେବୀଙ୍କୁ ଏହି ବେଶରେ ଦର୍ଶନ କଲେ ଶୁଭଫଳ ମିଳେ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି ।



ସମଲେଶ୍ୱରୀଙ୍କ କାଳରାତ୍ରି ବେଶ ।

## ଡିଆର୍‌ଏମ୍ ଅଫିସ ଆଗରେ ଶ୍ରମିକ ସଂଘର ବିକ୍ଷୋଭ



ସମ୍ବଲପୁର ଡିଆର୍‌ଏମ୍ ଅଫିସ ସମ୍ମୁଖରେ ଶ୍ରମିକ ସଂଘ ପକ୍ଷରୁ ଧାରଣା ।

ସମ୍ବଲପୁର,୪।୧୦(ବ୍ୟୁରୋ)

ଅଲ୍ ଇଣ୍ଡିଆ ରେଲୱେ ଫେଡେରେସନ ଆହ୍ୱାନ କ୍ରମେ ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ ୟୁନିୟନ ପକ୍ଷରୁ ସମ୍ବଲପୁର ଡିଆରଏମଙ୍କ ଅଫିସ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କେତେକ ଟ୍ରେନ୍‌କୁ ଘରୋଇ କରଣ କରାଯିବା ନିଷ୍ପତ୍ତିକୁ ପ୍ରତ୍ୟାହାର କରିବା, କର୍ମଚାରୀଙ୍କୁ ଶିକ୍ଷା ଭତ୍ତା ପ୍ରଦାନ କରିବା, ଓଭର ଟାଇମ୍ ଭତ୍ତା ପ୍ରଦାନ କରିବା, ରନିଂ କର୍ମଚାରୀଙ୍କ କାର୍ଯ୍ୟ ୯ ଘଣ୍ଟା ଭିତରେ ରଖିବା, ଟ୍ରାକ୍‌ମ୍ୟାନ, ବାଣିଜ୍ୟ ବିଭାଗ କର୍ମଚାରୀଙ୍କ ପଦୋନ୍ନତି, ଅପରେଟିଂ କଣ୍ଟ୍ରୋଲ ବିଭାଗରେ ରୋଷ୍ଟର ପ୍ରଦାନ କରିବାକୁ ଦାବି କରାଯାଇଛି। ଏସ.କେ. ଅଗ୍ରୱାଲ, ଏସ.କେ. ମିଶ୍ର, ଗୋକୁଳ ମେହେର, କେ.ସି. ସିହ୍ନା, ସୁନିଲ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ୟାଙ୍କ ଆଗରୁ ବାଇକ୍ ଚୋରି

ଜୁନାଗଡ,୪।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକରେ କାର୍ଯ୍ୟରତ କ୍ୟାସିଅର ମନୋରଞ୍ଜନ ମେହେରଙ୍କ ବାଇକ୍‌କୁ ଶୁକ୍ରବାର ଅପରାହ୍ନରେ ସ୍ଥାନୀୟ ତାଳବନ୍ଧପଡା ଷ୍ଟେଟ ବ୍ୟାଙ୍କ ସମ୍ମୁଖରୁ କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ଜଣାପଡିଛି। ଏ ନେଇ ମନୋରଞ୍ଜନ ଜୁନାଗଡ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ, ମନୋରଞ୍ଜନ ଶୁକ୍ରବାର ଅପରାହ୍ନ ୩ଟା.୩୫ରେ ଅଫିସ କାମରେ ନିଜ ବାଇକ (ନଂ. ଓଡି୦୮୭–୫୭୮୭)ରେ ଜୁନାଗଡ ସହର ତାଳବନ୍ଦପଡାସ୍ଥିତ ଷ୍ଟେଟବ୍ୟାଙ୍କକୁ ଯାଇଥିଲେ। କାମ ସାରି ସେ ବାହାରକୁ ଆସିବା ପରେ ନିଜ ବାଇକ ନ ଥିବା ଦେଖିବାକୁ ପାଇଥିଲେ। ସେଠାରେ ବହୁ ଖୋଜାଖୋଜି କରିବା ପରେ ମଧ ତାଙ୍କ ବାଇକ ନ ମିଳିବାରୁ ଏ ନେଇ ସେ ଜୁନାଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମନୋରଞ୍ଜନଙ୍କ ବାଇକ୍‌କୁ ଜଣେ ଦୁର୍ବୃତ୍ତ ନେଇ ଯାଉଥିବା ସେଠାକାର ବିଭିନ୍ନ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜରୁ ଜଣାପଡିଛି।

## ଦଳଦଳିପଡ଼ାରେ ନିଃଶୁଳ୍କ ଶିକ୍ଷାକେନ୍ଦ୍ର ଉଦ୍‌ଘାଟିତ
### ପୂର୍ବତନ ଉପନଗରପାଳଙ୍କ ଆର୍ଥିକ ସହଯୋଗ

ସମ୍ବଲପୁର,୪।୧୦(ବ୍ୟୁରୋ)

ଦଳଦଳିପଡାର ଗରିବ ପିଲାମାନଙ୍କୁ ମାଗଣାରେ ଟିଉସନ ପାଇଁ ଏକ କୋଠା ନିର୍ମିତ ହୋଇଛି। ଏଥିପାଇଁ ସମ୍ବଲପୁରର ପୂର୍ବତନ ଉପନଗରପାଳ ସିଦ୍ଧାର୍ଥ ସାହା ନିଜର ସାମାଜିକ ଦାୟିତ୍ୱ ତୁଲାଇବାକୁ ଯାଇ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ଶୁକ୍ରବାର ଏହି କୋଠାକୁ ସମ୍ବଲପୁର ଓ ଦେବଗଡ ଜିଲା ବିଜେଡି ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପ୍ରଧାନ ଯୋଗ ଉଦ୍‌ଘାଟନ କରଛନ୍ତି। ପୂର୍ବତନ ଜିଲା ବିଜେଡି ସଭାପତି ପ୍ରମୋଦ ରଥ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଦଳଦଳି ପଡାବାସୀ ଏଥିପାଇଁ ସାହାଙ୍କୁ ସାଧୁବାଦ ଜଣାଇଛନ୍ତି । ୨୦୧୪ରେ ସାହାଙ୍କ ସହଯୋଗରେ ରାଜେନ୍ଦ୍ର ଶତନାମୀ ଓ ଅନିତା ବାଗ ଦଳଦଳିପଡାରେ ଏହି କୋଚିଂ ସେଣ୍ଟର ଖୋଲିଛନ୍ତି। ଏଠାରେ ଉଭୟ ପଡାର ଗରିବ ପିଲାଙ୍କୁ ମାଗଣାରେ ସକାଳେ, ସନ୍ଧ୍ୟାରେ ଟିଉସନ କରୁଛନ୍ତି । ପ୍ରତିବର୍ଷ ପିଲାଙ୍କ ସଂଖ୍ୟା ବଢିବାରେ ଲାଗିଛି। ଏବେ ୪୫ ଜଣ ଛାତ୍ରୀଛାତ୍ର ଏଠି ପାଠ ପଢୁଛନ୍ତି ।





ଦଳଦଳିପଡାର ଗରିବ ପିଲାଙ୍କ ପାଠପଢା ପାଇଁ ନୂଆ କୋଠା ଉଦ୍‌ଘାଟନ ଅବସରରେ ଅତିଥିମାନେ ।

## ଗାଧୋଇବାକୁ ଯାଇ ନାବାଳକ ନିଖୋଜ

**କେସିଙ୍ଗା,୪।୧୦(ଡି.ଏନ.ଏ.)**- କଳାହାଣ୍ଡି ଜିଲା କେସିଙ୍ଗା ଥାନା ଅନ୍ତର୍ଗତ ବୋରିଆ ଗ୍ରାମପଞ୍ଚାୟତ ଗାଇଦର ଗ୍ରାମର କାର୍ତ୍ତିକ ମାଝି (୧୨) ନିକଟସ୍ଥ ଯୋରକୁ ଶୁକ୍ରବାର ଗାଧୋଇବାକୁ ଯାଇ ନିଖୋଜ ଥିବା ଜଣାପଡିଛି। କାର୍ତ୍ତିକ ଏକ ସାଇକେଲରେ ନିକଟସ୍ଥ ଯୋରକୁ ୧୨ଟାରେ ଗାଧୋଇବାକୁ ଯାଇଥିଲା। ପରିବାର ଲୋକେ କାର୍ତ୍ତିକ ଫେରିବା ବିଳମ୍ବ ହେବାରୁ ନିକଟସ୍ଥ ଯୋରକୁ ଯାଇ ଖୋଜାଖୋଜି କରିଥିଲେ। ସେଠାରେ କେବଳ ସେ ପିନ୍ଧିଥିବା ପେଣ୍ଟ, ସାର୍ଟ ଓ ସାଇକେଲ ରହିଥିଲା। ଖୋଜାଖୋଜି କରିବା ପରେ କୌଣସି ସନ୍ଧାନ ନ ମିଳିବାରୁ କାର୍ତ୍ତିକଙ୍କ ବାପା ରୁଦ୍ର ମାଝି କେସିଙ୍ଗା ପୋଲିସ ଓ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। କେସିଙ୍ଗା ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀମାନେ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ । କିନ୍ତୁ କାର୍ତ୍ତିକଙ୍କ କୌଣସି ସୁରାକ୍ ପାଇ ନ ଥିଲେ । ଶନିବାର ସକାଳୁ ପୁଣି ଖୋଜାଖୋଜି କରାଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି ।

## ମିଳୁନି ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି

ନବରଙ୍ଗପୁର,୪।୧୦(ବି.ପ୍ର.)

■ ଖାଉଟି ଅଦାଲତର ଦ୍ୱାରସ୍ଥ ହେଲେ ୫୫ ଚାଷୀ

■ କୃଷି ବିଭାଗ ସଚିବ, ବୀମା କମ୍ପାନୀ, କୃଷି ଉପନିର୍ଦ୍ଦେଶକ, ତହସିଲଦାରଙ୍କୁ ନୋଟିସ

ନବରଙ୍ଗପୁର ଜିଲାର ୧୦ଟି ବ୍ଲକର ଚାଷୀ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ୨୦୧୮ ଖରିଫ ଚାଷ ପାଇଁ ପ୍ରିମିୟମ୍ ଜମା କରିଥିଲେ। କିନ୍ତୁ ସେମାନେ ଏଯାଏ ବୀମା ଟଙ୍କା ପାଇନାହାନ୍ତି। ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ ଓ କୃଷି ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟକୁ ଦୌଡ଼ିଦୌଡ଼ି ନୟାନ୍ତ ହେବା ପରେ ଶେଷରେ ସେମାନେ ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଛନ୍ତି। ଜିଲାର ବିଭିନ୍ନ ଗାଁର ୫୫ ଜଣ ଚାଷୀ ବୀମାଟଙ୍କା ପାଇ ନ ଥିବା ନେଇ ଲିଖିତ ଅଭିଯୋଗ ଦେବା ପରେ ମାମଲା ରୁଜୁ ହୋଇଛି। ଏମ୍‌ଏସ୍ ଚୋଲା ଜେନେରାଲ ଇନ୍ସ୍ୟୁରାନ୍ସ, ନବରଙ୍ଗପୁର କୃଷି ଉପ ନିର୍ଦ୍ଦେଶକ, କୃଷି ବିଭାଗ ସଚିବ ଓ ସମ୍ପୃକ୍ତ ଅଞ୍ଚଳର ତହସିଲଦାରଙ୍କୁ ପକ୍ଷଭୁକ୍ତ କରି ନୋଟିସ କରିଛନ୍ତି ଖାଉଟି ଅଦାଲତ।

ସୂଚନା ଅନୁଯାୟୀ, ନବରଙ୍ଗପୁର ଜିଲାରେ ୨୦୧୮ ଖରିଫ ଋତୁରେ ଧାନ, ମକା, ଚିନାବାଦାମ ଓ ହରଡ ଚାଷ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା କରାଯାଇ ପାରିବ ବୋଲି ଓଡ଼ିଶା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରଚାରପତ୍ର ବାଣ୍ଟିଥିଲା। ଫସଲ ବୁଣିବାଠାରୁ ଅମଳ ପର୍ଯ୍ୟନ୍ତ ଯଦି ଏହା ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା କ୍ଷତିଗ୍ରସ୍ତ ହୁଏ ତେବେ କ୍ଷତିପୂରଣ ପାଇବେ ଚାଷୀ। ୪୮ ଘଣ୍ଟା ମଧ୍ୟରେ ସେହି ଅଞ୍ଚଳର କୃଷି ଅଧିକାରୀଙ୍କୁ ଚାଷୀ ଲିଖିତ ଓ ମୋବାଇଲରେ ଫଟୋ ଉଠାଇ ଜଣାଇବେ। କ୍ଷତି ଆକଳନ ପରେ କ୍ଷତିପୂରଣ ମିଳିବ। ଯେଉଁ ଚାଷୀମାନେ ନିଜସ୍ୱ ଟଙ୍କାରେ ଉପରୋକ୍ତ ଚାଷ କରିଛନ୍ତି, ସେମାନଙ୍କ ପାଇଁ ଫସଲ ବୀମା ଇଚ୍ଛାଧୀନ ଓ ସର୍ତ୍ତସାପେକ୍ଷ ଥିଲା। ସେମାନେ ନିକଟସ୍ଥ ବ୍ୟାଙ୍କ, ଜନସେବା କେନ୍ଦ୍ର, ପ୍ରାଥମିକ କୃଷିଋଣ ସମବାୟ ସମିତି ବା ଲ୍ୟାମ୍ପସ୍‌ରେ ନାମ ପଞ୍ଜୀକରଣ କରି ପ୍ରିମିୟମ ଦେୟ ଦାଖଲ କରିବେ। କିନ୍ତୁ ଯେଉଁ ଚାଷୀମାନେ ବ୍ୟାଙ୍କରୁ ଋଣ ଆଣି ଉପରୋକ୍ତ ଚାଷ କରୁଛନ୍ତି, ସେମାନଙ୍କୁ ବାଧ୍ୟତାମୂଳକ ଭାବେ ବୀମାଭୁକ୍ତ କରାଯିବ ବୋଲି ସରକାର ନିୟମ କଲେ। ଧାନଚାଷୀ ହେକ୍ଟର ପିଛା ୯୨୫ ଟଙ୍କା ଲେଖାଏ ପ୍ରିମିୟମ ଜମା କରିଛନ୍ତି। ବର୍ଷା ଅଭାବ ଯୋଗୁ ସରକାର ନବରଙ୍ଗପୁର ଜିଲାରେ ମରୁଡି ଘୋଷଣା କଲେ। ୭୫୪ ରାଜସ୍ୱ ଗାଁରେ କୃଷି ଓ ରାଜସ୍ୱ ବିଭାଗର ମିଳିତ ଅନୁଧ୍ୟାନ କରି ସରକାରଙ୍କୁ ରିପୋର୍ଟ ଦେଲେ। କେତେକ ଚାଷୀଙ୍କ ଆକାଉଣ୍ଟକୁ ବିଳମ୍ବରେ ବୀମା ଟଙ୍କା ସିଧାସଳଖ ଆସିଥିବା ବେଳେ ଅନେକ ଏଯାଏ ଏହା ପାଇ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ୫୫ଜଣ ଚାଷୀ ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଏମ୍‌ଏସ୍ ଚୋଲା ଜେନେରାଲ ଇନସ୍ୟୁରାନ୍ସ, କୃଷି ବିଭାଗ ସଚିବ, ନବରଙ୍ଗପୁର କୃଷି ଉପନିର୍ଦ୍ଦେଶକ, ତହସିଲଦାରଙ୍କୁ ପକ୍ଷଭୁକ୍ତ କରି ନୋଟିସ ଜାରି କରିଛନ୍ତି ଅଦାଲତ। ଫସଲ ବୀମା ସମ୍ପର୍କରେ ଜାଣିବା ପାଇଁ ଇନସ୍ୟୁରାନ୍ସର ଟୋଲ୍ ଫ୍ରି ନମ୍ବର ୧୮୦୦୨୦୦୫୫୪୪, ୧୮୦୦୨୦୮୫୫୪୪ ଓ ହେଲ୍‌ପ ଡେସ୍କ ନମ୍ବର ୧୮୦୦୨୦୦୫୮୦୦ରେ ଯୋଗାଯୋଗ କରିଥିଲେ ମଧ କିଛି ସୂଚନା ମିଳିପାରି ନ ଥିଲା।

## ଅଭିଯୋଗ ଶୁଣିବେ ସାଧାରଣ ପର୍ଯ୍ୟବେକ୍ଷକ



ଅବିନାଶ ଲାଭାନିଆ ।

ବରଗଡ଼ ଅଫିସ୍,୪।୧୦

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ପାଇଁ ମଧ୍ୟପ୍ରଦେଶ କ୍ୟାଡ଼ରର ଆଇଏଏସ ଅଧିକାରୀ ଅବିନାଶ ଲାଭାନିଆ ସାଧାରଣ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି। ଉପନିର୍ବାଚନ ସମ୍ପର୍କିତ କୌଣସି କୌଣସି ଅଭିଯୋଗ କରିବାକୁ ଚାହିଁଲେ ପ୍ରାର୍ଥୀ କିମ୍ବା ଜନସାଧାରଣ ତାଙ୍କୁ ମୋବାଇଲ ନମ୍ବର–୭୦୭୭୪୫୮୮୩୧ରେ ଯୋଗାଯୋଗ କରିପାରିବେ ବୋଲି ସେ ଜଣାଇଛନ୍ତି । ସେହିପରି ବରଗଡ଼ ସର୍କିଟ୍ ହାଉସ୍‌ରେ ସାଧାରଣ ପର୍ଯ୍ୟବେକ୍ଷକ ଲାଭାନିଆ ଅବସ୍ଥାନ କରୁଥିବାବେଳେ ସେଠାରେ ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ଭେଟି ଅନୁରୂପ ଅଭିଯୋଗ କରି ପାରିବେ ବୋଲି ସେ ସୂଚନା ଦେଇଛନ୍ତି ।

## ଅନୁଗୋଳ ଏନ୍‌କ୍ଲେଭର ଶୁଭାରମ୍ଭ





ଅନୁଗୋଳ ଏନ୍‌କ୍ଲେଭ୍ ସମ୍ପର୍କିତ ସୂଚନା ପୁସ୍ତିକାକୁ ଉନ୍ମୋଚନ କରାଯାଉଛି।

ଭୁବନେଶ୍ୱର,୪।୧୦(ବ୍ୟୁରୋ)

ରାଜ୍ୟ ଗୃହ ନିର୍ମାଣ ସଂସ୍ଥାର ମୁଖ୍ୟ କାର୍ଯ୍ୟାଳୟରେ 'ଅନୁଗୋଳ ଏନ୍‌କ୍ଲେଭ' ନାମରେ ନିର୍ମିତ ହେବାକୁ ଥିବା ବହୁତଳବିଶିଷ୍ଟ ପ୍ରାସାଦ ଯୋଜନାର ଶୁଭାରମ୍ଭ ହୋଇଛି। ଏହି ବାସଗୃହଗୁଡିକ ବିକ୍ରି ସମ୍ପର୍କିତ ପୁସ୍ତିକା(ବୋଚର) ମଧ ଉନ୍ମୋଚିତ କରାଯାଇଛି। ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଗୁରୁବାର ଏହାର ଶୁଭାରମ୍ଭ କରିଥିଲେ। କିଛିଦିନ ତଳେ ନିର୍ମାଣ ସଂସ୍ଥାର ଦାୟିତ୍ୱ ନେଇଥିବା ପ୍ରିୟଦର୍ଶୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହା କାର୍ଯ୍ୟକାରୀ ହେଉଛି। ଏଥିପାଇଁ ପ୍ରିୟଦର୍ଶୀଙ୍କୁ ନଗର ଉନ୍ନୟନ ମନ୍ତ୍ରୀ ଜେନା ପ୍ରଶଂସା କରିଥିଲେ। ସେହିପରି ନିର୍ମାଣ ସଂସ୍ଥା ପକ୍ଷରୁ ଆଗକୁ ହେବାକୁ ଥିବା କାର୍ଯ୍ୟରେ ସହଯୋଗ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ନଗର ଉନ୍ନୟନ ସଚିବ ଜି.ମାଥିଭାଥନନ୍ କହିଥିଲେ ଯେ, ରେରା ଆକ୍ଟ ଅନୁଯାୟୀ ସଂସ୍ଥା ଗୃହ ନିର୍ମାଣ କରି କ୍ରେତାଙ୍କୁ ଉଚିତ ସମୟରେ ଘର ପ୍ରଦାନ କରିବ। ଏଥିପାଇଁ ସମସ୍ତ କର୍ମଚାରୀ କ୍ରିୟାଶୀଳ ହେବା ଆବଶ୍ୟକ ବୋଲି ସଚିବ କହିଥିଲେ। ସେହିପରି ସଂସ୍ଥାର ଅଧକ୍ଷ ପ୍ରିୟଦର୍ଶୀ କହିଥିଲେ ଯେ, ଅନୁଗୋଳ କନକ୍ଲେଭରେ ୬୧୩ଟି ଗୃହ ୨ଟି ପର୍ଯ୍ୟାୟରେ ନିର୍ମାଣ କରାଯିବ। ପ୍ରଥମ ପର୍ଯ୍ୟାୟରେ ହେବାକୁ ଥିବା ୩୩୧ଟି ଗୃହ ନିର୍ମିତ ସୂଚନା ପୁସ୍ତିକା ଚଳିତ ଅକ୍ଟୋବର ୪ରୁ ଆସନ୍ତା ୩୦ ନଭେମ୍ବର ପର୍ଯ୍ୟନ୍ତ ରାଜଧାନୀରେଥିବା ମୁଖ୍ୟାଳୟ, ଅନୁଗୋଳ, କଟକ, ରାଉରକେଲା ଓ ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟରେ ବିକ୍ରୟ କରାଯିବ। ଆସନ୍ତା ୨୦୨୦ ଜାନୁୟାରୀ ସୁଦ୍ଧା ଭୁବନେଶ୍ୱର ଓ ବ୍ରହ୍ମପୁରସହରରେ ଅନ୍ୟ ଗୋଟିଏ ଲେଖାଏ ମେଗା ସ୍କିମ ପ୍ରଚଳନ ନେଇ ପ୍ରିୟଦର୍ଶୀ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ସଂସ୍ଥାର ସଚିବ ଗଙ୍ଗାଧର ପାତ୍ର ସ୍ୱାଗତ ଭାଷଣ ଏବଂ ମୁଖ୍ୟଯନ୍ତ୍ରୀ ମଦନ ମୋହନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହିଥିଲେ।



ସମୟ, ସାମର୍ଥ୍ୟ ଥିବା ସତ୍ତ୍ୱେ ଯେଉଁମାନେ କାମ କରନ୍ତି ନାହିଁ,
ସେମାନଙ୍କୁ ସାହାଯ୍ୟ କରିବାକୁ ପ୍ରଶ୍ରୟ ଦେବା ଉଚିତ୍ ନୁହେଁ।
- ନେତାଜୀ ସୁଭାଷ ଚନ୍ଦ୍ର ବୋଷ



## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ୨ ଟ୍ରାକ୍ଟର ଆରୋହୀଙ୍କ ମୃତ୍ୟୁ

**ରେଙ୍ଗାଲି, ୪।୧୦ (ଡି.ଏନ.ଏ.)**- ସମ୍ବଲପୁର-ରାଉରକେଲା ବିଜୁ ଏକ୍ସପ୍ରେସ ୱେ ତଥା ଶାସନ ଥାନା ଅନ୍ତର୍ଗତ ଶାସନ ବାଇପାସରେ ରାସ୍ତା ଅତିକ୍ରମ କରୁଥିବା ଏକ ଟ୍ରାକ୍ଟରକୁ ଶୁକ୍ରବାର ଭୋର ୫ଟାରେ ଗୋଟିଏ ଟ୍ରକ୍ ଧକ୍କା ଦେଇଛି। ଫଳରେ ୨ ଜଣ ଟ୍ରାକ୍ଟର ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଦ୍ୱୟ ହେଲେ କରମଟୁଲି ଗ୍ରାମର ବିକାଶ ମୁଣ୍ଡା (୨୨) ଏବଂ ସିଙ୍ଗିପାଲି ଗ୍ରାମର କର୍ଣ୍ଣ ଓରାମ (୨୬)। ଏହି ଦୁଇ ଜଣଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଆମ୍ବୁଲାନ୍ସ ଯୋଗେ ବୁର୍ଲା ଭିମ୍ସାର ନିଆଯାଇଥିଲେ । ସେଠାରେ ଚିକିତ୍ସିତ ଅବସ୍ଥାରେ ସେମାନଙ୍କ ମୃତ୍ୟୁ ଘଟିଥିଲା । ଶାସନ ପୋଲିସ ଏକ ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ କରୁଛି।

### ଦୋକାନୀଙ୍କୁ ମାଡ଼ ମାରି ୩ ଗିରଫ

**ସମ୍ବଲପୁର,୪।୧୦ (ବ୍ୟୁରୋ)**- ସମ୍ବଲପୁର ସହରର ଅଇଁଠାପାଲି ଛକରେ ଥିବା ଏକ ଚଷମା ଦେକାନୀର ମାଲିକ ମହମ୍ମଦ ଇକବାଲଙ୍କୁ ମାଡପିଟ ଘଟଣାରେ ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ କରମଟୁଲିର ପ୍ରଦୀପ ମୁଣ୍ଡା (୨୨), ଦୀପଚାନ୍ଦ ଖଡିଆ (୨୭) ଓ କୃପାସିନ୍ଧୁ ରନବିଡା (୨୨)।

କୁଦୋପାଲି ଫୁଟବଲ ଟୁର୍ନାମେଣ୍ଟ

### ବାରଡୁଙ୍ଗୁରିକୁ ହରାଇଲା ଧୁରୁରାପଡ଼ା

**ସମ୍ବଲପୁର,୪।୧୦ (ବ୍ୟୁରୋ)**- ମାନେଶ୍ୱର ବ୍ଲକ ପରମାଣପୁର କୁଦୋପାଲିରେ ମାଁ ବୀଣାପାଣି କ୍ଲବ୍ ପକ୍ଷରୁ ଆୟୋଜିତ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ବାରଡୁଙ୍ଗୁରି ଦଳକୁ ୨-୦ ଗୋଲରେ ହରାଇ ଧୁରୁରାପଡା ଚାମ୍ପିୟନ ହୋଇଛି । କ୍ଲବ ସଭାପତି କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ସମ୍ବଲପୁର ଓ ଦେବଗଡ ଜିଲା ବିଜେଡି ପର୍ଯ୍ୟବେକ୍ଷକ ନଳିନୀକାନ୍ତ ପ୍ରଧାନ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ରମେଶ ପଟୁଆ, ଡାକ୍ତର ଶ୍ୟାମସୁନ୍ଦର ଧର, ନେହେରୁ ଯୁବ କେନ୍ଦ୍ର ଜିଲା ସଂଯୋଜକ ମାରିଆନୁସ ବିଲୁଙ୍ଗ ଉପସ୍ଥିତ ଥିଲେ। ଜୟଲାଲ ମୁଣ୍ଡାଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚରେ ସମ୍ମାନିତ କରାଯାଇଥିଲା। ନରେନ୍ଦ୍ର କାଲୋ ଧନ୍ୟବାଦ ଅର୍ପଣ କରିଥିଲେ । କିଶୋର ପଣ୍ଡା, ଅନାଦି ମିର୍ଦ୍ଧା, ରମେଶ ମିର୍ଦ୍ଧା, କୃଷ୍ଣ ତ୍ରିପାଠୀ ଖେଳ ପରିଚାଳନା କରିଥିଲେ।

ରେଢ଼ାଖୋଲରେ ଆରଟିଓ କ୍ୟାମ୍ପ ଅଫିସ ଅବଧି ବୃଦ୍ଧି ହେଉ

# ଉପଜିଲାପାଳଙ୍କୁ ଲୋକେ ଦାବି ଜଣାଇଲେ

**ରେଢ଼ାଖୋଲ,୪।୧୦ (ଡି.ଏନ.ଏ.)**

ରେଢାଖୋଲ ତହସିଲ କାର୍ଯ୍ୟାଳୟରେ ଗତ ୧ ତାରିଖଠାରୁ ୪ତାରିଖ ପର୍ଯ୍ୟନ୍ତ ଆରଟିଓଙ୍କ କ୍ୟାମ୍ପ ଅଫିସ ଖୋଲା ଯାଇଥିଲା। ଗାଡିଚାଳକମାନଙ୍କୁ ଲର୍ଣ୍ଣ ଲାଇସନ୍ସ ଯୋଗାଇ ଦିଆଯାଉଥିଲା। ହେଲେ ଏହାର ଅବଧି ବୃଦ୍ଧି ପାଇଁ ଉପଖଣ୍ଡର ଉଭୟ ରେଢାଖୋଲ ଓ ନାକ୍ଟିଦେଉଳ ଜନସାଧାରଣ ଦାବି କରିଛନ୍ତି। ଏ ନେଇ ଉପଜିଲାପାଳ ବିଶିକେସନ ଦେହୁରୀଙ୍କୁ ଶୁକ୍ରବାର ଏକ ପ୍ରତିନିଧି ଦଳ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

କେନ୍ଦ୍ର ସରକାର ସଂଶୋଧିତ ମୋଟରଯାନ ଆଇନ-୨୦୧୯କୁ ସେପ୍ଟେମ୍ବର ୧ ତାରିଖଠାରୁ ଲାଗୁ କରିଛନ୍ତି। ଆଇନ ଖିଲାପକାରୀଙ୍କ ପାଇଁ ମୋଟା ଅଙ୍କର ଫାଇନ ଆଦାୟ କରିବାକୁ ନିର୍ଦ୍ଦେଶ ମଧ୍ୟ ରହିଛି। ହେଲେ ଚାଳକଙ୍କୁ ଆବଶ୍ୟକ କାଗଜପତ୍ର ଯୋଗାଇ ଦେବାପାଇଁ କୌଣସି ବ୍ୟବସ୍ଥା ନ କରି ଏଭଳି ଦଣ୍ଡ ବ୍ୟବସ୍ଥା କରିବା ଯୋଗୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଆବଶ୍ୟକ କାଗଜପତ୍ର ଯୋଗାଡ କରିବାକୁ ଏହି ଆଇନକୁ ୩ ମାସ ପାଇଁ କୋହଳ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଫଳରେ ଜନସାଧାରଣ ଆବଶ୍ୟକ କାଗଜପତ୍ର ପାଇଁ ଏ ଅଫିସରୁ ସେ ଅଫିସକୁ ଦୌଡିବାକୁ ଲାଗିଛନ୍ତି। ତେବେ ରେଢାଖୋଲରୁ ସମ୍ବଲପୁର ୭୦ କିମି। ନାକ୍ଟିଦେଉଳ ବ୍ଲକର ସାଲେଭଟା ଓ ଯାମଜୁରୀ ଆଦି ପଞ୍ଚାୟତର ଗାଁ ଗୁଡିକରୁ ସମ୍ବଲପୁର ସହର ପ୍ରାୟ ୧୩୦ରୁ ୧୫୦ କି.ମି. ଦୂର। ଏଥିଯୋଗୁ ଜନସାଧାରଣ ଓ ରେଢାଖୋଲ ଓକିଲ ସଂଘ ପକ୍ଷରୁ ରେଢାଖୋଲରେ ଆରଟିଓଙ୍କ ଏକ କ୍ୟାମ୍ପ ଅଫିସ ଖୋଲାଯିବାକୁ ଦାବି କରାଯାଇଥିଲା। ସରକାର ମଧ୍ୟ ପ୍ରତି ଉପଖଣ୍ଡରେ ଆରଟିଓଙ୍କ କ୍ୟାମ୍ପ ଅଫିସ ଖୋଲିବାକୁ ନିର୍ଦ୍ଦେଶ ଦେଲେ। ଫଳରେ ଗତ ୨୩ ତାରିଖ ଆରଟିଓଙ୍କ କାର୍ଯ୍ୟାଳୟ ପକ୍ଷରୁ (ପତ୍ର ସଂଖ୍ୟା ୬୮୩୮) ରେଢାଖୋଲ ତହସିଲ କାର୍ଯ୍ୟାଳୟରେ ଅକ୍ଟୋବର ୧ଠାରୁ ୪ ତାରିଖ ପର୍ଯ୍ୟନ୍ତ କ୍ୟାମ୍ପ ଅଫିସ ଖୋଲାଯିବାକୁ ନିଷ୍ପତ୍ତି ନେଇ ସ୍ଥାନୀୟ ଉପଜିଲାପାଳ ଦେହୁରୀଙ୍କୁ ମଧ୍ୟ ଜଣାଇ ଦିଆଗଲା। ୪ ଦିନ ପାଇଁ ଖୋଲାଯାଇଥିବା ଏହି କ୍ୟାମ୍ପ ଅଫିସକୁ ଉପଖଣ୍ଡର ଶହ ଶହ ଜନସାଧାରଣ ଲର୍ଣ୍ଣ ଲାଇସନ୍ସ ପାଇଁ ଦୌଡିଥିଲେ। ଲୋକେ ଅନଲାଇନରେ ଅବେଦନ କରି ପଞ୍ଜିକରଣ କଲେ। ଆବଶ୍ୟ ଦେୟ ମଧ୍ୟ ଦାଖଲ କଲେ। ହେଲେ ସମସ୍ତ ଆବେଦନକାରୀଙ୍କୁ ଏ ପର୍ଯ୍ୟନ୍ତ ଲର୍ଣ୍ଣ ଲାଇସନ୍ସ ମିଳିପାରିନାହିଁ। ୪ ଦିନ ମଧ୍ୟରେ ଆବେଦନ କରିଥିବା ଆବେଦନକାରୀଙ୍କ ମଧ୍ୟରୁ କେବଳ ୩୫୦ଜଣଙ୍କୁ ଲାଇସନ୍ସ ପ୍ରଦାନ କରାଯାଇଛି। ପ୍ରତିଦିନ ଆରଟିଓ କର୍ମଚାରୀ ଆବଶ୍ୟକ ସ୍ଲଟ ଯୋଗାଇ ଦିଆଯାଉନାହିଁ କହି ଆବେଦନକାରୀଙ୍କୁ ଲାଇସନ୍ସ ଦେବାକୁ ମନା କରିଥିଲେ। ତେଣୁ କ୍ୟାମ୍ପ ଅଫିସର ସମୟ ସୀମାକୁ ବୃଦ୍ଧିକରାଯାଇ ସମସ୍ତ ଆବେଦନକାରୀଙ୍କୁ ଲାଇସନ୍ସ ଯୋଗାଇ ଦେବାକୁ ଦାବି କରାଯାଇଛି। ଉପଖଣ୍ଡର ପ୍ରମୋଦ କୁମାର ମାଝି, ଭଗବାନ ନାୟକ, ଚିରଞ୍ଜନ ଦେହୁରୀ, ଅଞ୍ଜନ ପ୍ରଧାନ, ଶଶିଭୂଷଣ ପ୍ରଧାନ, ବୈକୁଣ୍ଠ ଦେହୁରୀ, ସୁଧୀର କୁମାର ସାହୁ, ସୁନୀଲ କୁମାର ହାଁସଦା, ବିକାଶ ପ୍ରଧାନଙ୍କ ସମେତ ଶତାଧିକ ଜନସାଧାରନଙ୍କ ସ୍ୱାକ୍ଷର ସମ୍ବଳିତ ଦାବିପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି।




ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଶୁକ୍ରବାର ଅଭିଷେକ ସୁନାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି ।

ଡା. ସନାତନ ବେହେରା ସ୍ମାରକୀ ଫୁଟବଲ

## ଆମାଜିଂ ଏକାଦଶ, ପେନସନପଡ଼ା ଏମ୍‌ସିସି ବିଜୟୀ

**ସମ୍ବଲପୁର, ୪।୧୦ (ବ୍ୟୁରୋ)**

ଡା. ସନାତନ ବେହେରା ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ମ୍ୟାଚରେ ଆମାଜିଂ ଏକାଦଶ ଓ ପେନସନପଡା ଏମ୍‌ସିସି ବିଜୟୀ । ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ପ୍ରଥମ ମ୍ୟାଚ ଆମାଜିଂ ଏକାଦଶ ବନାମ ହୀରାକୁଦ କ୍ରୀଡା ସଂଘ ମଧ୍ୟରେ ହୋଇଥିଲା । ଆମାଜିଂ ଏକାଦଶ ୨-୦ ଗୋଲରେ ବିଜୟୀ ହୋଇଥିଲା । ଦ୍ୱିତୀୟ ମ୍ୟାଚ ପେନସନପଡା ଏମସିସି ବନାମ ରେଢ଼ାଖୋଲ କ୍ରୀଡା ସଂଘ ମଧ୍ୟରେ ସଂଘର୍ଷପୂର୍ଣ୍ଣ ହୋଇଥିଲା । କିନ୍ତୁ ପେନସନପଡା ୨-୧ ଗୋଲରେ ବିଜୟୀ ହୋଇଥିଲା । ରେଫରି ମନୋଜ ଭୋଇ, ମଥୁରା ଓରାମ, ଲୋଲୋ ଓରାମ, କର୍ଣ୍ଣ ବେହେରା ମ୍ୟାଚ ପରିଚାଳନା କରିଥିଲେ । ଜିଲା କ୍ରୀଡା ସଂଘ ଆଜୀବନ ସଭ୍ୟ ବିଶ୍ୱମ୍ଭର ବହିଦାର, ଇଦ୍ରିଶ ମଲ୍ଲିକ, ଅମୂଲ୍ୟ ମିଶ୍ର, ଆଥେଲେଟିକ୍ ସମ୍ପାଦକ ସୁନ୍ଦରମଣୀ ବାରିକ, ଶେର ଅଲ୍ଲିଖାନ୍ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ଆମାଜିଂ ଏକାଦଶର ଅଭିଷେକ ସୁନାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା ।



ବାମରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତର କେତେକ ଚାଷୀଙ୍କୁ ଇନପୁଟ୍ ସବସିଡି ଦାବିରେ ଶୁକ୍ରବାର ତହସିଲଦାରଙ୍କ ପ୍ରକୋଷ୍ଠ ଆଗରେ ବସିଛନ୍ତି।

## ଆମକୁ ଇନ୍‌ପୁଟ୍ ସବ୍‌ସିଡି ଦିଅ

**ବାମରା, ୪।୧୦ (ଡି.ଏନ.ଏ)**

ବାମରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତର କେତେକ ଚାଷୀଙ୍କୁ ଇନପୁଟ୍ ସବସିଡି ପ୍ରଦାନରେ ବିଳମ୍ବ ହେଉଛି। ଏଥିରେ ଅସନ୍ତୋଷ ପ୍ରକାଶ କରି ଶୁକ୍ରବାର ମଧ୍ୟାହ୍ନ ୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ କେତେକ ଚଷୀ ତହସିଲଦାରଙ୍କ ପ୍ରକୋଷ୍ଠ ଆଗରେ ବସି ରହିଥିଲେ। ତୁରନ୍ତ ସବ୍‌ସିଡି ଟଙ୍କା ଦେବାକୁ ସେମାନେ ଅଡି ବସିଥିଲେ। ହେଲେ ହିତାଧିକାରୀଙ୍କ ଖାତାରେ ଟଙ୍କା ଜମା କରିବାର ସବୁ ପ୍ରକ୍ରିୟା ଶେଷ ହୋଇଛି । ବ୍ୟାଙ୍କରୁ ବିଳମ୍ବ କରାଯାଉଛି। ଶନିବାର ସମସ୍ତଙ୍କ ଖାତାରେ ଟଙ୍କା ଜମା କରିବା ପାଇଁ ପ୍ରତିଶ୍ରୁତି ଦେବାରୁ ଚାଷୀମାନେ ଫେରିଥିଲେ। ଗୋବିନ୍ଦପୁର ପୂର୍ବତନ ସରପଞ୍ଚ ସୁଶାନ୍ତ ମାଝୀ, କୁମାର ଚନ୍ଦ୍ର ପଟେଲ, ନାଏବ ସରପଞ୍ଚ ବିମଳ ଲାର୍କା, ସଚ୍ଚିଦାନନ୍ଦ ସାହୁ, ନେତ୍ରମଣି ଛତ୍ରିଆ, ଲକ୍ଷ୍ମଣ ଟପ୍ପୋ, ହରିହର ଟପ୍ପୋ, ମନୋଜ କୁମାର ଦାସ, ଲଳିତ ମହାପାତ୍ର ଓ ମହେନ୍ଦ୍ର ନାଏକ ପ୍ରମୁଖ ଥିଲେ। ତହସିଲଦାରଙ୍କ ପ୍ରକୋଷ୍ଠ ଆଗରେ ବସି ରହିଥିଲେ। ସୂଚନାଯୋଗ୍ୟ, ୨୦୧୮-୧୯ ଖରିଫ ଋତୁରେ ବାମରା ଅଞ୍ଚଳରେ ମରୁଡି ପରିସ୍ଥିତି ହୋଇଥିଲା। ଇନପୁଟ ସବସିଡି ଓ ଫସଲ ବୀମା ପ୍ରଦାନ ଦାବିରେ ଗତ ୧୧ ତାରିଖ ବାମରା, କୁଚିଣ୍ଡା ଓ ଜମନକିରା ବ୍ଲକରେ ଚାଷୀମାନେ ରାସ୍ତା ରୋକ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପ୍ରଶାସନ ପକ୍ଷରୁ ସମସ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ଇନପୁଟ ସବସିଡି ପ୍ରଦାନ ପାଇଁ ସମସ୍ତ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ହେଲେ ଏ ପର୍ଯ୍ୟନ୍ତ ଗୋବିନ୍ଦପୁର ପଞ୍ଚାୟତର କେତେକ ଚାଷୀ ସବସିଡି ପାଇବାରୁ ବଞ୍ଚିତ ହୋଇଛନ୍ତି।

### ପୋଲିସ ବିରୋଧରେ ଏସ୍‌ପିଙ୍କୁ ଅଭିଯୋଗ

**ସମ୍ବଲପୁର, ୪।୧୦ (ବ୍ୟୁରୋ)**

ଯୁଯୁମୁରା ଥାନା ଅଡାପଡାର ମହାଦେବ କଲେତ(୪୨)ଙ୍କ ସ୍ତ୍ରୀ ସୌଦାମିନୀ କଲେତ ଶୁକ୍ରବାର ଏସ୍‌ପି କନୱର ବିଶାଲ ସିଂଙ୍କୁ ଭେଟିଛନ୍ତି। ଅଗଷ୍ଟ ୨୬ ତାରିଖରେ ତାଙ୍କ ସ୍ୱାମୀଙ୍କ ମୃତଦେହ ଗାଁ ପାଖ ବିଲରୁ ଉଦ୍ଧାର କରାଯାଇଥିଲା। ଏହି ଘଟଣାରେ ଯୁଯୁମୁରା ପୋଲିସ କେବଳ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଚୁପ୍ ବସିଛି। ବେକରେ ଦାଗ ରହିଥିବାରୁ ପରିବାର ବର୍ଗ ସନ୍ଦେହ କରି ହତ୍ୟା ଅଭିଯୋଗ ଆଣିଥିଲେ। ହେଲେ ପୋଲିସ ତଦନ୍ତରେ ଅବହେଳା କରୁଛି। ଏହାକୁ ଗୁରୁତ୍ୱ ଦେଉନି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଯାହା ସ୍ପଷ୍ଟ ହେବ ବୋଲି କହି ପୋଲିସ ବୁଝାଇ ଦେଉଥିବା ସୌଦାମିନୀ ଏସ୍‌ପିଙ୍କୁ ଅଭିଯୋଗ କରିଛନ୍ତି।

### ବାଇକ୍‌ରୁ ପଡ଼ି ଯୁବକଙ୍କ ମୃତ୍ୟୁ

**ବଡଗାଁ, ୪।୧୦ (ଡି.ଏନ.ଏ)**

ବଡଗାଁ ଥାନା ଏକମା ନିକଟ ବାଦୁଲପାନୀରୁ ବିରିମୁଣ୍ଡା ଗାଁ ମଝିରେ ଥିବା ଘାଟି ତଳକୁ ବାଇକ ଖସି ଯିବାରୁ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୁତ୍ରା ଥାନା କଟଙ୍ଗଝରିଆ ଗ୍ରାମର ସୀତାରାମ ସିଂ (୨୩)। ଗୁରୁବାର ସେ ବାଦୁଲପାନୀ ଗ୍ରାମରେ ଥିବା ସମ୍ପର୍କିୟଙ୍କ ଘରକୁ ଆସିଥିଲେ । ସନ୍ଧ୍ୟାରେ ଘରକୁ ଫେରିବା ବେଳେ ନିୟନ୍ତ୍ରଣ ହରାଇ ଘାଟି ତଳକୁ ଖସିପଡିଥିଲେ। ଆହତ ଅବସ୍ଥାରେ ରାତିସାରା ପଡି ରହିଥିଲେ ।

## ଘଣ୍ଟେଶ୍ୱରୀରେ ଏମ୍‌ସିଏଲ୍‌ର ସଫେଇ

**ସମ୍ବଲପୁର, ୪।୧୦ (ବ୍ୟୁରୋ)**

ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ପକ୍ଷରୁ ଘଣ୍ଟେଶ୍ୱରୀ ପୀଠରେ ଶୁକ୍ରବାର ସଫେଇ କରାଯାଇଛି। ସିଏସଆର ମହାପ୍ରବନ୍ଧକ ବି ସାଇରାମଙ୍କ ନେତୃତ୍ୱରେ ଏମସିଏଲ କର୍ମଚାରୀ, ସ୍ଥାନୀୟ ଜନସାଧାରଣ ଓ ସ୍କୁଲ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଏମସିଏଲ କାର୍ମିକ ନିର୍ଦ୍ଦେଶକଙ୍କ ବୈଷୟିକ ସଚିବ ଜେ ଯାବେଦ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମନ୍ଦିର ପରିସର ସ୍ୱଚ୍ଛ ରଖିବାକୁ ପର୍ଯ୍ୟଟକଙ୍କୁ ସଚେତନ କରାଯାଇଛି।



ଏମ୍‌ସିଏଲ୍ ପକ୍ଷରୁ ଚିପିଲିମାରେ ଶୁକ୍ରବାର ସଫେଇ କରାଯାଉଛି ।

ବ୍ଲକସ୍ତରୀୟ ପ୍ରତିଭା ଚୟନ ପ୍ରତିଯୋଗିତା

## ୭ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ପୁରସ୍କୃତ

**ଜମନକିରା,୪।୧୦(ଡି.ଏନ୍.ଏ.)**

ଜମନକିରା ବ୍ଲକ୍ ଆଦିବାସୀ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଭୋଜପୁର ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ପ୍ରତିଭା ବିକାଶ ଅଭିଯାନ ପକ୍ଷରୁ ୧୬ତମ ପ୍ରତିଭା ଚୟନ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପ୍ରତିଯୋଗିତାରେ ୭ଶହରୁ ଅଧିକ ପ୍ରତିଯୋଗୀ ଭାଗ ନେଇ ପୁରସ୍କୃତ ହୋଇଛନ୍ତି। ଭୋଜପୁର ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁଳମଣୀ ମଲ୍ଲିକ ଏଥିରେ ଅଧ୍ୟକ୍ଷତା କରିଥିଲେ। ସଭାରେ କୁଚିଣ୍ଡା ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଅମୀୟ ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କ୍ଷେଟବ୍ୟାଙ୍କ ଅବସରପ୍ରାପ୍ତ ପ୍ରବନ୍ଧକ ସୁବଳ ରାଉତରାୟ, ଜମନକିରା ବ୍ଲକ ଶିକ୍ଷକ ସଂଘର ସଭାପତି ଭୁବନେଶ୍ୱର ଦ୍ୱିବେଦୀ, ଡାକ୍ତର ହୃଦାନନ୍ଦ ନାଏକ, ଭୋଜପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରତାପ ମହାକୁଳ, ଅଧ୍ୟାପକ ପ୍ରଶାନ୍ତ ପଟେଲ, ଅଧ୍ୟାପକ ପ୍ରଦୀପ ପଣ୍ଡା, ଅବସର ଶିକ୍ଷକ ସନ୍ତୋଷ ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କୁଟୁରାଚୁଆଁ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁବାଷ ନାଏକ ସ୍ୱାଗତ ବକ୍ତବ୍ୟ ଓ ଶଗଡେଶ୍ୱର ମହୋତ୍ସବର ସଂଯୋଜକ ମଳୟ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । କ୍ରୀଡା ଅଧ୍ୟାପକ ଦେବେନ୍ଦ୍ର ନାଏକ ବିବରଣୀ ପାଠ କରିଥିଲେ। ଆବାହକ ପ୍ରଭାତ ବେହେରା ୧୬ବର୍ଷ ଧରି ସଦସ୍ୟ ଓ ଶିକ୍ଷାଅନୁରାଗୀଙ୍କ ସହଯୋଗରେ ଚାଲିଥିବା ଏହି ଅଭିଯାନର ସଫଳତା ଓ ଉଦ୍ଦେଶ୍ୟ ସଂକ୍ରାନ୍ତରେ ବକ୍ତବ୍ୟ ଦେଇଥିଲେ। ସଭାକୁ ପ୍ରଧାନ ଶିକ୍ଷକ ଲକ୍ଷପତି ନନ୍ଦ ପରିଚାଳନା କରିଥିଲେ। ଭୋଜପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରତାପ ମହାକୁଳ ଧନ୍ୟବାଦ ଅର୍ପଣ କରିଥିଲେ। ଜମନକିରା ପ୍ରାଥମିକ ସ୍କୁଲର ଶିକ୍ଷକ ଆନନ୍ଦ ଚନ୍ଦ୍ର ସାହୁଙ୍କୁ ମାନପତ୍ର ଓ ଉପଢୌକନ ଦେଇ ପ୍ରତିଭା ଶିକ୍ଷକ ସମ୍ମାନ ପ୍ରଦାନ କରାଯାଇଥିଲା। ସ୍ୱର୍ଗତ ଶୁଭମ ଗଡତିଆ ସ୍ମୃତି ପୁରସ୍କାର, ଭାଗଚାନ୍ଦ୍ର ଅଗ୍ରୱାଲା ସ୍ମୃତି ପୁରସ୍କାର, ସୁବୋଧ ଶର୍ମା ସ୍ମୃତି ପୁରସ୍କାର, ଭବାନୀ ଦାସ ସ୍ମୃତି ପୁରସ୍କାର ଆଦି ପ୍ରଦାନ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବରେ ବରିଷ୍ଠ ସଦସ୍ୟ ରମାକାନ୍ତ ମହାକୁଳ, ଶିରିଡ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁଶାନ୍ତ ମହାପାତ୍ର, ବରିଷ୍ଠ ଶିକ୍ଷକ ଦଶବତାର ସାହୁ, ସୁଦର୍ଶନ ପାଣି, ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ରେବତୀ ମୋହନ ବାରିକ, ଭାତପୁରା ହାଇସ୍କୁଲର ପ୍ରଧାନ ଶିକ୍ଷକ ରତନଲାଲ ସିଂ, ବକ୍ସମା ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରଦୀପ ପୁରୋହିତ ପ୍ରମୁଖ ଅତିଥି ଥିଲେ। ରତନ ସେଠ, ବିନୟ ମହାକୁଳ, ଦୀପକ ବେହେରା, ମନୋଜ ବେହେରା,ରମେଶ କିସାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ପ୍ରତିଭା ଚୟନ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଅତିଥି ଏବଂ ଆୟୋଜକଙ୍କ ସହ କୃତୀ ପ୍ରତିଯୋଗୀ।

## ସାନିଟାରି ନାପ୍‌କିନ୍ ଭେଣ୍ଡିଂ ମେଶିନ୍ ସ୍ଥାପିତ

**ଭିମ୍‌ସାର ନର୍ସିଂ ହଷ୍ଟେଲ**

**ଚିପିଲିମା, ୪।୧୦ (ଡି.ଏନ.ଏ.)**

ବୁର୍ଲା ଲାୟନ୍ସ କ୍ଲବ ପ୍ରଗତି ପକ୍ଷରୁ ଭୀମସାର ନର୍ସିଂ ହଷ୍ଟେଲଠାରେ ଏକ ସାନିଟାରୀ ନାପକିନ୍ ଭେଣ୍ଡିଂ ମେଶିନ୍ ସ୍ଥାପନ କରାଯାଇଛି । ଏହି ମେଶିନ୍‌କୁ ଲାୟନ୍ସ ଭାଇସ୍ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ରାକେଶ କୁମାର ସିଂ ଉଦ୍‌ଘାଟନ କରିଛନ୍ତି। ମେଜର ଚିତ୍ତରଞ୍ଜନ ଦାଶ ଓ ଜଗନମୋହନ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନର୍ସିଂ ସ୍କୁଲର ଅଧ୍ୟକ୍ଷା ଗୀତାଞ୍ଜଳି ବେହେରା, ୱାର୍ଡେନ ମୋନିକା ସୋରେଙ୍ଗ୍, ଲାୟନ୍ସ କ୍ଲବର ସୁନ୍ଦରମଣି ବାଗ, ପ୍ରଫୁଲ୍ଲ କୁମାର ପ୍ରଧାନ, ପ୍ରମୋଦ କୁମାର ଦାଶ, ପ୍ରଫୁଲ୍ଲ କୁମାର ସାହୁ, ଅନୀଲ କୁମାର ମହାପାତ୍ର, ଅଶୋକ କୁମାର ସାହୁ, ସୁଧୀର କୁମାର ପଶାୟତ, ଡା. ଲୋଚନ ଆରୁଖ, ବାବୁଲାଲ ତିର୍କୀ, ଚାରୁଶୀଳା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଗାଡ଼ିମୋଟର ଚଳାଚଳ କଟକଣା

**ସମ୍ବଲପୁର,୪।୧୦ (ବ୍ୟୁରୋ)**

ସମ୍ବଲପୁର ସହରରେ ଦୁର୍ଗାପୂଜାରେ ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ଜିଲା ପୋଲିସ ପକ୍ଷରୁ ଗାଡି ଚଳାଚଳ ନିୟମ ଉପରେ ପରିବର୍ତ୍ତନ କରାଯାଇଛି। କେତେକ ରାସ୍ତାରେ କଟକଣା ଲଗାଯାଇଛି । ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ପୂଜା ସମୟରେ ସହର ଭିତରକୁ କୌଣସି ଭାରିଯାନ ଚଳାଚଳ କରିପାରିବ ନାହିଁ କିମ୍ବା ମଣ୍ଡପ ପାଖରେ ଗାଡିକୁ ଛିଡା କରାଯାଇ ପାରିବ ନାହିଁ । ସକାଳ ୭ଟା ମଧ୍ୟରେ ପନିପରିବା ଓ ଅନ୍ୟାନ୍ୟ ମାଲ୍ ବୋଝେଇ ଗାଡି ଦୁର୍ଗାପାଲି ଓ ନେଲସନମଣ୍ଡେଲା ଛକଦେଇ ରିଂ-ରୋଡ ପର୍ଯ୍ୟନ୍ତ ଆସିପାରିବ । ସନ୍ଧ୍ୟା ୪ଟାପରେ ଅଇଁଠାପାଲି ଛକରୁ ଟାଉନ ଭିତରକୁ ପ୍ରବେଶ ନ କରି ଗାଡି ଗୁଡିକ ଚୌଧୁରୀ ଛକ ଦେଇ ଜୟନ୍ତପୁର ଓ ମାନେଶ୍ୱର ଦେଇ ଯାଇପାରିବ । କାର, ଜିପ ଓ ଅଟୋ ଗୁଡିକ ଅଇଁଠାପାଲି ଛକରୁ ଓଭର ବ୍ରିଜ ପର୍ଯ୍ୟନ୍ତ ଆସି ଫେରିଯିବ । କୌଣସି ଗାଡି ଗୋଲବଜାର, ପିରବାବା ଛକ, ମ୍ୟୁନିସିପାଲଟି ଛକ ଦେଇ ସାନସଡକ, ବଡସଡକକୁ ପଶି ପାରିବ ନାହିଁ । ସେହିପରି କୌଣସି ଗାଡି ରସତଲିଆ ଛକ, କୁଞ୍ଜେଲପଡା ଛକ, ବାଲିବନ୍ଧା ଆଉଟ୍‌ପୋଷ୍ଟଠାରୁ ଗୋଲବଜାର ପଟକୁ ଆସି ପାରିବେ ନାହିଁ କିମ୍ବା ସାନସଡକ ଓ ବଡସଡକକୁ ଯାଇପାରିବ ନାହିଁ। ଟେରୁଆପଡାଠାରୁ କମଳୀବଜାର ଆଡକୁ କାର, ଜିପ ଓ ଅଟୋ ଯାଇପାରିବ । କିନ୍ତୁ ସେହି ରାସ୍ତା ଦେଇ ଫେରି ପାରିବ ନାହିଁ। ବାଲିବନ୍ଧା ପଟ ଦେଇ ସେମାନଙ୍କୁ ଯିବାକୁ ପଡିବ। କମଳିବଜାରଠାରୁ ସମଲେଶ୍ୱରୀ ମନ୍ଦିର ଆଡକୁ ରାସ୍ତା ସଂପୂର୍ଣ୍ଣ ଭାବେ ବନ୍ଦ କରାଯିବ।

ଜେଲ ଛକରୁ ଗୋବିନ୍ଦତୋଲା ପଟକୁ କୌଣସି ୩ ଚକିଆ, ଚାରିଚକିଆ ଗାଡି ଯାଇପାରିବ ନାହିଁ । ପୁଟିବନ୍ଧରୁ ଗୋବିନ୍ଦତୋଲା ଆଡକୁ କୌଣସି ୩ ଚକିଆ, ଚାରିଚକିଆ ଗାଡି ଯିବାଆସିବା କରି ପାରିବ ନାହିଁ । ଚାରଭାଟି ସିଟି ବସଷ୍ଟାଣ୍ଡ ଏବଂ ବଜାର ଇଣ୍ଡିଆ ନିକଟରେ ୨ ଚକିଆ ଗାଡି ପାଇଁ ପାର୍କିଂ ବ୍ୟବସ୍ଥା ରହିଛି । କଚେରି ଛକପଟୁ ଯାନବାହାନ ଗୋଲବଜାର ଆଡକୁ ଆସି ପାରିବ ନାହିଁ । ହେଲେ ପୀରବାବା ଛକ ଓ ଜିଲାସ୍କୁଲ ଛକଦେଇ ଲକ୍ଷ୍ମୀ ଟକିଜ ପର୍ଯ୍ୟନ୍ତ ଆସିପାରିବ । ଲକ୍ଷ୍ମୀ ଟକିଜ ଛକରୁ ଗୋଲବଜାର ଛକ ପର୍ଯ୍ୟନ୍ତ ରାସ୍ତା ସଂପୂର୍ଣ୍ଣ ବନ୍ଦ କରାଯିବ । ଅଇଁଠାପାଲି ପଟୁ ଆସୁଥିବା ସାଇକେଲ ଓ ଅନ୍ୟାନ୍ୟ ଯାନବାହାନ ଫାଟକରୁ ଆଗକୁ ଯିବାକୁ କଟକଣା କରାଯାଇ ପାରେ । ରାବଣ ପୋଡି ସମୟରେ ନେଲସନମଣ୍ଡେଲା ଛକରୁ ରିଂ-ରୋଡ ଦେଇ କୌଣସି ଯାନବାହାନ ଚଳାଚଳ କରିପାରିବ ନାହିଁ । ସେହିପରି ବାଲିବନ୍ଧା ପଟରୁ ମଧ୍ୟ ରିଂ-ରୋଡକୁ ବନ୍ଦ କରିଦିଆଯିବ । କୌଣସି ଜରୁରୀକାଳୀନ ପରିସ୍ଥିତି ଦେଖାଦେଲେ ଉପସ୍ଥିତ ଅଫିସରଙ୍କ ନିର୍ଦ୍ଦେଶ ମୁତାବକ ଯାତାୟତ ରାସ୍ତା ପରିବର୍ତ୍ତନ କରାଯାଇପାରେ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।



“ କ୍ଷମତାର ମୁକୁଟ ଭିତରେ କଣ୍ଟା ମଧ୍ୟ ଥାଏ, ଠିକ୍ ଭାବରେ ତାକୁ ପିନ୍ଧି ନ ଜାଣିଲେ ମୁଣ୍ଡ ଖଣ୍ଡିଆ ହୋଇଯାଏ।
- ଜେମ୍ସ କୁକ୍



## ସଂକ୍ଷେପରେ

### ଚିନ୍ମୟ ବିଦ୍ୟାଳୟରେ ମାତୃପୂଜା

**ଦେବଗଡ଼,୪।୧୦(ଡ଼ି.ଏନ.ଏ)** ସ୍ଥାନୀୟ ଚିନ୍ମୟ ବିଦ୍ୟାଳୟ ପରିସରରେ ଗୁରୁମା' ସ୍ୱାତୀ ଚୈତନ୍ୟଙ୍କ ପୌରହିତରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ମାତୃପୂଜନ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରଙ୍କ ମାତୃବୃନ୍ଦ ଯୋଗଦେଇ ପୁଜାର୍ଚ୍ଚନା କରିବାସହ ଆର୍ଶିବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଅଧକ୍ଷ ବିନୟ ନାୟକ,ଉପାଧକ୍ଷ ଶିବଶଙ୍କର ସାହୁ,ବିଦ୍ୟାଳୟର ସମସ୍ତ ଗୁରୁମା ଗୁରୁଜୀ ପ୍ରମୁଖ ଯୋଗ ଦେଇଥିଲେ ।

### କଫ୍ ସିରପ ଜବତ, ୨ ଅଭିଯୁକ୍ତ ଗିରଫ

**ବରଗଡ଼ ଅଫିସ୍,୪।୧୦**
କଫ ସିରପ୍ କାରବାର ଅଭିଯୋଗରେ ବରଗଡ଼ ସଦର ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ ସୁବାସନଗରର ନବି ହୁସେନ ଏବଂ ଡ୍ୟାମ କଲୋନୀର ଅର୍ଜୁନ ବାଦୀ । ସେମାନଙ୍କ ପାଖରୁ ୧୦୦ ବୋତଲ କଫ୍ ସିରପ୍ ଏବଂ ୩ ଷ୍ଟ୍ରିପ୍ ନିଶା ବଟିକା ଜବତ ହୋଇଛି । ଅଭିଯୁକ୍ତଙ୍କ ବିରୋଧରେ ଏକ ମାମଲା (ନଂ.୧୭୭/୧୯) ରୁଜୁ ହୋଇଛି ବୋଲି ସଦର ଥାନା ଅଧିକାରୀ ଦିଲୀପ କୁମାର ବେହେରା ସୂଚନା ଦେଇଛନ୍ତି ।

### ସଡ଼କ ଦୁର୍ଘଟଣା, ଜଣେ ମୃତ

ପଦ୍ମପୁର, ୪।୧୦ (ଡି.ଏନ.ଏ)
ପଦ୍ମପୁର ଥାନା ଅଧୀନ ବରିକେଲ ନିକଟରେ ଶୁକ୍ରବାର ସନ୍ଧ୍ୟା ସମୟରେ ବୋଲେରୋ-ଟ୍ରାକ୍ଟର ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ବୋଲେରୋ ଡ୍ରାଇଭର ଖଇରା ଗ୍ରାମର ସଦାନନ୍ଦ ମେହେରଙ୍କ ମୃତ୍ୟୁ ଘଟିଛି । ସଦାନନ୍ଦ ନିଜ ବୋଲେରୋ (ନଂ.ଓଡି୧୭ଇ/୦୮୮୮) ଯୋଗେ ପଦ୍ମପୁରରୁ ନିଜ ଗାଁ ଖଇରାକୁ ଫେରୁଥିବା ବେଳେ ବିପରିତ ଦିଗରୁ ଆସୁଥିବା ଟ୍ରାକ୍ଟର ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଟ୍ରାକ୍ଟର ଡ୍ରାଇଭର ଫେରାର ଅଛନ୍ତି । ପୋଲିସ ପହଞ୍ଚି ଶବ ଜବତ କରି ତଦନ୍ତ କରୁଛି । ଶନିବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି ।


ସମ୍ବଲପୁର ଗୋବିନ୍ଦତୋଲା ପୂଜା ମଣ୍ଡପରେ ମା' ଭୁବନେଶ୍ୱରୀ ଦେବୀ ପୂଜା ପାଉଛନ୍ତି।


ଧନୁପାଲି ପୂଜା ମଣ୍ଡପରେ ପୂଜା ପାଉଥିବା ମା' ଦୁର୍ଗା ।


ଧନକଉଡାର ସୁସଜ୍ଜିତ ପୂଜା ମଣ୍ଡପ ।


ଧନୁପାଲି ପୂଜା ମଣ୍ଡପ ।


ଗୋବିନ୍ଦତୋଲା ପୂଜା ମଣ୍ଡପ ।

# ବିଲ୍ୱବରଣ ସହ ଦେବୀ ଦୁର୍ଗାଙ୍କ ପୂଜାର୍ଚ୍ଚନା

**ସମ୍ବଲପୁର, ୪।୧୦ (ବ୍ୟୁରୋ)**

ଆଶ୍ୱିନ ମାସର ହାଲୁକା ପବନରେ କାଶତଣ୍ଡି ଫୁଲର ନୃତ୍ୟ ଶାରଦୀୟ ଉତ୍ସବକୁ ମୁଖରିତ କରିଛି। ଶକ୍ତିପୀଠ ସମ୍ବଲପୁର ସହରରେ ବିଲ୍ୱବରଣ ସହ ବିଭିନ୍ନ ପୂଜା ମଣ୍ଡପରେ ଷଷ୍ଠୀପୂଜା ରୀତିନୀତି ଓ ପରମ୍ପରାରେ ଶେଷ ହୋଇଛି । ଦେବୀ ଦୁର୍ଗାଙ୍କୁ ଭକ୍ତମାନେ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ସୁସଜ୍ଜିତ ପୂଜା ମଣ୍ଡପ, ରଙ୍ଗୀନ ଆଲୋକମାଳାରେ ସହର ଝଲସୁଛି। ଗୋଲବଜାର, ଧନକଉଡା, କାଇଁଶୀର, ଭାଲୁପାଲି, ବୁଢ଼ାରଜା, ବଡବଜାର, କମଳୀବଜାର, ଧନୁପାଲି, ଗୋବିନ୍ଦତୋଲା ବଜାରରେ ଭାଇ ଜିଉଁନ୍ତିଆ ସାମଗ୍ରୀ କିଣିବାକୁ ଭଉଣୀମାନଙ୍କ ଭିଡ ଲାଗି ରହିଥିଲା। କାଳୀବାଡିଠାରେ ବଙ୍ଗୀୟ ରୀତିନୀତି ଓ ପରମ୍ପରାରେ ଷଷ୍ଠୀପୂଜା ସମ୍ପନ୍ନ ହୋଇଛି। ଏକଚାଲା (ଗୋଟିଏ) ମେଢ଼ରେ ଦେବୀ ଦୁର୍ଗା, ମହିଶାସୁର, ସରସ୍ୱତୀ, ଗଣେଶ, କାର୍ତ୍ତିକ ଓ ଦେବୀଙ୍କ ବାହନ ସିଂହ ଭକ୍ତଙ୍କୁ ଆକୃଷ୍ଟ କରିଛି । ଦୁଲଦୁଲି ବଜାରେ ଭକ୍ତମାନେ କଳସ ଯାତ୍ରାରେ ସହର ପରିକ୍ରମା କରିଥିଲେ। ଏହାପରେ ବିଲ୍ୱବରଣ କରି ପୂଜା ମଣ୍ଡପରେ ପହଞ୍ଚିଥିଲେ। ସମ୍ବଲପୁର ଲୋକସଭା ଏମ୍‌ପି ନିତେଶ ଗଙ୍ଗଦେବ, ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଜିଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ ସନ୍ଧ୍ୟାରେ ବିଭିନ୍ନ ପୂଜା ମଣ୍ଡପକୁ ଯାଇ ଦେବୀଙ୍କ ଦର୍ଶନ କରି ପୂଜା କମିଟି ସହ ଆନୁସଂଗିକ ବ୍ୟବସ୍ଥା ଉପରେ ବୁଝିଥିଲେ ।


କନକ ଦୁର୍ଗା ମନ୍ଦିରର କଳସ ଯାତ୍ରା

## ■ ମଠସାହି ଉତ୍ସବମୁଖର
## ମା ଦୁର୍ଗା ମନ୍ଦିର କଳସ ଶୋଭାଯାତ୍ରା ଓ ଅଧିବାସ

**ଦେବଗଡ,୪।୧୦(ସ୍ୱ.ପ୍ର)**

ଦେବଗଡ ପୌରାଞ୍ଚଳ ସ୍ଥିତ ୱାର୍ଡ ନଂ୩ ମନୋରମା କ୍ଲବ ମଠ ସାହିରେ ନବନିର୍ମିତ ମା' କନକ ଦୁର୍ଗା ମନ୍ଦିର ଶୁକ୍ରବାର କଳସୀ ଯାତ୍ରା ସହ ଅଧିବାସ ହୋଇଯାଇଛି । ଉକ୍ତ ସାହି ବର୍ତ୍ତମାନ ଉତ୍ସବ ମୁଖର ହୋଇପଡିଛି । ହାଡିବାଜା, ହୁଳହୁଳି , ଆତସବାଜିର ଶବ୍ଦ ମଧ୍ୟରେ ପ୍ରଧାନପାଟ ସ୍ଥିତ ଜଳପ୍ରପାତରୁ କଳସୀରେ ପବିତ୍ର ଜଳ ସଂଗ୍ରହ କରିବାସହ ମା ପଧାନୀ ଙ୍କ ପୀଠରେ ପୂଜାର୍ଚ୍ଚନା କରିବାପରେ ନଗର ପରିକ୍ରମା କରି ଉକ୍ତ ମଠ ସାହି ଛକରେ ସାହି ବାସୀନ୍ଦା ମହିଳା ମାନେ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ ଏବଂ ପରେ ମନ୍ଦିରରେ କଳସୀ ସ୍ଥାପନ କରିଥିଲେ। ମା' କନକ ଦୁର୍ଗା ମନ୍ଦିର ପୂଜା ପାଇଁ ନୟାଗଡ ଜିଲା ରଣପୁର ଗ୍ରାମର ପଣ୍ଡିତ ଦୀନବନ୍ଧୁ ଶତପଥି ପୂଜକ ଥିବାବେଳେ କର୍ତା ଭାବେ ଦିଲିପ ଘଡେଇ ସହଧର୍ମିଣୀ କଳ୍ପନା ନାୟକ ଦାୟୀତ୍ୱରେ ଅଛନ୍ତି। ସପ୍ତମୀ,ଅଷ୍ଟମୀ,ନବମୀ ଓ ଦଶମୀ ତିଥୀରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଭଜନ ସମାରୋହ,ଅନ୍ନପ୍ରସାଦ ବଂଟନ,ରାବଣ ପୋଡି ଆଦି କାର୍ଯ୍ୟକ୍ରମ ରଖାଯାଇଛି ବୋଲି କମିଟି ସୂଚନା ଦେଇଛି। ସେହିପରି ସହରର ମଧ୍ୟସ୍ଥଳୀରେ ଥିବା ଡେଲି ମାର୍କେଟ ମୁଖ୍ୟ ମଣ୍ଡପରେ ସାର୍ବଜନୀନ ଦୁର୍ଗାପୂଜା କମିଟି, ଖପରସାହିର ଜୟ ଦୁର୍ଗାପୂଜା କମିଟି, ବାବୁସାହି ପୋଷ୍ଟ ଅଫିସ ଛକ ର ଉତ୍କଳ ଦୁର୍ଗାପୂଜା କମିଟି, ଫ୍ରେଣ୍ଡସ୍ କ୍ଲବ୍ ଶାସନସାହି, ଚିକିଣୀଘାଟି ଦୁର୍ଗା ମନ୍ଦିର, କମିଟି ମା'ଙ୍କ ସମସ୍ତ ରୀତିନୀତି ଅନୁଯାୟୀ ପୂଜାକାର୍ଯ୍ୟ, କଳସୀ ଯାତ୍ରା ସହ ପୂଜା ମଣ୍ଡପ ମାନଙ୍କରେ ଆକର୍ଷଣୀୟ ସାଜସଜ୍ଜା ସହ ବିଭିନ୍ନ ଲାଇଟ ତୋରଣରେ ପୁରା ସହର ଝଲସି ଉଠୁଛି ।

## ବାଇକ୍ ଦୁର୍ଘଟଣା, ଜଣେ ମୃତ

**ବୌଦ୍ଧ,୪।୧୦(ସ୍ୱ.ପ୍ର):** ବୌଦ୍ଧ ଥାନା ମୁର୍ଷୁଣ୍ଡି ଛକରେ ଶୁକ୍ରବାର ବାଇକ ଧକ୍କାରେ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗମ୍ଭାରିପଦର ଗ୍ରାମର ପଙ୍କଜ ଦେହୁରୀ (୫୦)। ଖବର ପାଇ ବୌଦ୍ଧ ଥାନା ଅଧିକାରୀ ତପସ୍ୱିନୀ କହଁର ଘଟଣାସ୍ଥଳକୁ ପହଞ୍ଚି ବାଇକୁ ଜବତକୁ କରିବା ସହ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ମେଡିକାଲକୁ ପଠାଇଛି। ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଥାନା ଅଧିକାରୀ କହଁର ପ୍ରକାଶ କରିଛନ୍ତି । ସୂଚନା ଅନୁସାରେ, ବଢିଗାଁ ଗ୍ରାମର ଗଣେଶ ବେହେରା ବୌଦ୍ଧ ମେଡିକାଲରୁ ତାଙ୍କ ଝିଅ ଓ ଜ୍ୱାଇଁଙ୍କୁ ଧରି ବାଇକ (ନଂ.ଓଡି୨୭/୦୨୭୨) ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ମୁର୍ଷୁଣ୍ଡି ଛକ ନିକଟରେ ରାସ୍ତା ପାରି ହେଉଥିବା ବେଳେ ବାଇକ୍‌ଟି ପଙ୍କଜଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

## ଗଇଲୋ ଘାଟିର ମା' କୁଷ୍ମୁଣ୍ଡା ଦେବୀଙ୍କ ଜନ୍ମଦିନ ଉତ୍ସବ

**ଦେବଗଡ,୪।୧୦(ଡି.ଏନ.ଏ)**

ଜିଲାର ତିଲେଇବଣି ବ୍ଲକ ଅଧୀନ ସ୍ଥାନୀୟ କୈଳାଶ ଗ୍ରାମବାସୀ ଦ୍ୱାରା ଗଇଲୋ ଘାଟି ତଳେ ଗତ ୨୦ ବର୍ଷ ଉର୍ଦ୍ଧ୍ୱ ହେବ ଏକ ଶାଳଗଛ ମୂଳେ ଶିଳାଖଣ୍ଡ ରୂପେ ପୂଜା ପାଉଥିବା ମାଁ କୁଷ୍ମୁଣ୍ଡାଦେବୀଙ୍କ ପାଇଁ ଏକ ମନ୍ଦିର ନିର୍ମାଣ କରିବାସହ କଳା ମୁଗୁନି ପଥରରେ ନିର୍ମିତ ଦିବ୍ୟ ପ୍ରତିମା ୨୦୧୫ ମସିହାରେ ପ୍ରତିଷ୍ଠା କରାଯାଇ ପୁଜାଅର୍ଚ୍ଚନା ଚାଲିଛି । ମାଁଙ୍କ ଦର୍ଶନ ପାଇଁ ବିଭିନ୍ନ ଅଂଚଳରୁ ହଜାର ହଜାର ଶ୍ରଦ୍ଧାଳୁ ଭିଡ ଲାଗିଥାଏ । ସେହିପରି ଚଳିତ ବର୍ଷ ମାଙ୍କ ଜନ୍ମଦିନ ଉତ୍ସବ ଅବସରରେ ମଣ୍ଡଳ ଓ ଅଙ୍କୁରାରୋପନ ସହ କଳସ ଯାତ୍ରା, ଠାକୁରାଣୀ ସ୍ନାନ, ନବଯୌବନ ଦର୍ଶନ ଏବଂ ଅପରାହ୍ନରେ ପୂର୍ଣ୍ଣାହୁତି ସହ ମାଁ କୁଷ୍ମୁଣ୍ଡାଙ୍କ ଦିବ୍ୟ ବିଗ୍ରହ ସ୍ଥାପନା କରାଯାଇଥିଲା। ଜନ୍ମଦିନ ଉତ୍ସବ କାର୍ଯ୍ୟରେ ପୂଜକ ଭାବେ ପଦ୍ମଲୋଚନ ଶତପଥି,ଦାୟୀତ୍ୱ ତୁଲାଇଥିବା ବେଳେ ବିଗ୍ରହ ସଂସ୍ଥାପକ ଭିକ୍ଷାରି ଚରଣ ନାୟକ ଏବଂ ସହଧର୍ମିଣୀ ମିନତି ନାୟକ,ପୂଜାକର୍ତା ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିକାଶ ପ୍ରଧାନ,ନିରଂଜନ ନାୟକ,ଅଜିତ ସିଂ,ପ୍ରମଦ ବେହେରା ସମେତ ଅନ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।


ଜନ୍ମଦିନ ଉତ୍ସବରେ ପୂଜାଅର୍ଚ୍ଚନା ଚାଲିଛି।

## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ବରଗଡ଼ ଅଫିସ୍,୪।୧୦**

ବରଗଡ଼-ସମ୍ବଲପୁର ରାସ୍ତାର ଶୁକୁଟାପାଲି ନିକଟରେ ଶୁକ୍ରବାର ରାତ୍ରି ପ୍ରାୟ ସାଢ଼େ ୯ଟାରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଦୁଇଟି ବାଇକ୍ ପରସ୍ପର ପିଟି ହେବା ଯୋଗୁ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ଖବର ଲେଖାହେବା ସୁଦ୍ଧା (ରାତ୍ରି ୧୦ଟା ପର୍ଯ୍ୟନ୍ତ) ମୃତକଙ୍କ ପରିଚୟ ମିଳିପାରି ନାହିଁ। ସେହିପରି ମୃତକଙ୍କ ସହିତ ବାଇକ୍‌ରେ ବସିଥିବା ଅନ୍ୟ ଜଣେ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ସେ ସଂଜ୍ଞାହୀନ ହୋଇପଡ଼ି ଥିବାଯୋଗୁ ତାଙ୍କ ପରିଚୟ ମିଳିପାରି ନାହିଁ। ଅପରପକ୍ଷେ ଉକ୍ତ ଦୁର୍ଘଟଣାରେ ଅନ୍ୟ ବାଇକ୍ ଆରୋହୀ ଲସ୍ତଲାର ଅନାଦୀ ମହାକୁଡ଼ ଗୁରୁତର ଆହତ ହୋଇ ପଡ଼ିଛନ୍ତି । ମୃତାହତଙ୍କୁ ସ୍ଥାନୀୟ ଲୋକେ ପୋଲିସ ସହାୟତାରେ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଛନ୍ତି। ଦୁର୍ଘଟଣାର ମୃତକ ଓ ଅନ୍ୟ ଜଣେ ଏକ ୟାମାହା ବାଇକ୍ (ନଂ-ଓଡ଼ି୧୫ପି ୦୫୦୮) ଯୋଗେ ଯାଉଥିବାବେଳେ ଆହତ ଅନାଦୀ ବସିଥିବା ବାଇକ୍‌ରେ ଧକ୍କା ଲାଗିବାରୁ ଏହି ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି । ଦୁର୍ଘଟଣାରେ ବାଇକ୍ ଏକ ବିଲ ଭିତରକୁ ପଶି ଯାଇଥିଲା ।

## ଫଟୋରେ ଖବର


ସମ୍ବଲପୁର ଧନୁପାଲି ଛକରେ ଶୁକ୍ରବାର ଏମ୍‌ପି ନୀତେଶ ଗଙ୍ଗଦେବ, ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ନାଉରି ନାୟକ ପୂଜା କମିଟି କର୍ମକର୍ତ୍ତାଙ୍କ ସହ।



ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ଡ. ଜୟଦୀପ ଗୁପ୍ତା ଶୁକ୍ରବାର ଜଣେ କର୍ମଚାରୀଙ୍କ ଝିଅକୁ ଏକ ଟାବଲଏଡ ପ୍ରଦାନ କରୁଛନ୍ତି।

❝ ୨୦୦୯ରେ ସିନିୟର ସ୍ତରରେ ଅନ୍ତର୍ଜାତୀୟ ପଦାର୍ପଣ କରିବା ପରଠାରୁ ସବିତା ଭାରତୀୟ ଦଳର ନିର୍ଭରଯୋଗ୍ୟ ଗୋଲକିପର ପାଲଟି ଯାଇଛନ୍ତି। ୨୦୦ତମ ମ୍ୟାଚ ପାଇଁ ଅଭିନନ୍ଦନ।

–ମହମ୍ମଦ ମୁସ୍ତାକ ଅହମ୍ମଦ, ହକି ଇଣ୍ଡିଆ ସଭାପତି



❝ ମାକ୍ର ଆନ୍ଦ୍ରେଟର ଷ୍ଟିଗେନଙ୍କ ଉପସ୍ଥିତି ସତ୍ତ୍ୱେ ୟୁରୋ ୨୦୨୦ ଫାଇନାଲ୍ସ ପାଇଁ ଅଧିନାୟକ ମାନୁଏଲ ନୁଏର ଜର୍ମାନୀ ଫୁଟବଲ ଦଳର ପ୍ରଥମ ପସନ୍ଦ ଗୋଲକିପର ରହିବେ।

–ଜୋଆଚିମ୍ ଲୋଉ, ମୁଖ୍ୟ କୋଚ୍



## ସଂକ୍ଷେପରେ

### ସିଏସ୍‌କେ ପାଇଁ ଖେଳିବି: ଭଜି

ନୂଆଦିଲ୍ଲୀ,୪।୧୦(ପି.ଟି.): ଆଗାମୀ ଆଇପିଏଲରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ପାଇଁ ଖେଳିବା ଜାରି ରଖିବା ନେଇ ସିନିୟର ଅଫ୍ ସ୍ପିନର ହରଭଜନ ସିଂ (ଭଜି) ଶୁକ୍ରବାର ସ୍ପଷ୍ଟ କରିଛନ୍ତି। ୟୁନାଇଟେଡ୍ କିଙ୍ଗଡମଠାରେ ହେବାକୁ ଥିବା ନୂଆ ଲିଗ୍ 'ଦ ହଣ୍ଡରେଡ୍' ଖେଳାଳିଙ୍କ ତାଲିକାରୁ ନାମ ହଟାଇବେ ବୋଲି ସେ କହିଛନ୍ତି। ଲିଗ୍‌ର ଖେଳାଳିଙ୍କ ତାଲିକାରେ ଭଜଙ୍କ ନାମ ସାମିଲ ଥିବା ଜଣାପଡ଼ିଥିଲା। କିନ୍ତୁ ବିସିସିଆଇ ନିୟମ ଅନୁଯାୟୀ, ଜାତୀୟ ଦଳ ଲାଗି ସକ୍ରିୟ ଥିବା କୌଣସି ଖେଳାଳି ବିଦେଶ ଲିଗ୍‌ରେ ଖେଳପାରିବେ ନାହିଁ। କେବଳ ଅବସର ନେଇଥିବା ଖେଳାଳିଙ୍କୁ ଏନ୍‌ଓସି ପ୍ରଦାନ କରାଯିବ। ମୋ ପାଇଁ ଇଣ୍ଡିଆନ ପ୍ରିମିୟର ଲିଗ୍ ଓ ଚେନ୍ନାଇ ସୁପର କିଙ୍ଗ୍ସ ଗୁରୁତ୍ୱପୂର୍ଣ୍ଣ। ଗତ ଦୁଇ ସିଜନ ସିଏସକେ ସହ ମୋ ପାଇଁ ଭଲ ଯାଇଛି। ଉଭୟ ଥର ଆମେ ଫାଇନାଲ ଖେଳିଛୁ। ଏଣୁ ଏବେ ତୃତୀୟ ସିଜନରେ ମଧ ଭଲ ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରଖିଛି ବୋଲି ଭଜି କହିଛନ୍ତି। ଦେଶ ପାଇଁ ୩ୟ ସର୍ବାଧିକ ଟେଷ୍ଟ ଉଇକେଟ ନେଇଥିବା ବୋଲର ଭଜି ଆହୁରି କହିଛନ୍ତି, ମୁଁ ବିସିସିଆଇର ନିୟମକୁ ସମ୍ମାନ ଦିଏ। କଦାପି ନିୟମ ଭାଙ୍ଗିବି ନାହିଁ। ଯଦି ଏହାର ଅର୍ଥ ଖେଳାଳିଙ୍କ ତାଲିକାରୁ ଓହରିଯିବା, ମୁଁ ତାହା କରିବି। ତେବେ ୧୦୦ ବଲ ଫର୍ମାଟକୁ ନେଇ ଉତ୍ସାହିତ ଥିବା କହିଛନ୍ତି।

### ଏଚ୍‌ସିଏ ପକ୍ଷରୁ ଆଝରୁଦ୍ଦିନ

ହାଇଦ୍ରାବାଦ୍,୪।୧୦(ପି.ଟି.): ଆସନ୍ତା ୨୩ ତାରିଖରେ ହେବାକୁ ଥିବା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆ)ର ବାର୍ଷିକ ସାଧାରଣ ବୈଠକରେ ପୂର୍ବତନ ଭାରତୀୟ କ୍ରିକେଟ ଦଳର ଅଧିନାୟକ ତଥା ନବ ନିର୍ବାଚିତ ହାଇଦ୍ରାବାଦ କ୍ରିକେଟ ଆସୋସିଏଶନ (ଏଚ୍‌ସିଏ) ସଭାପତି ମହମ୍ମଦ ଆଝାରୁଦ୍ଦିନ ଯୋଗଦେବେ। ନିକଟରେ ପ୍ରକାଶ ପାଇଥିବା କିଛି ରିପୋର୍ଟରେ ତାମିଲନାଡୁର ଏନ୍. ଶ୍ରୀନିବାସନଙ୍କ ନିକଟତର ପୂର୍ବତନ ଏଚ୍‌ସିଏ ସଭାପତି ଶିବଲ ଯାଦବ ଯୋଗଦେବାର ଯୋଜନା ଥିଲା। ତେବେ ନବ ନିର୍ବାଚିତ ଏଚ୍‌ସିଏ କର୍ମକର୍ତ୍ତାମାନେ ଆଝାରୁଦ୍ଦିନ ବିସିସିଆଇ ନିର୍ବାଚନରେ ଅଂଶଗ୍ରହଣ କରିବା ନିଷ୍ପତ୍ତି ନେଇଛନ୍ତି। ଆଜାରୁଦ୍ଦିନ ଓ କ୍ରିକେଟ ଆସୋସିଏଶନ ଅଫ୍ ବେଙ୍ଗାଲ (ସିଏବି) ପକ୍ଷରୁ ସଭାପତି ସୌରଭ ଗାଙ୍ଗୁଲି ମଧ ଯୋଗଦେବେ।

### ରାଜସ୍ଥାନ ମୁଖ୍ୟମନ୍ତ୍ରୀଙ୍କ ପୁଅ ଆର୍‌ସିଏ ସଭାପତି

ଜୟପୁର,୪।୧୦: ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ପୁଅ ବୈଭବ ଗେହଲଟ ରାଜସ୍ଥାନ କ୍ରିକେଟ ଆସୋସିଏଶନ (ଆର୍‌ସିଏ) ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଶୁକ୍ରବାର ଅନୁଷ୍ଠିତ ନିର୍ବାଚନରେ ଗେହଲଟଙ୍କୁ ୨୫ ଖଣ୍ଡ ଭୋଟ ମିଳିଛି। ଏବେ ବୈଭବ ଡ. ସିପି ଯୋଶୀଙ୍କ ସ୍ଥାନ ନେବେ। ସେ ଗତ ମାସରେ ରାଜସ୍ଥାନ କ୍ରିକେଟ ରାଜନୀତିରେ ପ୍ରବେଶ କରିଥିଲେ। ପୂର୍ବରୁ ରାଜସ୍ଥାନର ଏକ ଜିଲ୍ଲା କ୍ରିକେଟ ଆସୋସିଏଶନର ଟ୍ରେଜରର ଦାୟିତ୍ୱରେ ଥିଲେ। ବୈଭବ ୨୦୧୯ ଲୋକସଭା ନିର୍ବାଚନରେ ରାଜସ୍ଥାନର ଯୋଧପୁର ମଣ୍ଡଳୀରୁ ଛିଡ଼ା ହୋଇଥିଲେ।

# ଭାରତରେ ଏନ୍‌ବିଏ ମ୍ୟାଚ୍




ଅଡାମ ସିଲଭରଙ୍କୁ ଏନ୍‌ବିଏ ମ୍ୟାଚ୍ ବଲ ପ୍ରଦାନ କରୁଛନ୍ତି ନୀତା ଅମ୍ବାନୀ।

ମୁମ୍ବାଇ, ୪।୧୦(ପି.ଟି.)

ସ୍ଥାନୀୟ ନ୍ୟାଶନାଲ ସ୍ପୋର୍ଟ୍ସ କ୍ଲବ୍ ଅଫ୍ ଇଣ୍ଡିଆ (ଏନ୍‌ଏସ୍‌ସିଆଇ) ଡୋମଠାରେ ଶୁକ୍ରବାର ଏନ୍‌ବିଏର ଐତିହାସିକ ମ୍ୟାଚ୍ ଆୟୋଜିତ ହୋଇଛି। ଆମେରିକାର ହାଇପ୍ରୋଫାଇଲ ବାସ୍କେଟ ବଲ୍ ଲିଗ୍ ଏନ୍‌ବିଏ (ନ୍ୟାଶନାଲ ବାସ୍କେଟବଲ ଆସୋସିଏଶନ)ର ଦୁଇ ଦଳ ସାକ୍ରେମୋଣ୍ଟୋ କିଙ୍ଗ୍ସ ଓ ଇଣ୍ଡିଆନ ପେସର୍ସ ପରସ୍ପରକୁ ଭେଟିଥିଲେ।

୧୦ରୁ ୧୬ ବର୍ଷ ମଧ୍ୟରେ ବାଳକ ଓ ବାଳିକାମାନେ ଷ୍ଟାଡିୟମରେ ଉପସ୍ଥିତ ରହି ନିଜ ପସନ୍ଦର ଦଳକୁ ଚିୟର କରିଥିଲେ। ରିଲାଏନ୍ସ ଫାଉଣ୍ଡେଶନ ଜୁନିୟର ଏନ୍‌ବିଏ ପ୍ରୋଗ୍ରାମ୍ ତରଫରୁ ପିଲାମାନେ ପ୍ରତିନିଧିତ୍ୱ କରିଥିଲେ। ଭାରତରେ ଏନ୍‌ବିଏ ଓ ରିଲାଏନ୍ସ ଫାଉଣ୍ଡେଶନ ସହଭାଗିତାର ଷଷ୍ଠବର୍ଷ ପୂର୍ତ୍ତି ଅବସରରେ ଏହି ଐତିହାସିକ ମ୍ୟାଚ୍ ଆୟୋଜନ ହେବା ନିଶ୍ଚିତ ଭାବେ ଏକ ବଡ଼ କଥା। ରିଲାଏନ୍ସ ଫାଉଣ୍ଡେଶନ ଚେୟାରମ୍ୟାନ ନୀତା ଅମ୍ବାନୀ ଉପସ୍ଥିତ ଥିଲେ। ଗତ କେତେବର୍ଷ ହେବ ରିଲାଏନ୍ସ ଫାଉଣ୍ଡେଶନ ଜୁନିୟର ଏନ୍‌ବିଏ ୧୧ ମିଲିୟନ ପିଲାଙ୍କ ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଡିତ ରହିଆସିଛି ଓ ଦେଶର ୨୦ଟି ରାଜ୍ୟର ୩୪ଟି ସହରରୁ ୧୦,୦୦୦ କୋଚ୍‌ଙ୍କୁ ପ୍ରଶିକ୍ଷଣ ଦେଇଛି। ଭାରତ ଏକ କ୍ରୀଡ଼ା ରାଷ୍ଟ୍ରରେ ପରିଣତ ହେଉ ଓ ଏହା ମୋର ସ୍ୱପ୍ନ ବୋଲି ନୀତା କହିଛନ୍ତି। କ୍ରୀଡ଼ା ଓ ଶିକ୍ଷାରେ ଛୋଟ ପିଲାମାନେ ବିକଶିତ ହୁଅନ୍ତୁ ବୋଲି ଆଶା କରୁଛି । ଏ ନେଇ ଭାରତ ସାରା ବିଶ୍ୱ ଦରବାରରେ ପରିଚିତ ହେବା ସହ ସ୍ୱତନ୍ତ୍ର ସ୍ଥାନ ହାସଲ କରିବା ନେଇ ମୋର ସ୍ୱପ୍ନ ରହିଛି ବୋଲି ସେ କହିଛନ୍ତି। ଏହି ଅବସରରେ ଏନ୍‌ବିଏ କମିଶନର ଅଡାମ ସିଲଭର ଉପସ୍ଥିତ ରହିଥିଲେ। ନୀତା ଏନ୍‌ବିଏ ଅଧିକାରୀଙ୍କୁ ମ୍ୟାଚ୍ ବଲ୍ ପ୍ରଦାନ କରିଥିଲେ।

# ମହିଳା ହକି: ଅନ୍ତିମ ମ୍ୟାଚ୍ ଡ୍ର

ମାର୍ଲୋ(ୟୁକେ), ୪।୧୦ (ପି.ଟି.)

ନବଜୋତ୍ କୌର ଓ ଗୁରଜିତ୍ କୌରଙ୍କ ଗୋଲ ସହାୟତାରେ ଭାରତୀୟ ମହିଳା ହକି ଦଳ ଆୟୋଜକ ଗ୍ରେଟ ବ୍ରିଟେନ ବିପକ୍ଷ ଅନ୍ତିମ ମ୍ୟାଚ୍‌କୁ ୨-୨ରେ ଡ୍ର' ରଖିବାକୁ ସକ୍ଷମ ହୋଇଛି। ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍‌ରେ ନବଜୋତ୍ (୮ମ ମିନିଟ୍)ଙ୍କ ଗୋଲ ଭାରତକୁ ଆରମ୍ଭରୁ ଅଗ୍ରଣୀ ଆଣିଦେଇଥିଲା। ତାଙ୍କ ପରେ ଗୁରଜିତ (୪୮ତମ) ଭାରତୀୟ ଦଳର ଅଗ୍ରଣୀକୁ ଦୁଇ ଗୁଣିତ କରିଥିଲେ। ଏହାପରେ ଗ୍ରେଟ ବ୍ରିଟେନର ଏଲିଜାବେଥ ନିଲ (୫୪ତମ) ଓ ଆନ୍ନା ତୋମାନ (୬୦ତମ)ଙ୍କ ଗୋଲ ଯୋଗୁ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଛି। ଅନ୍ତିମ ମ୍ୟାଚ୍‌ର ଏଭଳି ଫଳାଫଳ ଯୋଗୁ ଭାରତୀୟ ଦଳ ଓ ଶକ୍ତିଶାଳୀ ଗ୍ରେଟ ବ୍ରିଟେନ ମଧ୍ୟରେ ଖେଳାଯାଇଥିବା ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍ ୧-୧ରେ ବରାବର ରହିଛି। ସିରିଜ୍‌ରେ ଭାରତ ଗୋଟିଏ ଜିତିଥିବାବେଳେ ୩ ମ୍ୟାଚ୍ ଡ୍ର' ଓ ଗୋଟିଏରେ ପରାଜୟ ବରଣ କରିଥିଲା। ଚଳିତ ସିରିଜ୍‌ରେ ୪ର୍ଥ ମ୍ୟାଚ୍ ହାରିଥିବା ଭାରତୀୟ ଦଳ ମ୍ୟାଚ୍ ଆରମ୍ଭରୁ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ଫଳରେ ଭାରତ ପ୍ରଥମ ୧୦ ମିନିଟ୍ ମଧ୍ୟରେ ଖାତା ଖୋଲିବାକୁ ସକ୍ଷମ ହୋଇଥିଲା। ମ୍ୟାଚ୍‌ର ୮ମ ମିନିଟ୍‌ରେ ଟିମ୍ ଇଣ୍ଡିଆକୁ ମିଳିଥିବା ସୁଯୋଗକୁ ନବଜୋତ ଗୋଲରେ ପରିଣତ କରିଥିଲେ। ଭାରତୀୟ ଦଳର ପତିଆରା ପ୍ରଥମ କ୍ୱାର୍ଟରରେ ଜାରି ରହିଥିଲା। ଦ୍ୱିତୀୟ କ୍ୱାର୍ଟରରେ ଗ୍ରେଟ ବ୍ରିଟେନ ମଧ୍ୟ ଆଟାକିଂ ଖେଳ ଦେଖାଇ ୩ ପେନାଲ୍ଟି କର୍ନର ପାଇଥିଲ। ହେଲେ କୌଣସିଥର ବଲ ଭାରତୀୟ ଗୋଲକିପର ସବିତାଙ୍କୁ ଅତିକ୍ରମ କରିପାରି ନ ଥିଲେ। ତୃତୀୟ କ୍ୱାର୍ଟରରେ ଉଭୟ ଦଳ ସ୍କୋର କରିବାକୁ ସୁଯୋଗ ପାଇଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ଅନ୍ତିମ କ୍ୱାର୍ଟର ତଥା ୪୮ତମ ମିନିଟ୍‌ରେ ଭାରତୀୟ ଦଳକୁ ଏକ ପେନାଲ୍ଟି କର୍ନର ମିଳିଥିଲା, ଯାହାକୁ ଗୁରଜିତ୍ ଗୋଲରେ ପରିଣତ କରିଥିଲେ। ମ୍ୟାଚ୍ ଶେଷହେବାର ୬ ମିନିଟ୍ ପୂର୍ବରୁ ଗ୍ରେଟ ବ୍ରିଟେନକୁ ମିଳିଥିବା ପେନାଲ୍ଟି କର୍ନରରୁ ଏଲିଜାବେଥ ଗୋଲ ଦେଇଥିଲେ। ଅନ୍ତିମ ମିନିଟ୍‌ରେ ଆୟୋଜକ ଦଳ ପୁଣି ଏକ ପେନାଲ୍ଟି କର୍ନର ପାଇଥିଲା। ଏଥର ଆନ୍ନା ତୋମାନ ଗୋଲ କରିଥିଲେ। ଫଳରେ ମ୍ୟାଚ୍ ୨-୨ ଗୋଲରେ ବରାବର ରହିଥିଲା।




## ସବିତା ଖେଳିଲେ ୨୦୦ତମ ମ୍ୟାଚ




ଇଂଲଣ୍ଡ ଗସ୍ତର ଶୁକ୍ରବାର ଅନୁଷ୍ଠିତ ଅନ୍ତିମ ମହିଳା ହକି ମ୍ୟାଚରେ ଭାରତୀୟ ଗୋଲକିପର ସବିତା କ୍ୟାରିୟରର ୨୦୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି। ମ୍ୟାଚ ପୂର୍ବରୁ କୋଚ୍ ଜୋର୍ଡ ମାରିଜନେ ତାଙ୍କୁ ୨୦୦ ନମ୍ବର ଲେଖାଥିବା ଜର୍ସି ପ୍ରଦାନ କରିଥିଲେ। ସବିତା ୨୦ ବର୍ଷର ହୋଇଥିବାବେଳେ ୨୦୦୯ରେ ଦକ୍ଷିଣ ଆଫ୍ରିକାର ଡର୍ବାନଠାରେ ଏକ ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ସିନିୟର ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ଗତ କିଛିବର୍ଷ ଧରି ଟପ୍-କ୍ୱାଲିଟି ପ୍ରଦର୍ଶନ ଯୋଗୁ ସେ ଭାରତୀୟ ଦଳର ନିୟମିତ ସଦସ୍ୟା ପାଲଟି ଯାଇଛନ୍ତି। ବର୍ତ୍ତମାନ ୨୯ ବର୍ଷରେ ପହଞ୍ଚିଥିବା ସବିତା ୨୦୧୩ରେ ମାଲେସିଆରେ ଅନୁଷ୍ଠିତ ମହିଳା ଏସିଆ କପ୍‌ରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟା ଥିଲେ। ୨୦୧୭ରେ କାନାଡାରେ ଅନୁଷ୍ଠିତ ହକି ୱାର୍ଲ୍ଡ ଲିଗ୍ ରାଉଣ୍ଡ-୨ରେ ଗୋଲକିପର ଅଫ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ୨୦୧୬ରେ ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫି ବିଜେତା ଦଳର ସଦସ୍ୟା ମଧ ଥିଲେ। ଏହି ହରିୟାଣା ଯୁବତୀ ୨୦୧୭ ମହିଳା ଏସିଆ କପ୍‌ରେ ଭାରତକୁ ସ୍ୱର୍ଣ୍ଣ ପଦକ ବିଜୟୀ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ସେଠାରେ ସେ ଶ୍ରେଷ୍ଠ ଗୋଲକିପର ବିବେଚିତ ହୋଇଥିଲେ। ୨୦୧୮ରେ ମହିଳା ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ ଏବଂ ଏସିଆନ ଗେମ୍ସରେ ରୌପ୍ୟ ପଦକ ବିଜୟୀ ଦଳର ସେ ସଦସ୍ୟା ଥିଲେ। ନିଜ ୧୦ ବର୍ଷର କ୍ୟାରିୟର ମଧ୍ୟରେ ସେ ୨୦୧୬ ରିଓ ଅଲିମ୍ପିକ୍ସ ଏବଂ ୨୦୧୮ ମହିଳା ବିଶ୍ୱକପରେ ଭାରତୀୟ ଦଳର ପ୍ରତିନିଧିତ୍ୱ କରିଥିଲେ। ୨୦୧୮ରେ ତାଙ୍କୁ ସମ୍ମାନଜନକ ଅର୍ଜୁନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

# ତେଜିନ୍ଦର, ଜିନସନ ବିଫଳ

**ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍**

ଦୋହା, ୪।୧୦(ପି.ଟି.)

ଏସିଆନ ଗେମ୍ସ ଗୋଲ୍ଡ ମେଡାଲିଷ୍ଟ ଭାରତୀୟ ଶଟ୍‌ପୁଟର ତେଜିନ୍ଦର ପାଲ୍ ସିଂ ତୁର୍ ଏବଂ ୧୫୦୦ ମିଟର ରନର ଜିନସନ ଜିନସନ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ୨୪ ବର୍ଷୀୟ ତୁର୍ ସିଜନ ଶ୍ରେଷ୍ଠ ୨୦.୪୩ ମିଟର ପ୍ରଦର୍ଶନ କରିଥିଲେ ହେଁ ଯୋଗ୍ୟତା ପର୍ଯ୍ୟାୟର ଗ୍ରୁପ୍ 'ବି'ରେ ୮ମ ସ୍ଥାନରେ ରହିଥିଲେ। ୩୪ ପ୍ରତିଯୋଗୀ ବିଶିଷ୍ଟ ପ୍ରତିଯୋଗିତାରେ ସେ ଓଭରଅଲ୍ ୧୮ତମ ସ୍ଥାନ ପାଇଥିଲେ। ସେହିପରି ଜିନସନ ଖରାପ ପ୍ରଦର୍ଶନ କରି ୩:୩୯.୮୬ ସେକେଣ୍ଡ ସମୟ ନେଇ ପ୍ରଥମ ରାଉଣ୍ଡ ହିଟ୍‌ରେ ୧୦ମ ସ୍ଥାନରେ ରହିଥିଲେ। ୪୩ ରନରଙ୍କ ମଧ୍ୟରେ ତାଙ୍କର ସ୍ଥାନ ଥିଲା ୩୪। ପୁରୁଷ ଶଟ୍‌ପୁଟ୍ ଇଭେଣ୍ଟର ଗ୍ରୁପ୍ 'ଏ'ରେ ୮ ଶଟ୍‌ପୁଟର ୨୦.୯୦ ମିଟର ସହିତ ସିଧାସଳଖ ଯୋଗ୍ୟତା ହାସଲ କରିଥିଲେ। ଫଳରେ ତୁର୍‌ଙ୍କ ପାଇଁ କଷ୍ଟକର ହୋଇପଡ଼ିଥିଲା। ତାଙ୍କ ନାମରେ ୨୦.୭୫ ମିଟରର ଜାତୀୟ ରେକର୍ଡ ରହିଛି। ମାତ୍ର ଏହି ରେକର୍ଡ ବଜାୟ ରଖିବା ତାଙ୍କ ପକ୍ଷରେ ସମ୍ଭବ ହୋଇ ନ ଥିଲା। ଚଳିତ ସିଜନରେ ପୂର୍ବରୁ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ଥିଲା ୨୦.୩୬ ମିଟର। ଏଠାରେ ପ୍ରଥମ ଉଦ୍ୟମରେ ସେ ଏଥିରେ ଉନ୍ନତି ଆଣିଥିଲେ ହେଁ ପରବର୍ତ୍ତୀ ରାଉଣ୍ଡରେ ଫାଉଲ୍ କରିଥିଲେ। ତୃତୀୟ ତଥା ଅନ୍ତିମ ରାଉଣ୍ଡରେ ସେ ଜାତୀୟ ରେକର୍ଡ ସହ ୨୦.୯୦ ମିଟର ସ୍ପର୍ଶ କରିଥିଲେ ଯୋଗ୍ୟତା ହାସଲ କରିପାରିଥାନ୍ତେ। ମାତ୍ର ସେ ୧୯.୫୫ ମିଟର ଦୂରକୁ ଶଟ୍‌ପୁଟ୍ ଥ୍ରୋ କରି ପାରିଥିଲେ। ୨୦.୯୦ ମିଟର ଥ୍ରୋ କରିଥିବା ଏବଂ ପରବର୍ତ୍ତୀ ଶ୍ରେଷ୍ଠ ଶଟ୍‌ପୁଟରଙ୍କୁ ମିଶାଇ ମୋଟ ୧୨ ଜଣ ଫାଇନାଲକୁ ଯୋଗ୍ୟତା ପାଇଥିଲେ। ବର୍ତ୍ତମାନର ବିଶ୍ୱ ଚାମ୍ପିୟନ ଏବଂ ୨୦୧୬ ରିଓ ଅଲିମ୍ପିକ୍ସ ବ୍ରୋଞ୍ଜ ମେଡାଲିଷ୍ଟ ନ୍ୟୁଜିଲାଣ୍ଡର ଟୋମାସ ୱାଲ୍ସ ୨୧.୯୨ ମିଟର ଥ୍ରୋ କରି ଶୀର୍ଷସ୍ଥାନ ହାସଲ କରିଥିଲେ। ସେହିପରି ଗତମାସରେ ନିଜ ନାମରେ ଥିବା ଜାତୀୟ ରେକର୍ଡକୁ ଭାଙ୍ଗିଥିବା ୨୮ ବର୍ଷୀୟ ଜିନସନ ଶେଷପର୍ଯ୍ୟନ୍ତ ଭଲ ସ୍ଥିତିରେ ଥିଲେ ହେଁ ଫିନିଶ୍ ଲାଇନ୍ ଅତିକ୍ରମ କରିବା ବେଳକୁ ପଛରେ ପଡ଼ି ଯାଇଥିଲେ। ୩ଟି ହିଟ୍‌ର ଟପ୍ ୬ ଆଥଲେଟ୍ ଏବଂ ପରବର୍ତ୍ତୀ ଶ୍ରେଷ୍ଠ ଟାଇମିଂ ରଖିଥିବା ୬ ଜଣ ସେମିଫାଇନାଲରେ ପ୍ରବେଶ କରିଥିଲେ।

## ତାମିଲନାଡୁକୁ ବିଜୟ ଦେଲେ ମୁରଲୀ

**ଜୟପୁର, ୪।୧୦ (ପି.ଟି.):** ଭାରତୀୟ ଦଳରୁ ବାଦ୍ ପଡ଼ିଥିବା ବ୍ୟାଟ୍ସମ୍ୟାନ ମୁରଲୀ ବିଜୟ ଶତକୀୟ ଇନିଂସ ଯୋଗୁ ତାମିଲନାଡୁ ଗ୍ରୁପ୍ ସି'ର ଏକ ମ୍ୟାଚ୍‌ରେ ଜମ୍ମୁ-କଶ୍ମୀରକୁ ହରାଇ ଦେଇଛି। ଏହା ତାମିଲନାଡୁ ଦଳର କ୍ରମାଗତ ୫ମ ବିଜୟ। ୨୩୯ ରନ୍‌ର ସାଧାରଣ ବିଜୟ ଲକ୍ଷ୍ୟ ନେଇ ଓହ୍ଲାଇଥିବା ତାମିଲନାଡୁ ଦୁଇ ଓଭର ପୂର୍ବରୁ ଦୁଇ ଉଇକେଟ ହରାଇ ମ୍ୟାଚ୍ ମ୍ୟାଚ୍ ଜିତିନେଇଥିଲା। ଦଳ ପାଇଁ ବିଜୟ ସର୍ବାଧିକ ୧୧୭ ରନ୍ କରିଥିବାବେଳେ ବାବା ଅପରାଜିତଙ୍କ ୮୬ ରନ୍ କରି ନଟ୍ ଆଉଟ୍ ଥିଲେ। ପୂର୍ବରୁ କମରାନ ଇକବାଲଙ୍କ ୬୭ ଓ ଶୁଭମ ସିଂ ପଣ୍ଡିରଙ୍କ ୬୬ ରନ୍‌ର ଇନିଂସ ଯୋଗୁ ଜମ୍ମୁ-କଶ୍ମୀର ଦଳ ଧାର୍ଯ୍ୟ ୫୦ ଓଭରରେ ୯ ଉଇକେଟ ହରାଇ ୨୩୮ ରନ୍ କରିଥିଲା। ଗ୍ରୁପ୍ ସି'ର ଆଉ ଏକ ମ୍ୟାଚ୍‌ରେ ମଧ୍ୟପ୍ରଦେଶକୁ ସର୍ଭିସେସ୍ ୭ ଉଇକେଟରେ ହରାଇ ଦେଇଛି। ପ୍ରଥମେ ବ୍ୟାଟିଂ କରିଥିବା ମଧ୍ୟପ୍ରଦେଶ ନମନ ଓଝାଙ୍କ ୧୩୦ ଓ ଆନନ୍ଦ ସିଂ ବାଇସ୍‌ଙ୍କ ୬୬ ରନ୍ ଯୋଗୁ ଧାର୍ଯ୍ୟ ୫୦ ଓଭରରେ ୭ ଉଇକେଟ ହରାଇ ୨୮୨ ରନ୍ କରିଥିଲା। ଜବାବରେ ରବି ଚୌହ୍ୱାନ ୧୦୭ ଓ ରାହୁଲ ଗେହଲଟଙ୍କ ୧୦୭ ରନ୍ ଯୋଗୁ ସର୍ଭିସେସ୍ ୩ ଓଭର ପୂର୍ବରୁ ୭ ଉଇକେଟ ହାତରେ ରଖି ମ୍ୟାଚ୍ ଜିତି ନେଇଥିଲା।

ରାଜ୍ୟସ୍ତରୀୟ ପ୍ରତିଯୋଗିତା

## ଫୁଟବଲରେ ଭୁବନେଶ୍ୱର, ଟେନିକଏଟରେ କଟକ, ଭଦ୍ରକ ଚାମ୍ପିୟନ

ବରଗଡ଼ ଅଫିସ୍,୪।୧୦

ବରଗଡ଼ ଜିଲା ଅତାବିରା ବ୍ଲକ ସିଦ୍ଧାର୍ଥ ପବ୍ଲିକ ସ୍କୁଲ ଆୟୋଜନରେ ଚାଲିଥିବା ରାଜ୍ୟସ୍ତରୀୟ ବିଦ୍ୟାଳୟ ଫୁଟବଲ ଟେନିକଏଟ ପ୍ରତିଯୋଗିତା ଶୁକ୍ରବାର ଉଦଯାପିତ ହୋଇଛି। ୧୭ବର୍ଷରୁ କମ୍ ବାଳିକା ଫୁଟବଲ ଫାଇନାଲରେ ଭୁବନେଶ୍ୱର ପ୍ରତିପକ୍ଷ ବରଗଡ଼କୁ ହରାଇ ଚାମ୍ପିୟନ ହୋଇଥିଲା। ୧୭ବର୍ଷରୁ କମ୍ ବାଳିକା ଟେନିକଏଟ ଓ ୧୪ବର୍ଷରୁ କମ୍ ବାଳିକା ଟେନିକଏଟ୍ ପ୍ରତିଯୋଗିତାରେ କଟକ ଜିଲା ଚାମ୍ପିୟନ ହୋଇଥିଲା। ତେବେ ୧୭ବର୍ଷରୁ କମ୍ ବାଳକ ବିଭାଗରେ ଭଦ୍ରକ ଜିଲା ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲା ।

ଜିଲା ଶିକ୍ଷା ଅଧିକାରୀ ପ୍ରକାଶ କୁମାର ଯୋଶୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ଅର୍ଜୁନ ପୁରସ୍କାର ବିଜେତା ପ୍ରମୋଦ ଭଗତ୍ ମୁଖ୍ୟଅତିଥି, ଝାରସୁଗୁଡ଼ା ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଛପ, ଅବସରପ୍ରାପ୍ତ କ୍ରୀଡ଼ା ଅଧିକାରୀ ଅଭୟ କୁମାର ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ମନସୀ ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଦ୍ଧାର୍ଥ ପବ୍ଲିକ ସ୍କୁଲର ଅଧ୍ୟକ୍ଷ ଜି. ଶ୍ରୀନିବାସ ସ୍ୱାଗତ ଭାଷଣ ଦେଇଥିବାବେଳେ ସତ୍ୟନାରାୟଣ ରାୟଗୁରୁ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅର୍ଜୁନ ପୁରସ୍କାର ବିଜେତା ପ୍ରମୋଦ ଭଗତ୍, ନିକିତା ବିଶି, ସୁସ୍ମିତା ତନ୍ତୀ, ମନିଷା ନାଏକ, ସରିତ୍ ସୋରେନ, ମଞ୍ଜୁ ଗଞ୍ଜ ପ୍ରମୁଖଙ୍କୁ ମାନପତ୍ର, ଉପଢ଼ୌକନ ସହିତ ପୁରସ୍କୃତ କରାଯାଇଥିଲା । ବରଗଡ଼ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ତ୍ରୈଲୋକ୍ୟ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।



ରନର୍ସ ଅପ୍ ବରଗଡ଼ ଦଳ ।

# ହରିୟାଣାଠାରୁ ହାରିଲା ଓଡ଼ିଶା

**ବିଜୟ ହଜାରେ ଟ୍ରଫି**

କଟକ ଅଫିସ,୪।୧୦

ଭଦୋଦରାର ଏସ୍‌ଜିଏସ୍‌ଏ କ୍ରିକେଟ ଗ୍ରାଉଣ୍ଡରେ ଶୁକ୍ରବାର ଅନୁଷ୍ଠିତ ବିଜୟ ହଜାରେ ଟ୍ରଫି ଲିଗ ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ଓଡ଼ିଶା ୪ ଉଇକେଟରେ ହରିୟାଣାଠାରୁ ପରାସ୍ତ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୯ ଉଇକେଟ ବିନିମୟରେ ୨୦୭ ରନ କରିଥିଲା। ଜବାବରେ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ହେଁ ହରିୟାଣା ୬ଷ୍ଠ ଉଇକେଟରେ ଦୃଢ଼ ଭାଗୀଦାରି ଯୋଗୁ ୬ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଓଡ଼ିଶା ୪ଟି ମ୍ୟାଚ୍ ଖେଳିସାରିଥିବା ବେଳେ ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସମେତ ୨ଟି ମ୍ୟାଚ୍ ବାତିଲ ଯୋଗୁ ମୋଟ ୮ ପଏଣ୍ଟ ସଂଗ୍ରହ କରି ଟେବୁଲର ୭ମ ସ୍ଥାନରେ ରହିଛି। ୭ ତାରିଖରେ ଓଡ଼ିଶା ମହାରାଷ୍ଟ୍ରକୁ ଭେଟିବ।

ବର୍ଷା ଯୋଗୁ ମ୍ୟାଚକୁ ୪୬ ଓଭର ବିଶିଷ୍ଟ କରାଯାଇଥିଲା। ଅଧିନାୟକ ଶୁଭ୍ରାଂଶୁ ସେନାପତି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଓପନର ସନ୍ଦୀପ ପଟ୍ଟନାୟକ ଓ ସ୍ୱସ୍ତିକ ସାମଲ ପ୍ରଥମ ଉଇକେଟ ଯୋଡ଼ିରେ ୨୩ ରନ ସଂଗ୍ରହ କରିବା ପରେ ସ୍ୱସ୍ତିକ ୧୨ ରନରେ ଆଉଟ ହୋଇଥିଲେ। ପରେ ଅଧିନାୟକ ଶୁଭ୍ରାଂଶୁ ମଧ ୩ ରନ ସଂଗ୍ରହ କରି କ୍ରିଜ ଛାଡ଼ିଥିଲେ। ବ୍ୟାଟିଂ କ୍ରମ ୪ନଂରେ କ୍ରିଜକୁ ଆସିଥିବା ପୂର୍ବତନ ଅଧିନାୟକ ଗୋବିନ୍ଦ ପୋଦ୍ଦାର ୬୪ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିବା ଯୋଗୁଁ ଦଳ ବ୍ୟାଟିଂ ବିପର୍ଯ୍ୟୟରୁ ମୁକୁଳିଥିଲା। ଓପନର ସନ୍ଦୀପ ୪୪, ଉଇକେଟ କିପର ସୁଜିତ ଲେଙ୍କା ୩୪, ପପୁ ରାୟ ୧୧ରନ କରିଥିବା ବେଳେ ଅନ୍ୟ କେହି ଖେଳାଳି ଦୁଇ ଅଙ୍କ ଛୁଇଁପାରି ନଥିଲେ। ଓଡ଼ିଶା ୯ ଉଇକେଟ ହରାଇ ୨୦୭ରନ କରିଥିଲା । ହରିୟାଣାର ହର୍ଷଲ ପଟେଲ ଓ ସୁମିତ କୁମାର ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ । ୨୦୮ରନର ବିଜୟଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ହରିୟାଣା ୨୮ରନରେ ପ୍ରଥମ ଉଇକେଟ ହରାଇଥିଲା। ଏହାପରେ ୭୮ ରନରେ ୫ଟି ଉଇକେଟ ହରାଇ ଦଳ ସଙ୍କଟରେ ପଡ଼ିଥିଲା। ଓଡ଼ିଶାର ପେସ ବୋଲରମାନେ ଭଲ ବୋଲିଂ କରିଥିଲେ। ରାଜେଶ ମହାନ୍ତି ଓ ଦୀପକ ବେହେରା ୨ଟି ଲେଖାଏ ଉଇକେଟ ଦଖଲ କରିଥିବା ବେଳେ ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ଗୋଟିଏ ଉଇକେଟ ମିଳିଥିଲା। ଓପନର ନୀତୀନ ସଇନି ୪୪ ରନର ସଂଘର୍ଷପୂର୍ଣ୍ଣ ଇନିଂସ ଖେଳିଥିଲେ। ହରିୟାଣା ଅଲରାଉଣ୍ଡର ଜୟନ୍ତ ଯାଦବ(୬୭ରନ) ଓ ସୁମିତ କୁମାର(୬୪ରନ) ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ।



ଗୋବିନ୍ଦ ପୋଦ୍ଦାର

## ସଂକ୍ଷେପରେ

### ସିଇଓ ଭାବେ ଦାୟିତ୍ୱ ନେଲେ ଲୋହାନୀ



ଭୁବନେଶ୍ୱର, ୪।୧୦(ବ୍ୟୁରୋ): ବରିଷ୍ଠ ଆଇଏଏସ୍ ଅଧିକାରୀ ସୁଶୀଲ କୁମାର ଲୋହାନୀ ଶୁକ୍ରବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଭାବେ ସୁରେନ୍ଦ୍ର କୁମାରଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ବରଗଡ ଜିଲା ବିଜେପୁର ଉପନିର୍ବାଚନ ପ୍ରକ୍ରିୟା ଚାଲୁ ରହିଥିବାରୁ ସୁରେନ୍ଦ୍ର କୁମାର ନିର୍ବାଚନ ସମ୍ପର୍କିତ କାର୍ଯ୍ୟକ୍ରମଗୁଡ଼ିକୁ ନୂତନ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅବଗତ କରାଇଥିଲେ। ନିର୍ବାଚନ କାର୍ଯ୍ୟରେ ନିୟୋଜିତ ସମସ୍ତ ବରିଷ୍ଠ ଅଧିକାରୀ, ଉପବିଭାଗୀୟ ଅଧିକାରୀ(ଏସ୍‌ଓ), ସହକାରୀ ଉପବିଭାଗୀୟ ଅଧିକାରୀ(ଏଏସ୍‌ଓ) ଏବଂ ଅନ୍ୟ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ଲୋହାନୀଙ୍କୁ ସ୍ୱାଗତ କରିଥିଲେ। ଅପରାହ୍ନରେ ନୂତନ ସିଇଓ ଲୋହାନୀ ମୁଖ୍ୟ ନିର୍ବାଚନ କାର୍ଯ୍ୟାଳୟର କର୍ମଚାରୀମାନଙ୍କୁ ନେଇ ବିଜେପୁର ଉପନିର୍ବାଚନ ସମ୍ପର୍କିତ ଏକ ସମୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ(ଏସିଇଓ) ଡ. ଅଭୟ କୁମାର ନାୟକ ଓ ହରିବଲ୍ଲଭ ମିଶ୍ର, ଯୁଗ୍ମ ମୁଖ୍ୟ ନିର୍ବାଚନ ଅଧିକାରୀ(ଜେସିଇଓ) ଶତ୍ରୁଘ୍ନ କର ଓ ଭବାନୀ ପ୍ରସାଦ ରାୟ, ଉପମୁଖ୍ୟ ନିର୍ବାଚନ ଅଧିକାରୀ ନୀତିରଞ୍ଜନ ସେନ୍, ବୈଷୟିକ ବିଭାଗର ବରିଷ୍ଠ ଅଧିକାରୀ, ସମସ୍ତ ଅନୁଶାସନ ସଚିବ, ଏସ୍‌ଓ ଏବଂ ଏଏସ୍‌ଓମାନେ ଉପସ୍ଥିତ ରହିଥିଲେ।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ରାଇରଙ୍ଗପୁର,୪।୧୦(ଡି.ଏନ୍.ଏ.): ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଭାଲୁକିଟୁଆ ଗ୍ରାମରେ ଶୁକ୍ରବାର ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ଶିବ ମୁର୍ମୁ(୨୨)। ଶୁକ୍ରବାର ସକାଳ ୭ଟାରେ ଘର ପାର୍ଶ୍ୱ ବାଡ଼ିରେ ସେ କାମ ସାରି ଘରକୁ ଫେରି ଅସୁସ୍ଥ ହୋଇପଡ଼ିଥିଲେ। ପରିବାରବର୍ଗ ଗୁରୁତର ଅବସ୍ଥାରେ ତାଙ୍କୁ ରାଇରଙ୍ଗପୁରସ୍ଥିତ ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତ୍ତି କରିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୬/୧୯) ରୁଜୁ ହୋଇଛି।

## ୬୫ତମ ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ

# ଜଙ୍ଗଲ ଆୟତନ ୮୮୫ ବର୍ଗ କିଲୋମିଟର ବଢ଼ିଛି

ଭୁବନେଶ୍ୱର, ୪।୧୦(ବ୍ୟୁରୋ)

ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଶୁକ୍ରବାର ସୂଚନା ଭବନଠାରେ ୬୫ତମ ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥିଭାବେ ଯୋଗଦେଇ ଫନୀ ବାତ୍ୟାରେ କ୍ଷତିଗ୍ରସ୍ତ ବାଲୁଖଣ୍ଡ, ଚନ୍ଦକା-ଡମପଡ଼ା ଅଭୟାରଣ୍ୟ ଏବଂ ନନ୍ଦନକାନନ ପ୍ରାଣୀ ଉଦ୍ୟାନର ଯୁଦ୍ଧକାଳୀନ ଭିତ୍ତିରେ ମରାମତି କାର୍ଯ୍ୟ ଚାଲୁ ରହିଛି ବୋଲି ସେ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ପିସିସିଏଫ୍ ସନ୍ଦୀପ ତ୍ରିପାଠୀ ଯୋଗଦେଇ ରାଜ୍ୟ ବନବିଭାଗର ନିରନ୍ତର ପ୍ରୟାସ କ୍ରମେ ରାଜ୍ୟର ଜଙ୍ଗଲ ଆୟତନ ୮୮୫ ବର୍ଗ କିଲୋମିଟର ବୃଦ୍ଧି ପାଇଛି ବୋଲି କହିଛନ୍ତି।

ଜଙ୍ଗଲ ଓ ପରିବେଶ ବିଭାଗର ପ୍ରମୁଖ ଶାସନ ସଚିବ ମୋନା ଶର୍ମା ଯୋଗଦେଇ ପରିବେଶ ପର୍ଯ୍ୟଟନ ଉପରେ ଆଲୋକପାତ କରିଥିଲେ। ପିସିସିଏଫ୍ (ବନ୍ୟପ୍ରାଣୀ) ହରିଶଙ୍କର ଉପାଧ୍ୟାୟ ହାତୀମାନଙ୍କ ଚଳପ୍ରଚଳ ନିରୀକ୍ଷଣ ପାଇଁ ଆରମ୍ଭ ହୋଇଥିବା 'ଗଜବନ୍ଧୁ' ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ବର୍ତ୍ତମାନ ଏହା ଢେଙ୍କାନାଳ ଜିଲାରେ କାର୍ଯ୍ୟକାରୀ ହେଉଥିବାବେଳେ ଆଉ ୫-୬ମାସ ପରେ ଅନ୍ୟ ଜିଲାଗୁଡ଼ିକରେ ମଧ୍ୟ ଆରମ୍ଭ କରିବାକୁ ଯୋଜନା କରାଯିବ ବୋଲି ସେ କହିଛନ୍ତି।



ବିଚିତ୍ରାନନ୍ଦ ବିଶ୍ୱାଳଙ୍କୁ ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର ପ୍ରଦାନ କରାଯାଉଛି।

ଏହି ଅବସରରେ ପୁରୀ ଜିଲା ଅସ୍ତରଙ୍ଗର ବିଚିତ୍ରାନନ୍ଦ ବିଶ୍ୱାଳଙ୍କୁ ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବାବଦରେ ୨ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ଏହାସହ ବନ୍ୟପ୍ରାଣୀ ଫଟୋଗ୍ରାଫି ପ୍ରତିଯୋଗିତାର ଶ୍ରେଷ୍ଠ ୩ ଜଣ ପ୍ରତିଯୋଗୀ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବିଭାଗର ବିଭିନ୍ନ ଶାଖା ଏବଂ ନନ୍ଦନକାନନ ପ୍ରାଣୀଉଦ୍ୟାନ ତରଫରୁ ପ୍ରକାଶିତ ବିଭିନ୍ନ ପୁସ୍ତକ ଉନ୍ମୋଚିତ ହୋଇଥିଲା। ପ୍ରାରମ୍ଭରେ ବନ୍ୟଜନ୍ତୁଙ୍କ ସମ୍ପର୍କିତ ଏକ ପ୍ରଦର୍ଶନୀକୁ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଶେଷରେ ନନ୍ଦନକାନନ ପ୍ରାଣୀଉଦ୍ୟାନର ନିର୍ଦ୍ଦେଶକ ଶଶି ପଲ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ଦଶହରାରେ ୧୯ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ

ଭୁବନେଶ୍ୱର, ୪।୧୦(ବ୍ୟୁରୋ)

ଦଶହରାରେ ଟ୍ରେନରେ ଯାତ୍ରୀ ଭିଡ଼କୁ ନଜରରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ସ୍ୱତନ୍ତ୍ର ଟ୍ରେନ ସହ ନିୟମିତ ଟ୍ରେନରେ ଅତିରିକ୍ତ ବଗି ସଂଯୋଗ କରାଯାଇଛି। ଯଦ୍ୱାରା ୪ ଲକ୍ଷ ଅତିରିକ୍ତ ବର୍ଥ ସୃଷ୍ଟି କରାଯାଇଛି। ଏହି ସ୍ପେଶାଲ ଟ୍ରେନ ରିଜର୍ଭେଶନ କାଟେଗୋରୀରେ ଉପଲବ୍ଧ ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି। ପୂର୍ବତଟ ରେଳପଥ ମଧ୍ୟଦେଇ ଚଳାଚଳ କରୁଥିବା ଟ୍ରେନଗୁଡିକରେ ବି ଅତିରିକ୍ତ ବଗି ସଂଯୋଗ କରାଯାଇଛି। ପୂଜା ପାଇଁ ୧୯ ଯୋଡ଼ା ସ୍ୱତନ୍ତ୍ର ଟ୍ରେନର ବ୍ୟବସ୍ଥା କରାଯାଇଛି। ସେଗୁଡିକ ହେଉଛି ପୁରୀ-ସନ୍ତ୍ରାଗଛି-ପୁରୀ, ସନ୍ତ୍ରାଗଛି-ଚେନ୍ନାଇ-ସନ୍ତ୍ରାଗଛି, ଶାଲିମାର-ପୁରୀ-ଶାଲିମାର, ଭୁବନେଶ୍ୱର-ସିକନ୍ଦରାବାଦ-ଭୁବନେଶ୍ୱର(ସାପ୍ତାହିକ ଏବଂ ଦ୍ୱିସାପ୍ତାହିକ), ସମ୍ବଲପୁର-ବନସୱାଡି-ସମ୍ବଲପୁର, ସିଆଲଦା-ପୁରୀ-ସିଆଲଦା, ହବିବଗଞ୍ଜ-ପୁରୀ-ହବିବଗଞ୍ଜ, ଭଂଜପୁର-ପୁରୀ-ଭଂଜପୁର. ସିକନ୍ଦରାବାଦ-ଗୌହାଟୀ - ସିକନ୍ଦରାବାଦ, କାଚେଗୁଡା-ଟାଟା-କାଚେଗୁଡା, ଚେନ୍ନାଇ-ଗୌହାଟୀ-ଚେନ୍ନାଇ, ଚେନ୍ନାଇ-ସନ୍ତ୍ରାଗଛି-ଚେନ୍ନାଇ, ପୁଡୁଚେରୀ-ସନ୍ତ୍ରାଗଛି-ପୁଡୁଚେରୀ, ବିଶାଖାପାଟଣା-ଆରକୁ-ବିଶାଖାପାଟଣା, ବିଶାଖାପାଟଣା-ସିକନ୍ଦରାବଦ-ବିଶାଖାପାଟଣା, ବିଶାଖାପାଟଣା-ତିରୁପତି-ବିଶାଖାପାଟଣା, କଚେଗୁଡା-ଶ୍ରୀକାକୁଲମ-କଚେଗୁଡା। ଅତିରିକ୍ତ ବଗି ସଂଯୋଗ କରାଯାଇଥିବା ଟ୍ରେନ ହେଉଛି ଭୁବନେଶ୍ୱର-ବେଙ୍ଗାଲୁରୁ ପ୍ରଶାନ୍ତି ଏକ୍ସପ୍ରେସ, ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ, ହାଓଡ଼ା ଯାଉଥିବା ଜନଶତାବ୍ଦୀ ଏବଂ ଧଉଳି ଏକ୍ସପ୍ରେସ, ଭୁବନେଶ୍ୱର-ପୁଡୁଚେରୀ-ବୋକାରୋ ଯାଉଥିବା ଗରିବ ରଥ ଏକ୍ସପ୍ରେସ, ପୁରୀ-ହରିଦ୍ୱାର କଳିଙ୍ଗ ଉତ୍କଳ ଏକ୍ସପ୍ରେସ, ପୁରୀ-ଦୁର୍ଗ, ପୁରୀ-ହଟିଆ ତପସ୍ୱିନୀ, ପାଟନା ବୈଦ୍ୟନାଥ ଏକ୍ସପ୍ରେସ, ପୁରୀ-ହାଓଡ଼ା, ସମ୍ବଲପୁର-ହାଓଡ଼ା, ବିଶାଖାପାଟଣାରୁ ଛାଡୁଥିବା ଏଲଟିଟି ଏକ୍ସପ୍ରେସ, ଏପି ଏକ୍ସପ୍ରେସ, କୋଲ୍ଲମ ଏକ୍ସପ୍ରେସ, ଗାନ୍ଧୀନଗର ଏକ୍ସପ୍ରେସ, ସାଇନଗର ଶିରିଡି ଏକ୍ସପ୍ରେସ ଏବଂ ଅନ୍ୟ ପ୍ରମୁଖ ଟ୍ରେନ ଗୁଡିକରେ ଅତିରିକ୍ତ ବଗି ସଂଯୋଗ କରାଯାଇ ଅଧିକ ୪ ଲକ୍ଷ ବର୍ଥ ସୃଷ୍ଟି କରାଯାଇଛି।

## ସବୁ ସମୟରେ ରହିଛି ଗାନ୍ଧୀ ବିଚାରର ପ୍ରାସଙ୍ଗିକତା

### କଂଗ୍ରେସର ବୁଦ୍ଧିଜୀବୀ ସମାବେଶ

ଭୁବନେଶ୍ୱର,୪।୧୦(ବ୍ୟୁରୋ)

ମହାତ୍ମା ଗାନ୍ଧୀଙ୍କର ମୃତ୍ୟୁ ହୋଇଛି ସତ, ହେଲେ ଗାନ୍ଧୀ ବିଚାରର ମୃତ୍ୟୁ ହୋଇପାରିବ ନାହିଁ। ଏହି ବିଚାର ଆଜି ରହିଛି କାଲିକି ମଧ୍ୟ ରହିବ। ନୂତନ ଯୁବପିଢ଼ିଙ୍କୁ ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ କରାଇବାକୁ କଂଗ୍ରେସ ଆଗାମୀ ଦିନରେ କାର୍ଯ୍ୟକ୍ରମ ଗ୍ରହଣ କରିବ। ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ଗୁରୁବାର ପୂର୍ବାହ୍ନରେ କଂଗ୍ରେସ ଭବନଠାରେ ଆୟୋଜିତ ବୁଦ୍ଧିଜୀବୀ ସମାବେଶରେ ଏଆଇସିସି ସାଧାରଣ ସମ୍ପାଦକ ଜିତେନ୍ଦ୍ର ସିଂ ଏହା କହିଛନ୍ତି।

ଏଥିରେ ଅଧ୍ୟକ୍ଷତା କରୁଥିବା ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଥିଲେ ଯେ ଗାନ୍ଧୀ ସତ୍ୟ ଓ ଅହିଂସାକୁ ଭଗବାନ ଭାବେ ଗ୍ରହଣ କରିଛନ୍ତି। ସମାଜରେ ଗାନ୍ଧୀ ବିଚାରର ପ୍ରଚାର ଯେତେ ତୀବ୍ରତର ହେବ, ସମାଜରୁ କୁସଂସ୍କାର, ଭ୍ରଷ୍ଟାଚାର, ଅତ୍ୟାଚାର, ଅନୀତି, ଦୁର୍ନୀତି ହଟିବ ବୋଲି ନିରଞ୍ଜନ କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଭାଷାବିତ୍ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ, ପୂର୍ବତନ କୁଳପତି ଡ. ବିମଳେନ୍ଦୁ ମହାନ୍ତି, ସାମ୍ବାଦିକ ରବି ଦାସ, ସ୍ତମ୍ଭକାର ତୁଷାରକାନ୍ତ, ପୂର୍ବତନ କୁଳପତି ଡ. ଟି. ବାରିକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଏଆଇସିସି ସମ୍ପାଦକ ଜି. ରୁଦ୍ରରାଜୁ, ମସ୍ତାନ ଭାଲି, ଅନିଲ ଚୌଧୁରୀ, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ବିଧାୟକ ସୁରେଶ କୁମାର ରାଉତରାୟ, ମହମ୍ମଦ ମୋକିମ୍, ବରିଷ୍ଠ ଆଇନଜୀବୀ ଶିବାନନ୍ଦ ରାୟ ଓ ଧରଣୀଧର ନାୟକ, ପିସିସି ଉପସଭାପତି ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ଜିଆଉଲ୍ ହକ୍, ଅମିୟ ପାଣ୍ଡବ ଏବଂ ଉମାବଲ୍ଲଭ ରଥ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ରେଳଷ୍ଟେଶନରେ ଏକକ ବ୍ୟବହୃତ ପ୍ଲାଷ୍ଟିକ ନିଷିଦ୍ଧ

# କାର୍ଯ୍ୟାନୁଷ୍ଠାନ ପାଇଁ ନିୟମ ନାହିଁ

ଭୁବନେଶ୍ୱର, ୪।୧୦(ବ୍ୟୁରୋ)

ଗାନ୍ଧୀ ଜୟନ୍ତୀରୁ ରେଳଷ୍ଟେଶନଗୁଡ଼ିକରେ ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା ଜାରି କରାଯାଇଛି। ହେଲେ ଏବେ ବି ବିଭିନ୍ନ ଷ୍ଟେଶନରେ ନିଷିଦ୍ଧ ପ୍ଲାଷ୍ଟିକ ଓ ପଲିଥିନ୍ ବ୍ୟବହାର ହେଉଛି। ତେବେ ସମ୍ପୃକ୍ତ ବ୍ୟବହାରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କୌଣସି ନିୟମ ନାହିଁ। ଫଳରେ ଏହି କଟକଣାର କାର୍ଯ୍ୟକାରିତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ମାସକ ଆଗରୁ ବିଭିନ୍ନ ଷ୍ଟେଶନରେ ସଚେତନତା କାର୍ଯ୍ୟକ୍ରମ କରି ଯାତ୍ରୀଙ୍କୁ ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ବୁଝାଯାଇଛି। ୨ ଅକ୍ଟୋବରରୁ ଏହି ନିୟମ କଡ଼ାକଡ଼ି ଭାବେ ପାଳନ କରାଯିବ ବୋଲି ରେଳୱେ ବୋର୍ଡ ନିଷ୍ପତ୍ତି ନେଇଥିଲା। ନିୟମ ଲାଗୁହେବା ପୂର୍ବରୁ ଷ୍ଟେଶନରେ ପ୍ଲାଷ୍ଟିକ ବ୍ୟବହାର ନ କରିବା ଲାଗି ଡିଆର୍‌ଏମ୍‌ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଷ୍ଟେଶନ ପରିସରସ୍ଥ ଖୁଚୁରା ବ୍ୟବସାୟୀମାନଙ୍କୁ ଏ ସମ୍ପର୍କରେ ଅବଗତ କରାଇବାକୁ ସେମାନଙ୍କୁ କୁହାଯାଇଥିଲା। ହେଲେ ଏବେ ବି ଭୁବନେଶ୍ୱର ଷ୍ଟେଶନରେ ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାର ହେଉଥିବା ଦେଖିବାକୁ ମିଳିଛି। ଏପରିକି ନିଷିଦ୍ଧ ପଲିଥିନରେ ଖାଦ୍ୟ ଜିନିଷ ପ୍ୟାକେଟ ହୋଇ ବିକ୍ରି ହେଉଛି। ତେବେ ନିଷିଦ୍ଧ ପ୍ଲାଷ୍ଟିକ ବ୍ୟବହାର ବିରୋଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ରେଳୱେ ବୋର୍ଡରୁ କୌଣସି ସର୍କୁଲାର ଆସିନାହିଁ ବୋଲି ଭୁବନେଶ୍ୱର ଷ୍ଟେଶନ କର୍ତ୍ତୃପକ୍ଷ କହିଛନ୍ତି। ପୂର୍ବତଟ ରେଳପଥ ମୁଖ୍ୟାଳୟରେ ମଧ୍ୟ ଏ ସଂକ୍ରାନ୍ତ କୌଣସି ସୂଚନା ନ ଥିବା ଜଣାପଡ଼ିଛି।



ଭୁବନେଶ୍ୱର ମୁଖ୍ୟ ରେଳଷ୍ଟେଶନରେ ନିମ୍ନମାନର ପଲିଥିନ ପ୍ୟାକିଂ ଖାଦ୍ୟ।

## ଖିମଜୀ ପ୍ରସ୍ତୁତକଲା ଭୁବନେଶ୍ୱରର ପ୍ରଥମ ସୁନା ମୁକୁଟ

ଭୁବନେଶ୍ୱର,୪।୧୦(ବ୍ୟୁରୋ)



ଶାରଦୀୟ ଦୁର୍ଗାପୂଜା ଅବସରରେ ଓଡ଼ିଶାର ପ୍ରମୁଖ ଜୁଏଲେରି ଚେନ୍ 'ଖିମଜୀ ଜୁଏଲର୍ସ' ଦ୍ୱାରା ଭୁବନେଶ୍ୱରର ପ୍ରଥମ ସୁନା ମୁକୁଟ (ସଲିଡ୍ ଗୋଲ୍ଡ) ପ୍ରସ୍ତୁତ କରାଯାଇଛି। ରାଜଧାନୀର ଶହୀଦନଗର ଦୁର୍ଗାପୂଜା ସମିତି ପକ୍ଷରୁ ବରାଦ ଦିଆଯାଇଥିବା ଏହି ମୁକୁଟକୁ ଖିମଜୀର ୬ଜଣ ଶ୍ରେଷ୍ଠ ସୁନା କାରିଗରଙ୍କ ଦ୍ୱାରା ତିଆରି କରାଯାଇଛି। ମା' ଜଗଜ୍ଜନନୀଙ୍କ ମସ୍ତକରେ ଶୋଭା ପାଇବାକୁ ଥିବା ଏହି ମୁକୁଟରେ ୨.୫ କିଲୋଗ୍ରାମ ସୁନା ଲାଗିଥିବା ବେଳେ ଏଥିରେ ନିଖୁଣ ଓ ସୂକ୍ଷ୍ମ କାରିଗରି କରାଯାଇଛି। ୭ମାସର କଠିନ ପରିଶ୍ରମ ପରେ ମୁକୁଟରେ ଶେଷ ସ୍ପର୍ଶ ଦିଆଯାଇଛି। ଶହୀଦନଗର ଦୁର୍ଗାପୂଜା ମଣ୍ଡପରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଖିମଜୀ ଜୁଏଲର୍ସର ନିର୍ଦ୍ଦେଶକ ସୁମିତ୍ ଖିମଜୀ ଏହି ସୁନା ମୁକୁଟକୁ ପୂଜା ସମିତିକୁ ପ୍ରଦାନ କରିଛନ୍ତି। ଏହି ଅବସରରେ ସେ କହିଥିଲେ, ମା' ଦୁର୍ଗାଙ୍କ ପାଇଁ ଏଭଳି ଏକ ନିଆରା ମୁକୁଟ ତିଆରି କରିବାର ଅବସର ଖିମଜୀକୁ ମିଳିଥିବାରୁ ଆମେ ସୌଭାଗ୍ୟ ମନେକରୁଛୁ। ଏତେବଡ଼ ଦାୟିତ୍ୱ ପାଇଁ ଶହୀଦନଗର ପୂଜା ସମିତି ଆମ ଉପରେ ଭରସା କରିଥିବାରୁ ସେମାନଙ୍କୁ ଧନ୍ୟବାଦ ଦେଉଛୁ। ଏହି ସୁନା ମୁକୁଟ ପିନ୍ଧି ମା' ଚଳିତବର୍ଷ ଆହୁରି ଆକର୍ଷଣୀୟ ଲାଗିବେ ବୋଲି ସେ କହିଥିଲେ। ଶହୀଦନଗର ଦୁର୍ଗାପୂଜା ସମିତି ପାଇଁ ୨୦୧୬ ମସିହାରେ ଖିମଜୀ ପକ୍ଷରୁ ମା' ଦୁର୍ଗାଙ୍କ ପାଇଁ ଏକ ରୁପା ମୁକୁଟ ମଧ୍ୟ ପ୍ରସ୍ତୁତ କରାଯାଇଥିଲା।



## ବୃତ୍ତିଗତ ଦକ୍ଷତା ବୃଦ୍ଧି, ଗୁଣାତ୍ମକ ସେବାକୁ ଗୁରୁତ୍ୱ

### ନୂତନ ଏଏସ୍‌ଓଙ୍କ ସହ ମୁଖ୍ୟ ଶାସନ ସଚିବଙ୍କ ଆଲୋଚନା

ଭୁବନେଶ୍ୱର, ୪।୧୦(ବ୍ୟୁରୋ)

ଲୋକସେବା ଭବନରେ କାର୍ଯ୍ୟରତ ଯୁବ ସହକାରୀ ଉପବିଭାଗୀୟ ଅଧିକାରୀ(ଏଏସ୍‌ଓ)ମାନଙ୍କ ସହ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଶୁକ୍ରବାର ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି।

ମୁଖ୍ୟ ଶାସନ ସଚିବ କହିଥିଲେ ଯେ ବର୍ତ୍ତମାନ ସମାଜ ଦ୍ରୁତଗତିରେ ପରିବର୍ତ୍ତିତ ଏବଂ ରୂପାନ୍ତରିତ ହେଉଛି। ନାଗରିକମାନେ ଡିଜିଟାଲ୍ ଦୁନିଆ ସହିତ ସଂଯୋଜିତ ହେଉଛନ୍ତି। ସେହି ଅନୁସାରେ ସରକାରୀ ବ୍ୟବସ୍ଥା ଓ ପ୍ରଶାସନିକ ଢଙ୍ଗ ମଧ୍ୟ ଦ୍ରୁତ ପରିବର୍ତ୍ତିତ ହେଉଛି। ଏପରି ସମୟରେ ପେସାଗତ ମନୋଭାବରେ ଅଭିନବ କୌଶଳ ଅବଲମ୍ବନ କରି ବ୍ୟବସ୍ଥାକୁ ଅଧିକ ଫଳପ୍ରସୂ କରିବାର ଆବଶ୍ୟକତା ରହିଥିବା ଅସିତ କହିଥିଲେ। ସେହିପରି ନବନିଯୁକ୍ତ ଏଏସ୍‌ଓମାନେ ଇଞ୍ଜିନିୟରିଂ, ବ୍ୟବସାୟ ପରିଚାଳନା, ଆର୍ଥିକ ପରିଚାଳନା ଆଦି ବିଭିନ୍ନ ବୃତ୍ତିଗତ ବିଷୟରେ ଶିକ୍ଷାଲାଭ କରିଛନ୍ତି। ତେଣୁ ନିଜର ଜ୍ଞାନ ଓ ବୁଦ୍ଧିମତ୍ତା ପ୍ରୟୋଗ କରି ତ୍ୱରିତ ସେବା ଯୋଗାଣରେ ଗୁଣାତ୍ମକ ପରିବର୍ତ୍ତନ ହାସଲ କରିବାକୁ ସମସ୍ତେ ଚେଷ୍ଟା କରିବା ଉଚିତ ବୋଲି ଅସିତ କହିଥିଲେ। ସରକାରୀ କାର୍ଯ୍ୟରେ ୫-'ଟି' ଆଧାରରେ କିପରି ନିଷ୍ପତ୍ତି ଓ କାର୍ଯ୍ୟାନ୍ୱୟନ ପ୍ରକ୍ରିୟାକୁ ଅଧିକରୁ ଅଧିକ ତ୍ୱରାନ୍ୱିତ କରିହେବ ସେଥିପ୍ରତି ଯତ୍ନବାନ ହେବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ।

ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର ପ୍ରଚଳିତ ନିୟମ ଓ ପ୍ରକ୍ରିୟାର ପ୍ରକୃତ ଉଦ୍ଦେଶ୍ୟ ବୁଝି ତ୍ୱରିତ ଗତିରେ ସେବା ଯୋଗାଣ ପାଇଁ ଅଭିନବ ଉପାୟମାନ ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଅଶୋକ ମୀନା ଏଏସ୍‌ଓମାନଙ୍କୁ ନିଜ ନିଜ ଉପବିଭାଗର ରେକର୍ଡ, ଫାଇଲ୍ ଏବଂ ନିଜ କାର୍ଯ୍ୟ କରିବାର ସ୍ଥାନ ସୁସଙ୍ଗଠିତ କରି ରଖିବା ପାଇଁ କହିଥିଲେ। ଯିଏ ଯେତିକି ସଙ୍ଗଠିତ ସିଏ ସେତେ ଅଧିକ କାର୍ଯ୍ୟ କରିପାରିବେ ବୋଲି ସେ କହିଥିଲେ। ଓସ୍ୱାସ୍, ଆଇଏଫ୍‌ଏମ୍‌ଏସ୍ ଏବଂ ଏଚ୍‌ଆର୍‌ଏମ୍‌ଏସ୍ ଭଳି ଅନ୍‌ଲାଇନ୍ ବ୍ୟବସ୍ଥା ମାଧ୍ୟମରେ କାମ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ନିଜ ନିଜର ବୃତ୍ତିଗତ ଶିକ୍ଷାରୁ ଲାଭ କରିଥିବା ଜ୍ଞାନର ପ୍ରୟୋଗ କରି 'ଇନ୍-ହାଉସ୍ କନ୍‌ସଲଟାଣ୍ଟ' ଭାବେ କାର୍ଯ୍ୟ କରିବାକୁ ଏଏସ୍‌ଓମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଏଏସ୍‌ଓମାନେ ମଧ୍ୟ ନିଜ ନିଜର ଅନୁଭୂତି ଓ ପରାମର୍ଶ ରଖିଥିଲେ।


ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

DOMINOS PIZZA HIRING
Delivery Boy Full Time / Part Time
Salary Rs.9000/- to 10,000/- per month + Incentive.
Qualification : 10th Pass
Driving Licence Must
CALL : 9040033665

REQUIRED
Airport Ground Staff. (10th to Graduate) Airticketing Airhostess, I.T.I, Diploma, X.Man Guard, Supervisor, Lodder, Driver.
Salary 27,500 to 95,700
Sent your resume.
akashaviationacademy11@gmail.com
9811057388/9811135247

ସାଉଥ୍ ଆଫ୍ରିକାରେ ଚାକିରୀ
ଇନ୍‌ଫ୍ରାଷ୍ଟ୍ରକ୍‌ଚର କନ୍‌ଷ୍ଟ୍ରକ୍‌ସନ୍ - ସମସ୍ତ ପ୍ରକାର ଓ୍ୱାର୍କର ଏବଂ ଡ୍ରାଇଭର, ହେଲପର, ଅଫିସ୍ ଷ୍ଟାଫ୍ ଆବଶ୍ୟକ। ଦରମା - ୪୦,୦୦୦/- (୨ ବର୍ଷ କଣ୍ଟ୍ରାକ୍ଟ, ଇଣ୍ଡିଆନ୍ ମ୍ୟାନେଜ୍‌ମେଣ୍ଟ)
କମଲ ପ୍ଲେସ୍‌ମେଣ୍ଟ, ୪୧୫, ରଙ୍ଗିଲା ପାର୍କ, ଦିନ୍‌ଦୋଲି, ସୁରତ୍, ଗୁଜୁରାଟ
M : 9157312448, 9157012447

WANTED
The following staffs for our Office At-Paradeep.
1) ACCOUNTANT (TALLY) Male Candidate with 3 Years Experience.
2) CAR DRIVER
CONTACT MOB :
9937763988, 8249193688

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-.
(Part Time / Full Time)
Contact: 9938676412

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., Monthly Salary upto Rs.25,000/-.
Contact Immediately
Mob: 8763257042

WALK-IN-INTERVIEW
BRAHMABARADA DEGREE MAHAVIDYALAYA
AT-BARADA VIHAR, PO/VIA-BRAHMABARADA, JAJPUR
Temporary contractual Lecturers required for the post of ODIA, ENGLISH, SANSKRIT, URDU and EDUCATION. Interested Candidates having 55% Marks in P.G Level are required to attend the interview on dated. 20.10.2019 at 11.00 A.M. in the College Campus.
Principal-in-charge -cum-Secretary

WANTED
Experience Commerce Graduate/ Inter C/A knowledge in Accounting with (ERP9) tally. Experience above five year.
Diamond Polymers, Patia Bhubaneswar.
Contact after - 10.10.2019
Contact : 9337050073, 9437450073

PETER ENGLAND
Branded Mens Wear Showroom required 3 Salesman and Store Manager with computer knowledge. At Dhenkanal, Kanchan Bazar.
Contact Person: 7008865051

WANTED
Salesman for New Jewellery Showroom at Bhubaneswar, Send Bio-data to hwjjus@yahoo.com or SMS to.-
9437033691
Good Salary for right Candidate.

Kalinga NURSING SCHOOL BHUBANESWAR
KALINGA NURSING SCHOOL/COLLEGE
Kalinga Hospital campus, Nalco square.C.S. Pur. BBSR
Website- kalinganursingcollegebbsr.org
3. The bidders desirous to participate in bidding must possess compatible Digital Signature Certificate of Class-II and Class-III and should follow the changes/ modifications/ addendum to DTCN, if any.
4. **Critical Dates:-**

| SN | Description | | Critical Dates |
|---|---|---|---|
| I | **Period of availability of tenders on-line** | : | **11.30 AM of 09.10.2019 to 5.00 PM 24.10.2019** |
| ii | **Last date & time of seeking clarification as per Schedule - J** | : | **18.10.2019 up to 5.00 PM** |
| iii | **Last date & time of bidding on-line** | : | **24.10.2019 up to 5.00 PM** |
| iv | **Date & time of opening of Technical Bid** | : | **25.10.2019 at 11.30 AM** |
| v | **Date & time of opening of the Financial Bid** | : | **Will be intimated to Technically successful bidder (s)** |

5. **Minimum Eligibility Criteria:-**

I) Average Annual Financial turnover during the last 3 year, ending 31st March 2019, should be at least 30% of the estimated cost.
ii) Experience of having successfully completed similar works during last 7 years ending 28.02.2019 should be either of the following : -
a. Three similar completed works costing not less than the amount equal to 40% of the estimated cost.
or
b. Two similar completed works costing not less than the amount equal to 50% of the estimated cost.
or
c. One similar completed works costing not less than the amount equal to 80% of the estimated cost.

**Note :-** "**Similar work**" such as Building work / steel structure building/Water bodies.
The firm shall have to submit the performance certificate of the works constructed by them for satisfactory performance from appropriate authority i.e., not below the rank of Executive Engineer/equivalent.

6. The bid for the work shall remain open for acceptance for a period of **120 days** from the date of opening of price bids. If any Bidder/ Tenderer withdraws his bid/tender before the said period or makes any modifications in the terms and conditions of the bid, the said earnest money shall stand forfeited.
7. Other details can be seen in the bidding documents, which is available in website **www.tendersorissa.gov.in.**
8. The Bidder should have not been black listed by any Govt/ Govt. Undertaking or should have not been debarred from BMC on the bid opening date. Self-declaration certificate by Bidder in the form of Affidavit is to be submitted.
9. Subsequent corrigendum if required shall be appeared in the website.
10. Authority reserves the right to reject any or all the tenders without assigning any reasons thereof.

**By Order of Commissioner, BMC**
**Executive Engineer, Div-II**
**Bhubaneswar Municipal Corporation**

**Progress Through Partnership for a Better Bhubaneswar**

## ସଂକ୍ଷେପରେ

### ରାଜେଶ ନାୟକ ଏକକ ଅଗ୍ରଣୀ

ଭୁବନେଶ୍ୱର, ୪।୧୦(କ୍ରୀଡ଼ା ପ୍ରତିନିଧି): ବାଲେଶ୍ୱର ଜିଲା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ବିନୟ ପାରାଡାଇଜ୍‌ରେ ଚାଲିଥିବା ୬୦ତମ ଓଡ଼ିଶା ରାଜ୍ୟ ଫିଡେ ରେଟିଂ (ଓପନ) ଚେସ୍‌ର ୭ମ ରାଉଣ୍ଡ ଖେଳ ଶେଷସୁଦ୍ଧା ପୁରୀର ରାଜେଶ ନାୟକ ଏକକ ଅଗ୍ରଣୀଲାଭ କରିଛନ୍ତି। ସେ ୬.୫ ପଏଣ୍ଟ ପାଇଛନ୍ତି। ଖୋର୍ଦ୍ଧାର ରାକେଶ କୁମାର ନାୟକ ଏବଂ କଟକର ଶ୍ରେୟାସ ଶୁଭମ୍ ପଟ୍ଟନାୟକ ୬ ପଏଣ୍ଟ ଲେଖାଏ ହାସଲ କରି ଯୁଗ୍ମଭାବେ ଦ୍ୱିତୀୟ ସ୍ଥାନ ପାଇଛନ୍ତି। ମହିଳା ଫିଡେମାଷ୍ଟର ରତ୍ନମ୍ବରା ବିଧାର, ନୀଲସୁ ପଟ୍ଟନାୟକ ଓ ଅଂଶୁମାନ ସାମଲ ୫.୫ ପଏଣ୍ଟ ସହିତ ପରବର୍ତ୍ତୀ ୩ ସ୍ଥାନରେ ରହିଛନ୍ତି। ଶନିବାର ଆଉ ୨ ରାଉଣ୍ଡ ଖେଳ ସହ ପ୍ରତିଯୋଗିତା ଶେଷ ହେବ। ପ୍ରତିଯୋଗିତାର ଶ୍ରେଷ୍ଠ ୪ ଖେଳାଳି ଜାତୀୟ ସିନିୟର ଓପନ ଚେସ୍ ଚାମ୍ପିୟନଶିପ୍‌ରେ ଖେଳିବାକୁ ଯୋଗ୍ୟ ବିବେଚିତ ହେବେ। ଏହି ଜାତୀୟ ପ୍ରତିଯୋଗିତା ସିକିମଠାରେ ଚଳିତବର୍ଷ ଡିସେମ୍ବର ୯ରୁ ୨୦ ପର୍ଯ୍ୟନ୍ତ ଅନୁଷ୍ଠିତ

### ସାଙ୍ଘାଇ ମାଷ୍ଟର୍ସରୁ ଓହରିଲେ ନାଡାଲ

ସାଙ୍ଘାଇ,୪।୧୦(ଏଏଫ୍‌ପି): କିମ୍ବଦନ୍ତୀ ସ୍ପାନିଶ ଖେଳାଳି ରାଫାଲ ନାଡାଲ ଆସନ୍ତା ସପ୍ତାହରେ ହେବାକୁ ଥିବା ଶାଙ୍ଘାଇ ମାଷ୍ଟର୍ସରେ ନ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି। ବିଶ୍ୱର ଦ୍ୱିତୀୟ ର୍‍ୟାଙ୍କ ଖେଳାଳି ରିଷ୍ଟ ଆହତ ସମସ୍ୟାରୁ ମୁକୁଳି ପାରି ନାହାନ୍ତି। ଏହି କାରଣରୁ ସେ ଗତ ମାସରେ ଲାଭର କପ୍ ମଧ୍ୟରୁ ଓହରି ଯାଇଥିଲେ। କ୍ରମାଗତ ଦ୍ୱିତୀୟ ଥର ଲାଗି ୧୯ ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଶାଙ୍ଘାଇ ମାର୍ଷ୍ଟସରେ ଅଂଶଗ୍ରହଣ କରିବେ ନାହିଁ। ମୋ ବାମହାତର ରିଷ୍ଟରେ ଲାଭର କପ୍‌ବେଳେ ଆଘାତ ଲାଗିଥିଲା। ମୋ ପାଖରେ ରିକଭର ଓ ଅଭ୍ୟାସ କରିବା ପାଇଁ ଯଥେଷ୍ଟ ସମୟ ନାହିଁ ବୋଲି ୩୩ ବର୍ଷୀୟ ଷ୍ଟାର କହିଛନ୍ତି। ୨୦୨୦ ସଂସ୍କରଣରେ ଖେଳିବା ପାଇଁ ଆଶା ପ୍ରକାଶ କରିଛନ୍ତି।

---

> ମୟଙ୍କ ଅଗ୍ରୱାଲ ଅଷ୍ଟ୍ରେଲିଆରେ ଭଲ ଖେଳିଥିଲେ। ଏବେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦ୍ୱିଶତକ ହାସଲ କରିଛନ୍ତି। ଏକ ବର୍ଷ ଖେଳିବାକୁ ଦିଆଯାଇ ତାଙ୍କ ଦକ୍ଷତା ମପାଯାଉ।
>
> **-ସୌରଭ ଗାଙ୍ଗୁଲି, ପୂର୍ବତନ ଭାରତୀୟ ଅଧିନାୟକ**



> ବର୍ତ୍ତମାନର ଭାରତୀୟ ଫୁଟ୍‌ବଲ ଦଳଠାରୁ ପ୍ରଶଂସକମାନେ ଅନେକ କିଛି ଆଶା କରିବା ସହ ଏକ ନୂଆ ଯୁଗର ଆରମ୍ଭ ହୋଇଥିବା ଅନେକେ ଅନୁଭବ କରୁଛନ୍ତି।
>
> **-ଇଗର ଷ୍ଟିମାକ୍, ମୁଖ୍ୟ କୋଚ୍**



# ଏଲଗାର, ଡିକକ୍‌ଙ୍କ ଶତକ, ଅଶ୍ୱିନଙ୍କୁ ୫

**ପ୍ରଥମ ଟେଷ୍ଟ**





ଶତକ ହାସଲକାରୀ କ୍ୱିଣ୍ଟନ ଡିକକ୍ ଓ ଡିନ୍ ଏଲଗାର।



ଉଇକେଟ ହାସଲ ପରେ ଉଲ୍ଲସିତ ରବିଚନ୍ଦ୍ରନ ଅଶ୍ୱିନୀ (ଡାହାଣ)।

**ବିଶାଖାପାଟଣା,୪।୧୦(ପି.ଟି.)**

ଭାରତ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ମଧ୍ୟ ପରେ ଦମ୍‌ଦାର ପ୍ରଦର୍ଶନ କରି ଦୃଢ଼ ପ୍ରତ୍ୟାବର୍ତ୍ତନ କରିଛି। ଓପନର ଡିନ୍ ଏଲଗାର ଓ ଉଇକେଟକିପର ବ୍ୟାଟ୍ସମ୍ୟାନ କ୍ୱିଣ୍ଟନ ଡିକକ ଶତକ ହାସଲ କରି ଦକ୍ଷିଣ ଆଫ୍ରିକାକୁ ମ୍ୟାଚ୍‌କୁ ଫେରାଇଛନ୍ତି। ତେବେ ଏହା ସତ୍ତ୍ୱେ ଭାରତ ସୁବିଧାଜନକ ସ୍ଥିତିରେ ରହିଛି। ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରି ଓପନର ମୟଙ୍କ ଅଗ୍ରୱାଲଙ୍କ ଦ୍ୱିଶତକ ଓ ରୋହିତ ଶର୍ମାଙ୍କ ଶତକ ସହାୟତାରେ ୧୩୬ ଓଭରରେ ୫୦୨ ରନ କରି ଇନିଂସ ଘୋଷଣା କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ ଆରମ୍ଭ କରି ଶୁକ୍ରବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୧୧୮ ଓଭରରେ ୮ ଉଇକେଟ ହରାଇ ୩୮୫ ରନ ସଂଗ୍ରହ କରିଛି। ମ୍ୟାଚ୍ ଆଉ ଦୁଇ ଦିନ ବାକିଥିବା ବେଳେ ଦକ୍ଷିଣ ଆଫ୍ରିକା ୨ ଉଇକେଟ ବାକି ରଖି ୧୧୭ ରନ ପଛରେ ପଡିଛି। ଷ୍ଟମ୍ପ ଅପସାରଣ ବେଳକୁ ଦୁଇ ଟେଲଏଣ୍ଡର ସେନୁରାନ ମୁଥୁସାମି ଓ କେଶବ ମହାରାଜ ଯଥାକ୍ରମେ ୧୨ ଓ ୩ ରନ କରି ଅପରାଜିତ ରହିଛନ୍ତି।

ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୩୯/୩ରୁ ଦକ୍ଷିଣ ଆଫ୍ରିକା ବ୍ୟାଟିଂ ଆରମ୍ଭ କରି ଦୃଢ଼ ପ୍ରଦର୍ଶନ କରିଥିଲା ଓ ଘରୋଇ ବୋଲରଙ୍କୁ ନିରାଶ କରିଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ତଥା ଓପନର ଏଲଗାର ୨୭ ରନରୁ ଖେଳ ଆରମ୍ଭ କରି ୧୬୦ ରନର ବୃହତ୍ ଶତକୀୟ ଇନିଂସ ଖେଳିଥିଲେ। ସେହିପରି ୨ ରନରୁ ବ୍ୟାଟିଂ ଆରମ୍ଭ କରି ଟେମ୍ବା ବଭୁମା ୧୮ ରନ କରିଥିବା ବେଳେ ଇଶାନ୍ତ ଶର୍ମାଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏଲଗାର ୨୮୭ଟି ବଲର ସମ୍ମୁଖୀନ ହୋଇ ୧୮ ଚୌକା ଓ ୪ ଛକା ମାରିଥିଲେ। ଏଥିସହିତ ଏଲଗାର କ୍ୟାରିୟରର ଦ୍ୱାଦଶ ଟେଷ୍ଟ ଶତକ ଅର୍ଜନ କରିଛନ୍ତି। ଏହାପରେ ଅଧିନାୟକ ଫାଫ୍ ଡୁପ୍ଲେସି ୫୫ ରନର ଅର୍ଦ୍ଧଶତକୀୟ ପାଳି ଖେଳି ପ୍ୟାଭିଲିୟନ ଫେରିଥିଲେ। ଡୁପ୍ଲେସି ରବିଚନ୍ଦ୍ରନ ଅଶ୍ୱିନଙ୍କ ବଲ୍‌ରେ ଚେତେଶ୍ୱର ପୂଜାରାଙ୍କୁ ସ୍ଲିପ୍‌ରେ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଡୁପ୍ଲେସିଙ୍କୁ ଆଉଟ କରି ଅଶ୍ୱିନ ଭାରତକୁ ବ୍ରେକ୍ ଥ୍ରୁ ଦେଇଥିଲେ। ପଞ୍ଚମ ଉଇକେଟରେ ଡୁପ୍ଲେସି ଓ ଏଲଗାର ୧୧୫ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିଥିଲେ। ଏହାପରେ ଷଷ୍ଠ ଉଇକେଟ ଯୋଡିରେ ଏଲଗାର ଓ ଡିକକ୍ ଲଢୁଆ ପ୍ରଦର୍ଶନ କରିଥିଲେ ଓ ୧୬୪ ରନ ସଂଗ୍ରହ କରି ଭାରତକୁ ନିରାଶ କରିଥିଲେ। ଦ୍ୱିଶତକ ଆଡକୁ ଅଗ୍ରସର ହେଉଥିବା ବେଳେ ଏଲଗାର ରବୀନ୍ଦ୍ର ଜାଡେଜାଙ୍କ ବଲ୍‌ରେ ସ୍କୋୟାର ଲେଗ୍‌ରେ ଚେତେଶ୍ୱର ପୂଜାରାଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏଲଗାର ବଲ୍‌କୁ ସ୍ଲଗ୍-ସୁଇପ୍ କରିବାକୁ ପ୍ରୟାସ କରିଥିଲେ। ତେବେ ବଲ୍ ବ୍ୟାଟ୍‌ର ଟପ୍ ଏଜ୍ ନେଇଥିଲା। ଫଳରେ ପୂଜାରା ଡିପ୍ ମିଡ୍ ଉଇକେଟରୁ ଦୌଡ଼ି ଆସି କ୍ୟାଚ୍ ଧରିଥିଲେ।

ଏଲଗାରଙ୍କୁ ଆଉଟ କରିବା ସହ ଜାଡେଜା ଭାରତକୁ ଏକ ବଡ଼ ବ୍ରେକ୍ ଥ୍ରୁ ଦେଇଥିଲେ। ଏଥିସହିତ ସେ କ୍ୟାରିୟର ୨୦୦ତମ ଟେଷ୍ଟ ଉଇକେଟ ହାସଲ କରି ଏକ ଅସାଧାରଣ ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ଏହାପରେ ଡିକକ୍‌ଙ୍କ ପାଳି ପଡିଥିଲା। ୧୬୩ ବଲ୍‌ର ସମ୍ମୁଖୀନ ହୋଇ ୧୬ ଚୌକା ଓ ୨ ଛକା ସହ ୧୧୧ ରନର ଶତକୀୟ ପାଳି ଖେଳି ଅଶ୍ୱିନଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏଥିସହ ଡିକକ୍ କ୍ୟାରିୟରର ପଞ୍ଚମ ଟେଷ୍ଟ ଶତକ ଅର୍ଜନ କରିଛନ୍ତି। ଭର୍ନନ ଫିଲାଣ୍ଡର ତୃତୀୟ ଦିନର ଅନ୍ତିମ ଉଇକେଟ ଭାବେ ଆଉଟ ହୋଇଥିଲେ। ସେ ଖାତା ଖୋଲିବା ପୂର୍ବରୁ ଅଶ୍ୱିନଙ୍କ ଦ୍ୱାର କ୍ଲିନ୍ ବୋଲ୍ଡ ହୋଇଥିଲେ। ଅଶ୍ୱିନ ଏଥିସହିତ ମୋଟ ୫ ଉଇକେଟ ହାସଲ କରିଛନ୍ତି। ସେ ଏପର୍ଯ୍ୟନ୍ତ ୬୬ଟି ଟେଷ୍ଟ ଖେଳି ୨୦୧୭ ଅଗଷ୍ଟରେ ପ୍ରଥମଥର ପାଇଁ ୫ ଉଇକେଟ ସଫଳତା ଅର୍ଜନ କରିଥିଲେ। କ୍ୟାରିୟରର ୨୭ତମ ୫ ଉଇକେଟ ସଫଳତା ଅର୍ଜନ କରିଛନ୍ତି। ଅନ୍ତିମ ସେସନରେ ଭାରତୀୟ ବୋଲରମାନେ ପ୍ରତ୍ୟାବର୍ତ୍ତନ କରିଥିଲେ। ଭାରତ ତରଫରୁ ବୋଲିଂରେ ଅନ୍ୟମାନଙ୍କ ମଧ୍ୟରେ ଜାଡେଜା ୨ ଓ ଇଶାନ୍ତ ଶର୍ମା ଗୋଟିଏ ଉଇକେଟ ଅକ୍ତିଆର କରିଛନ୍ତି। ଗୁରୁବାର ଦ୍ୱିତୀୟ ଦିନରେ ଦକ୍ଷିଣ ଆଫ୍ରିକା ଓପନର ଏଡେନ ମାରକ୍ରାମ, ଥେଉନିସ ଡି ବ୍ରୁଇନ ଓ ଡେନ୍ ପିଡ୍‌ଙ୍କୁ ମାତ୍ର ୩୪ ରନରେ ହରାଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ମାରାକ୍ରାମ ୫ ଓ ବ୍ରୁଇନ୍ ୪ ରନ କରି ଅଶ୍ୱିନଙ୍କ ଦ୍ୱାର ଆଉଟ ହୋଇଥିବା ବେଳେ ପିଡ୍ ଖାତା ଖୋଲିବା ପୂର୍ବରୁ ଜାଡେଜାଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ତୃତୀୟ ଦିନରେ ଏଲଗାର ଦମ୍‌ଦାର ବ୍ୟାଟିଂ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ- ୧୩୬ ଓଭରରେ ୫୦୨/୭ରେ ଇନିଂସ ଘୋଷଣା (ମୟଙ୍କ- ୨୧୫, ରୋହିତ- ୧୭୬, ମହାରାଜ- ୩/୧୮୯ )।

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ- ୧୧୮ ଓଭରରେ ୩୮୫/୮ (ଏଲଗାର- ୧୬୦, ଡିକକ୍- ୧୧୧, ଡୁପ୍ଲେସି- ୫୫, ଅଶ୍ୱିନ- ୫/୧୨୮, ଜାଡେଜା- ୨/୧୧୬, ଇଶାନ୍ତ- ୧/୪୪)।

# କ୍ୱାର୍ଟରରେ ଯମୁନା ବୋରୋ

**ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍**



ଯମୁନା ବରୋ ଓ ମିଚିଦମା ଇର୍ଡେନେଦାଲାଇଙ୍କ ମଧ୍ୟରେ ଲଢ଼େଇ।

**ଉଲାନ-ଉଡେ(ରୁଷିଆ),୪।୧୦(ପି.ଟି.)**

ଏଠାରେ ଚାଲିଥିବା ବିଶ୍ୱ ବକ୍ସିଂ ଚାମ୍ପିୟନଶିପରେ ଯମୁନା ବରୋ (୫୪ କେଜି) ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ମୁକାବିଲାକୁ ଜିତି ଯମୁନା ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବୋରୋ ମଙ୍ଗୋଲିଆର ମିଚିଦମା ଇର୍ଡେନେଦାଲାଇଙ୍କୁ ୫-୦ରେ ହରାଇ ଦେଇଛନ୍ତି। ୨୨ ବର୍ଷୀୟା ଆସାମ ବକ୍ସର ଆଗାମୀ ପର୍ଯ୍ୟାୟରେ ଆଲଜେରିଆର ୫ମ ସିଡ୍ ଓଇଡାଡ ଫୌଙ୍କୁ ଭେଟିବେ। ଆଲଜେରିଆ ବକ୍ସର ୨୦୧୭ ସଂସ୍କରଣରେ ଚାମ୍ପିୟନ ହୋଇଥିଲେ। ବିଶ୍ୱ ଚାମ୍ପିୟନଶିପ୍‌ରେ ପଦାର୍ପଣ କରିଥିବା ବୋରୋଙ୍କ ପ୍ରାୟ ପଞ୍ଚ ପ୍ରତିପକ୍ଷ ବକ୍ସରଙ୍କ ଠିକ୍ ସ୍ଥାନରେ ବାଜିଥିଲା। ମ୍ୟାଚ୍‌ର ଅନ୍ତିମ ୩ ମିନିଟ୍‌ରେ ସେ ପ୍ରତିପକ୍ଷ ବକ୍ସରଙ୍କୁ କ୍ରମାଗତ ପଞ୍ଚ ମାରିଚାଲିଥିଲେ। ଶନିବାର ପୂର୍ବତନ ଜାତୀୟ ଚାମ୍ପିୟନ ନୀରଜ (୫୭ କେଜି) ଓ ସାୱିଟି ବୁରା (୭୫ କେଜି)ରିଙ୍ଗ୍‌କୁ ଓହ୍ଲାଇବେ। ଚଳିତ ସଂସ୍କରଣରେ ୫୭ ଦେଶର ୨୨୪ ବକ୍ସର ଭାଗ ନେଇଛନ୍ତି।

## ଜାଡେଜାଙ୍କ ରେକର୍ଡ



**ବିଶାଖାପାଟଣା,୪।୧୦**

ଏଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଚାଲିଥିବା ପ୍ରଥମ ଟେଷ୍ଟରେ ଭାରତୀୟ ଦଳର ଷ୍ଟାର ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ଏକ ସ୍ୱତନ୍ତ୍ର ରେକର୍ଡର ଅଧିକାରୀ ହୋଇଛନ୍ତି। ମ୍ୟାଚ୍‌ର ୩ୟ ଦିନ ତଥା ଶୁକ୍ରବାର ଜାଡେଜା ଟେଷ୍ଟ କ୍ୟାରିୟରର ୨୦୦ତମ ଉଇକେଟ ନେଇଛନ୍ତି। ଦକ୍ଷିଣ ଆଫ୍ରିକାର ଶତକ ହାସଲ କରି ଖେଳୁଥିବା ବ୍ୟାଟ୍ସମ୍ୟାନ ଡିନ ଏଲଗାର(୧୬୦)ଙ୍କୁ ଚେତେଶ୍ୱର ପୂଜାରାଙ୍କ ହାତରେ କ୍ୟାଚ୍ ଆଉଟ୍ କରାଇ ଜାଡେଜା ଏହି ସଫଳତା ପାଇଛନ୍ତି। ୨୦୦ ଟେଷ୍ଟ ଉଇକେଟ ହାତେଇବାରେ ଜାଡେଜା ବିଶ୍ୱର ଦ୍ରୁତତମ ବାମହାତୀ ବୋଲର। ସେ କ୍ୟାରିୟରର ୪୪ତମ ଟେଷ୍ଟରେ ଏହି ମାଇଲଷ୍ଟୋନକୁ ସ୍ପର୍ଶ କରିଛନ୍ତି। ତାଙ୍କ ପୂର୍ବରୁ ପୂର୍ବତନ ଶ୍ରୀଲଙ୍କାର ବାମହାତୀ ସ୍ପିନର ରଙ୍ଗନା ହେରାଥଙ୍କ ନାମରେ ଏହି ରେକର୍ଡ ଥିଲା। ସେ ୪୭ ତମ ମ୍ୟାଚ୍‌ରେ ଏହି ସଫଳତା ପାଇଥିଲେ। ତାଙ୍କ ବ୍ୟତୀତ ଅଷ୍ଟ୍ରେଲିଆର ମିଚେଲ ଜନଶନ (୪୯), ମିଚେଲ ଷ୍ଟାର୍କ (୫୦), ବିଶନ ସିଂ ବେଦି ଓ ୱାସିମ ଆକ୍ରମ (୫୧)ଙ୍କ ଭଳି ପୂର୍ବତନ ବୋଲର ରହିଛନ୍ତି।

# କ୍ରିକେଟରୁ ଦୂରେଇ ରହିବା କଷ୍ଟକର: ଅଶ୍ୱିନ

**ବିଶାଖାପାଟଣା,୪।୧୦(ପି.ଟି.)**

ଭାରତୀୟ ଅଭିଜ୍ଞ ସ୍ପିନର ଦୀର୍ଘଦିନ ପରେ ପ୍ରତ୍ୟାବର୍ତ୍ତନ କରି ଚଳିତ ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଇନିଂସରେ ୫ ଉଇକେଟ ଅକ୍ତିଆର କରିଛନ୍ତି। ଗତବର୍ଷ ଡିସେମ୍ବରରେ ସେ ଶେଷଥର ପାଇଁ ଟେଷ୍ଟ ଖେଳିଥିଲେ। ପାଖାପାଖି ୧୦ ମାସ ଧରି ସେ କ୍ରିକେଟରୁ ଦୂରେଇ ରହିଥିଲେ। କ୍ରିକେଟରୁ ଦୂରେଇ ରହିବା କଷ୍ଟକର ବୋଲି ସେ କହିଛନ୍ତି। ୨୦୧୭ ଜୁଲାଇ ପରଠାରୁ ସେ କେବଳ ଟେଷ୍ଟ ଫର୍ମାଟ୍‌ରେ ଖେଳ ଜାରି ରଖିଛନ୍ତି। ଗତ ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜରେ ଅନ୍ତିମ ଏକାଦଶରେ ସ୍ଥାନ ନ ମିଳିବାରୁ ସେ ଅସନ୍ତୋଷ ଜାହିର କରିଛନ୍ତି। ଭାରତ ଏହି ସିରିଜରେ କେବଳ ରବୀନ୍ଦ୍ର ଜାଡେଜାଙ୍କୁ ଖେଳାଇଥିଲା।

ଜାତୀୟ ଦଳରୁ ବାଦ୍ ପଡିବା ପରେ କାଉଣ୍ଟି ଦଳ ନଟିଂହାମ୍‌ସାୟର ପାଇଁ ଯେଉଁ ଫର୍ମାଟରେ ସୁଯୋଗ ମିଳିଥିଲା ତାହା ଖେଳିଥିଲି। ଏପରି କି ତାମିଲନାଡୁ ପ୍ରିମିୟର ଲିଗ୍ (ଟିଏନ୍‌ପିଏଲ୍)ରେ ମଧ୍ୟ ଯେତେ ସମ୍ଭବ ଖେଳିଥିଲି। ଚେନ୍ନାଇରେ ଲିଗ୍ କ୍ରିକେଟ ମଧ୍ୟ ଖେଳିଛି। ଯେଉଁଠାରୁ ଆସିଛି ସେଠାକୁ ଫେରି ପୁଣି ଖେଳିବାର ଅନୁଭୂତି ନିଆରା ବୋଲି ଅଶ୍ୱିନ କହିଛନ୍ତି। ଜାତୀୟ ଦଳରୁ ବାଦ୍ ପଡିବା ଓ କେବଳ ଗୋଟିଏ ଫର୍ମାଟ୍‌ରେ ସୀମିତ ରହିବା ନିଶ୍ଚିତ ଭାବେ ନିରାଶ କରିଛି। ତେବେ ପ୍ରାୟ ସବୁ କ୍ରିକେଟର ଏଭଳି ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ଗତ ୨୫ ବର୍ଷ ହେବ କ୍ରିକେଟ ସହିତ ପ୍ରତ୍ୟକ୍ଷ ଭାବେ ଜଡିତ ରହିଆସିଛି। କ୍ରିକେଟରୁ ଦୂରେଇ ରହିବା ବେଳେ ପ୍ରତ୍ନତତ୍ତ୍ୱ ବହିଗୁଡିକ ପଢ଼ିବାରେ ମନୋନିବେଶ କରିଥାଏ। ଅଶ୍ୱିନ୍ ଫିଟ୍‌ନେସ କାରଣରୁ ଗତ ଅଷ୍ଟ୍ରେଲିଆ ଗସ୍ତରେ ଯାଇପାରି ନ ଥିଲେ। ଆଘାତ ସମସ୍ୟାରୁ ମୁକ୍ତି ପାଇବା ପାଇଁ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ କାର୍ଯ୍ୟ କରିଥାଏ। ଇଂଲଣ୍ଡରେ କାଉଣ୍ଟି ଖେଳିବା ବେଳେ ସେ ଦକ୍ଷିଣ ଆଫ୍ରିକା ଓପନର ଡିନ୍ ଏଲଗାରଙ୍କୁ ଆଉଟ କରିଥିଲେ। ତେବେ ଚଳିତ ଟେଷ୍ଟରେ ସେ ଏଲଗାରଙ୍କୁ ନିୟନ୍ତ୍ରଣ ରଖିବାରେ ବିଫଳ ହୋଇଥିଲେ।

ପ୍ରତ୍ୟାବର୍ତ୍ତନ କରିବା ପରେ ୫ ଉଇକେଟ ହାସଲ କରିବା ନିଶ୍ଚିତ ଭାବେ ଖୁସି କଥା। ନଟିଂହାମ୍‌ରେ ମଧ୍ୟ ୫ ଉଇକେଟ ହାସଲ କରିଥିଲି। କ୍ରିକେଟ ଖେଳିବାକୁ ମୁଁ ଉପଭୋଗ କରିଥାଏ। ଚଳିତ ଟେଷ୍ଟରେ ଏଲଗାର ଓ କ୍ୱିଣ୍ଟନ ଡିକକ୍ ଦକ୍ଷିଣ ଆଫ୍ରିକା ପ୍ରତ୍ୟାବର୍ତ୍ତନରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି ବୋଲି ସେ କହିଛନ୍ତି। ଏହା ଏକ ଉତ୍କୃଷ୍ଟମାନର ଟେଷ୍ଟ ପିଚ୍। ପ୍ରଥମ ସେସନରେ ଆମେ ଅଧିକ ରନ ବ୍ୟୟ କରିଥିଲୁ। ତେବେ ଅନ୍ତିମ ସେସନରେ ଆମେ ପ୍ରତ୍ୟାବର୍ତ୍ତନ କରିଥିଲୁ ବୋଲି ଅଶ୍ୱିନ କହିଛନ୍ତି।

# ଟପ୍ସରେ ଦହିୟା ସାମିଲ, ସାକ୍ଷୀ ବାଦ୍

**ନୂଆଦିଲ୍ଲୀ, ୪।୧୦(ପି.ଟି.)**



ରବି ଦହିୟା

ଭାରତ ସରକାରଙ୍କ ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ୍ (ଟପ୍ସ)ରେ ଯୁବ ରେସଲର ତଥା ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ୍ ପଦକ ବିଜେତା ରବି ଦହିୟା ସାମିଲ ହୋଇଛନ୍ତି। ତେବେ ଫର୍ମ ପାଇଁ ସଂଘର୍ଷ କରୁଥିବା ଅଲିମ୍ପିକ ବ୍ରୋଞ୍ଜ୍ ପଦକ ବିଜୟିନୀ ସାକ୍ଷୀ ମଲିକ ଏହି ସ୍କିମ୍‌ରୁ ବାଦ୍ ପଡିଛନ୍ତି। ସ୍ପୋର୍ଟ୍ସ ଅଥରିଟୀ ଅଫ୍ ଇଣ୍ଡିଆ (ସାଇ)ର ମିଶନ ଅଲିମ୍ପିକ୍ ସେଲ ଏ ନେଇ ନିଷ୍ପତ୍ତି ନେଇଛି।

କାଜାଖସ୍ଥାନର ନୁର- ସୁଲତାନଠାରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ରବି ୫୭ କେ.ଜି. ବର୍ଗ ଫ୍ରି ଷ୍ଟାଇଲ୍‌ରେ ବ୍ରୋଞ୍ଜ୍ ପଦକ ହାସଲ କରିଥିଲେ ଓ ଏଥିସହ ସେ ୨୦୨୦ ଟୋକିଓ ଅଲିମ୍ପିକ୍ସ କୋଟା ହାସଲ କରିଥିଲେ। ୨୦୧୬ ରିଓ ଅଲିମ୍ପିକ୍ସରେ ସାକ୍ଷୀ ବ୍ରୋଞ୍ଜ୍ ପଦକ ଜିତିଥିଲେ। ସେ ଦୀର୍ଘଦିନଧରି ଫର୍ମ ପାଇଁ ସଂଘର୍ଷ କରିଆସୁଛନ୍ତି। ନୁର ସୁଲତାନରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ସାକ୍ଷୀ ୬୨ କେ.ଜି. ବର୍ଗରେ ଓପନିଂ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଥିଲେ।

ସେହିପରି ଭାରୋତ୍ତୋଳକ ରଗଲା ଭେଙ୍କଟ ରାହୁଲ ଟପ୍ସ ସ୍କିମ୍‌ରୁ ବାଦ୍ ପଡିଛନ୍ତି। ଏହି ସ୍କିମ୍‌ରେ ସାମିଲ ରହିଥିବା ବେଳେ ୫୦, ୦୦୦ ଟଙ୍କା ସହାୟତା ପାଉଥିଲେ। ସେହିପରି ମହିଳା ରେସଲର ପୂଜା ଧଣ୍ଡ ନିଜ ଘରୋଇ ସହର ହିସାରରେ ରୋମାନିଆ କୋଚ୍ ଫନେଲ କାର୍ପଙ୍କ ତତ୍ତ୍ୱାବଧାନରେ ଗୋଟିଏ ମାସ ଟ୍ରେନିଂ ନେବେ ଓ ଏ ନେଇ କମିଟି ପ୍ରସ୍ତାବ ଅନୁମୋଦନ କରିଛି। ସେହିପରି ମହିଳା ୱେଟ୍ ଲିଫ୍ଟର ମୀରାବାଇ ଚାନୁଙ୍କୁ ମଧ୍ୟ ସହାୟତା ଦେବାକୁ କମିଟି ଅନୁମୋଦନ ଦେଇଛି। ଚାନୁ ଟୋକିଓ ଅଲିମ୍ପିକ୍ସ ପର୍ଯ୍ୟନ୍ତ ଫିଜିଓଥେରାପିଷ୍ଟ ଶିବାନି ଭରୁକାଙ୍କ ସହାୟତା ପାଇବେ। ଏହି କମିଟି ୭୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦେବା ନେଇ ନିକଟରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନେଇଛି।

୩ଟି ଜାତୀୟ ଫେଡେରେଶନ ଯଥା ଶୁଟିଂ, ଟେବୁଲ ଟେନିସ ଓ ୱେଟଲିଫ୍ଟିଙ୍ଗ୍ ୨୦୨୦, ୨୦୨୪ ଓ ୨୦୨୮ ଅଲିମ୍ପିକ୍ସ ପାଇଁ ସେମାନଙ୍କ ଯୋଜନା ତଥା ରୋଡ ମ୍ୟାପ୍ ନେଇ ପରସ୍ପରକୁ ଅବଗତ କରାଇଛନ୍ତି। ପ୍ରତିଭା ଚିହ୍ନଟ ଓ ବିକାଶ ନେଇ ଏହି ଫେଡେରେଶନ ବୈଠକରେ ବିଭିନ୍ନ ଯୋଜନା ତଥା ରଣନିତୀ ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ପୁରୁଷ ୩୦୦୦ମି. ଷ୍ଟିପଲଚେଜ ରନର ଅବିନାଶ ସାବଲଙ୍କ ପ୍ରଶିକ୍ଷଣ ପାଇଁ ମିଶନ ଅଲିମ୍ପିକ୍ ସେଲ ଅନୁମୋଦନ ଦେଇଛି। ଫଳରେ ଟୋକିଓ ଅଲିମ୍ପିକ୍ସ ପ୍ରସ୍ତୁତି ପାଇଁ ଅବିନାଶ କଲରୋଡା ସ୍ପ୍ରିଙ୍ଗ୍‌ରେ ସ୍କଟ ସିମନ୍ସଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଇପାରିବେ।

ସେହିପରି ବ୍ୟାଡମିଣ୍ଟନରେ ସମୀର ବର୍ମା ୩ଟି ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଯଥା ଡଚ୍ ଓପନ୍, ମାକାଉ ଓପନ ଓ କୋରିଆ ମାଷ୍ଟର୍ସରେ ଅକ୍ଟୋବର ଓ ନଭେମ୍ବରରେ ଅଂଶଗ୍ରହଣ କରିବେ। କମିଟି ଏଥିପାଇଁ ଅନୁମୋଦନ ପ୍ରଦାନ କରିଛି। ସେହିପରି ମହିଳା ତାରକା ସାଇନା ନେହ୍ୱାଲ ତାଙ୍କ ଫିଟ୍‌ନେସ୍ ଟ୍ରେନର ସ୍ୱରୂପ ସିହ୍ନାଙ୍କ ସହ ୨୦୧୯ ଡିସେମ୍ବର ପର୍ଯ୍ୟନ୍ତ ୭ଟି ଟୁର୍ନାମେଣ୍ଟରେ ଯାତ୍ରା କରିବା ନେଇ କମିଟି ଅନୁମୋଦନ ଦେଇଛି।

୭ ଜଣ ଶୁଟର ଯଥା ଅଞ୍ଜୁମ ମୋଡଗିଲ, ରାହି ସାର୍ନୋବାଟ, ମନୁ ଭାକର, ଅଭିଷେକ ବର୍ମା, ଲକ୍ଷ୍ୟ ଶେଓରାନ, ମେହୁଲି ଘୋଶ ଓ ଅନିଶ ଭାନୱାଲାଙ୍କ ଟ୍ରେନିଂ, ଆମ୍ୟୁନିଶନ ଓ କମ୍ପିଟିଶନ ଅବଶ୍ୟକତା ନେଇ ସହାୟତା ଦେବାକୁ ପ୍ରସ୍ତାବ ଗୃହିତ ହୋଇଛି।

ସେହିପରି ୫ଜଣ ପାରା ବ୍ୟାଡମିଣ୍ଟନ ଖେଳାଳି ପ୍ରମୋଦ ଭଗତ, ସୁହାସ ୟାଥିରାଜ, ମନୋଜ ସରକାର, ସୁକାନ୍ତ କଦମ ଓ ତରୁନ ଡେନ୍‌ମାର୍କ ଓପନ ପାରା ବ୍ୟାଡମିଣ୍ଟନ ଇଣ୍ଟରନ୍ୟାଶନାଲ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବା ନେଇ ପ୍ରସ୍ତାବ ଅନୁମୋଦନ କରିଛି। ସେହିପରି ପାରା ଶୁଟିଂ ଓ ପାରା ଆଥଲେଟିକ୍ସରେ ପ୍ରଶିକ୍ଷଣ ଓ ଉପକରଣ ଯୋଗାଇଦେବା ପାଇଁ ପ୍ରସ୍ତାବ ଗୃହିତ ହୋଇଛି। ଦୀପେନ୍ଦର ଓ ପରାଆଥଲେଟ୍ ଶରଦ କୁମାର ଓ ସନ୍ଦୀପ ଚୌଧୁରୀଙ୍କୁ ଏନେଇ ସହାୟତା ପ୍ରଦାନ କରାଯିବ ବୋଲି କୁହାଯାଇଛି।

**ମନେ ପଡ଼ନ୍ତି**

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ରାଧା ମାଧବ ମିଶ୍ର**
ଆବିର୍ଭାବ: ୧୯।୧୦।୧୯୩୪
ତିରୋଧାନ: ୨୭।୦୯।୨୦୧୭

ଚକ୍ଷୁ ପଲକରେ ଆମ ସମସ୍ତଙ୍କୁ ଶୋକସାଗରରେ ଭସାଇ ଦେଇ ତୁମେ ଉଭାନ ହୋଇଗଲ ସବୁଦିନ ପାଇଁ ? ଚତୁର୍ଦ୍ଦିଗରେ ଖୋଜି ବୁଲୁଛୁ ତୁମର ସ୍ୱଚ୍ଛ, ନିର୍ମଳ ହସ ହସ ମୁହଁ। ହୃଦୟର ଗଳିକନ୍ଦିରେ ଦରାଣ୍ଡି ଚାଲିଛୁ। ସତେ କ'ଣ ତୁମେ ଆଉ କେବେ ଲେଉଟି ଆସିବନି ଆମ ପରିବାରକୁ ?

ହତଭାଗ୍ୟ ପତ୍ନୀ: ଅନୁରାଧା ମିଶ୍ର (ଲିଲି), ପୁତ୍ର: ନିର୍ନିମେଷ ମିଶ୍ର (ଟିକୁ), କନ୍ୟା: ଇପସିତା ମିଶ୍ର (ଇନୁ)
୪ଏ୧- ମେଟ୍ରୋ ମେନ୍‌ସନ୍, ଭୁବନେଶ୍ୱର
ଯୋଗାଯୋଗ-ଫୋନ୍-୦୬୭୪-୨୪୩୫୬୨୧, ୮୨୮୦୦୭୦୦୮୦

ଧ-୬୭୨୩୫

**ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସର୍ଗତ ଇଂ. ଦୀପ୍ତିରଞ୍ଜନ ମହାପାତ୍ର (ବାବୁନା)**
ନିଳାଦ୍ରୀ ବିହାର, ଭୁବନେଶ୍ୱର
ଆବିର୍ଭାବ : ୨୦-୦୮-୧୯୭୮
ତରୋଧାନ : ୧୯-୧୦-୨୦୦୭ (ମହାଷ୍ଟମୀ)

ଧନରେ .... ଆଜିର ଏହି ପବିତ୍ର ତିଥିରେ ତୁ ଆମ ସମସ୍ତଙ୍କୁ ଶୋକ ସାଗରରେ ଭସାଇଦେଇ ଅସମୟରେ ଚାଲିଗଲୁ। ତୋର ଅଭାବ ଓ ଅନୁପସ୍ଥିତି ଆମେ ପ୍ରତି ମୂହୁର୍ତ୍ତରେ ଅନୁଭବ କରୁଅଛୁ। ତୋର ସ୍ନେହ, ଶ୍ରଦ୍ଧା, ଭକ୍ତି, କର୍ତ୍ତବ୍ୟ ନିଷ୍ଠା ଓ ଭଲପାଇବା ଆମ୍ଭମାନଙ୍କ ପାଇଁ ଚିର ସ୍ମରଣୀୟ ହୋଇ ରହିବ ତୁ ଯେଉଁଠି ଥାଆ ଭଲରେ ଥାଆ ଓ ତୋର ଅମର ଆତ୍ମାର ସଦ୍‌ଗତି ହେଉ ଏତିକି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ଆମର ବିନମ୍ର ପ୍ରାର୍ଥନା।

ଆଦରର :- ବୋଉ ଓ ନନା, ନାନୀ ଓ ଭାଇନା ମାନେ, କକେଇ ଓ ଖୁଡିମାନେ, ମାମୁଁ ଓ ମାଇଁ, ପିଉସା ଓ ପିଉସି, ମାନେ, ଭାଇନା ଓ ଭାଉଜ ମାନେ, ଭାଣିଜୀ- ମୁନ୍‌ମୁନ୍ ଓ ଭୂମି, ଭଣଜା- ଆଦି ଓ ସାଙ୍ଗସାଥିମାନେ।

ଧ-୬୬୭୧୩

**ଦ୍ୱାଦଶାହ ଉପଲକ୍ଷେ**



**✓ତାରାମଣୀ ପଣ୍ଡା**
ସ୍ୱାମୀ- ✓ ଜୟହରି ପଣ୍ଡା,
ପ୍ଲଟ ନଂ-୧୩୪୪,ଖରାଖିଆ ବୈଦ୍ୟନାଥ ଲେନ୍, ଓଲଡ୍ ଟାଉନ, ଭୁବନେଶ୍ୱର
ଆବିର୍ଭାବ: ୦୫.୦୨.୧୯୩୭
ତିରୋଧାନ: ୨୪.୦୯.୨୦୧୯

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: ପରିବାର ବର୍ଗ, ଆତ୍ମୀୟସ୍ୱଜନ, ଶୁଭମ୍ ଇଷ୍ଟକନ୍ ପ୍ରାଇଭେଟ୍ ଲିମିଟେଡ୍ ଓ ସତ୍ୟସାଇ ବିଦ୍ୟାମନ୍ଦିର କର୍ମଚାରୀ ବୃନ୍ଦ।

ଧ-୬୬୭୯୩

# ବେକରେ ରଶି ବାନ୍ଧି ଯୁବକଙ୍କ ଆତ୍ମହତ୍ୟା

**ରାଉରକେଲା ଅଫିସ,୪। ୧୦**

ଛେଣ୍ଡ କଲୋନୀସ୍ଥିତ ଏକ ଧାର୍ମିକ ଅନୁଷ୍ଠାନରେ ରହୁଥିବା ଜଣେ ବ୍ୟକ୍ତି ଗୁରୁବାର ବିଳମ୍ବିତ ରାତିରେ ବେକରେ ରଶିବାନ୍ଧି ଆତ୍ମହତ୍ୟା କରିଛନ୍ତି। ତାଙ୍କ ନାଁ ସରୋଜ ରଥ। ସେ କୁମଝରିଆ ସ୍କୁଲରେ ଜଣେ ଅସ୍ଥାୟୀ ଶିକ୍ଷକ ଭାବେ କାମ କରୁଥିଲେ। ଅବିବାହିତ ଥିବା ଏହି ଶିକ୍ଷକଙ୍କ ଭଉଣୀ ଛେଣ୍ଡ କଲୋନୀ ଅଞ୍ଚଳରେ ରହନ୍ତି। ସେ ଘଟଣାଦିନ ରାତିରେ ଭଉଣୀଙ୍କ ସହ ଭଲରେ କଥାବର୍ତ୍ତା ହେବା ସହ ଭଣଜାକୁ ଡାକ୍ତରଖାନା ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ତେବେ ଶିକ୍ଷକ ଜଣଙ୍କ କେଉଁ କାରଣରୁ ଆତ୍ମହତ୍ୟା କଲେ ସେନେଇ ସନ୍ଦେହ ପ୍ରକାଶ ପାଇଛି। ଛେଣ୍ଡ ପୋଲିସ ଏକ ଅପମୃତ୍ୟୁ ଏକ ମାମଲା (ନଂ- ୮/ ୨୦୧୯) ରୁଜୁ କରି ଶୁକ୍ରବାର ମୃତଦେହକୁ ଜବତ କରି ତଦନ୍ତ ଚଳାଇଛି।




## ସୋସିଆଲ ମିଡିଆରେ ଯୁବତୀଙ୍କୁ ବ୍ଲାକ ମେଲିଂ, ଯୁବକ ଗିରଫ


ଅଭିଯୁକ୍ତ ଅମନରାଜ ଶର୍ମା।

**ରାଉରକେଲା ଅଫିସ,୪। ୧୦**

ସୋସିଆଲ ମିଡିଆରେ ଯୁବତୀଙ୍କୁ ବ୍ଲାକମେଲିଂ କରୁଥିବା ବିହାରର ଜଣେ ଯୁବକଙ୍କୁ ରାଉରକେଲା ସାଇବର ଥାନା ପୋଲିସ ଗିରଫ କରିଛି। ତାଙ୍କ ନାଁ ଅମନରାଜ ଶର୍ମା। ସେ ବିହାର ପୁରୁନାଗଞ୍ଜ ଶାନ୍ତିନଗର ବାସିନ୍ଦା । ଗତ ୧୭। ୯।୨୦୧୯ ଆଭିଯୋଗ ଆଧାରରେ ପୋଲିସ ଏକ ମାମଲା(ନଂ ୭/ ୨୦୧୯) ରୁଜୁ କରିଛି। ସୂଚନାଯୋଗ୍ୟ, ବିହାରର ସମ୍ପୃକ୍ତ ଯୁବକଙ୍କ ସହ ଦକ୍ଷିଣ ରାଉରକେଲା ଅନ୍ତର୍ଗତ ସାରନଗରୀ ଅଞ୍ଚଳର ଏହି ଯୁବତୀଙ୍କ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ପରେ ଉଭୟ ହ୍ୱାଟ୍ସଆପରେ ଚାଟିଂ କରୁଥିଲେ। ଏହି ଅବସରେ ଯୁବକ ଜଣଙ୍କ ଯୁବତୀଙ୍କ ନଗ୍ନ ଫଟୋ ହାତେଇବାକୁ ସକ୍ଷମ ହୋଇଥିଲେ। ପରେ କୌଣସି କାରଣରୁ ଏହାକୁ ଯୁବକ ଜଣଙ୍କ ସୋସିଆଲ ମିଡିଆରେ ଅପଲୋଡ କରିବା ସହ ତାଙ୍କ ବାନ୍ଧବୀଙ୍କୁ ପଠାଇଥିଲେ। କହିବା ଅନୁସାରେ କାମ ନ କଲେ ସାଧାରଣରେ ବଦନାମ କରିବାକୁ ଧମକ ଦେଇଥିଲେ ସଂପୃକ୍ତ ଯୁବକ। ଫଳରେ ଯୁବତୀ ଜଣଙ୍କ ରାଉରକେଲା ସାଇବର ଥାନାରେ ଏ ନେଇ ଗତ ୧୭ ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ସେହି ଆଧାରରେ ଥାନାଧିକାରୀ ମୁନ୍ନା ନାୟକ, ଏସଆଇ ସୂର୍ଯ୍ୟନାରାୟଣ ପାତ୍ର, କନେଷ୍ଟବଳ ସୁରେନ୍ଦ୍ର ସାହୁ ପ୍ରମୁଖ ବିହାର ଯାଇ ସମ୍ପୃକ୍ତ ଯୁବକଙ୍କୁ ଗୁରୁବାର ଗିରଫ କରିଛନ୍ତି। ଏନେଇ ଅଧିକ ପଚାରାଉରରା ଜାରି ରହିଛି।






**ସଂକ୍ଷେପରେ**

## ଟ୍ରକ ଧକ୍କାରେ ଯୁବକ ମୃତ

**ରାଉରକେଲା ଅଫିସ,୪। ୧୦**-ଟ୍ରକ ଧକ୍କାରେ ଶୁକ୍ରବାର ସକାଳୁ ଲାଠିକଟା ଅଞ୍ଚଳର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସନ୍ତୋଷ ଗୋଚ୍ଛାୟତ(୩୫)। ସେ ଅନୁଗୁଳ ବାସିନ୍ଦା ହୋଇଥିବା ବେଳେ ରାଉରକେଲାର ଏକ ସଂସ୍ଥାରେ ଘରୋଇ ସୁରକ୍ଷା କର୍ମୀ ଭାବେ କାମ କରୁଥିଲେ। ସକାଳ ୮ଟାରେ ଏକ ସ୍କୁଟି (ନଂ ଓଡି ୧୯ଏନ -୬୫୮୧) ଯୋଗେ ସେ ଅନୁଗୁଳ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବ ଟ୍ରକ (ନଂ ଓଡି ୧୪ଏନ-୦୫୬୦) ତାଙ୍କୁ ସିଉଡି ନିକଟରେ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ରାଉରକେଲା ସରକାରୀ ଡାକ୍ତରଖାନା ମର୍ଗ ହାଉସରେ ରଖିଛି। ଉକ୍ତ ଟ୍ରକ ଓ ସ୍କୁଟିକୁ ପୋଲିସ ଜବତ କରିଛି। ଏନେଇ ଅଧିକ ତଦନ୍ତ କରାଯାଉଥିବା ଲାଠିକଟା ପୋଲିସ କହିଛି।

# ଜନକପୁରୀ ମନ୍ଦିର ତୋରଣ ମୁଖ୍ୟ ଆକର୍ଷଣ

**ରାଉରକେଲା ଅଫିସ, ୪।୧୦**

ଧରାପୃଷ୍ଠରେ ଦେବୀ ଦୁର୍ଗାଙ୍କ ଆଗମନ ଘଟିଛି। ମା'ଙ୍କ ଆଗମନକୁ ନେଇ ସହରଠୁ ଆରମ୍ଭ କରି ପୁରପଲ୍ଲୀ ଯାଏ ସବୁଠି ଚଳଚଞ୍ଚଳ ହୋଇଉଠିଛି। ସେହିପରି ରାଉରକେଲା ସହରରେ ମଧ ମା'ଙ୍କ ଆଗମନକୁ ନେଇ ଶତାଧିକ ତୋରଣ ନିର୍ମାଣ ସହ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ ହୋଇଛି । ଶୁକ୍ରବାର ମହାଷଷ୍ଠୀ ପୂଜା ନୀତିନିୟମରେ ଆରମ୍ଭ ହୋଇଯାଇଛି। ଚଳିତ ବର୍ଷ ସେକ୍ଟର-୨ ଦୁର୍ଗାପୂଜା କମିଟି ୬୨ବର୍ଷରେ ପଦାର୍ପଣ କରିଛି। ଏଥର ପୂଜା କମିଟିର ମୁଖ୍ୟ ଆକର୍ଷଣ ରହିଛି ନେପାଳର ଜନକପୁରୀ ମନ୍ଦିର ସଦୃଶ୍ୟ ତୋରଣ । କଲିକତାରୁ କାରିଗରମାନେ ଆସି ଏହି ତୋରଣ ନିର୍ମାଣ କରିଛନ୍ତି, ଯାହାକି ଭକ୍ତ ତଥା ଜନସାଧାରଣଙ୍କ ପାଇଁ ମୁଖ୍ୟ ଆକର୍ଷଣ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି। ଏହି ତୋରଣ ନିର୍ମାଣରେ ପ୍ରାୟ ୧୪ରୁ ୧୫ଲକ୍ଷ ଟଙ୍କା ବ୍ୟୟ ଅଟକଳ ରଖାଯାଇଥିବା କମିଟି ସଭାପତି ସନାତନ ସୁନାନୀ ସୂଚନା ଦେଇଛନ୍ତି। ସେହିପରି ବାପି ବିନ୍ଧାଣୀଙ୍କ



ସେକ୍ଟର-୨ ଜନକପୁରୀ ମନ୍ଦିର୍ ସଦୃଶ୍ୟ ତୋରଣ

ଦ୍ୱାରା ମା'ଙ୍କ ପ୍ରତିମା ନିର୍ମାଣ ହୋଇଛି। ଏଥର ଦର୍ଶକଙ୍କ ମନୋରଞ୍ଜନ ପାଇଁ ମୀନାବଜାର ସହ ଦୋଳିର ବ୍ୟବସ୍ଥା କରାଯାଇଥିବା କମିଟି ପକ୍ଷରୁ କୁହାଯାଇଛି। ସେହିପରି ମା'ଙ୍କ ନିକଟରେ ପାରମ୍ପରିକ ଚରୁ ଅନ୍ନ ଭୋଗ ଲାଗି କରାଯାଇଥାଏ ବୋଲି କମିଟି ସମ୍ପାଦକ ବିରେନ୍ଦ୍ର ସ୍ୱାଇଁ ପ୍ରକାଶ କରିଛନ୍ତି। ମୋଟ ଉପରେ ଏହି ପୂଜା ପାଇଁ ସେକ୍ଟର-୨ ଦୁର୍ଗାପୂଜା କମିଟି ପକ୍ଷରୁ ୨୦ଲକ୍ଷ ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ଏହାସହ ପୂଜା ସମୟରେ ଟ୍ରାଫିକ ସମସ୍ୟା ଓ ଭିଡକୁ ନିୟନ୍ତ୍ରଣ କରିବା ପାଇଁ କମିଟି ସଦସ୍ୟମାନେ ଉଦ୍ୟମ କରିବା ସହ ପୋଲିସ ପ୍ରଶାସନର ସହାୟତା ନିଆଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହାସହ ଟ୍ରାଫିକ ସମସ୍ୟାକୁ ଏଡ଼ାଇବା ପାଇଁ ସେକ୍ଟର-୨ ଦୁର୍ଗାପୂଜା କମିଟି ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି।

**ସେକ୍ଟର-୨ ଦୁର୍ଗାପୂଜା କମିଟି**



ସନାତନ ସୁନାନୀ
ସଭାପତି



ବିରେନ୍ଦ୍ର ସ୍ୱାଇଁ
ସମ୍ପାଦକ

# ୨୫ ଚୋରି ବାଇକ୍ ଜବତ, ୧୦ ଲୁଟେରା ଗିରଫ

**କଣ୍ଟାବାଞ୍ଜି,୪।୧୦(ଡି.ଏନ.ଏ.):**

ବଲାଙ୍ଗୀର ପୋଲିସ ଏକ ବାଇକ୍ ଲୁଟେରା ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଛି। ଏହି ଘଟଣାରେ ୧୦ଜଣଙ୍କୁ ଗିରଫ କରିଛି । ସେମାନଙ୍କ ସୂଚନା ଅନୁଯାୟୀ, ୨୫ ଚୋରା ବାଇକ୍ ଜବତ କରାଯାଇଥିବା ଶୁକ୍ରବାର ଅପରାହ୍ଣରେ କଣ୍ଟାବାଞ୍ଜି ପୋଲିସ ଅଭ୍ୟର୍ଥନା କକ୍ଷରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ବଲାଙ୍ଗୀର ଏସ୍‌ପି ଏମ୍. ସନ୍ଦୀପ ସମ୍ପଦ କହିଛନ୍ତି। ଏସ୍‌ପିଙ୍କ ସୂଚନା ମୁତାବକ, ବଲାଙ୍ଗୀର ଜିଲାରେ ୩ରୁ ୪ମାସ ହେଲା ବିଭିନ୍ନ ଅଞ୍ଚଳରୁ ବାଇକ୍ ଚୋରି ସହ ବିଭିନ୍ନ ଆପରାଧିକ କାର୍ଯ୍ୟ ହେଉଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ଏକ ସ୍କ୍ୱାଡ୍ ଗଠନ କରାଯାଇଥିଲା। କଣ୍ଟାବାଞ୍ଜି ଏସ୍‌ଡିପିଓ ସରୋଜ କୁମାର ମହାପାତ୍ରଙ୍କ ନେତୃତ୍ୱରେ ତୁରେକେଲା, ବଙ୍ଗୋମୁଣ୍ଡା, ମୁରିବାହାଲ ଓ କଣ୍ଟାବାଞ୍ଜି ଥାନା ଥାନା ଆଇଆଇସିଙ୍କ ତତ୍ତ୍ୱାବଧାନରେ ସ୍କ୍ୱାଡ୍ ଜିଲାର କଣ୍ଟାବାଞ୍ଜି ଥାନା ଉପଖଣ୍ଡ ଅଞ୍ଚଳର ତୁରେକେଲା, ମୁରିବାହାଲ, ବଙ୍ଗୋମୁଣ୍ଡାରେ ହୋଇଥିବା ଅଭିଯୋଗର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ପୋଲିସ ୨୫ଟି ଚୋରି ବାଇକ୍ ଉଦ୍ଧାର କରିଛି। ୨୫ ବାଇକ୍‌ରୁ ୪ଟି ଛତିଶଗଡ଼ ନମ୍ବର ଥିବା ବେଳେ ୧୦ଟି ନମ୍ବର ବିହୀନ ଏବଂ ୧୧ଟି ଓଡିଶା ନମ୍ବର ଥିବା ବାଇକ୍ ରହିଛି। ଏନେଇ ବିଭିନ୍ନ ଥାନାରେ ୯ଟି ମାମଲା ରୁଜୁ ହୋଇଛି। କଣ୍ଟାବାଞ୍ଜି, ମୁରିବାହାଲ ଓ ବଙ୍ଗୋମୁଣ୍ଡା ଥାନାରେ ମାମଲାକୁ ଭିତ୍ତି କରି ପୋଲିସ ବ୍ରହ୍ମା ଦାସ(୨୦), ଚୈତନ ଭାଟି(୨୪), ଘୁବଡୁ ଛୁରା(୩୦), ରୋଶନ ପୁଟେଲ(୨୫), ତ୍ରିଲୋଚନ ଭାଟି(୩୨), ଚୂଡ଼ାମଣି ତାଣ୍ଡି(୨୯), ସାଧୁ ବାଗ(୨୧), ଟିଙ୍କୁ ପୁଟେଲ(୨୨), କୁମୁଦ ପୁଟେଲ(୧୯), ସୁରେନ୍ଦ୍ର ତେଜି(୧୯)ଙ୍କୁ ଗିରଫ କରି ଅଧିକ ତଦନ୍ତ ଚଳାଇଛି। ଗିରଫ ଯୁବକମାନଙ୍କୁ ଶନିବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।



ଜବତ ବାଇକ୍ ସହ ଗିରଫ ଅଭିଯୁକ୍ତମାନେ।

# ବାନିଗାଁ ଜଙ୍ଗଲରେ ଛୁଆ ହାତୀ



ଜଙ୍ଗଲରେ ଠାବ କରାଯାଇଥିବା ହାତୀ ଛୁଆ।

**ଜଗି ରହିଛନ୍ତି ବନ ବିଭାଗ କର୍ମଚାରୀ**

**ଲାଞ୍ଜିଗଡ,୪।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ପଞ୍ଚାୟତ ଅନ୍ତର୍ଗତ ବଡବାନିଗାଁ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ଶୁକ୍ରବାର ଏକ ଛୁଆହାତୀକୁ ଠାବ କରିଛି ବନ ବିଭାଗ। ଲାଞ୍ଜିଗଡ ଫରେଷ୍ଟର ଦୁଶଭ ବେସରାଙ୍କ କହିବାନୁଯାୟୀ ଲାଞ୍ଜିଗଡ ଅଞ୍ଚଳ ପୁଟିରିଭଟ୍ଟା, ବାନିଗାଁ, ହୁମାଖୋଲା ଓ ଗୋଇପଟ୍ଟା ଅଞ୍ଚଳରେ ଥିବା ଜଙ୍ଗଲରେ ୧୫ଟି ହାତୀ ଚଳପ୍ରଚଳ କରୁଥିଲେ। ଶୁକ୍ରବାର ନିକଟସ୍ଥ ବାନିଗାଁ ଜଙ୍ଗଲକୁ ଯାଇଥିବା ଲୋକେ ହାତୀର ଗର୍ଜନ ଶୁଣି ଭୟଭୀତ ହୋଇଯାଇଥିଲେ। ସାମ୍ନାରେ ଏକ ଛୁଆହାତୀକୁ ଦେଖିବାକୁ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ ତରଫରୁ ଏକ ଟିମ୍ ଆସି ହାତୀ ଥିବା ସ୍ଥାନରେ ପହଞ୍ଚିଥିଲେ। ଦିନ ତମାମ ବନବିଭାଗ କର୍ମଚାରୀ ଓ ଗ୍ରାମବାସୀ ହାତୀକୁ ଜଗି ରହିଥିଲେ। ବନବିଭାଗ ଅଧିକାରୀଙ୍କ କହିବା ଅନୁଯାୟୀ ହାତୀପଲରୁ ଏହି ଛୁଆ ଅଲଗା ହୋଇଯାଇଥିଲା। ସେଥିପାଇଁ ଏହି ଚଟାଣ ନିକଟରେ ସେ ହାତୀପଲକୁ ଅପେକ୍ଷା କରିଥିବା ସନ୍ଦେହ କରାଯାଉଛି। ସନ୍ଧ୍ୟାରେ ବନ ବିଭାଗ ଏସିଏଫ୍ ଓ ଡେପୁଟି ରେଞ୍ଜର, ବିଶ୍ୱନାଥପୁର ରେଞ୍ଜର ଲକ୍ଷ୍ୟ ମହାନନ୍ଦ ହାତୀଥିବା ଜାଗାକୁ ତଦାରଖ କରିଯାଇଛନ୍ତି। ହାତୀ ଥିବା ପର୍ଯ୍ୟନ୍ତ ବନ ବିଭାଗ କର୍ମଚାରୀମାନେ ହାତୀର ଚଳପ୍ରଚଳ ଉପରେ ନଜର ରଖିଥିବେ ବୋଲି ଫରେଷ୍ଟର ବେସରା କହିଛନ୍ତି।









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଇଥାଏ।
ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।
- ମିଲଟନ



## ସଂକ୍ଷେପରେ

### ୪ ଲକ୍ଷ ଟଙ୍କା ସହ ଅଳଙ୍କାର ଚୋରି

ବରପାଲି, ୪।୧୦ (ଡି.ଏନ.ଏ): ବରପାଲି ଥାନା ରେଳ ଷ୍ଟେଶନ ରାସ୍ତା ଯୁଗୀମୁଣ୍ଡା ମନ୍ଦିର ନିକଟରେ ରହୁଥିବା ହେମଚନ୍ଦ୍ର ସାହୁଙ୍କ ଘରେ ଗୁରୁବାର ରାତିରେ ଏକ ବଡଧରଣର ଚୋରି ହୋଇଛି । ଚୋରମାନେ ଫାଟକ ତାଲା ଭାଙ୍ଗି ଘରେ ପଶିବା ସହ ଆଲମିରା ତାଡି ସେଥିରେ ଥିବା ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଓ ପ୍ରାୟ ୧୫ ଭରି ସୁନା ଅଳଙ୍କାର ଚୋରି କରି ନେଇଥିବା ଅଭିଯୋଗ ହୋଇଛି । ହେମଚନ୍ଦ୍ର ଘରେ ନ ଥିବାବେଳେ ଏଡି ଚୋରି ହୋଇଥିଲା । ସେ ଘରକୁ ଆସି ତାଲା ଭଙ୍ଗା ଯାଇଥିବା ଦେଖି ଥାନାରେ ଅଭିଯୋଗ କରିଥିଲେ । ପରେ ପୋଲିସ ଘଟଣାସ୍ଥଳକୁ ପହଞ୍ଚି ତନାଘନା ଚଳାଇଛି । ଏ ନେଇ ବରପାଲଇ ଥାନାରେ ଏକ ମାମଲା (ନଂ.୨୨୯/୧୯) ରୁଜୁ ହୋଇଛି ।

### କୁଲିତା ସମାଜର ନୂଆଁଖାଇ ଭେଟଘାଟ

ଝାରବନ୍ଧ, ୪।୧୦ (ଡି.ଏନ.ଏ): ଝାରବନ୍ଧ ବ୍ଲକ ବିଶାଶହେ କୁଲିତା ସମାଜର ନୂଆଁଖାଇ ଭେଟଘାଟ ଅନଗୁଳ ଗ୍ରାମଠାରେ ଅନୁଷ୍ଠିତ ହୋଇଯାଇଛି। ହେମସାଗର ସାହୁଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ମୁଖ୍ୟଅତିଥି ଭାବେ ଓଏଭି ଅଧକ୍ଷ କ୍ଷିତିପତି ବିଶ୍ୱାଳ ଯୋଗଦେଇ ସମାଜର ସଙ୍ଗଠନ ଓ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ସାନନ୍ଦ କୁମାର ସାହୁ, ବିଦ୍ୟାଧର ସାହୁ, ଟାଇଲ ଚନ୍ଦ୍ର ଭୋଇ, ଗୋକୁଳ ପ୍ରଧାନ, ନରେନ୍ଦ୍ର ପ୍ରଧାନ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ବୟୋଜ୍ୟେଷ୍ଠ ତୁଳାରାମ ପ୍ରଧାନ, ଲାଲମୋହନ ବେହେରା, ଶଶିଧର ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଶ୍ୟାମସୁନ୍ଦର ବେହେରା ସଭା ପରିଚାଳନା କରିଥିବା ବେଳେ ଉପେନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

### ମାଁ ଶ୍ୟାମାକାଳୀଙ୍କ ପୂଜା ପ୍ରସ୍ତୁତି ବୈଠକ

ପଦ୍ମପୁର, ୪।୧୦ (ଡି.ଏନ.ଏ): ପଦ୍ମପୁର ହନୁମାନପଡା କାଳୀ ମଣ୍ଡପରେ ଆସନ୍ତା ୨୭ ରୁ ୩୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ମାଁ ଶ୍ୟାମାକାଳୀଙ୍କ ପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ସାର୍ବଜନୀନ କାଳୀ ପୂଜା କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଏହି ବୈଠକରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ନୂତନ କମିଟିରେ ଅଜିତ କୁମାର ଶତପଥି ସଭାପତି, ଧରମ ପାଢ଼ୀ ଓ ମୁନା ଭୋଇ ଉପସଭାପତି, ପ୍ରିତେଶ ବହିଦାର ସମ୍ପାଦକ, ସୁବାଷ ପାତ୍ର ସହ ସମ୍ପାଦକ, ଶ୍ୟାମଳ ଦାସ କୋଷାଧକ୍ଷ ଏବଂ ସରୋଜ ମିଶ୍ରଙ୍କୁ ସହ କୋଷାଧକ୍ଷ ଭାବେ ମନୋନିତ କରାଯାଇଥିଲା। ଏହାସହ ଏକ ଉପଦେଷ୍ଟା କମିଟି ଓ କାର୍ଯ୍ୟକାରୀ କମିଟି ଗଠିତ ହୋଇଥିଲା । ଚଳିତ ବର୍ଷ ପୂଜା ଅବସରରେ ଦୁଇଦିନ ଧରି ମହିଷାସୁର ବଧ ସହ ବୋଡାସମ୍ବର ଉତ୍ସବ ପାଳନ କରିବା ପାଇଁ ସମ୍ମତି ପ୍ରକାଶ ପାଇଥିଲା । ମୁନା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

■ ସରକାରୀ ସୁବିଧା ସୁଯୋଗରୁ ବଁଚିତ୍ ୨ କୁଷ୍ଠ ରୁଗୀ

# ଗଛତଲେ ବିତୁଛେ ଅସାହା ଜୀବନ୍

ଘେଁସ, ୪।୧୦ (ଡି.ଏନ୍.ଏ.)

କେନ୍ଦ୍ର ଆର ରାଏଜ୍ ସରକାର ଅସାହା ଗରିବ୍ ଦୁଖିକର ଚିକିତ୍ସା ଲାଗି ଅନେକ୍ ଯୋଜନା କାଯ୍କାରୀ କରୁଛନ୍। ମାହାଲିଆ ଚିକିତ୍ସା ସଂଗେ ଉଷୋକଷା ବି ଯୁଗେଇ ଦେଉଛନ୍। ହେଲେ ଆମର ସମାଜରେ ଥିବାର କୁସଂସ୍କାର, ଅଁଧ୍‌ବିଶାସ୍ ଲାଗି ଅନେକ ରୁଗୀ ସରକାରୀ ସୁବିଧା ସୁଯୋଗରୁ ବଁଚିତ୍ ହେଇ ଦୁଖ୍ ପାଉଛନ୍। ଏନ୍ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ ବରଗଡ଼ ଜିଲା ସୋହେଲା ବ୍ଲକରେ।

ସୂଚନା ଅନ୍‌ସାରେ ସୋହେଲା ବ୍ଲକ ପେଟୁପାଲି ପାସର ଭାଟେନଡୁଙ୍ଗୁରିର ରାସ୍ତା ତରେ ଗଛତଲେ ଝାଟିମାଟି କୁରିଆରେ ପଲିଥିନ୍ ଢାପି ଜୀବନ୍ ବିତଉଛନ୍ ଦୁଇ ଅସାହା ପରାନୀ। ଖବର ନେଲାରୁ ଝନେ ଭେଡ଼େନ ବ୍ଲକ ସାରସପାଲିର ମୁନସି ସେଠ୍(୪୦) ଆର ଝନେ ଅତାବିରା ବ୍ଲକ ବରହାମୁଣ୍ଡା ଗାଁର ଇନ୍ଦ୍ରା ଲୁହା(୫୦) ବଲି ଜନପଡ଼ିଛେ। ଇ ଦୁଇ ଅସାହା ଅନେକ ବଛର ତଲେ କୁଷ୍ଠ ରୋଗ୍‌ରେ ଆକ୍ରାଁତ୍ ହେଇ ସମାଜ ଭଏରେ ନିଜର ନିଜର ଘର ଛାଡ଼ିଥିଲେ। ହେଲେ ଦଇବ ତାହାକୁ ଭେଟ୍ କରେଇ ଦେଇଛେ। ଦୁଇ ଝନ ମା'ପୁଓ ଲେଖେଁ ଅନେକ ଦିନ୍ ହେଲା ଚଲିଆସୁଥିବାର କହିଛନ୍ ମୁନସି।



ଉଭଏ କୁଷ୍ଠ ରୁଗୀକୁଁ ଆର୍‌ଆଇ, ସରପଁଚ୍ ସାହାଯ୍ ଯୁଗେଇ ଦେଉଛନ୍।

ସଖାଲ ପାଏଲେ ମୁନସି ଗୁଟେ ଫଟା ବ୍ୟାଗ୍, ଭଂଗା ଥାଲି ଧରି ଭିଖ୍ ମାଗବାର ଲାଗି ବାହାରି ପଡୁଛନ୍। ହେଲେ ରୋଗ୍ ପରଭାବ୍‌ରେ ତାକର ଗୋଡ଼୍ ବହୁତ୍ ଦରଦ୍ ହେଉଛେ, ଅଧିକା ସମିଆ ସେ ଠିଆ ହେଇ ରହି ନାଇଁପାରବାର। ଆସର ପାସର ଗାଁମାନକେ ବୁଲି ବୁଲି ଯାହା ଭିଖ୍‌ରେ ପାଉଛନ୍ ସେଥିରେ ଦୁଇ ମା'ପୁଅ ଚଲୁଛନ୍। ଯେନ୍‌ଦିନ ନାଇଁ ମିଲବାର ଖାଡ଼ା ଉପାସେ ରହୁଛନ୍। ହେଲେ ଆଏଜ୍ ବି ଇମାନକର ଆଧାର କାର୍ଡ କି ରାଶନ କାର୍ଡ ନାଁଇଁନ। କହେବାକେ ଗଲେ ଦୁଇଝନ ସବୁପରକାର ସରକାରୀ ସୁବିଧା ସୁଯୋଗରୁ ବଁଚିତ୍ ହେଇ ରହିଛନ୍। କିଛିଦିନ ତଲେ ସ୍ୱାସ୍ଥ୍ୟ ବିଭାଗ ତରଫୁ ଇମାନକୁ କୁଷ୍ଠ ରୁଗୀ ହିସାବେ ଚିନ୍‌ହଁଟ କରାଯାଇ ପରମାନପତର ଦିଆଯାଇଛେ। ହେଲେ ଆଏଜ୍‌ତକ୍ କେହେନ୍‌ସି ପରକାର ସରକାରୀ ସାହାଯ୍ ନାଇଁ ପୁହୁଁଚିପାରି। ଇ ଘଟନା ବାବ୍‌ଦେ ଖବର ପାଇ ବୁଧୁବାର ପେଟୁପାଲି ସରପଁଚ୍ ଘୋଷାମଣି ବାଗ, ସମିତି ସଭ୍ୟ କୁଞ୍ଜ ବିହାରୀ ପଧାନ, ଘେଁସ ରାଜସ୍ୱ ନିରୀକ୍ଷକ ରବି ଚନ୍ଦ୍ର ବୁଡ଼େକ, କିଶୋର ବୁଡ଼େକ, ଥାନୀଅ ଏ.ଏନ୍.ଏମ୍ ଅଞ୍ଜଳି ପଧାନ ପରମୁଖ ପୁହୁଁଚି ସାହାଯ୍‌ର ହାତ୍ ବଢ଼େଇଛନ୍। ଆର୍.ଆଇ ବୁଡ଼େକ ଉଭଏକୁଁ ଶାଢ଼ି, ଗାମ୍‌ଛା ସଂଗେ କିଛି କାଏବାର ଜିନିଷ, ଫିନିଆଁ ବେଭାର କଲା ଜିନିଷ ଦେଇଥିଲେ। ସେନ୍‌ତା ସରପଁଚ୍ ବାଗ ଆର ସମିତି ସଭ୍ୟ ପଧାନ ୧୦ କେ.ଜି. ଚାଉଲ ସଂଗେ ନଗଦ୍ କେତେ ଟଁକା ଦେଇଛନ୍। ଗରିବ୍ ଦୁଖିକୁ ସରକାରୀ ଯୋଜନାରେ ଦିଆଯାଉଥିବାର ଘରଖଁଡ଼େ, ରାଶନ କାର୍ଡ, ଭତା ଯୁଗେଇ ଦେଲେ ବାକି ଜୀବନ୍ ହସଖୁସିରେ ବିତାତୁଁ ବଲି ଉଭଏ ମୁନସି ଆର ଇନ୍ଦ୍ରା କହିଛନ୍।



ଅର୍ଜୁନ ପୁରସ୍କାର ବିଜେତା ପ୍ରମୋଦ ଭଗତଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରୁଛନ୍ତି ।

## ଅର୍ଜୁନ ପୁରସ୍କାର ବିଜେତାଙ୍କୁ ସମ୍ବର୍ଦ୍ଧନା

ବରଗଡ଼ ଅଫିସ୍,୪।୧୦

ବରଗଡ଼ ଜିଲା ଅତାବିରାର ଅର୍ଜୁନ ପୁରସ୍କାର ବିଜେତା ପ୍ରମୋଦ ଭଗତଙ୍କୁ ଶୁକ୍ରବାର ଜିଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ଅବସରରେ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ସଭାରେ ଅଧ୍ୟକ୍ଷତା କରିବା ସହିତ ପ୍ରମୋଦଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବରଗଡ଼ ଜିଲାର ଗୌରବ ପ୍ରମୋଦ ତାଙ୍କର ନିଷ୍ଠା, ଅଧ୍ୟବସାୟ ଓ କଠୋର ପରିଶ୍ରମ ଯୋଗୁ ଆନ୍ତର୍ଜାତିକ ସ୍ତରରେ ନିଜର ପରିଚୟ ସୃଷ୍ଟି କରିବା ସହିତ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଥିବା ଜିଲାପାଳ ପ୍ରଧାନ କହିଥିଲେ। ସମାରୋହରେ ଜିଲା ସୂଚନା ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ, ଜିଲା କ୍ରୀଡ଼ା ଅଧିକାରୀ ତୁଷାରକାନ୍ତି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସମଲେଶ୍ୱରୀଙ୍କ କାଳରାତ୍ରି ବେଶ

ବରଗଡ଼ ଅଫିସ୍,୪।୧୦

ଶାରଦୀୟ ନବରାତ୍ର ପୂଜାରେ ବରଗଡ଼ ସହରର ଶକ୍ତିପୀଠ ଗୁଡ଼ିକ ଚଳଚଞ୍ଚଳ ହୋଇ ପଡ଼ିଛି । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ସ୍ଥାନୀୟ ତଳିପଡ଼ାସ୍ଥିତ ସମଲେଶ୍ୱରୀ ମନ୍ଦିରରେ ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀ କାଳରାତ୍ର ବେଶରେ ଦର୍ଶନ ଦେଇଥିଲେ । ଦେବୀଙ୍କୁ ଏହି ବେଶରେ ଦର୍ଶନ କଲେ ଶୁଭଫଳ ମିଳେ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି ।



ସମଲେଶ୍ୱରୀଙ୍କ କାଳରାତ୍ରି ବେଶ ।

## ଜିଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ

ବରଗଡ଼ ଅଫିସ୍,୪।୧୦

ବରଗଡ଼ ବନଖଣ୍ଡ ବିଭାଗ ପକ୍ଷରୁ ଗୁରୁବାର ଜିଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଛି । ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବନ ସଂରକ୍ଷକ ଏସ. ଚମ୍ପତିରାୟ ଅଧ୍ୟକ୍ଷତା କରିଥିଲେ । ଉକ୍ତ କାଯର୍‌ୟକ୍ରମରେ ଅତିରିକ୍ତ ସିଡ଼ିଭିଓ ଦିଲୀପ କୁମାର ପଣ୍ଡା ମୁଖ୍ୟଅତିଥି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ, ବନାଞ୍ଚଳ ଅଧିକାରୀ ମହେନ୍ଦ୍ର ପାତ୍ର, ପ୍ରକୃତିପ୍ରେମୀ ମୀନକେତନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଏହି ଅବସରରେ ବରଗଡ଼ ସବଡିଭିଜନରୁ ସଞ୍ଜୟ ଖମାରୀ ଏବଂ ପଦ୍ମପୁର ସବଡିଭିଜନରୁ ପୂର୍ଣ୍ଣଚନ୍ଦ୍ର ବରିହାଙ୍କୁ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିପରି ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍, ସାଧାରଣ ଜ୍ଞାନ ପ୍ରତିଯୋଗିତା ହୋଇଥିବାବେଳେ ଏଥିରେ ରାଣାପ୍ରତାପ ହାଇସ୍କୁଲ, ଜର୍ଜ ହାଇସ୍କୁଲ ଏବଂ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ର ଭାଗ ନେଇଥିଲେ ।




ବନ୍ୟପ୍ରାଣୀ ସପ୍ତାହ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

## ଅଭିଯୋଗ ଶୁଣିବେ ସାଧାରଣ ପର୍ଯ୍ୟବେକ୍ଷକ



ଅବିନାଶ ଲାଭାନିଆ ।

ବରଗଡ଼ ଅଫିସ୍,୪।୧୦

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ପାଇଁ ମଧ୍ୟପ୍ରଦେଶ କ୍ୟାଡ଼ରର ଆଇଏଏସ ଅଧିକାରୀ ଅବିନାଶ ଲାଭାନିଆ ସାଧାରଣ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ହୋଇଛନ୍ତି। ଉପନିର୍ବାଚନ ସମ୍ପର୍କିତ କୌଣସି କୌଣସି ଅଭିଯୋଗ କରିବାକୁ ଚାହିଁଲେ ପ୍ରାର୍ଥୀ କିମ୍ବା ଜନସାଧାରଣ ତାଙ୍କୁ ମୋବାଇଲ ନମ୍ବର-୭୦୭୭୪୫୮୮୩୧ରେ ଯୋଗାଯୋଗ କରିପାରିବେ ବୋଲି ସେ ଜଣାଇଛନ୍ତି । ସେହିପରି ବରଗଡ଼ ସର୍କିଟ୍ ହାଉସ୍‌ରେ ସାଧାରଣ ପର୍ଯ୍ୟବେକ୍ଷକ ଲାଭାନିଆ ଅବସ୍ଥାନ କରୁଥିବାବେଳେ ସେଠାରେ ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ଭେଟି ଅନୁରୂପ ଅଭିଯୋଗ କରି ପାରିବେ ବୋଲି ସେ ସୂଚନା ଦେଇଛନ୍ତି ।

## କବିର କଲମ ନ ଗାଁ ଆର ଗାନ୍ଧୀ




କୁବେଡ଼େଗାନେ ଅନୁଷ୍ଠିତ ଗାଁ ଆର ଗାନ୍ଧୀ କବିତା ପାଠ୍ ନ କୁନୁଆଁ କବିମାନେ ।

ଭେଡ଼େନ, ୪।୧୦ (ଡି.ଏନ୍.ଏ.)

ବରଗଡ଼ ଜିଲା ଭେଡ଼େନ ବ୍ଲକ କୁବେଡ଼େଗା ପଁଚେତ୍‌ରେ ବୁଧୁବାର ଗାନ୍ଧିଜୀକଁର ୧୫୦ତମ ଜୟନ୍ତୀ ପାଳନ ହେଇଯାଇଛେ। ଇ ଅବ୍‌ଛରଥି 'କବିର କଲମ ନ ଗାଁ ଆର ଗାନ୍ଧୀ' ଶୀରଷକ୍ ନ ଗୁଟେ କବିତା ପାଠ୍ କାଯ୍‌କରମ ଅନୁଷ୍ଠିତ ହେଇଥିଲା। କବିତା ପାଠ୍‌ନେ ଯୋଗଦେଇଥିବାର କୁନୁଆଁ କବିମାନେ 'ଗାନ୍ଧୀ ହେ ତୁମେ ଫେର ଘାଏ ଆସ, ମୋର ମା', ମୋର ଗାଁ, ମୋର ଦେଶ୍ ଖୁଜୁଛେ ତୁମ୍‌କୁ। ଇହାଦେ ଦେଶ୍ ଆର ଗାଁକେ ଫେର ଘାଏ ଗାନ୍ଧିଜୀକଁର ଦରକାର ଅଛେ' ବଲି ମତ ଦେଇଥିଲେ। କୁବେଡ଼େଗା ସରପଁଚ୍ ବିଷ୍ଣୁପ୍ରୀୟା ଭୋଇକଁର ସଭାପତିତ୍ୱନେ ଅନୁଷ୍ଠିତ ଇ କାଯ୍‌କରମରେ ମନୋହର ସାଂସ୍କୃତିକ ସଂସଦର ସଭାପତି ଉପେନ୍ନ ଭୋଇ କାଯ୍‌କରମ ପରିଚାଳନା କରିଥିଲେ। ପହେଲା ଅଧିବେଶନ ଗ୍ରାମସଭା ଆର ଗାନ୍ଧୀ, ଶାସ୍ତ୍ରୀ ଜୟନ୍ତୀ ସଭାନେ ପଶ୍ଚିମ ଓଡ଼ିଶା କୃଷକ ସମନ୍ୱୟ ସମିତିର ଆବାହକ ଚାଷୀନେତା ଲିଙ୍ଗରାଜ ମୁଖିଆ କୁନୁଆଁ, ଭେଡ଼େନ ବିଡିଓ ମୁରଲୀଧର ନାୟକ, ଜିପିଓ ସନ୍ତୋଷ ଷଡ଼ଙ୍ଗି, ପିଏ ଟିକେଲାଲ କୁମ୍ଭାର, ଚାଷୀନେତା ଶିବ ପ୍ରସାଦ ପ୍ରଧାନ ମାଏନତା କୁନୁଆଁ ହିସବେ ଯୋଗଦେଇଥିଲେ। ଇ ଉଧେ ଗାନ୍ଧୀ ବିଚାର ମଞ୍ଚ ବରଗଡ଼ ତରଫୁ ମାନପୁର ଗାଁର ଅବସରପ୍ରାପ୍ତ ଶିକ୍ଷକ ଶିବ ପ୍ରସାଦ ପାଣିଗ୍ରାହୀକୁଁ ଗାଁର ଗାନ୍ଧୀ ହିସାବେ ସନାମନା କରାଯାଇଥିଲା। ସଂଗୀତକାର ଅଜିତ ପାଣିଗ୍ରାହୀ ଆବାହନି ସଂଗୀତ ଗାଇଥିଲାବେଲେ ଉମେଶ ବିଶ୍ୱାଲ ଧଏନ୍‌ବାଦ ଦେଇଥିଲେ। ଦୁତୀଅ ଅଧିବେଶନଥି ଉମେଶ ବିଶ୍ୱାଲକଁର ସଭାପତିତ୍ୱନେ ଆର କବି ପ୍ରଫୁଲ୍ଲ ସାହୁ, ତେଜରୁ ବାରିକକଁର ସଂଯୋଜନାରେ କବିତା ପାଠ କାଯ୍‌କରମ ଅନୁଷ୍ଠିତ ହେଇଥିଲା। ଇଥି କବି ଦେବେନ୍ଦ୍ର ସାହୁ, ନୀତିଶ ଆଚାର୍ଯ୍ୟ, ହରିଲାଲ ସାହୁ, ରଞ୍ଜିତ ପ୍ରଧାନ, ରାମ ପ୍ରସାଦ ବାଗ, ଅଧିକାରୀ ସା, ବିନୋଦ ବୈକାର, ନକୁଳ ମେହେର, ମୁନିରାମ କୁମ୍ଭାର, ନରେନ୍ଦ୍ର ମହାନ୍ତି, ସୁଶାନ୍ତ ସାହୁ , ଲକ୍ଷ୍ମଣ ସୁନା, ମନୋରଞ୍ଜନ ଲୁହା ପରମୁଖ କବିମାନେ ଯୋଗଦେଇ ନିଜର ନିଜର କବିତା ପାଠ୍ କରିଥିଲେ ।

# ଷଷ୍ଠୀରେ ବିଲ୍ୱବରଣ, ଆଜି ମହାସପ୍ତମୀ ପୂଜା

## ଆଜିଠୁ ଦୁଲୁକିବ ମୁକ୍ତାକାଶ ରାବଣ ଦରବାର



ବିଜେପୁରରେ ଦେବୀଙ୍କ ମୃଣ୍ମୟ ପ୍ରତିମାକୁ ପୂଜାର୍ଚ୍ଚନା କରାଯାଉଛି ।

ବିଜେପୁର, ୪।୧୦ (ଡି.ଏନ.ଏ)

ବିଜେପୁର ଏନଏସି ସଦର ମହକୁମା ସାର୍ବଜନୀନ ନବଦିନାତ୍ମକ ଦୁର୍ଗାପୂଜା ମହୋତ୍ସବ ପାଇଁ ଉତ୍ସବ ମୁଖରିତ ହୋଇଉଠିଛି। ସୁଦୃଶ୍ୟ ମେଢ଼ ଓ ଆଲୋକ ସାଜସଜ୍ଜାରେ ସ୍ଥାନୀୟ ବସଷ୍ଟାଣ୍ଡ ପରିସର ଝଲସି ଉଠୁଛି । ଘଣ୍ଟ, ଶଙ୍ଖ, ଚଣ୍ଡୀପାଠ ତଥା ଦୁଲଦୁଲି ବାଦ୍ୟାର ଭକ୍ତିଭାବମୟ ପରିବେଶ ସୃଷ୍ଟି ହୋଇଛି। ଶୁକ୍ରବାର ଦେବୀଙ୍କୁ କାତ୍ୟାୟିନୀ ରୂପରେ ପୂଜାର୍ଚ୍ଚନା କରାଯାଇଥିଲା। ଦେବୀଙ୍କ ଏହି ରୂପ ଦର୍ଶନ କରିବାକୁ ପ୍ରବଳ ଜନସମାଗମ ପରିଲକ୍ଷିତ ହୋଇଥିଲା। ସଭାପତି ସନତ କୁମାର ଗଡତିୟା କର୍ତ୍ତା, କିଶୋର ପୂଜାରୀ, ସୁରେନ୍ଦ୍ର ମହାପାତ୍ର, ଦେବରାଜ ରଥ, ରଞ୍ଜନ ମହାପାତ୍ର, ପ୍ରଫୁଲ୍ଲ ଦାଶ ପ୍ରମୁଖ ପୁରୋହିତ କର୍ମ ତୁଲାଇଥିଲେ। ଚଳିତ ବର୍ଷର ପ୍ରମୁଖ ଆକର୍ଷଣ ମୁକ୍ତାକାଶ ରଙ୍ଗମଞ୍ଚ ରାବଣ ଦରବାର ଶନିବାରଠାରୁ ଆରମ୍ଭ ହେବ। ପୁଷ୍ପକ ବିମାନରେ ଦଶାନନଙ୍କ ନଗର ଭ୍ରମଣ ସହ ମଙ୍ଗଳବାର ସନ୍ଧ୍ୟାରେ ହାଇସ୍କୁଲ ପଡିଆରେ ରାବଣପୋଡି ଅନୁଷ୍ଠିତ ହେବ। ଚଳିତ ବର୍ଷ ଧନୁଯାତ୍ରାର କଳାକାର ଗୋଲାପ ଚନ୍ଦ୍ର ଦାଶ ରାବଣ ଭୂମିକାରେ ଅବତୀର୍ଣ୍ଣ ହେଉଥିବା ପୂଜା କମିଟି ସୂତ୍ରରୁ ପ୍ରକାଶ ।

## ହରଚଣ୍ଡୀ ମନ୍ଦିରରେ ଶାରଦୀୟ ନବରାତ୍ର

ଅମ୍ବାଭୋନା, ୪।୧୦ (ଡି.ଏନ.ଏ)

ଅମ୍ବାଭୋନା ବ୍ଲକର ବାରପାହାଡ ବିଚ୍ଛିନ୍ନାଞ୍ଚଳ ମଧ୍ୟରେ ଥିବା ଚଣ୍ଡୀପାଲି ସ୍ଥିତ ହରଚଣ୍ଡୀ ମନ୍ଦିରରେ ଶାରଦୀୟ ନବରାତ୍ର ପୂଜା ପାଳନ କରାଯାଉଛି । ଏହି ଅବସରରେ ଚଣ୍ଡିପାଲି ନାଳାରୁ ଏକ ବିଶାଳ କଳସ ଯାତ୍ରା ପୂଜା ମଣ୍ଡପକୁ ଆସିଥିଲା। ପଣ୍ଡିତ ଉମାଚରଣ ଦାସ ଏବଂ ଚନ୍ଦ୍ରଶେଖର ଦାସ ପ୍ରତିଦିନ ଚଣ୍ଡୀପାଠ ଓ ହୋମଯଜ୍ଞ କରୁଛନ୍ତି । ଚଣ୍ଡୀଦେବୀ ଟ୍ରଷ୍ଟ ବୋର୍ଡ ପରିଚାଳନା ପରିଷଦ ସଭାପତି ସତ୍ୟଭୂଷଣ ସାହୁ ଏବଂ ସମ୍ପାଦକ ଭୀମସେନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶକ୍ତିପୀଠରେ ଅଖଣ୍ଡ ଦୀପ ପ୍ରଜ୍ଜ୍ୱଳନ ସହ ନବରାତ୍ର ପୂଜା ଚାଲିଛି। ବାରପାହାଡ ଅଧୀନ ବାଞ୍ଜିପାଲି, ଡୁଙ୍ଗୁରୀ, ବୁଙ୍ଗାପାଲି, ଉତ୍ତମ, ଖୋଲା, ଲଖନପୁର, କର୍ଲା ଆଦି ଗ୍ରାମପଞ୍ଚାୟତ ଅଧିବାସୀଙ୍କ ସହଯୋଗରେ ଏହି ପୂଜା ଆୟୋଜନ କରାଯାଇଛି । କୃଷ୍ଣଗୁରୁ ସଂକୀର୍ତ୍ତନ, ଭଜନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଉଛି ।

## ଅଶୋକ କ୍ଲବ ଦୁର୍ଗାପୂଜାର ଖଣ୍ଡାଧୁଆ ପର୍ବ

**ଦୁର୍ଗାପୂଜା ପାଇଁ ପୁରପଲ୍ଲୀ ଉତ୍ସବମୁଖର**

ବରପାଲି, ୪।୧୦ (ଡି.ଏନ.ଏ)

ବରପାଲି ଅଶୋକ କ୍ଲବର ପାରମ୍ପରିକ ମୃଣ୍ମୟୀ ଦୁର୍ଗାପୂଜା ପାଇଁ ଶୁକ୍ରବାର ଖଣ୍ଡାଧୁଆ ପର୍ବ ଆରମ୍ଭ ହୋଇଛି। ଏହି ଅବସରରେ ଏକ ବିରାଟ ଶୋଭାଯାତ୍ରା ସହର ପରିକ୍ରମା କରି ନିକଟସ୍ଥ କେନାଲରେ ପହଞ୍ଚିଥିଲା । ସେଠାରେ ପୂଜକ ଛନ୍ଦାଚରଣ ରଥ, ରବୀନ୍ଦ୍ର ଦାଶ, ଆନନ୍ଦ ଦାଶ ରୀତିନୀତି ଅନୁଯାୟୀ ଖଣ୍ଡାଧୁଆ ସହିତ ପୂଜାର୍ଚ୍ଚନା କରିଥିଲେ। ଏହା ପୂର୍ବରୁ ବିଲ୍ୱବରଣ କରାଯାଇ ଅଧିବାସ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ବିରେନ୍ଦ୍ର ରାଉତ ପୂଜାକର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। ଏଥର କ୍ଲବ ପକ୍ଷରୁ ସାଜସଜ୍ଜା, ଆଲୋକମାଳା ସହ ତୋରଣ ଆଦି କରାଯାଇଛି । ସେହିପରି ପୂଜାର ବିଭିନ୍ନ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହେବ। ଶନିବାର ସପ୍ତମୀପୂଜାର ଭାଇ ଜିଉଁନ୍ତିଆ ପର୍ବ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି ।



ଦୁର୍ଗାପୂଜାର ଖଣ୍ଡଧୁଆ ଶୋଭାଯାତ୍ରା ଚାଲିଛି ।

## ଜର୍ଜଗଡ଼ରେ ଦୁର୍ଗାପୂଜା ଆରମ୍ଭ

ପାଇକମାଳ, ୪।୧୦ (ଡି.ଏନ.ଏ)

ବରଗଡ଼ ଜିଲା ପାଇକମାଳ ବ୍ଲକ ଜର୍ଜଗଡଠାରେ ଶୁକ୍ରବାର ଦୁର୍ଗାପୂଜା ଆରମ୍ଭ ହୋଇଛି । ଏହି ଅବସରରେ ଗ୍ରାମର ମା' ଭଉଣୀ ତଥା ଭକ୍ତମାନେ ଏକ ଶୋଭାଯାତ୍ରାରେ ଯାଇ ନୃସିଂହନାଥ ଝରଣାରୁ ୧୦୮ କଳସ ପାଣି ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ଅଶ୍ୱିନୀ ସାହୁ ଓ ତାଙ୍କ ସ୍ତ୍ରୀ କାଞ୍ଚନବାଳା ସାହୁ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ପୂଜକ ଗୋକୁଳାନନ୍ଦ ମହାପାତ୍ର ଓ ଶିରିଶ ମହାପାତ୍ର ପୂଜା ପାଠ କରୁଛନ୍ତି । ଗ୍ରାମର ମୁଖିଆ ଶାନ୍ତିଲାଲ ପ୍ରଧାନ, ଜୟକୃଷ୍ଣ ସାହୁ, ବାଳକଦାସ ବିଶି, ରଣଜିତ ସରାଫ, କୁନୁ ଅଗ୍ରୱାଲ, ସାନ ବାରିକ ପ୍ରମୁଖ ପୂଜା ଦାୟିତ୍ୱରେ ଅଛନ୍ତି । ଝାଙ୍କର ଲୋକନାଥ ସାମନୀ ପୂଜା ଆୟୋଜନ ଦାୟିତ୍ୱ ନେଇଥିବାବେଳେ କମିଟି ସଭାପତି ଗୋପାଳ ସାହା ଓ ସମ୍ପାଦକ ଭୁବନେଶ୍ୱର ସାହା ସହଯୋଗ କରୁଛନ୍ତି ।

## ଦୁର୍ଗାପୂଜା ପାଇଁ ପାଟଖଣ୍ଡା ସ୍ଥାପିତ

ପଦ୍ମପୁର, ୪।୧୦ (ଡି.ଏନ.ଏ)

ସାର୍ବଜନୀନ ଦୁର୍ଗାପୂଜା ପାଇଁ ବରଗଡ଼ ଜିଲା ପଦ୍ମପୁର ସହର ଉତ୍ସବମୁଖର ହୋଇପଡିଛି । ଶୁକ୍ରବାର ଥିଲା ଦୁର୍ଗାଙ୍କ ଷଷ୍ଠୀପୂଜା । ଏହି ଅବସରରେ ପୂଜକମାନେ ମା' ଜଗଜ୍ଜନନୀ ଦୁର୍ଗାଙ୍କ ପୂଜା ବିଧି ଅନୁସାରେ ଆରମ୍ଭ କରିଥିଲେ। ପ୍ରଥମେ ବିଲ୍ୱବରଣ କରାଯାଇଥିଲା। ପରେ ମଣ୍ଡପରେ ଖଣ୍ଡାଧୁଆ ଓ ପାଟଖଣ୍ଡା ସ୍ଥାପନ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ପଦ୍ମପୁର ରାଜବାଟୀ ପୀଠରୁ ପାରମ୍ପରିକ ରୀତିରେ ବିଭିନ୍ନ ଅସ୍ତ୍ରଶସ୍ତ୍ର ସହିତ ଏକ ବିରାଟ ପଟୁଆର ସହର ପରିକ୍ରମା କରିଥିଲା। ଏହାପରେ ଶ୍ରଦ୍ଧାଳୁମାନେ ରଜାଘାଟରୁ ଜଳପୂର୍ଣ୍ଣ କଳସ ଓ ପାଟଖଣ୍ଡା ଧରି ଶୋଭାଯାତ୍ରାରେ ଆସି ପୂଜାପୀଠରେ ସ୍ଥାପନ କରିଥିଲେ । ଏଥିରେ ପଣ୍ଡିତ ରଘୁନାଥ ତ୍ରିପାଠୀ, ଅତ୍ରାହୀ ଭଞ୍ଜନ ପାଣିଗ୍ରାହୀ ଏବଂ ପୂଜା କମିଟିର ସଦାନନ୍ଦ ପୁରୋହିତ, ବଜରଙ୍ଗ ଅଗ୍ରୱାଲ, ଅଶୋକ ବହିଦାର ଓ ଅନ୍ୟାନ୍ୟ ସଭ୍ୟ ଅଂଶଗ୍ରହଣ କରିଥିଲେ ।



ଅତୀତ ମନୁଷ୍ୟ ବିଷୟରେ ବହୁ କଥା ଜାଣିଲେ,
ଭବିଷ୍ୟତ ମନୁଷ୍ୟ ଗଢ଼ିବା ଦିଗରେ ସହାୟତା ମିଳେ ।
- ବିନୋଦ କାନୁନ୍‌ଗୋ



**ସଂକ୍ଷେପରେ**

## ବାଇକ୍ ଦୁର୍ଘଟଣା, ଜଣେ ମୃତ

ବୌଦ୍ଧ,୪।୧୦(ସ୍ୱ.ପ୍ର): ବୌଦ୍ଧ ଥାନା ମୁର୍ଷୁଣ୍ଡି ଛକରେ ଶୁକ୍ରବାର ବାଇକ ଧକ୍କାରେ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗମ୍ଭାରିପଦର ଗ୍ରାମର ପଙ୍କଜ ଦେହୁରୀ (୫୦)। ଖବର ପାଇ ବୌଦ୍ଧ ଥାନା ଅଧିକାରୀ ତପସ୍ୱନୀ କହଁର ଘଟଣାସ୍ଥଳକୁ ପହଞ୍ଚି ବାଇକୁ ଜବତକୁ କରିବା ସହ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ମେଡିକାଲକୁ ପଠାଇଛି। ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଥାନା ଅଧିକାରୀ କହଁର ପ୍ରକାଶ କରିଛନ୍ତି । ସୂଚନା ଅନୁସାରେ, ବଡ଼ିଗାଁ ଗ୍ରାମର ଗଣେଶ ବେହେରା ବୌଦ୍ଧ ମେଡିକାଲରୁ ତାଙ୍କ ଝିଅ ଓ ଜ୍ୱାଇଁଙ୍କୁ ଧରି ବାଇକ (ନଂ.ଓଡି୨୭/୦୨୭୨) ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ମୁର୍ଷୁଣ୍ଡି ଛକ ନିକଟରେ ରାସ୍ତା ପାରି ହେଉଥିବା ବେଳେ ବାଇକ୍‌ଟି ପଙ୍କଜଙ୍କୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

## ବିଲ୍ୱବରଣ ସହ ଦୁର୍ଗାପୂଜା ଆରମ୍ଭ

ଘଣ୍ଟାପଡା,୪।୧୦(ଡି.ଏନ.ଏ): ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜା ପାଇଁ କଣ୍ଟାମାଳ ବ୍ଲକର ବିଭିନ୍ନ ପୂଜା ମଣ୍ଡପ ଚଳଚଞ୍ଚଳ ଓ ଉତ୍ସବମୁଖର ହୋଇପଡିଛି। କଣ୍ଟାମାଳ ବ୍ଲକ ଛକ ଜୀବନଜ୍ୟୋତି ସାଂସ୍କୃତିକ ପରିଷଦ ଦ୍ୱାରା ଆୟୋଜିତ ଦୁର୍ଗାପୂଜା ପାଇଁ ଶୁକ୍ରବାର ସକାଳ ୮ଟାରେ ବିଲ୍ୱବରଣ ହୋଇଛି । ଏକ ଶୋଭାଯାତ୍ରାରେ ବେଲ ଗଛମୂଳକୁ ଯାଇ ପୂଜାର୍ଚ୍ଚନା ସହ ବରଣ କରାଯାଇଥିଲା। ଏହି ଅବସରରେ ଅପରାହ୍ନରେ କଳସଯାତ୍ରା ହୋଇଥିଲା। ଭକ୍ତମାନେ ଏକ ଶୋଭାଯାତ୍ରାରେ ନିକଟସ୍ଥ ବନ୍ଧରୁ କଳସରେ ଜଳ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ । ଶିବ ପ୍ରସାଦ ମିଶ୍ର ପୂଜକ ଓ ବିବସ୍ୱ କର୍ମୀ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି । କ୍ଲବ ସଭାପତି ସୁରେଶ ଚନ୍ଦ୍ର ମହାନ୍ତି, ସମ୍ପାଦକ ସନ୍ତୋଷ କୁମାର ବିଶି ଓ ସନ୍ତୋଷ କୁମାର ସାହୁ, କୋଷାଧ୍ୟକ୍ଷ ଆନନ୍ଦ ଚନ୍ଦ୍ର ପାଢୀ, ଦୃତିଆଚରଣ ସାହୁ, ଦୁଃଶାସନ ସାହୁ, ବିରେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

# ଗ୍ରାମବାସୀଙ୍କ ଭୋଟବର୍ଜନ ନିଷ୍ପତ୍ତି

ବିଜେପୁର,୪।୧୦(ଡି.ଏନ.ଏ)

**ବିଜେପୁର ଉପନିର୍ବାଚନ**

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ଯେତିକି ପାଖେଇ ଆସୁଛି, ନିର୍ବାଚନୀ ଉଷ୍ମତା ସେଭଳି ବଢ଼ିବାରେ ଲାଗିଛି। ଏଥିପାଇଁ ନିର୍ବାଚନୀ ପ୍ରଚାର ମଧ୍ୟ ଆରମ୍ଭ ହୋଇଛି । ବିଭିନ୍ନ ପ୍ରସଙ୍ଗ ନେଇ ଦଳୀୟ କାର୍ଯ୍ୟକର୍ତ୍ତାମାନେ ଭୋଟରଙ୍କ ପାଖକୁ ପହଞ୍ଚୁଛନ୍ତି । ଏଭଳିସ୍ଥଳେ ଗ୍ରାମରେ ବିଭିନ୍ନ ସମସ୍ୟା ଅସମାହିତ ହୋଇ ରହିଥିବା ଅଭିଯୋଗ କରି ବିଜେପୁର ବ୍ଲକ ପୁଟକିଗ୍ରୀଞ୍ଜେଲ ଗ୍ରାମବାସୀ ଉପନିର୍ବାଚନରେ ଭୋଟ୍ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି କ୍ରମରେ ଗ୍ରାମବାସୀ ଶୁକ୍ରବାର ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ ଓ ବିଜେପୁର ବିଡ଼ିଓ ପଦ୍ମନାଭ ବେହେରାଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

ସେମାନେ ଅଭିଯୋଗ କରିଛନ୍ତି, ଦର୍ଲିପାଲିରୁ ପୁଟକିଗ୍ରୀଞ୍ଜେଲକୁ ସଂଯୋଗ କରୁଥିବା ରାସ୍ତା ଦୀର୍ଘଦିନ ଧରି ଶୋଚନୀୟ ହୋଇ ପଡ଼ିରହିଛି । ଉକ୍ତ ରାସ୍ତାରେ ଥିବା ଶୁଖାନାଳାରେ ଏପର୍ଯ୍ୟନ୍ତ ପୋଲ ନିର୍ମାଣ ହୋଇପାରିନାହିଁ । ଫଳରେ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହିପରି ଗ୍ରାମ ନଳକୂଅରୁ ଫ୍ଲୋରାଇଡ୍‌ଯୁକ୍ତ ପାଣି ବାହାରୁଥିବାରୁ ତାହା ବ୍ୟବହାର କରି ଲୋକେ ନାନା ରୋଗରେ ଆକ୍ରାନ୍ତ ହେଉଛନ୍ତି । ୨୦୦୬ ମସିହାରୁ ଗ୍ରାମରେ ନିର୍ମିତ ପାନୀୟଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରି ନାହିଁ । ଗ୍ରାମକୁ ସ୍ୱାସ୍ଥ୍ୟସେବା ମଧ୍ୟ ଅପହଞ୍ଚ ହୋଇପଡ଼ିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଉକ୍ତ ଗ୍ରାମକୁ ଅଣଦେଖା କରାଯାଉ ଥିବାରୁ ଗ୍ରାମବାସୀ ଆଗାମୀ ଉପନିର୍ବାଚନରେ ଭୋଟ୍ ବର୍ଜନ କରିବା ପାଇଁ ନିଷ୍ପତ୍ତି ନେଇଥିବା ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି । ଗ୍ରାମର ଅଙ୍କୁର ସାହୁ, ଯୁବରାଜ ଧରୁଆ, ପ୍ରଦୀପ ମଲ୍ଲିକ, କିଶୋର ରାୟ, ପଦ୍ମନାଭ ମଲ୍ଲିକ, ଯୁବରାଜ ଧରୁଆ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ । ବରଗଡ଼ ଜିଲାପାଳଙ୍କ ପାଖକୁ ସେମାନେ ସ୍ମାରକପତ୍ରର ଏକ ନକଲ ପଠାଇଥିବା ପ୍ରକାଶ କରିଛନ୍ତି ।



ବିଜେପୁର ବିଡ଼ିଓଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିବା ଗ୍ରାମବାସୀ।

## ■ ଡାକ୍ତର ପଦବୀ ପୂରଣ ଦାବି

# ଧାରଣାରେ ବସିବାକୁ ଚେତାବନୀ

ବୌଦ୍ଧ,୪।୧୦(ସ୍ୱ.ପ୍ର)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକରେ ଡାକ୍ତର ନ ଥିବାରୁ ସ୍ୱାସ୍ଥ୍ୟସେବା ଭୁଷୁଡି ପଡିଛି। ଫଳରେ ରୋଗୀମାନେ ଆବଶ୍ୟକ ଚିକିତ୍ସା ସୁବିଧା ନ ପାଇ ଅସୁବିଧା ଭୋଗୁଛନ୍ତି । ଏହି ପରିପ୍ରେକ୍ଷୀରେ ଏହା ପ୍ରତିବାଦ କରିଛନ୍ତି ୯ନଂ ଜୋନର ଜିଲା ପରିଷଦ ସଭ୍ୟ ଅବକାଶ ସାହୁ । ତୁରନ୍ତ ଡାକ୍ତର ପଦବୀ ପୂରଣ କରିବାକୁ ସେ ଦାବି କରିଛନ୍ତି ।

ରାଜ୍ୟ ସରକାର ମୋ ସରକାର କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବା ବେଳେ ବୌଦ୍ଧ ଜିଲାର ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ଆବଶ୍ୟକୀୟ ଡାକ୍ତର ନାହାନ୍ତି । ଫଳରେ ସାଧାରଣ ଲୋକମାନେ ସ୍ୱାସ୍ଥ୍ୟ ସେବା ପାଇଁ ବହୁ ହଇରାଣ ହେଉଛନ୍ତି । ହରଭଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନାହାନ୍ତି । ଜିଲାର ତଳଗାଁ, ଜହ୍ନାପଙ୍ଗ, ବଘିଆପଡା ଆଦି ଡାକ୍ତରଖାନାରେ ମଧ ଡାକ୍ତର ପଦବୀ ଖାଲି ପଡିଛି । ତେଣୁ ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ତୁରନ୍ତ ଡାକ୍ତର ପଦବୀ ପୂରଣ କରିବାକୁ ଜିଲା ପରିଷଦ ସଭ୍ୟ ସାହୁ ଦାବି ଜାଇଛନ୍ତି । ୧୫ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ୧୬ ତାରିଖ ଠାରୁ ଜିଲା ମୁଖ୍ୟ କାର୍ଯ୍ୟାଳୟଠାରେ ଧାରଣା ଦିଆଯିବ ବୋଲି ସେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି ।




ପୋଲିସ କର୍ମଚାରୀମାନେ ଗାଡି ଚାଳକଙ୍କୁ ଟ୍ରାଫିକ୍ ନିୟମ ବିଷୟରେ ସଚେତନ କରୁଛନ୍ତି ।

# ଉପନିର୍ବାଚନ ପ୍ରସ୍ତୁତି ପାଇଁ ସମୀକ୍ଷା ବୈଠକ

ବରଗଡ଼ ଅଫିସ୍,୪।୧୦

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ନେଇ ଶୁକ୍ରବାର ସ୍ଥାନୀୟ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ପ୍ରଶାସନର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ପର୍ଯ୍ୟବେକ୍ଷକ ଅବିନାଶ ଲାଭାନିଆ, ଏସପି ପଦ୍ମିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ନିର୍ବାଚନୀ ପ୍ରସ୍ତୁତି ଉପରେ ସମୀକ୍ଷା କରାଯାଇଥିଲା। ସମସ୍ତ ଭୋଟକେନ୍ଦ୍ରରେ ଆବଶ୍ୟକୀୟ ମୌଳିକ ସୁବିଧା ଉପଲବ୍ଧ ଅଛି କି ନାହିଁ, ତାର ସମୀକ୍ଷା କରାଯାଇଥିଲା । ୫୦ଟି ବୁଥ୍‌ରେ ୱେବ୍‌କାଷ୍ଟିଂ ଏବଂ ୪୦ଟି ବୁଥ୍‌ରେ ସିସିଟିଭି କ୍ୟାମେରା ଲଗାଯିବାର ବ୍ୟବସ୍ଥା କରାଯାଇଛି ବୋଲି ପ୍ରଧାନ ସୂଚନା ଦେଇଥିଲେ । ଜିଲାରେ ଆଚରଣ ବିଧି କଡ଼ାକଡ଼ି ପାଳନ କରାଯାଇ ହୋର୍ଡିଂ ହଟାଯିବା, ମାଦକଦ୍ରବ୍ୟ ଜବତ କରାଯିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଏହା ସହିତ ଉପନିର୍ବାଚନକୁ ଶୃଙ୍ଖଳିତ, ଅବାଧ, ନିରପେକ୍ଷ ଭାବେ ସମାପନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା । ବୈଠକରେ ଅତିରିକ୍ତ ଏସ୍‌ପି ଅମରେନ୍ଦ୍ର ରଣା, ପଦ୍ମପୁର ଏସଡ଼ିପିଓ ପ୍ରଦୀପ କୁମାର ସାହୁ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତିବାସ ରାଉତଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।



ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀବୃନ୍ଦ ।

# ଗାଇସିଲେଟରେ ଟ୍ରାଫିକ ସଚେତନତା ଶୋଭାଯାତ୍ରା

ଗାଇସିଲେଟ, ୪।୧୦(ଡି.ଏନ.ଏ)

ବରଗଡ଼ ଜିଲା ଗାଇସିଲେଟ ଥାନା ତରଫରୁ ଟ୍ରାଫିକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ଶୋଭାଯାତ୍ରାରେ ସରସ୍ୱତୀ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ର ତଥା ପ୍ରଧାନଆଚାର୍ଯ୍ୟ ଅଶ୍ୱିନୀ କୁମାର ବାରିକ, ଆଚାର୍ଯ୍ୟ ବ୍ୟାସଦେବ ପଧାନ, ଜଗନ୍ନାଥ ପଟେଲ, ଗୁରୁମା ପ୍ରମିଳା ଗଡତିଆ ଓ ଅନ୍ୟ ଗୁରୁଜୀ ଗୁରୁମା ସାମିଲ ହୋଇଥିଲେ। ଗାଇସିଲେଟ ଥାନା ଅଧିକାରୀ ହରିବନ୍ଧୁ ଗଡତିଆ, ଏଏସଆଇ ରସାଞ୍ଜଳ ଦେହୁରୀ, ଏଏସଆଇ ପ୍ରମୋଦ କୁମାର ପାତ୍ର, କନଷ୍ଟେବଳ ପ୍ରେମାନନ୍ଦ ବିଶି, ଲୋକନାଥ କୁମ୍ଭାର, ବିପ୍ର ଭୋଇ ଓ ଅନ୍ୟ କର୍ମଚାରୀ ଶହୀଦ ଛକରୁ ଶୋଭାଯାତ୍ରାରେ ବାହାରି ବସଷ୍ଟାଣ୍ଡ ବ୍ଲକ, ଡାକ୍ତରଖାନା ଛକ ଦେଇ ପୁଣି ଶହୀଦ ଛକରେ ପହଞ୍ଚିଥିଲେ। ସେଠାରେ ଗାଡି ଚାଳକଙ୍କୁ ଟ୍ରାଫିକ ନିୟମ ବିଷୟରେ ସଚେତନ କରାଯାଇଥିଲା ।

# ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରତିଷ୍ଠା ଦିବସ

ବରଗଡ଼ ଅଫିସ୍,୪।୧୦

**ବରଗଡ଼ ଜିଲା**

ବରଗଡ଼ର ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡା. ଜୟଦେବ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି, ଯଶୋଦା ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ସୂର୍ଯ୍ୟପ୍ରକାଶ ମହାପାତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ରବିନାରାୟଣ ସାହୁ, ସହସମ୍ପାଦକ ପ୍ରଶାନ୍ତ ଦାଶ, ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ସାହୁ, ମେଘନାଦ ସାହୁ, ଅଭୟ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ତିନିଜଣ ବହୁମୁଖୀ ପ୍ରତିଭା ଛାତ୍ରୀଛାତ୍ର ଉଷାରାଣୀ ଗୁରୁ, ଅରୁଣା ବେହେରା ଓ ଅମିତ ବର୍ମାଙ୍କୁ ନଗଦ ୨ହଜାର, ମାନପତ୍ର ସହିତ ଶାନ୍ତନୁ କୁମାର ରଣା ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଅଙ୍କିତା ଖମାରୀ, ବର୍ଷା ବାରିକ, ଏକାମ୍ର ବାଗଙ୍କୁ ସ୍ୱଚ୍ଛତା ପୁରସ୍କାର ପ୍ରଦାନ କରାଯାଇଥିଲା। ଡା. ସୁସ୍ମିତା ଦାଶ ୨ଜଣ ପୁରାତନ ଛାତ୍ରୀଛାତ୍ର ସୁଜାତା ପାଣ୍ଡେ, ସୁନୀଲ ସେଠଙ୍କୁ ସିଲେଇ ମେଶିନ ପ୍ରଦାନ କରିଥିଲେ । ସେହିପରି ଅନ୍ୟ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଖେଳ ଶିକ୍ଷକ ସୁଧାଂଶୁ ସାହୁଙ୍କ ଶିକ୍ଷଣରେ ଛାତ୍ର ବୈକୁଣ୍ଠ ସାହୁ ଯୋଗ ପ୍ରଦର୍ଶନ କରିଥିଲେ । ଶିକ୍ଷକ ଗୁଣନିଧି ସାହୁ, ଦୁଃଖୀସେବକ ସାହୁ, ଅମରେଶ ବାରିକଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ମେଘନାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## କଫ୍ ସିରପ ଜବତ, ୨ ଅଭିଯୁକ୍ତ ଗିରଫ

ବରଗଡ଼ ଅଫିସ୍,୪।୧୦

କଫ ସିରପ୍ କାରବାର ଅଭିଯୋଗରେ ବରଗଡ଼ ସଦର ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ ସୁବାସନଗରର ନବି ହୁସେନ ଏବଂ ଡ୍ୟାମ କଲୋନୀର ଅର୍ଜୁନ ବାଦୀ । ସେମାନଙ୍କ ପାଖରୁ ୧୦୦ ବୋତଲ କଫ୍ ସିରପ୍ ଏବଂ ୩ ଷ୍ଟ୍ରିପ୍ ନିଶା ବଟିକା ଜବତ ହୋଇଛି । ଅଭିଯୁକ୍ତଙ୍କ ବିରୋଧରେ ଏକ ମାମଲା (ନଂ.୧୭୭/୧୯) ରୁଜୁ ହୋଇଛି ବୋଲି ସଦର ଥାନା ଅଧିକାରୀ ଦିଲୀପ କୁମାର ବେହେରା ସୂଚନା ଦେଇଛନ୍ତି ।

# ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ବରଗଡ଼ ଅଫିସ୍,୪।୧୦

ବରଗଡ଼-ସମ୍ବଲପୁର ରାସ୍ତାର ଶୁକୁଟାପାଲି ନିକଟରେ ଶୁକ୍ରବାର ରାତ୍ରି ପ୍ରାୟ ସାଢ଼େ ୯ଟାରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଦୁଇଟି ବାଇକ୍ ପରସ୍ପର ପିଟି ହେବା ଯୋଗୁ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି । ଖବର ଲେଖାହେବା ସୁଦ୍ଧା (ରାତ୍ରି ୧୦ଟା ପର୍ଯ୍ୟନ୍ତ) ମୃତକଙ୍କ ପରିଚୟ ମିଳିପାରି ନାହିଁ । ସେହିପରି ମୃତକଙ୍କ ସହିତ ବାଇକ୍‌ରେ ବସିଥିବା ଅନ୍ୟ ଜଣେ ମଧ୍ୟ ଗୁରୁତର ଆହତ ହୋଇଛନ୍ତି । ସେ ସଂଜ୍ଞାହୀନ ହୋଇପଡ଼ି ଥିବାଯୋଗୁ ତାଙ୍କ ପରିଚୟ ମିଳିପାରି ନାହିଁ। ଅପରପକ୍ଷେ ଉକ୍ତ ଦୁର୍ଘଟଣାରେ ଅନ୍ୟ ବାଇକ୍ ଆରୋହୀ ଲସ୍ତୁଲାର ଅନାଦୀ ମହାକୁଡ଼ ଗୁରୁତର ଆହତ ହୋଇ ପଡ଼ିଛନ୍ତି । ମୃତାହତଙ୍କୁ ସ୍ଥାନୀୟ ଲୋକେ ପୋଲିସ ସହାୟତାରେ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଛନ୍ତି। ଦୁର୍ଘଟଣାର ମୃତକ ଓ ଅନ୍ୟ ଜଣେ ଏକ ୟାମାହା ବାଇକ୍ (ନଂ-ଓଡ଼ି୧୫ପି ୦୫୦୮) ଯୋଗେ ଯାଉଥିବାବେଳେ ଆହତ ଅନାଦୀ ବସିଥିବା ବାଇକ୍‌ରେ ଧକ୍କା ଲାଗିବାରୁ ଏହି ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି । ଦୁର୍ଘଟଣାରେ ବାଇକ୍ ଏକ ବିଲ ଭିତରକୁ ପଶି ଯାଇଥିଲା ।

## ହାତୀବାରୀ ହାଇସ୍କୁଲ ଆକ୍ରମଣ ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବି

ବରଗଡ଼ ଅଫିସ୍,୪।୧୦

ବରଗଡ଼ ଜିଲା ମଙ୍ଗଳ ବିଭାଗ ଶିକ୍ଷକ, ଶିକ୍ଷୟିତ୍ରୀ ସଂଘ ଶୁକ୍ରବାର ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛି। ଗତ କିଛିଦିନ ତଳେ ମୟୂରଭଞ୍ଜ ଜିଲା ହାତୀବାରୀ ହାଇସ୍କୁଲରେ ସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକ, ରୋଷେୟା, ମେଟ୍ରନ ପ୍ରମୁଖଙ୍କୁ ଲୋକେ ଯେଉଁଭଳି ଅତର୍କିତ ଆକ୍ରମଣ କଲେ, ତାକୁ ନିନ୍ଦା କରାଯାଇଛି। ଏହା ସହିତ ଉକ୍ତ ଘଟଣାର ଅଭିଯୁକ୍ତଙ୍କୁ ଗିରଫ କରି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ମାରକପତ୍ରରେ ଦାବି କରାଯାଇଛି। ସଂଘ ସଭାପତି କ୍ଷୀରେଶ୍ୱର ତାଣ୍ଡିଙ୍କ ନେତୃତ୍ୱରେ ପ୍ରଦୀପ କୁମାର ମେହେର, ରମେଶ ଚନ୍ଦ୍ର ନାଏକ, ନକୁଳ ବାଦୀ, ଦୁର୍ଯ୍ୟୋଧନ ସାହୁ, ଦିଲୀପ ଭୁଏ ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ଗାଇସିଲେଟ୍‌ରେ ଭାଜପା, ବରପାଲିରେ ବିଜେଡିର ପ୍ରଚାର



ବରପାଲିରେ ବିଜେଡ଼ି ନେତାଙ୍କ ନିର୍ବାଚନୀ ପ୍ରଚାର ।



ଗାଇସିଲେଟ୍ ବ୍ଲକରେ ଭାଜପାର ନିର୍ବାଚନୀ ପ୍ରଚାର ।

ଗାଇସିଲେଟ୍/ବରପାଲି,୪।୧୦(ଡି.ଏନ.ଏ)

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ନେଇ ଶୁକ୍ରବାର ଭାଜପା ପକ୍ଷରୁ ଗାଇସିଲେଟ୍ ବ୍ଲକର ବିଭିନ୍ନ ସ୍ଥାନରେ ଦଳୀୟ ପ୍ରାର୍ଥୀ ସନତ ଗଡ଼ତିଆଙ୍କ ପାଇଁ ପ୍ରଚାର କରାଯାଇଥିଲା । ଉକ୍ତ ନିର୍ବାଚନୀ ପ୍ରଚାର କାର୍ଯ୍ୟକ୍ରମରେ ଦଳର ପ୍ରାର୍ଥୀ ଗଡ଼ତିଆଙ୍କ ସମେତ ଜିଲା ସଭାପତି ଡା. ଅରୂପାନନ୍ଦ ସାହୁ, ସମ୍ପାଦକ ପ୍ରବୀଣ କୁମାର ପାଣିଗ୍ରାହୀ, ଜିଲା ପରିଷଦ ସଭ୍ୟା ସସ୍ମିତା ଡନସନା, ମଣ୍ଡଳ ସଭାପତି ବିନାୟକ ପ୍ରସାଦ ଗୁରୁ, ଘନଶ୍ୟାମ ସାହୁ, ଝସକେତନ ସାହୁ ପ୍ରମୁଖ ସାମିଲ ହୋଇଥିଲେ। ଫିରିଙ୍ଗିମାଳ ପଞ୍ଚାୟତରୁ ନିର୍ବାଚନୀ ସଭା ସାରି ସେମାନେ କନ୍ଦାଗାଡ଼, ଯାମୁଟପାଲି, କଟାବାହାଲ, ତାଲପାଲି, ଗନିଆପାଲି, ଚାଣ୍ଟିପାଲି, କୁଣ୍ଡାଖାଇ, ଗୁଦେରପାଲି, ଚିକଲି ପଞ୍ଚାୟତରେ ନିର୍ବାଚନୀ ପ୍ରଚାର କରିଥିଲେ। ରାଜ୍ୟ ସରକାରଙ୍କୁ ସମାଲୋଚନା କରି ଭାଜପା ପ୍ରାର୍ଥୀ ଗଡ଼ତିଆଙ୍କୁ ଆଗାମୀ ଉପନିର୍ବାଚନରେ ଭୋଟ୍ ଦେବାକୁ ସେମାନେ ଭୋଟରମାନଙ୍କୁ କହିଥିଲେ ।

**ବରପାଲି,(ଡି.ଏନ.ଏ):** ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ନେଇ ଶୁକ୍ରବାର ବିଜେଡ଼ି ପକ୍ଷରୁ ବରପାଲିରେ ଦଳୀୟ ପ୍ରାର୍ଥୀ ରୀତା ସାହୁଙ୍କ ପାଇଁ ପ୍ରଚାର କରାଯାଇଥିଲା। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଦଳୀୟ ପ୍ରାର୍ଥୀ ରୀତା ସାହୁ ପ୍ରମୁଖ ନିର୍ବାଚନୀ ପ୍ରଚାରରେ ସାମିଲ ହୋଇଥିଲେ। ବରପାଲି ପୌର ପରିଷଦ ଅନ୍ତର୍ଗତ ୱାର୍ଡ଼ ନଂ-୨ ଏବଂ ୫ରେ ନିର୍ବାଚନୀ ସଭା କରି ସେମାନେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ୍ ଦେବା ପାଇଁ ମତଦାତାଙ୍କୁ ନିବେଦନ କରିଥିଲେ । ପୂର୍ବତନ ଅଧ୍ୟକ୍ଷା ମୀନା ସେଠ, ବନ୍ତ ସେଠ ଏବଂ ଦଳୀୟ କାର୍ଯ୍ୟକର୍ତ୍ତା, କର୍ମୀମାନେ ଏଥିରେ ଯୋଗଦାନ କରିଥିଲେ।

## ■ ଭେଡେନ୍ ଗଣବଳାତ୍କାର ଘଟଣା

# ମାମଲା ରୁଜୁକଲା ପୋଲିସ

କଟକ ଅଫିସ,୪।୧୦

ବରଗଡ଼ ଜିଲା ଭେଡେନ୍ ଥାନା ଅଞ୍ଚଳରେ ତିନି ଦଳିତ ମହିଳାଙ୍କୁ ଗଣବଳାତ୍କାର ଓ ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆର୍‌ସି)ଙ୍କ ହସ୍ତକ୍ଷେପ ପରେ ବରଗଡ଼ ପୋଲିସ ମାମଲା ରୁଜୁ କରିଛି। ମାମଲା ରୁଜୁ ହେବା ନେଇ ବରଗଡ଼ ଏସ୍‌ଡିପିଓ ଆବେଦନକାରୀଙ୍କୁ ଅବଗତ କରିଛନ୍ତି। ୨୦୧୬ରେ ଏହି ଘଟଣା ଘଟିଥିଲେ ମଧ ପୋଲିସ ମାମଲା ରୁଜୁ କରି ନ ଥିଲା। ଏହି ଘଟଣାକୁ ନେଇ ଜଣେ ପୀଡ଼ିତା ଓଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହୋଇଥିଲେ। ପରେ ଓଏଚ୍‌ଆରସି ଗତ ୨୫ତାରିଖରେ ପୋଲିସର ଏଭଳି କାର୍ଯ୍ୟକୁ ନେଇ ବିରକ୍ତି ପ୍ରକାଶ କରିବା ସହ ରାଜ୍ୟ ପୋଲିସ ମାନବାଧିକାର ଉଲ୍ଲଂଘନ କରିଛି ବୋଲି କହିଥିଲେ। ସେହିପରି ଓଏଚ୍‌ଆର୍‌ସି ମାମଲା ରୁଜୁ କରିବାକୁ ବରଗଡ଼ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପୀଡ଼ିତାଙ୍କୁ କାହିଁକି କ୍ଷତିପୂରଣ ଦିଆ ନ ଯିବ ତାହାର ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ।

ମାମଲାର ବିବରଣୀରୁ ପ୍ରକାଶ, ପ୍ରଜାକୋର୍ଟ ଦ୍ୱାରା ବାସନ୍ଦ ହୋଇଥିବା ଗୋଟିଏ ପରିବାରର ତିନି ମହିଳାଙ୍କୁ ୨୦୧୬ ସେପ୍ଟେମ୍ବର ୨୩ରେ ଭେଡେନ୍ ଥାନାର କେତେଜଣ କର୍ମଚାରୀ ଘରୁ ପୋଲିସ ଭ୍ୟାନ୍‌ରେ ଉଠାଇ ନେଇଥିଲେ। ପରେ ସେମାନଙ୍କୁ ବଳାତ୍କାର କରାଯାଇଥିଲା। ଏହାପରେ ପୀଡ଼ିତାମାନଙ୍କୁ ପୋଲିସ ଗାଁ ଲୋକଙ୍କ ଜିମା ଦେଇଥିଲା। ଗ୍ରାମର କେତେଜଣ ଲୋକ ସେମାନଙ୍କୁ ୧୦ ଦିନ ଜଙ୍ଗଲରେ ରଖି ବଳାତ୍କାର କରିଥିଲେ। ସେମାନଙ୍କ କବଳରୁ ଜଣେ ଖସି ଆସିଥିବାବେଳେ ଆଉ ଦୁଇଜଣଙ୍କୁ ସେମାନେ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା । କିନ୍ତୁ ପୋଲିସ ଏହା ଉପରେ କୌଣସି ପଦକ୍ଷେପ ନେଇ ନ ଥିଲା। ଖସି ଆସିଥିବା ମହିଳାଜଣଙ୍କ ଓଏଚ୍‌ଆରସିଙ୍କ ଦ୍ୱାରସ୍ଥ ହୋଇଥିଲେ। ମହିଳା ଜଣକ ତାଙ୍କ ବଡ ଭାଇଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ପରେ ୨୦୧୭ ମେ’ ୫ରେ ତାଙ୍କ ଭାଇ ବରଗଡ ଏସ୍‌ପିଙ୍କୁ ଏ ନେଇ ଏକ ଅଭିଯୋଗ ଡାକ ଯୋଗେ ପଠାଇଥିଲେ। ସେହିପରି ଏହି ଘଟଣା ସମ୍ପର୍କରେ ମଧ ସେ ପୋଲିସ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ । ମାତ୍ର କାର୍ଯ୍ୟାନୁଷ୍ଠାନ ବଦଳରେ ୨୦୧୭ ଜୁଲାଇ ୧୯ରେ ଅଭିଯୋଗ କରିଥିବା ଭାଇଙ୍କୁ ହତ୍ୟା କରାଯାଇଥିଲା। ଏଥିରେ ପୋଲିସ ଓ ଗାଁ ଲୋକଙ୍କ ସମ୍ପୃକ୍ତି ରହିଥିବା ଆବେଦନକାରିଣୀ କମିଶନଙ୍କୁ ଜଣାଇଥିଲେ। ଆଇନଜୀବୀ ନିଶିକାନ୍ତ ମିଶ୍ରଙ୍କ ସହାୟତାରେ ପୀଡିତାଙ୍କ ପରିବାର ଓଏଚ୍‌ଆର୍‌ସିଙ୍କ ଦୃଷ୍ଟିଆକର୍ଷଣ କରିଥିଲେ।

ଭିତର ଚେତନାର ପରିବର୍ତ୍ତନ ନ ହେଲେ ବାହାର ପରିବର୍ତ୍ତନର କିଛି ମୂଲ୍ୟ ନାହିଁ; କାରଣ ପ୍ରଖର ବୁଦ୍ଧି ଥିଲେ ବି ଜଣେ ଅଜ୍ଞାନ ଭାବରେ କାର୍ଯ୍ୟ କରିପାରେ ।
-ମନୋଜ ଦାସ



## ସଂକ୍ଷେପରେ



### ଦୁର୍ଗାପୂଜା ପାଇଁ ବିଲ୍ୱବରଣ

**ବରଗଡ଼ ଅଫିସ୍,୪।୧୦:** ଶାରଦୀୟ ଦୁର୍ଗାପୂଜା ପାଇଁ ଶୁକ୍ରବାର ବରଗଡ଼ ୱାର୍ଡ଼ ନଂ-୧ ନିଗମାନନ୍ଦ ବିହାର ଦୁର୍ଗାପୂଜା ମଣ୍ଡଳୀ ପକ୍ଷରୁ ବିଲ୍ୱବରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୂଜା କମିଟି ସଭାପତି ସଦାଶିବ ସାହୁ, ସମ୍ପାଦକ ନବୀନ ସାବତ, ଉନ୍ନୟନ କମିଟି ସଭାପତି ବେଣୁଧର ମହାପାତ୍ର, ଟିକେଲାଲ ନାଏକଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା । ଦୁର୍ଗାପୂଜାର ଯଜମାନ ଅଧ୍ୟାପକ ସୁରେଶ ଚନ୍ଦ୍ର ବାରିକ ଯଜ୍ଞକାର୍ଯ୍ୟ ତୁଲାଇବା ସହିତ ବିଲ୍ୱବରଣ କରିଥିଲେ। ପଣ୍ଡିତ ରତ୍ନାକର ଦେବତା, ସୁରେନ୍ଦ୍ର ପାଣିଗ୍ରାହୀ, ସହାୟକ ଘନଶ୍ୟାମ ମହାପାତ୍ର ପ୍ରମୁଖ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ । ସତ୍ୟବାନ ସାହୁ, ନିଳକଣ୍ଠ ସାହୁ, ବିରେନ୍ଦ୍ର ଦାଶ, ପ୍ରଦୀପ ସାହୁ, ପ୍ରମୋଦ ସାହୁଙ୍କ ସମେତ ପଡ଼ାବାସୀ ଏଥିରେ ଅଂଶଗ୍ରହଣ କରିଥିଲେ ।

### ୩ ପଞ୍ଚାୟତରେ ନାହିଁ ଉଚ୍ଚବିଦ୍ୟାଳୟ

**ମନମୁଣ୍ଡା, ୪।୧୦ (ଡି.ଏନ.ଏ):** ପ୍ରତ୍ୟେକ ପଞ୍ଚାୟତରେ ଅତିକମ୍‌ରେ ଗୋଟିଏ ଉଚ୍ଚ ବିଦ୍ୟାଳୟ ରହିବା ସରକାରୀ ନିୟମ ଥିବା ବେଳେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ବୌଦ୍ଧ ବ୍ଲକ କସୁରବନ୍ଧ, ଖଲିଆପାଲି (ପୁରୁମୁଣ୍ଡା) ଏବଂ କଣ୍ଟାମାଳ ବ୍ଲକ ବରଗୋଛାଠାରେ । ଉକ୍ତ ତିନୋଟି ପଞ୍ଚାୟତରେ ଆଜି ପର୍ଯ୍ୟନ୍ତ ଉଚ୍ଚ ବିଦ୍ୟାଳୟଟିଏ ହୋଇପାରିନାହିଁ। ଏହି ପଞ୍ଚାୟତ ଅନ୍ତର୍ଗତ କେତୋଟି ସ୍କୁଲରେ ୮ମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି । ନବମ ଓ ଦଶମ ଶ୍ରେଣୀରେ ପାଠ ପଢ଼ିବା ପାଇଁ କସୁରବନ୍ଧ ଏବଂ ଖଲିଆପାଲିର ଛାତ୍ରୀଛାତ୍ରମାନେ ଦହ୍ୟା କିମ୍ବା ମନୁପାଲି ଉଚ୍ଚ ବିଦ୍ୟାଳୟ ଏବଂ ବରଗୋଛା ପଞ୍ଚାୟତର ଛାତ୍ରୀଛାତ୍ରମାନେ ବିଲାସପୁର, ଶୁଣ୍ଡିପଦର କମ୍ବା ଶଗଡା ଉଚ୍ଚ ବିଦ୍ୟାଳୟକୁ ଯାଇଥାନ୍ତି। ରାସ୍ତା ଖରାପ, ନାଳ ଓ ନିଛାଟିଆ ଜଙ୍ଗଲି ରାସ୍ତା ଯୋଗୁ ଅନେକ ଛାତ୍ରୀଛାତ୍ର ୮ମ ଶ୍ରେଣୀ ପରେ ପାଠପଢ଼ା ଛାଡି ଦେଉଛନ୍ତି । ଫଳରେ ଏହି ତିନି ପଞ୍ଚାୟତର ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷାରୁ ବଞ୍ଚିତ ହେବାକୁ ପଡୁଛି । ଜିଲା ପ୍ରଶାସନ ତଥା ସରକାର ଏଥିପ୍ରତି ବିଶେଷ ଭାବେ ଦୃଷ୍ଟି ଦେଇ ଆଗାମୀ ଶିକ୍ଷା ବର୍ଷଠାରୁ ଏହି ତିନି ପଞ୍ଚାୟତରେ ଅତିକମ୍‌ରେ ଗୋଟିଏ ଲେଖାଏଁ ଉଚ୍ଚ ବିଦ୍ୟାଳୟ ସ୍ଥାପନ କରିବାକୁ କସୁରବନ୍ଧ ସରପଞ୍ଚ ଗୀତାଞ୍ଜଳି ବାଘ, ସମିତି ସଭ୍ୟା ସନ୍ତୋଷୀ ଜଗଦଲା, ସମାଜସେବୀ ଶିବଶଙ୍କର କର୍ଣ୍ଣ, ବାଳମୁକୁନ୍ଦ ମେହେର ଏବଂ ଜିଲା ବିଜୁ କୃଷକ ଜନତା ଦଳ ସଭାପତି ଶାନ୍ତନୁ ଥାଟ୍ଟି, ଜିଲା ପରିଷଦ ସଭ୍ୟା ସସ୍ମିତା ଥାଟ୍ଟି, ପୂର୍ବତନ ସରପଞ୍ଚ ନବୀନ ମହାକୁଡ, ଧ୍ରୁବଚରଣ ପ୍ରଧାନ, କଣ୍ଠେଶ୍ୱର ପ୍ରଧାନ, ସତ୍ୟବାନ କର୍ଣ୍ଣ ପ୍ରମୁଖ ଦାବି ଜଣାଇଛନ୍ତି ।

**ଆଜି କ'ଣ କେଉଁଠି** ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# କର୍ମନିଯୁକ୍ତି ପାଇଥିବା ପ୍ରାର୍ଥିନୀ ପ୍ରାର୍ଥୀଙ୍କ ଅଭିଭାବକ ବୈଠକ

**ସୋନପୁର,୪।୧୦(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ଦୀନ୍‌ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟା ଯୋଜନା(ଡିଡିୟୁ-ଜିକେୱାଇ) ଅଧୀନରେ ତାଲିମ ପ୍ରାପ୍ତ ହୋଇ କର୍ମ ନିଯୁକ୍ତି ପାଇଥିବା ପ୍ରାର୍ଥି ଓ ପ୍ରାର୍ଥିନୀମାନଙ୍କ ଅଭିଭାବକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ବୈଠକରେ ଜିଲାପାଳ ମୋନିଷା ବାନାର୍ଜୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଜିଲାପାଳ ବାନାର୍ଜୀ ଉପସ୍ଥିତ ଥିବା ପ୍ରାର୍ଥିନୀ ପ୍ରାର୍ଥୀ ଓ ସେମାନଙ୍କ ଅଭିଭାବକଙ୍କୁ ଯୋଜନାର ସୁଫଳ ବିଷୟରେ ବୁଝାଇ ଥିଲେ । ଅଞ୍ଚଳର ଅନ୍ୟ ଯୋଗ୍ୟ ପ୍ରାର୍ଥୀ ଓ ପ୍ରାର୍ଥିନୀମାନଙ୍କୁ ଯୋଜନାର ସୁଫଳ ନେବା ପାଇଁ ଜିଲାପାଳ ପ୍ରବର୍ତ୍ତାଇ ଥିଲେ । ବୈଠକରେ ପିଡି ଡିଆର୍‌ଡିଏ ଶରତ ଚନ୍ଦ୍ର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଭିଭାବକମାନଙ୍କୁ




ଜିଲାପାଳ ମୋନିଷା ବାନାର୍ଜୀ ଜଣେ ଅଭିଭାବିକାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

ସେମାନଙ୍କ ପିଲାମାନେ ଡିଡିୟୁ-ଜିକେୱାଇ ଯୋଜନା ମାଧ୍ୟମରେ କର୍ମ ନିଯୁକ୍ତି ପାଇ କିପରି ଅନୁଭବ କରୁଛନ୍ତି, ସେ ବିଷୟରେ ପଚାରି ବୁଝିଥିଲେ। ଏପରି କି ତାଲିମ ଓ କର୍ମ ନିଯୁକ୍ତି ସମୟରେ ଅସୁବିଧା ହେଉଛି କି ନାହିଁ, ନିଯୁକ୍ତି କ୍ଷେତ୍ରରେ କି ସୁବିଧା ଉପଲବ୍ଧ ହେଉଛି ସେ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ଜିଲାପାଳ ଓ ପିଡିଙ୍କ ଆଲୋଚନା ସମୟରେ ଉଲୁଣ୍ଡା ବ୍ଲକର ଯାଲୋଏ ଗ୍ରାମରୁ ଆସୁଥିବା ପ୍ରାର୍ଥିନୀ ସଖାରାଣୀ ସେଠୀଙ୍କ ମା ଉଜିଳି ସେଠୀ ତାଙ୍କ ଝିଅ ଏହି ଯୋଜନା ମାଧ୍ୟମରେ ତାଲିମ ନେଇ ତାମିଲନାଡୁର ତ୍ରିଚୁରଠାରେ ଆତ୍ମନିଯୁକ୍ତି ପାଇଥିବା ଜଣାଇଥିଲେ । ଏନେଇ ସେ ଖୁସି ବ୍ୟକ୍ତ କରିଥିଲେ। ସରକାରଙ୍କ ଏହି ଯୋଜନାକୁ ଧନ୍ୟବାଦ ଦେଇ କହିଥିଲେ ଯେ, ଏହି ଯୋଜନା ଗରିବ ଘରର ପିଲାମାନଙ୍କୁ ନିଯୁକ୍ତି ଯୋଗାଇ ଦେଉଛି। ଫଳରେ ଉଜୁଡି ଯାଇଥିବା ଘରେ ଖୁସି ଫେରି ଆସିଛି ବୋଲି ଉଜିଳି କହିଥିଲେ। ବୈଠକରେ ସୁବର୍ଣ୍ଣପୁର ଓର୍‌ମାସ କାର୍ଯ୍ୟନିର୍ବାହୀ ଅଧିକାରୀ ଯୁବରାଜ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସୁବର୍ଣ୍ଣପୁର ସହକାରୀ ପ୍ରକଳ୍ପ ନିର୍ଦ୍ଦେଶିକା ପ୍ରଶିକ୍ଷଣ ଶୈବାଳିନୀ ପଟ୍ଟନାୟକ ଡିଡିୟୁ-ଜିକେୱାଇ ଯୋଜନାର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଅଭିଭାବକ ବୈଠକର ଲକ୍ଷ୍ୟ ବିଷୟରେ ଅବଗତ କରାଇଥିଲେ। ଜିଲାପାଳ ବୈଠକ ଶେଷରେ ସମସ୍ତ ଅଭିଭାବକଙ୍କୁ ଉପହାର ଦେଇ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ଓର୍‌ମାସର ବିଶ୍ୱମ୍ଭର ପରିଡା, ଦେବାଶିଷ ମିଶ୍ର, ଶଶିକାନ୍ତ ସେଠୀ ପ୍ରମୁଖ ସହଯୋଗ କରିଥିଲେ।



ସୁବର୍ଣ୍ଣପୁରର ଇଷ୍ଟଦେବୀ ମା' ସୁରେଶ୍ୱରୀ ଶୁକ୍ରବାର ବଗଳାମୁଖୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି।

ଭଣ୍ଡାରଗାଁ ଉପରପଡ଼ା ଦୁର୍ଗାପୂଜା

# ରାବଣରାଜ୍ ଆରମ୍ଭ

**ବିନିକା,୪।୧୦(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅଧୀନ ଭଣ୍ଡାରଗାଁ ଉପରପଡ଼ା ଦୁର୍ଗାପୂଜା ୧୪ ବର୍ଷରେ ପଦାର୍ପଣ କରିଛି । ପ୍ରତିବର୍ଷ ଭଳି ଚଳିତ ବର୍ଷ ଜଗତ୍‌ଜନନୀ ମା' ସିଂହବାହୀନୀଙ୍କ ପୂଜନୋତ୍ସବ ପ୍ରାରମ୍ଭ ହୋଇଯାଇଛି। ପୂଜାକୁ ଆକର୍ଷଣ କରିବାକୁ କମିଟି ପକ୍ଷରୁ ରାବଣରାଜ୍ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି। ଏନେଇ ଗତ ୨୦ତାରିଖରେ କମିଟି କର୍ମକର୍ତ୍ତା ଏକ ବାଇକ୍ ଶୋଭାଯାତ୍ରାରେ ବାହାରି ବିନିକା ବ୍ଲକ ଅରିଗାଁ ଗାଁର ଗୋପାଳ ଦାଶଙ୍କୁ ରାବଣରାଜ୍ ଦରବାରରେ ରାବଣ ଚରିତ୍ରରେ ନାଟ୍ୟାଭିନୟ କରିବା ପାଇଁ ଗୁଆ ଓ ଉପଢୌକନ ଦେଇ ବରଣ କରିଥିଲେ। ପୂଜା ଆରମ୍ଭ ଅବସରରେ ଉପରପଡ଼ା ବାସୀଙ୍କ ପକ୍ଷରୁ ଏକ କଳସ ଯାତ୍ରା ସମ୍ପନ୍ନ ହୋଇଯାଇଛି। ଶୁକ୍ରବାର ସକାଳେ ପୂଜା କର୍ତ୍ତା ନିରନ ବିଶି ଓ ତାଙ୍କ ସ୍ତ୍ରୀ ରୀତା ବିଶି ଏବଂ ପୂଜକ ଅଶ୍ୱିନୀ ମିଶ୍ର ଓ ଆଲୋକ ହୋତା ମା'କାତ୍ୟାୟନୀଙ୍କ ପୂଜାର୍ଚ୍ଚନା କରିଥିଲେ। ରାତିରେ କମିଟି ସଭାପତି ସତ୍ୟନାରାୟଣ କର୍ମୀଙ୍କ ସଭାପତିତ୍ୱ କ୍ରମେ ରାବଣରାଜ୍ ଦରବାର ଉଦ୍‌ଘାଟିତ ହୋଇଥିଲା । ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଭଣ୍ଡା ସରପଞ୍ଚ ଲକ୍ଷ୍ମଣ ସାହୁ, ସାମାଜିକ କର୍ମୀ ଭୀମଶେନ ସାହୁ ଯୋଗଦେଇ ରାବଣରାଜ୍ ଦରବାରର ଶୁଭାରମ୍ଭ କରିଥିଲେ। ଦୁର୍ଗା ପ୍ରସାଦ ପଣ୍ଡା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ରାବଣରାଜ୍ ରାଜଦରବାର ମଞ୍ଚରେ ଶୁକ୍ରବାର ପ୍ରଥମ ସନ୍ଧ୍ୟାରେ ରାମାୟଣ ବର୍ଣ୍ଣିତ କଥାବସ୍ତୁ ଆଧାରିତ ଦର୍ପିଷ୍ଟ ରାବଣର ରାଜଦରବାରରେ ରାବଣର ଦର୍ପ ପ୍ରଦର୍ଶନ, ସୀତା ସ୍ୱୟମ୍ବର, ଶିବଧନୁ ଭଗ୍ନ ଆଦି ମଞ୍ଚସ୍ଥ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନରେ କମିଟି ସମ୍ପାଦକ ଲକ୍ଷ୍ମୀ ବଡେଇ, ଉପ ସଭାପତି ପର୍ଶୁରାମ ମହାଲିଙ୍ଗ, କୋଷାଧ୍ୟକ୍ଷ ପିଣ୍ଟୁ ଭୂଏ, ସହ କୋଷାଧ୍ୟକ୍ଷ ସନ୍ତୋଷ ବାଗଙ୍କ ସହ କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ବିଜୟା ଦଶମୀ ପର୍ଯ୍ୟନ୍ତ ପୂଜା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି ।



ରାବଣରାଜ୍ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ଅମରପାଲି ହାଇସ୍କୁଲ ରୌପ୍ୟ ଜୟନ୍ତୀ ପାଇଁ ପ୍ରସ୍ତୁତି

**ଅମରପାଲି, ୪।୧୦ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ହାଇସ୍କୁଲର ରୌପ୍ୟ ଜୟନ୍ତୀ ପାଳନ ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷକ ଶ୍ୟାମସୁନ୍ଦର ପଣ୍ଡା ସ୍ୱାଗତ ଭାଷଣ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଉକ୍ତ ବୈଠକରେ ଶତାଧିକ ପୁରାତନ ଛାତ୍ର, ଅଭିଭାବକ, ବୁଦ୍ଧିଜୀବୀ ଯୋଗଦେଇଥିଲେ। ପୁରାତନ ଛାତ୍ରଙ୍କ ମଧ୍ୟରୁ ବହଲପଦର ସମିତି ସଭ୍ୟ ପୀତାମ୍ବର ସାହୁ, ଜଗଦୀଶ ପ୍ରଧାନ, ଅଶୋକ ସାହୁ, ଦିବ୍ୟଲୋଚନ ଗଡୁଆ, ମକୁନ୍ଦ ଭୁକ୍ତା, ବରୁଣ ନାଏକ, ସୁଶିଲ ସାହୁ, ପ୍ରଫୁଲ୍ଲ ଦନ୍ତା, ଦୁର୍ଜନଟୈଲା ସରପଞ୍ଚ ରଞ୍ଜିତ ଖେତୀଙ୍କ ସମେତ ଖଣ୍ଡହତା କଲେଜର ଅଧ୍ୟକ୍ଷ ଜଗବନ୍ଧୁ ବେରିହା ପ୍ରମୁଖ ମତ ରଖିଥିଲେ। ରୌପ୍ୟ ଜୟନ୍ତୀ



ରୌପ୍ୟ ଜୟନ୍ତୀ ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ପୁରାତନ ଛାତ୍ର, ଶିକ୍ଷକ ଓ ଅଭିଭାବକ ।

ସମାରୋହକୁ କିଭଳି ଆଡମ୍ବରପୂର୍ଣ୍ଣ କରାଯିବ ସେ ନେଇ ସମସ୍ତେ ନିଜ ନିଜର ସଂକ୍ଷିପ୍ତ ମତ ରଖିଥିଲେ। ନିର୍ଯ୍ୟାସ କ୍ରମେ ଡିସେମ୍ବର ଶେଷ ସପ୍ତାହ କିମ୍ବା ଜାନୁୟାରୀ ପ୍ରଥମ ସପ୍ତାହରେ କରାଯିବା ସ୍ଥିରୀକୃତ ହୋଇଛି। ଏହାକୁ ଦିନି ଦିନ ଧରି କରାଯିବ ବୋଲି ସମ୍ମତି ପ୍ରକାଶ ପାଇଛି। ଦିନବେଳେ ରାଜନେତା, ପ୍ରଶାସନ ଓ ଭିନ୍ନ ଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ନେଇ ସଭା ଓ ଆଲୋଚନାଚକ୍ର କରାଯିବା ସହିତ ସନ୍ଧ୍ୟାବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ଯେଭଳି ଭାବରେ ବିଦ୍ୟାଳୟରେ ବର୍ତ୍ତମାନ ପର୍ଯ୍ୟନ୍ତ ପଢ଼ିଥିବା ୪୫ଶହ ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ ସେନେଇ ଯୋଗାଯୋଗ କରାଯିବ। ରୌପ୍ୟ ଜୟନ୍ତୀ ଉପଲକ୍ଷେ ଏକ ସ୍ମରଣିକା ପ୍ରକାଶ ସହିତ ଏଥିପାଇଁ ଲେଖା ପଠାଇବାକୁ ପୁରାତନ ଓ ବର୍ତ୍ତମାନର ଛାତ୍ରୀଛାତ୍ରଙ୍କୁ ସୂଚନା ଦିଆଯାଇଛି । ସମସ୍ତ ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ଏହାର ଦ୍ୱିତୀୟ ପ୍ରସ୍ତୁତି ବୈଠକ ଚଳିତ ୧୦ ତାରିଖରେ ସ୍କୁଲ ପରିସରରେ ହେବା ସ୍ଥିର ହୋଇଛି। ଉକ୍ତ ବୈଠକରେ ରୌପ୍ୟ ଜୟନ୍ତୀ ପାଇଁ ପରିଚାଳନା କମିଟି ଗଠନ କରାଯିବ। ବୈଠକରେ ପୁରାତନ ଛାତ୍ର ଜନ୍ମେଜୟ ସାହୁ, ପ୍ରଫୁଲ୍ଲ ସାହୁ, ସନ୍ତୋଷ ସାହୁ, ପ୍ରମୋଦ ମହାକୁର, ଶୁଭେନ୍ଦୁ ଶେଖର ସାହୁ, ଜ୍ଞାନରଞ୍ଜନ ସାହୁ, ନିହାରରଞ୍ଜନ ସାହୁ, ଭବାନୀଶଙ୍କର ପ୍ରଧାନ, ସୁନୀଲ ସାହୁ, ସବ୍ୟସାଚୀ ବଘାର, ସୁଜିତ ପଧାନ, ପ୍ରେମପ୍ରକାଶ ମହାକୁର ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ସମ୍ପିତ ପଧାନ, ପଦ୍ମନାଭ ପଧାନ, ନଟବର ରଣା, ମାଧବ ନାଏକ, ରାଜକୁମାର ସାହୁ, ସୁନୀଲ ପଧାନ, ସୁଶିଲ ପଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ସଡକ ଦୁର୍ଘଟଣା, ଜଣେ ମୃତ

**ପଦ୍ମପୁର, ୪।୧୦ (ଡି.ଏନ.ଏ)**

ପଦ୍ମପୁର ଥାନା ଅଧୀନ ବରିକେଲ ନିକଟରେ ଶୁକ୍ରବାର ସନ୍ଧ୍ୟା ସମୟରେ ବୋଲେରୋ-ଟ୍ରାକ୍ଟର ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ବୋଲେରୋ ଡ୍ରାଇଭର ଖଇରା ଗ୍ରାମର ସଦାନନ୍ଦ ମେହେରଙ୍କ ମୃତ୍ୟୁ ଘଟିଛି । ସଦାନନ୍ଦ ନିଜ ବୋଲେରୋ (ନଂ.ଓଡି୧୭ଇ/୦୮୮) ଯୋଗେ ପଦ୍ମପୁରରୁ ନିଜ ଗାଁ ଖଇରାକୁ ଫେରୁଥିବା ବେଳେ ବିପରିତ ଦିଗରୁ ଆସୁଥିବା ଟ୍ରାକ୍ଟର ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଟ୍ରାକ୍ଟର ଡ୍ରାଇଭର ଫେରାର ଅଛନ୍ତି । ପୋଲିସ ପହଞ୍ଚି ଶବ ଜବତ କରି ତଦନ୍ତ କରୁଛି । ଶନିବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି ।

# ସ୍ୱଚ୍ଛତା ଶପଥ ଦିବସ ପାଳିତ

**ଉଲୁଣ୍ଡା,୪।୧୦(ଡି.ଏନ.ଏ.)**

ଉଲୁଣ୍ଡା ବ୍ଲକ ଧର୍ମଶାଳା ଯୁକ୍ତ ଦୁଇ ମହାବିଦ୍ୟାଳୟରେ ସ୍ୱଚ୍ଛତା ଶପଥ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରୀମାନେ ଏକ ସଚେତନତା ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥିଲେ। ଅଧ୍ୟକ୍ଷ ଗୋପାଳ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ କଥାକାର ଦୀପକ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱଚ୍ଛତା ଉପରେ ବକ୍ତବ୍ୟ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ସୌମିତ୍ରୀ ପଧାନ ମଞ୍ଚାସୀନ ଥିଲେ। ଅଧ୍ୟାପକ ପୁରୁଷୋତ୍ତମ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ




ଧର୍ମଶାଳା ଯୁକ୍ତ ଦୁଇ ମହାବିଦ୍ୟାଳୟରେ ଅନୁଷ୍ଠିତ ସ୍ୱଚ୍ଛତା ଶପଥ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ସତ୍ୟନାରାୟଣ ମହାକଡ଼, କ୍ରିଡ଼ା ଶିକ୍ଷକ ଗୋବିନ୍ଦ ପଧାନ, ରାଜେନ୍ଦ୍ର ବେଦ ବାଗ, କାଶିନାଥ ମିଶ୍ର, ବିଭୀଷଣ ପଧାନ, ନିଳାମ୍ବର ଝାଙ୍କର ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ ପ୍ରଫୁଲ୍ଲ ପାତ୍ର ଧନ୍ୟବାଦ ଜ୍ଞାପନ କରିଥିଲେ।

# ଅନୁଗୋଳ ଏନ୍‌କ୍ଲେଭର ଶୁଭାରମ୍ଭ

**ଭୁବନେଶ୍ୱର,୪।୧୦(ବ୍ୟୁରୋ)**

ରାଜ୍ୟ ଗୃହ ନିର୍ମାଣ ସଂସ୍ଥାର ମୁଖ୍ୟ କାର୍ଯ୍ୟାଳୟରେ 'ଅନୁଗୋଳ ଏନ୍‌କ୍ଲେଭ' ନାମରେ ନିର୍ମିତ ହେବାକୁ ଥିବା ବହୁତଳବିଶିଷ୍ଟ ପ୍ରାସାଦ ଯୋଜନାର ଶୁଭାରମ୍ଭ ହୋଇଛି। ଏହି ବାସଗୃହଗୁଡିକ ବିକ୍ରି ସମ୍ପର୍କିତ ପୁସ୍ତିକା(ବୋଚର) ମଧ୍ୟ ଉନ୍ମୋଚିତ କରାଯାଇଛି। ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଗୁରୁବାର ଏହାର ଶୁଭାରମ୍ଭ କରିଥିଲେ। କିଛିଦିନ ତଳେ ନିର୍ମାଣ ସଂସ୍ଥାର ଦାୟିତ୍ୱ ନେଇଥିବା ପ୍ରିୟଦର୍ଶୀ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହା କାର୍ଯ୍ୟକାରୀ ହେଉଛି। ଏଥିପାଇଁ ପ୍ରିୟଦର୍ଶୀଙ୍କୁ ନଗର ଉନ୍ନୟନ ମନ୍ତ୍ରୀ ଜେନା ପ୍ରଶଂସା କରିଥିଲେ। ସେହିପରି ନିର୍ମାଣ ସଂସ୍ଥା ପକ୍ଷରୁ ଆଗକୁ ହେବାକୁ ଥିବା କାର୍ଯ୍ୟରେ ସହଯୋଗ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ନଗର ଉନ୍ନୟନ ସଚିବ ଜି.ମାଥିଭାଥନନ୍ କହିଥିଲେ ଯେ, ରେରା ଆକ୍ଟ ଅନୁଯାୟୀ ସଂସ୍ଥା ଗୃହ ନିର୍ମାଣ କରି କ୍ରେତାଙ୍କୁ ଉଚିତ ସମୟରେ ଘର ପ୍ରଦାନ କରିବ। ଏଥିପାଇଁ ସମସ୍ତ କର୍ମଚାରୀ କ୍ରିୟାଶୀଳ ହେବା ଆବଶ୍ୟକ ବୋଲି ସଚିବ କହିଥିଲେ। ସେହିପରି ସଂସ୍ଥାର ଅଧ୍ୟକ୍ଷ ପ୍ରିୟଦର୍ଶୀ କହିଥିଲେ ଯେ, ଅନୁଗୋଳ କନକ୍ଲେଭରେ ୬୧୩ଟି ଗୃହ ୨ଟି ପର୍ଯ୍ୟାୟରେ ନିର୍ମାଣ କରାଯିବ। ପ୍ରଥମ ପର୍ଯ୍ୟାୟରେ ହେବାକୁ ଥିବା ୩୩୧ଟି ଗୃହ ନିର୍ମିତ ସୂଚନା ପୁସ୍ତିକା ଚଳିତ ଅକ୍ଟୋବର ୪ରୁ ଆସନ୍ତା ୩୦ ନଭେମ୍ବର ପର୍ଯ୍ୟନ୍ତ ରାଜଧାନୀରେଥିବା ମୁଖ୍ୟାଳୟ, ଅନୁଗୋଳ, କଟକ, ରାଉରକେଲା ଓ ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟରେ ବିକ୍ରୟ କରାଯିବ। ଆସନ୍ତା ୨୦୨୦ ଜାନୁୟାରୀ ସୁଦ୍ଧା ଭୁବନେଶ୍ୱର ଓ ବ୍ରହ୍ମପୁରସହରରେ ଅନ୍ୟ ଗୋଟିଏ ଲେଖାଏ ମେଗା ସ୍କିମ ପ୍ରଚଳନ ନେଇ ପ୍ରିୟଦର୍ଶୀ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ସଂସ୍ଥାର ସଚିବ ଗଙ୍ଗାଧର ପାତ୍ର ସ୍ୱାଗତ ଭାଷଣ ଏବଂ ମୁଖ୍ୟଯନ୍ତ୍ରୀ ମଦନ ମୋହନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଜ୍ଞାନବିଜ୍ଞାନ ମେଳା:୧୧୯ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ

**ବିନିକା,୪।୧୦(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଭଣ୍ଡା ପଞ୍ଚାୟତ ଅଧୀନ ଗୁଲୁଣ୍ଡା ସାଇଁ ଶ୍ରୀ ଲୀଲାସାହାଜୀ ବିଦ୍ୟା ମନ୍ଦିରରେ ୮ତମ ଜ୍ଞାନବିଜ୍ଞାନ ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟା ମନ୍ଦିର କମିଟି ସଭାପତି ସୌମିତ୍ରୀ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ବିଷ୍ଣୁ ପ୍ରସାଦ ଅଗ୍ରବାଲା ଯୋଗଦେଇ ଜ୍ଞାନବିଜ୍ଞାନ ମେଳାର ଉଦ୍‌ଘାଟନ କରିଥିଲେ। ମେଳାରେ ୧୧୯ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଅନ୍ୟପକ୍ଷେ ୭୦ଜଣ ଛାତ୍ରୀଛାତ୍ର ଚିତ୍ରକଳା ଓ ହସ୍ତକଳା ପ୍ରଦର୍ଶନୀରେ ଅଂଶ ଗ୍ରହଣ କରିଥିଲେ। ଜ୍ଞାନବିଜ୍ଞାନ ମେଳାର ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟା ମନ୍ଦିର ସଭା ଗୃହରେ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ସଭାର ଆୟୋଜନ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ହିମାଂଶୁ ଭୂଷଣ ପଣ୍ଡା ଯୋଗଦେଇ ଜ୍ଞାନ ଓ ବିଜ୍ଞାନର ଉପକାରୀତା ଉପରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ପଦ୍ମଲୋଚନ ସା ସଭା ସଂଯୋଜନା କରିଥିଲେ। ମେଳାର ବିଚାରକ ମଣ୍ଡଳୀରେ ଲିଙ୍ଗରାଜ ସେଠୀ, ଦେବଦତ୍ତ ପଣ୍ଡା, ସୂର୍ଯ୍ୟ ନାରାୟଣ ମେହେର, ବିଜୟ କୁମାର ସାହୁ, ବିଶ୍ୱରଞ୍ଜନ ସାହୁ, ପରଂବ୍ରହ୍ମ ପଣ୍ଡା, ସୁଧାଂଶୁ ଶେଖର ପୁରୋହିତ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପୁରସ୍କାର ବିତରଣ ଝସକେତନ ପଧାନ ଓ ଅମିତ ଆଡକୁଆଲି କରିଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ତୁଷାରକାନ୍ତ ଦାଶ ଧନ୍ୟବାଦ ଜ୍ଞାପନ କରିଥିଲେ। ଜ୍ଞାନବିଜ୍ଞାନ ମେଳା ଆୟୋଜନରେ ବିଦ୍ୟା ମନ୍ଦିରର ସମସ୍ତ ଗୁରୁମା, ଗୁରୁଜୀ ସହଯୋଗ କରିଥିଲେ।




ଅତିଥିମାନେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

### ଉନ୍ନତ ଧାନ ବିହନ ଉତ୍ପାଦନ ତାଲିମ ଶିବିର

**ଜହ୍ନାପଙ୍କ, ୪।୧୦ (ଡି.ଏନ.ଏ)**

ଇଣ୍ଟରନ୍ୟାଶନାଲ ରାଇସ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ଓ ତେଲିବନ୍ଧ ପଲ୍ଲିସେବା ସଂସଦ ଆନୁକୂଲ୍ୟରେ ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ମଧୁସୂଦନପୁର ଗ୍ରାମରେ ଉନ୍ନତ ଧାନ ବିହନ ଉତ୍ପାଦନ ନିମନ୍ତେ ଏକ ଦିନିଆ ତାଲିମ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ନିର୍ମଳ କୁମାର ସାହୁ ତାଲିମ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ତାଲିମଦାତା ସମ୍ପଦ ନାଏକ ଉପସ୍ଥିତ କୃଷକମାନଙ୍କୁ ବିହନ ସଂରକ୍ଷଣ ତାଲିମ ପ୍ରଦାନ କରିଥିବା ବେଳେ ସମାଜସେବୀ ବିରଞ୍ଚି ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଲୁଣିବାହାଲ ପଞ୍ଚାୟତର ଯୁବରାଜପୁର, ବଘୁଆକଟା, ବାରବାଣୀ, ଲଇଗାଁ, ମଧୁସୂଦନପୁର ଗ୍ରାମର ୬୦ଜଣ ମହିଳା ପୁରୁଷ ଉପସ୍ଥିତ ରହି ତାଲିମ ନେଇଥିଲେ ।



ସମୟ, ସାମର୍ଥ୍ୟ ଥିବା ସତ୍ତ୍ୱେ ଯେଉଁମାନେ କାମ କରନ୍ତି ନାହିଁ, ସେମାନଙ୍କୁ ସାହାଯ୍ୟ କରିବାକୁ ପ୍ରଶ୍ରୟ ଦେବା ଉଚିତ୍ ନୁହେଁ।
- ନେତାଜୀ ସୁଭାଷ ଚନ୍ଦ୍ର ବୋଷ



## ସଂକ୍ଷେପରେ

### ପୀଡ଼ିତାଙ୍କ ପରିବାରକୁ ଭେଟିଲା କଂଗ୍ରେସ ପ୍ରତିନିଧି ଦଳ

ଭବାନୀପାଟଣା/କୋକସରା,୪।୧୦ (ସ୍ୱ.ପ୍ର./ଡି.ଏନ.ଏ.)- କଳାହାଣ୍ଡି ଜିଲା ଜୁନାଗଡ ଥାନା ଅଞ୍ଚଳରେ ଗତ ୧୪ ତାରିଖରେ ଜଣେ ନର୍ସିଂ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣା ନେଇ ଶୁକ୍ରବାର ଭକ୍ତଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସର ଏକ ପ୍ରତିନିଧି ଦଳ ପୀଡ଼ିତାଙ୍କ ଗାଁରେ ପହଞ୍ଚି ପରିବାରବର୍ଗଙ୍କୁ ଭେଟିଛନ୍ତି । ଦଳ ପୀଡ଼ିତାଙ୍କ ପରିବାରବର୍ଗଙ୍କୁ ସମବେଦନା ଓ ଆଶ୍ୱସନା ଦେଇଛନ୍ତି। ଏହି ପ୍ରତିନିଧି ଦଳରେ କଳାହାଣ୍ଡି ଜିଲା କଂଗ୍ରେସ କାର୍ଯ୍ୟକାରିଣୀ ସଭାପତି ଭାରତ ଭୂଷଣ ବେମାଲ, କଂଗ୍ରେସ ସଭାନେତ୍ରୀ ସୁକାନ୍ତି ସରାଫ, ମାଣିକ୍ୟ ସୁନା, ରୁକ୍ମଣୀ ପାଣିଗ୍ରାହୀ, ସୁରଶ ଅଗ୍ରୱାଲ, ସନ୍ତୋଷ ପାଢ଼ୀ, ପ୍ରେମଲାଲ ସାଗର, ଦୁଃଖିଶ୍ୟାମ ପ୍ରଧାନ ଓ ପ୍ରଶନ୍ନଜିତ ପାତ୍ର ପ୍ରମୁଖ ସାମିଲ ଥିଲେ ।



### ପ୍ଲାଷ୍ଟିକ ମୁକ୍ତ, ସଫେଇ କାର୍ଯ୍ୟକ୍ରମ

ଦୁଣ୍ଡଲା,୪।୧୦ (ଡି.ଏନ.ଏ.)–କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ହାତୀଖୋଜ ପଞ୍ଚାୟତ ସିଙ୍ଗାରୀବାହାଲ ଗ୍ରାମରେ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ସହିତ ପରିବେଶ ପ୍ରଦୂଷଣ ମୁକ୍ତ ରାଲି ଆରମ୍ଭ କରି ଗାଁ ସଫେଇ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଗ୍ରାମର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ପାର୍ଥବୀର ସେଲମା ନେତୃତ୍ୱ ନେଇଥିଲେ । ସହକାରୀ ଶିକ୍ଷକ ଭିକାରୀ ଗୌଡିଆଙ୍କ ସମେତ ସମସ୍ତ ଛାତ୍ରୀଛାତ୍ର ଓ ଗ୍ରାମର ସମସ୍ତ ଅଭିଭାବକ ଓ ଯୁବକମାନେ ଏକତ୍ରିତ ହୋଇ ସ୍ୱଚ୍ଛ ଭାରତ, ସ୍ୱଚ୍ଛ ଓଡିଶା, ସ୍ୱଚ୍ଛ ଗ୍ରାମ ପରିପେକ୍ଷୀରେ ଗାଁ ସଫେଇ କାର୍ଯ୍ୟ କରିଥିଲେ । ବିଭିନ୍ନ ସ୍ଲୋଗାନ ମାଧମରେ ସମସ୍ତ ଜନସାଧାରଣଙ୍କୁ ସଚେତନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମର ଅଶୋକ ଭୋଇ, ନକ୍ଷତ୍ର ଭୋଇ, ଫିରୋଜ ଭୋଇ, ଦିନେଶ ଭୋଇ, ମୁକେଶ ମେର୍ଲ୍ଲି, ଦାମୋଦର ମାଝି, ଚୈତନ୍ୟ ଚନ୍ଦନ, ଲୋକନାଥ ମହାଲିଙ୍ଗ, ରାଜୀବ ମାଝି, ବିକାଶ ଚନ୍ଦନ, ଚୈତନ୍ୟ ଚନ୍ଦନ, ସୁରେଶ ଚନ୍ଦନ ପ୍ରମୁଖ ଗ୍ରାମର ସମସ୍ତେ ସକାଳ ୮ଟାରୁ ପ୍ରାୟ ୨ଟା ପର୍ଯ୍ୟନ୍ତ ସଫେଇ କାମ କରିଥିଲେ ।

# ବେଞ୍ଚମାର୍କ ଭାଲ୍ୟୁଏଶନକୁ ଖାରଜ କଲା ହାଇକୋର୍ଟ

- ଖରିଆରରୋଡରେ ଜମି ଆକାଶଛୁଆଁ
- କମିଟି ପୁନଃ ଗଠନ ପାଇଁ ନିର୍ଦ୍ଦେଶ

ନୂଆପଡ଼ା ଅଫିସ, ୪।୧୦

ନୂଆପଡ଼ା ଜିଲା ଘୋଷଣା ହେବା ପରଠାରୁ ନୂଆପଡା ସମେତ ଖରିଆରରୋଡ ସହରରେ ଜମି ଦର ଆକାଶଛୁଆଁ ହୋଇଛି । ଗୋଟିଏପଟେ ଜମି ଦଲାଲମାନେ ନିଜ ଇଚ୍ଛାମୁତାବକ ବଢାଇ ଚାଲିଥିବାବେଳେ ଅନ୍ୟପଟେ ପ୍ରଶାସନ ଉଚ୍ଚ ବେଞ୍ଚମାର୍କ ଭାଲ୍ୟୁ ରଖିଥିବାରୁ ଗରିବ ସାଧାରଣ ଲୋକ ଜମି କିଣାବିକା କରିପାରୁନାହାନ୍ତି । ଏହା ଉପରେ ହିତାଧିକାରୀମାନେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏହାକୁ ନେଇ କୋର୍ଟ ଜିଲା ପ୍ରଶାସନ ଦ୍ୱାରା ନିଷ୍ପତ୍ତି ହୋଇଥିବା ବେଞ୍ଚମାର୍କକୁ ଖାରଜ କରି ଦେଇଛି । ନୂତନ ଭାବେ କମିଟି ଗଠନ କରିବା ସହ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ କରାଯାଇଛି। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ସହରବାସୀ ଦାବି କରିଛନ୍ତି ।

ସୂଚନାଯୋଗ୍ୟ ଯେ, ଓଡିଶା ଷ୍ଟାମ୍ପ ଆମେଣ୍ଡମେଣ୍ଟ ଆକ୍ଟ ୨୦୦୧ ଅନୁଯାୟୀ ତତକାଳୀନ ଜିଲାପାଳ ପୁନମଗୁହା ନାଏକ ୨୦୧୨ରେ ଜିଲାସ୍ତରୀୟ ଭାଲ୍ୟୁଏଶନ କମିଟି ଗଠନ କରି ଖରିଆରରୋଡ ସହରରେ ଜମିର ଭାଲ୍ୟୁଏଶନ ଉପରେ ସିଦ୍ଧାନ୍ତ ନେଇ ସରକାରଙ୍କୁ ରିପୋର୍ଟ କରିଥିଲେ। ଏହା ପୂର୍ବରୁ ଜମିର ଦର ଯାହା ଥିଲା ତାହା ଆକାଶଛୁଆଁ ହେଲା। ଫଳରେ ଗରିବ ଲୋକ ଜମି ବିକ୍ରି କରିପାରିଲେ ନାହିଁ କି କିଣିବାରେ ମଧ୍ୟ ସମର୍ଥ ହେଲେନାହିଁ । ଧୁଆଁମୂଳା ଅଧୁଆ ମୂଳା ନୀତିରେ ଖରିଆରରୋଡ ସହରବ୍ୟାପି ଜମିଗୁଡିକର ଦର ଉଚ୍ଚ କରାଯାଇଥିବା ଅଭିଯୋଗ ହୋଇଛି । ଉଦାହରଣ ଭାବେ ୱାର୍ଡ ନମ୍ବର ୧ରେ ଏକର ପିଛା ଦର ୯୬ ଲକ୍ଷ ୮୦ ହଜାର ଟଙ୍କାଠାରୁ ୧ କୋଟି ୨୧ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଥିଲା । ୱାର୍ଡ ନମ୍ବର ୨ରେ ୬୬ ଲକ୍ଷରୁ ୧ କୋଟି ୨୧ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ତେବେ ଏହି ଦର ବୃଦ୍ଧି ପରେ ଜମି କିଣାବିକା ଗୋଟିଏ ପ୍ରକାର ଠପ ହୋଇପଡିଛି । ଏହାକୁ ନେଇ ସ୍ଥାନୀୟ ଜଣେ ବ୍ୟକ୍ତି ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏହାକୁ ଭିତ୍ତି କରି ମାମଲା (ନଂ. ୯୨୯୬/୧୪) ହାଇକୋର୍ଟର ସ୍ୱତନ୍ତ୍ର ବେଞ୍ଚ ବିଚାର କରି ଜିଲା ପ୍ରଶାସନର ରିପୋର୍ଟକୁ ଖାରଜ କରିଦେଇଛି । କମିଟିର ପୁନଃଗଠନ କରିବାକୁ କୁହାଯାଇଛି । ତେବେ ଏହାକୁ ନେଇ ସହରବାସୀଙ୍କ ତରଫରୁ ଗତ ମାସ ୧୬ ତାରିଖରେ ଜିଲାପାଳଙ୍କୁ ଜଣାଇ ଦିଆଯାଇଛି । ଜିଲା ପ୍ରଶାସନ ଏହା ଉପରେ କ'ଣ କାର୍ଯ୍ୟାନୁଷ୍ଠାନ କରୁଛି ତାକୁ ଲୋକେ ଅପେକ୍ଷା କରିଛନ୍ତି ।

# ଏଟିଏମ୍‌ରୁ ଟଙ୍କା ସଂଗ୍ରହ କରି ଏସ୍‌ପିଙ୍କୁ ଜମା ଦେଲେ

## ମାନବିକତାର ଉଦାହରଣ ହେଲେ ଶିକ୍ଷକଦ୍ୱୟ

ନୂଆପଡା ଅଫିସ,୪।୧୦

ଏଟିଏମ୍‌ଗୁଡିକରୁ ବିଭିନ୍ନ ସମୟରେ ଟଙ୍କା ନ ବାହାରି ଆକାଉଣ୍ଟରୁ ଉଠାଣ ହୋଇଥିବା, ଟଙ୍କା ନ ଥିବା ଆଦି କମ୍ପ୍ୟୁଟରରୁ ବିଭିନ୍ନ ବାହାନା ଆସିଥାଏ। ଏହିଭଳି ନୂଆପଡାର ଏକ ଏଟିଏମରୁ ସ୍ୱତଃ ଭାବେ ଟଙ୍କା ବାହାରିପଡିଥିବାବେଳେ ତାକୁ ଅନ୍ୟ ଗ୍ରାହକ(ଶିକ୍ଷକ)ମାନେ ଉଠାଇ ପୋଲିସର ହେପାଜତରେ ଦେଇଥିବା ଦେଖାଯାଇଛି। ଶିକ୍ଷକମାନଙ୍କ ଏତାଦୃଶ ମାନବିକତା ବୋଲି ସହରରେ ଚର୍ଚ୍ଚା ହେଉଛି । ଶୁକ୍ରବାର ମଧ୍ୟାହ୍ନରେ ନୂଆପଡାର ତେଲିପଡାଛକସ୍ଥିତ ଏସବିଆଇର ଏଟିଏମରେ ଜିତେନ୍ଦ୍ର କୁମାର ଠାକୁର ଏବଂ ପ୍ରକାଶ ଶବର ନାମକ ଦୁଇଜଣ ଶିକ୍ଷକ ପଶିଥିଲେ। ଏହି ସମୟରେ ଏଥିରୁ ସ୍ୱତଃଭାବେ ଟଙ୍କା ବାହାରି ପଡିଥିଲା । ସର୍ବମୋଟ ୧୫ ହଜାର ଟଙ୍କା ଥିଲା । ଶିକ୍ଷକ ଦ୍ୱୟ ଏହାକୁ ଗୋଟାଇ ତୁରନ୍ତ ସ୍ଥାନୀୟ ଥାନାକୁ ଯାଇଥିଲେ। ସେଠାରେ ଥାନାଧିକାରୀ ଆଦିତ୍ୟ ମହାକୁଡ ଏବଂ ଏସପି ବିନିତ ଅଗ୍ରୱାଲଙ୍କୁ ଭେଟି ଉକ୍ତ ଟଙ୍କା ପ୍ରଦାନ କରିଥିଲେ । ଏସ୍‌ପି ଶିକ୍ଷକଦ୍ୱୟଙ୍କୁ ସାଧୁବାଦ ଜଣାଇବା ସହ ଏମାନେ ମାନବିକତାର ଉଦାହରଣ ଦେଇଛନ୍ତି ବୋଲି କହିଥିଲେ ।

# ବରଗାଁକୁ ଲୋକକଳା ଗ୍ରାମ ଭାବେ ଘୋଷିତ

ଖଡିଆଲ,୪।୧୦ (ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଲ ବ୍ଲକ ବରଗାଁକୁ ରାଜ୍ୟ ସରକାର ଲୋକକଳା ଗ୍ରାମ ଭାବେ ଘୋଷିତ କରିଛନ୍ତି । ଏ ନେଇ ବରଗାଁ ଗ୍ରାମରେ ଲୋକାର୍ପଣ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ମହୋତ୍ସବରେ ଜୟ କିଶାନ ହାଇସ୍କୁଲ ଛାତ୍ରୀଛାତ୍ର ଏଡସ୍ ରୋଗ ସଚେତନତା ନେଇ ନୃତ୍ୟ ପରିବେଷଣ କରିଥିଲେ। ପାଲା ଗାୟକ ଅର୍ଜୁନ ଛତ୍ରିଆ, ବାଦକ ଜଗତ ନାଗ ଓ କଣ୍ଢେଇ ନୃତ୍ୟ କଳାକାର ରାଧେଶ୍ୟାମ ବିଶିଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଉତ୍ସବରେ ଜିଲାର ଅନେକ କଳାକାରମାନେ ନିଜର କଳା ପରିବେଷଣ କରି ଉପସ୍ଥିତ କଳାପ୍ରେମୀମାନଙ୍କୁ ମନମୁଗ୍ଧ କରିଥିଲେ। ଆୟୋଜିତ ଏହି ଲୋକାର୍ପଣ ମହୋତ୍ସବକୁ ପ୍ରକଳ୍ପ ନିର୍ଦ୍ଦେଶକ ଭୂଷଣ ଚନ୍ଦ୍ର ନାୟକ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟଅତିଥି ଖଡିଆଲ ବ୍ଲକ ଅଧ୍ୟକ୍ଷ ବାଲକୃଷ୍ଣ ଶବର, ସମ୍ମାନିତ ଅତିଥି ଖଡିଆଲ ବିଡିଓ ଉତ୍ତମ ବାଗ, ଉପସଭାପତି ତ୍ରିମନ ମାଝି, ବରଗାଁ ସମିତି ସଭ୍ୟା ପଙ୍କଜିନୀ ଶବର, ବୋଡେନ କଳା ସଂସ୍କୃତି ଉପସଭାପତି ଉପେନ୍ଦ୍ର ସଲମା, ସିନାପାଲି ବ୍ଲକ ଉପସଭାପତି ଅଶୋକ ନାଏକ, ଖଡିଆଲ ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ଅମୂଲ୍ୟ ମୁଣ୍ଡ ଓ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ପାଲା ଗାୟକ ଅର୍ଜୁନ ଛତ୍ରିୟା ଯୋଗଦେଇ କଳା ଉପରେ ବରଗାଁକୁ ଏକ ପ୍ରକୃତ ଗ୍ରାମ ଜାହାକି ଜିଲାସ୍ତରରେ ଚୟନ କରାଯାଇଛି ବୋଲି ମତ ବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ପାଲା ଗାୟକ କୁନାଲ ଚରଣ ବେହେରା, ଡୋଳାମଣି ଦଣ୍ଡସେନା, ଅମର ପଟେଲ, ଚିତ୍ତରଞ୍ଜନ ବନଗୋଲା ପ୍ରମୁଖ ଉପସ୍ଥିତ ଥିବା ବେଳେ ଜୟକିଶାନ ହାଇସ୍କୁଲର ପ୍ରଧାନଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ ।



କାର୍ଯ୍ୟକ୍ରମରେ ଜଣେ କଳାକାରଙ୍କୁ ପୁରସ୍କୃତ କରାଯାଉଛି।

### ବିଜେଡିର ଜନସମ୍ପର୍କ ପଦଯାତ୍ରା

ଲାଞ୍ଜିଗଡ଼,୪।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ହରିହରପୁର ତ୍ରିନାଥ ମନ୍ଦିରରୁ ପୂଜାର୍ଚ୍ଚନା ପରେ ବିଜେଡି ଜନସମ୍ପର୍କ ପଦଯାତ୍ରା ଗୁରୁବାର ଆରମ୍ଭ ହୋଇଛି। ଶହଶହ ମହିଳା ଓ ପୁରୁଷ କର୍ମୀଙ୍କ ସହ ଦଳୀୟ ନେତୃବୃନ୍ଦ ଚମ୍ପାଦେଇପୁର ପଞ୍ଚାୟତ ପ୍ରାଙ୍ଗଣରେ ପହଞ୍ଚିଥିଲେ। ସେଠାରେ ଅନୁଷ୍ଠିତ ଦଳୀୟ ସଭାରେ ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରିଙ୍କ ସମେତ ଲାଞ୍ଜିଗଡ ବ୍ଲକ ଅଧ୍ୟକ୍ଷ ଇଂ ଫକୀରମୋହନ ମାଝି, ବରିଷ୍ଠ ବିଜେଡି ନେତା ହରିଶ୍ଚନ୍ଦ୍ର ବୁଦ୍ଧିଆ, ଚନ୍ଦ୍ରଧ୍ୱଜ ପେସନିଆ, ପୂର୍ବତନ ଲାଞ୍ଜିଗଡ ବ୍ଲକ ଅଧ୍ୟକ୍ଷ ମନୋହର ହରପାଲ, ସଚ୍ଚି ମହାକୁଡ, ଲବଣୀ ମହାନନ୍ଦ, ମହିଳା ନେତ୍ରୀ ସରସ୍ୱତୀ ମୁଣ୍ଡା, ଚମ୍ପାଦେଇପୁର ସମିତିସଦସ୍ୟ ଅଭିମନ୍ୟୁ ମୁଣ୍ଡା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରଧାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ପୂର୍ବତନ ଲାଞ୍ଜିଗଡ ବ୍ଲକ ଉପାଧ୍ୟକ୍ଷ ଜଗଦୀଶ ବେନିଆ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ବିଧାୟକଙ୍କ ପ୍ରତିନିଧି ପ୍ରଦୀପ ଘଡେଇ, ବିଶ୍ୱନାଥ ଘଡେଇ, ଆଶୁତୋଷ ପୁରୋହିତ, ବ୍ଲକ ବିଜେଡି ଉପସଭାପତି ସୁବନ ଭୋଇ, ବିଶ୍ୱନାଥପୁର ସରପଞ୍ଚ ପିଙ୍କି ସିକିାକା, ଗୋବର୍ଦ୍ଧନପୁର ସମିତିସଭ୍ୟ ଚିତ୍ରସେନ ମାଝିଙ୍କ ସମେତ ବ୍ଲକ ଅଞ୍ଚଳର ସମସ୍ତ ଦଳୀୟ କର୍ମୀ ଯୋଗଦେଇଥିଲେ । ଗୋବର୍ଦ୍ଧନପୁର ସରପଞ୍ଚ ସୁରେନ୍ଦ୍ର ମାଝି ଧନ୍ୟବାଦ ଅର୍ପଣ କରିଥିଲେ।




ସିନାପାଲିରେ ଆୟୋଜିତ ବିଜେଡିର ଜନସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ ।

# ବିଜେଡିର ଜନସମ୍ପର୍କ, ସଦସ୍ୟତା ଅଭିଯାନ

ସିନାପାଲି,୪।୧୦ (ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲିସ୍ଥିତ ରାଣୀମୁଣ୍ଡା ଗ୍ରାମଠାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଓ ସଦସ୍ୟତା ପଞ୍ଜୀକରଣ ଅଭିଯାନ ଆରମ୍ଭ ହୋଇଯାଇଛି। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ବିଜେଡିର ନୂଆପଡା ଜିଲା ବିଜେଡି ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ରାଣୀମୁଣ୍ଡାଠାରୁ ଏକତ୍ରିତ ହୋଇ ବିଭିନ୍ନ ଗାଁ ପରିକ୍ରମା କରିଥିଲେ। ରାଣୀମୁଣ୍ଡା ଗ୍ରାମଠାରେ ଏକ ସଭା କରାଯାଇ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ଦିଗରେ ଲୋକଙ୍କୁ ସଚେତନ କରିବା ସହ ସରକାରୀ ଯୋଜନା ଉପରେ ବୁଝାଇଥିଲେ। ରାଣୀମୁଣ୍ଡା ଦେଇ ମାଣ୍ଡିଆରୁଚା, ହୀରାପୁର ଗ୍ରାମଦେଇ ଚିମନପୁରଠାରେ ପହଞ୍ଚିଥିଲେ। ସେଠାରେ ମଧ ଏକ ବିରାଟ ଜନସଭା କରାଯାଇ ଲୋକମାନଙ୍କୁ ବିଜେଡିରେ ସାମିଲ ହେବା ସହ ନାମ ପଞ୍ଜୀକରଣ କରିବା ପାଇଁ ଆହ୍ୱାନ କରିଥିଲେ। ସିନାପାଲି ବ୍ଲକ ସର୍ବମୋଟ ୨୭ଟି ଗ୍ରାମପଞ୍ଚାୟତର ୩ଟି ଜିଲା ପରିଷଦ ଯୋନକୁ ଏହି ପଦଯାତ୍ରା କରାଯିବ ବୋଲି ଜଣାପଡିଛି। ଏହି ପଦଯାତ୍ରାରେ ଜିଲା ବିଜେଡି ସାଧାରଣ ସମ୍ପାଦକ ନିଆଲଙ୍କ ନେତୃତ୍ୱରେ ଜିଲା ପରିଷଦ ସଦସ୍ୟ ଦୋଲକାନ୍ତ ମାଝି, ଜିଲା ଯୋଜନା ବୋର୍ଡ ସଦସ୍ୟ ରମେଶ ତିୱାରି, ଦଇତାରି ମେହେର, ଦିବ୍ୟ ମାଝି, ନଳିନି ବାଗ, ଗୌରି ବାଗ, ରାଣୀମୁଣ୍ଡା ଗ୍ରାମପଞ୍ଚାୟତ ସରପଞ୍ଚ ଦେବବ୍ରତ ସୁପକାର, ଖଡିଆଲ ଏନଏସି ମହିଳା ମୋର୍ଚ୍ଚା ସଭାନେତ୍ରୀ ମମତା ଥପ୍ପା, ଜିଲା ବିଜେଡି ମହିଳା ମୋର୍ଚ୍ଚା ସଭାନେତ୍ରୀ ସରସ୍ୱତୀ ବାଗଙ୍କ ସମେତ ଶତାଧିକ କର୍ମୀ ଏହି ପଦଯାତ୍ରାରେ ସାମିଲ ଥିଲେ ।

# ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ

କେଗାଁ,୪।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଗଦଲାଝରଣଠାରେ ବ୍ଲକ ବିଜେଡି ପକ୍ଷରୁ ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଯାଇଛି । ଆୟୋଜିତ ଭାରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇ ଆଗାମୀ ଦିନରେ ବିଜେଡି ପକ୍ଷରୁ ଚାଲିଥିବା ସଭ୍ୟ ସଂଗ୍ରହ ଅଭିଯାନରେ ସାମିଲ ହୋଇ ଜଣେ ସକ୍ରିୟ କର୍ମୀ ଅତି କମରେ ୨୫ ଜଣ ସଭ୍ୟ ସଂଗ୍ରହ କରି ଦଳକୁ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ତୁଳେଶ୍ୱର ନାଏକ, ବିଜେଡି ନେତା ପ୍ରଶାନ୍ତ ନାଏକ, ଧାମନପୁର ସମିତି ସଭ୍ୟ ଇଂ. ଦିନେଶ କୁମାର ରାଉତ, ବ୍ଲକ ସଭାପତି ଦୟାସାଗର ଚଲାନ ପ୍ରମୁଖ ଯୋଗଦେଇ ଗୋଲାମୁଣ୍ଡା ବ୍ଲକକୁ ସଭ୍ୟ ସଂଗ୍ରହ ଅଭିଯାନରେ ରାଜ୍ୟରେ ଏକ ନମ୍ବର କରିବାକୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ୫୦ରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ଉକ୍ତ ସଭ୍ୟ ସଂଗ୍ରହ ଅଭିଯାନରେ ୨୦ରୁ ଊର୍ଦ୍ଧ୍ୱ ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ । ଯୁବ ବିଜେଡି ନେତା ଦିନେଶ କୁମାର ରାଉତ, ଯୁବ ବିଜେଡି ସଭାପତି ଦିଲୀପ ମାଝି, ହେମନ୍ତ ସାହୁ, ମହାଦେବ କାଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ ।

# ଗ୍ରାମଦେବତାଙ୍କ ସହର ପରିକ୍ରମା ପରେ ପୂଜାର୍ଚ୍ଚନା

କେସିଙ୍ଗା,୪।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ସହରସ୍ଥିତ ମାଝିପଡାଠାରେ ଦଶହରା ପର୍ବ ଶୁକ୍ରବାର ପାଳିତ ହୋଇଯାଇଛି। ହାଇସ୍କୁଲ ପଡିଆଠାରେ ଥିବା ବୁଢ଼ାରଜା ମନ୍ଦିରଠାରେ ସକାଳେ ପୂଜା ଅର୍ଚ୍ଚନା କରାଯାଇଥିଲା । ଅପରାହ୍ନ ୩ଟାରେ ବୁଢ଼ାରଜା ମନ୍ଦିରଠାରୁ ଦ୍ୱାରଶନୀ ଦେବତା ଭାବେ କୁବେର ମାଝି ଓ ପୂଜାରୀ ନଳିନ ମାଝିଙ୍କ ସମେତ ୬ ଓ ୯ ନମ୍ବର ୱାର୍ଡବାସୀଙ୍କ ସହିତ ବାଜା, ମହୁରି ବଜାଇ ପ୍ରତ୍ୟେକ ଘର ଘର ବୁଲି ଦ୍ୱାରଶନୀ ଦେବତାଙ୍କୁ ପୂଜା ଅର୍ଚ୍ଚନା କରାଯାଇଥିଲା । କେସିଙ୍ଗାର ୬ ଓ ୯ ନମ୍ବର ୱାର୍ଡ ପରିକ୍ରମା କରିବା ପରେ ତେଲନଦୀ ନିକଟରେ ଥିବା ଦ୍ୱାରଶନୀ ମନ୍ଦିରକୁ ଯାଇ ଛେଳି, ମେଣ୍ଢା, କୁକୁଡା ଓ ବତକ ପ୍ରଭୃତି ବଳି ଦିଆଯାଇଥିଲା । ଏହି ୬ ଓ ୯ ନମ୍ବର ୱାର୍ଡବାସୀମାନେ ଦଶହରା ପର୍ବକୁ ପ୍ରାୟ ଅଧିକାଂଶ ଘରେ ପଶୁ ବଳି ଦେଇଥାନ୍ତି ।



ବୁଢ଼ାରଜା ବେଶରେ ସହରର ୱାର୍ଡ ପରିକ୍ରମା କରାଯାଉଛି।

# ଚିଚୈଗୁଡାରେ ନୂତନ ଅମୃତ ଧାରା ପ୍ରକଳ୍ପ ଉଦ୍‌ଘାଟିତ

ଜୁନାଗଡ,୪।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଚୈଗୁଡା ଗ୍ରାମରେ ଶୁକ୍ରବାର ଏକ ନୂତନ ଅମୃତ ଧାରା ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ଚିଚୈଗୁଡା ସରପଞ୍ଚ ସୁଧିରା ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୁନାଗଡ ବିଡିଓ ଦୁଳାରାମ ମାରାଣ୍ଡି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜୁନାଗଡ ବ୍ଲକ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ (ଜିପିଓ) ସିର୍ଦ୍ଧେଶ୍ୱର ମେହେର, ସ୍ଥାନୀୟ ପିଇଓ ଶିବ ପ୍ରସାଦ ସାହୁ, ନାଏବ ସରପଞ୍ଚ ନବୀନ ମେହେର, ପୂର୍ବତନ ଶିକ୍ଷକ ନରେନ୍ଦ୍ର ନାଥ ମେହେର, ସୁଧାଂଶୁ ଶେଖର ମେହେର, ରଜନୀକାନ୍ତ ମେହେର, ବରିଷ୍ଠ ନାଗରିକ ମହାଦେବ ମେହେର ପ୍ରମୁଖଙ୍କ ସହ ୱାର୍ଡ ସଭ୍ୟାସଭ୍ୟ ଯୋଗଦେଇଥିଲେ। ଏହି ପ୍ରକଳ୍ପ ଦ୍ୱାରା ଅଞ୍ଚଳର ଅନେକ ଲୋକ ଉପକୃତ ହେବେ ବୋଲି ସରପଞ୍ଚ ମେହେର ପ୍ରକାଶ କରିଛନ୍ତି।

## ଚିକିଛା ଅଭାବୁ ଖଟେ ପଡ଼ିଛେ ବାପ୍

# ଦାଦନ୍ ସରଦାର ହାତେ ନାବାଲିକ୍ ଝିଁ'ର ଭବିଷତ୍

ସିନାପାଲି, ୪।୧୦ (ଡି.ଏନ୍.ଏ.)

ପଶ୍ଚିମ ଓଡ଼ିଶାରେ ଦାଦନ୍ ସମସିଆ ସରକାରକଁର ମୁଡ଼ଦୁଖାର କାରନ୍ ସାଜିଛେ। ସରକାର ଇଥିରଲାଗି ଯେତେ ଯୋଜନା କଲେ ବି କାହିଁ ନାଇଁ କାହିଁ ପୁଲ ପଡ଼ିଯାଉଛେ। ହକ୍‌ଦାର ଲୋକ୍ ଯୋଜନାର ଲାଭ୍ ପାଇ ନାଇଁପାରବାର। ଯେନ୍‌ଥିରଲାଗି ଦାଦନ୍ ସମସିଆ କମ୍‌ବାର ଜାଗାରେ ଦିନୁଦିନ୍‌କେ ବଢ଼ତେଲ ଯାଉଛେ। ଏନ୍ତା ଗୁଟେ ଦୁଖଦ୍ ଘଟନା ଦେଖିବାକେ ମିଳିଛେ ନୂଆପଡ଼ା ଜିଲା ସିନାପାଲି ବ୍ଲକରେ।

ସୂଚନା ଅନ୍‌ସାରେ ସିନାପାଲି ବ୍ଲକ ମଖାପଦର ପଁଚେତ୍ ଚଉରା ସାଲେପଡ଼ାର ପ୍ରେମ ଭୋଇ(୫୫)। ପରିବାର କହେଲେ ମାଏକିନା ଦେମତୀ ଆର ଦୁଇ ଝିଁ' ଜେମନୀ(୧୩), ଜୁଲି(୩)କୁଁ ନେଇ ତାକର ସଁସାର। ପରିବାରଟା ନିହାତି ଗରିବ୍। ପ୍ରେମ କୁଲିମଜୁରି କରି କୁଟୁମ ପୁଷୁଥିଲେ। ଗଲା ବଛର ସେ ହିଟିପଡ଼ଲାରୁ ତାକର ଭୁଜନି ଜଂଘ ଭାଂଗି ଗଲା। ଇଆଡ଼େ ଅଭାବ ଅନାଟନ ଲାଗି ପରିବାର ଲୋକ ତାକର ଉଚ ଚିକିଛା କରେଇ ନାଇଁପାରଲେ। ଏହେଦେ ଚିକିଛା ଅଭାବୁ ପ୍ରେମ ଭିନ୍ନକ୍ଷମ ପାଲଟିଯାଇଛନ୍। ସବୁବେଲେ ଘରେ ଖଟେ ପଡ଼ିରହିଛନ୍। ଏନ୍ତାଥି ମାଏକିନା ଦେମତୀ ତାକର ଗଧାମଖା, ଖାନାପିନା, ଝାଡ଼ାଝପଟନୁ ସବୁ ପରକାର ସେବା ଯତନ କରୁଛନ୍। ହେଲେ ଘରେ କେହି ରୁଜ୍‌ଗାରି ଲୋକ୍ ନାଁଇଁନ। ଏନ୍ତାଥି ଦେମତୀକଁର ମୁଡ଼େ ଆପ୍‌ନେ ଆର ଦୁଇ ନାବାଲିକ୍ ଝିଁ'ର ବୋଝ୍ ରହିଛେ। ଘରର ପରିସ୍ଥିତି ଲାଗି ବଡ଼ ଝିଁ' ଜେମନୀ ୫ମ ଶ୍ରେଣୀରୁ ପାଠ୍‌ପଢ଼ାରେ ଗଏଁଠ୍ ପକେଇଛନ୍। ଜେମନୀ ବାପର ଚିକିଛା ଆର କୁଟୁମ ପୁଷ୍‌ବାର ଲାଗି ପଡ଼ିଶା ଲୁକ୍‌କର ସଂଗେ ମିଶି ଆନ୍ଧ୍ରପ୍ରଦେଶ ଦାଦନ୍ ଖଟିଯାଇଛନ୍। ମା' ଦେମତୀ ବି ଉପେ ଶୁଇନ୍ ହେଇ ନାବାଲିକ୍ ଝିଁ'କେ ଦାଦନ ସରଦାର ଭରସାରେ ଦାଦନ୍ ଖଟବାକେ ଛାଡ଼ିଦେଇଛନ୍। ଦାଦନ୍ ଖଟି ଝିଁ' ପଠଉଥିବାର ଦୁଇ ପଏସାରେ ଏହେଦେ ପରିବାର ଚଲୁଛେ। ଇଆଡ଼େ ସରକାରୀ ସାହାଯ୍ କହେଲେ ରାଶନ କାର୍ଡରେ ମାସିକ ମିଳୁଥିବାର ଚାଉଲ ଦୁରା। ପ୍ରେମ ଝନେ ନିହାତି ଗରିବ୍ ଆର କୁଟୁମବସିଆ ଗୁଟେ ଦଦ୍‌ରା ମାଏଟ୍ କୁରିଆରେ ରହୁଥିଲେ ବି ସରକାରକଁର ଆବାସ ଯୋଜରୁ ବଁଚିତ୍ ହେଇ ରହିଛନ୍। ସେନ୍ତା ଭିନ୍ନକ୍ଷମ ପରମାନପତର ଅଭାବୁ ସେ ଭତା ପାଏବାରୁ ବଁଚିତ୍ ହେଇ ରହିଛନ୍। ଜିଲା ଆର ବ୍ଲକ ପରଶାସନ ଇ ଦୁଖି ପରିବାର ଉପରେ ଦୁରୁଷ୍‌ଟି ଦେଇ ଦାଦନ ଯାଇଥିବାର ନାବାଲିକ୍ ଝିଁ'କେ ଉଧାର କରି ତାର ପାଠ୍‌ପଢ଼ବାର ବେବସ୍‌ତା କରବାର, ପ୍ରେମର ଚିକିଛା ସାହାଯ୍ ସଂଗେ ଭତା, ଆବାସ ଯୋଜନାରେ ଘରଖଁଡ଼େ ଯୁଗେଇ ଦେବାକେ ଗାଁବାସୀ ଦାବି କରିଛନ୍। ଇ ବାବ୍‌ଦେ ମଖାପଦର ସରପଁଚ୍ ବଳଦେବ ମାଝିକୁଁ ପଚରାଲାରୁ ଇ ଘଟନା ବାବ୍‌ଦେ ମୋର ପାସେ ଖବର ନାଇଁଥାଇ। ଘଟନାର ତଦଁତ୍ କରି ତାକର ଭିନ୍ନକ୍ଷମ ପରମାନପତର, ଭତା ସଂଗେ ଉନିଆ ସବୁ ସୁବିଧା ଲାଗି ଉଚ କତୁରପକ୍ଷକୁଁ ଜନାମି ବଲି ସେ କହିଥିଲେ।



ଚିକିଛା ଅଭାବୁ ପ୍ରେମ ଭୋଇ ଖଟେ ପଡ଼ି ରହିଛନ୍।

# ବାଇକ୍ ଚୋରି, ଥାନାରେ ଅଭିଯୋଗ

ଜୁନାଗଡ,୪।୧୦ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକରେ କାର୍ଯ୍ୟରତ କ୍ୟାସିଅର ମନୋରଞ୍ଜନ ମେହେରଙ୍କ ବାଇକ୍‌କୁ ଶୁକ୍ରବାର ଅପରାହ୍ନରେ ସ୍ଥାନୀୟ ତାଳବନ୍ଧପଡା ଷ୍ଟେଟ ବ୍ୟାଙ୍କ ସମ୍ମୁଖରୁ କେହି ଦୁର୍ବୃତ୍ତ ଚୋରି କରି ନେଇଥିବା ଜଣାପଡିଛି। ଏ ନେଇ ମନୋରଞ୍ଜନ ଜୁନାଗଡ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ, ମନୋରଞ୍ଜନ ଶୁକ୍ରବାର ଅପରାହ୍ନ ୩ଟା.୩୫ରେ ଅଫିସ କାମରେ ନିଜ ବାଇକ (ନଂ. ଓଡି୦୮ଡ଼-୫୭୮୭)ରେ ଜୁନାଗଡ ସହର ତାଳବନ୍ଧପଡାସ୍ଥିତ ଷ୍ଟେଟବ୍ୟାଙ୍କକୁ ଯାଇଥିଲେ। କାମ ସାରି ସେ ବାହାରକୁ ଆସିବା ପରେ ନିଜ ବାଇକ ନ ଥିବା ଦେଖିବାକୁ ପାଇଥିଲେ। ସେଠାରେ ବହୁ ଖୋଜାଖୋଜି କରିବା ପରେ ମଧ ତାଙ୍କ ବାଇକ ନ ମିଳିବାରୁ ଏ ନେଇ ସେ ଜୁନାଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମନୋରଞ୍ଜନଙ୍କ ବାଇକ୍‌କୁ ଜଣେ ଦୁର୍ବୃତ୍ତ ନେଇ ଯାଉଥିବା ସେଠାକାର ବିଭିନ୍ନ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜରୁ ଜଣାପଡିଛି।



ସିସିଟିଭି ଫୁଟେଜରେ ବାଇକ୍ ଚୋରିର ଦୃଶ୍ୟ।



ସତ୍ୟ, ଶାନ୍ତି, ଦୟା, କ୍ଷମା, ଧର୍ମ ଆଚରଣ, ସଦାଚାର, ସହିଷ୍ଣୁତା ଆଦି ଗୁଣରେ ଆତ୍ମାକୁ ଭୂଷିତ କର।
- ଶ୍ରୀ ଚୈତନ୍ୟଦେବ



## ସଂକ୍ଷେପରେ

### ଗାଧୋଇବାକୁ ଯାଇ ନାବାଳକ ନିଖୋଜ

**କେସିଙ୍ଗା,୪।୧୦(ଡି.ଏନ.ଏ.)-** କଳାହାଣ୍ଡି ଜିଲା କେସିଙ୍ଗା ଥାନା ଅନ୍ତର୍ଗତ ବୋରିଆ ଗ୍ରାମପଞ୍ଚାୟତ ଗାଇଦର ଗ୍ରାମର କାର୍ତ୍ତିକ ମାଝି (୧୨) ନିକଟସ୍ଥ ଯୋରକୁ ଶୁକ୍ରବାର ଗାଧୋଇବାକୁ ଯାଇ ନିଖୋଜ ଥିବା ଜଣାପଡିଛି। କାର୍ତ୍ତିକ ଏକ ସାଇକେଲରେ ନିକଟସ୍ଥ ଯୋରକୁ ୧୨ଟାରେ ଗାଧୋଇବାକୁ ଯାଇଥିଲା। ପରିବାର ଲୋକେ କାର୍ତ୍ତିକ ଫେରିବା ବିଳମ୍ବ ହେବାରୁ ନିକଟସ୍ଥ ଯୋରକୁ ଯାଇ ଖୋଜାଖୋଜି କରିଥିଲେ। ସେଠାରେ କେବଳ ସେ ପିନ୍ଧିଥିବା ପେଣ୍ଟ, ସାର୍ଟ ଓ ସାଇକେଲ ରହିଥିଲା। ଖୋଜାଖୋଜି କରିବା ପରେ କୌଣସି ସନ୍ଧାନ ନ ମିଳିବାରୁ କାର୍ତ୍ତିକଙ୍କ ବାପା ରୁଦ୍ର ମାଝି କେସିଙ୍ଗା ପୋଲିସ ଓ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। କେସିଙ୍ଗା ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀମାନେ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖୋଜାଖୋଜି କରିଥିଲେ । କିନ୍ତୁ କାର୍ତ୍ତିକଙ୍କ କୌଣସି ସୁରାକ୍ ପାଇ ନ ଥିଲେ । ଶନିବାର ସକାଳୁ ପୁଣି ଖୋଜାଖୋଜି କରାଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି ।

### ଶିବ ମନ୍ଦିରରେ ଏଲଇଡି ଲାଇଟ୍ ଲାଗିଲା

**କୋକସରା,୪।୧୦ (ଡି.ଏନ.ଏ.)-** କୋକସରା ବ୍ଲକ କାଉଡୋଳା ଗ୍ରାମପଞ୍ଚାୟତ ବଡକେନ୍ଦୁଗୁଡାଠାରେ ଥିବା ଝାରବନ୍ଧ ସର୍ବପୁରାତନ କାଳେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ଗ୍ରାମପଞ୍ଚାୟତ ପକ୍ଷରୁ ଗୁରୁବାର ଏକ ଏଲଇଡି ଲାଇଟ୍ ଲୋକାର୍ପଣ କରାଯାଇଛି। ସରପଞ୍ଚ ଜମ୍ବୁବତୀ ସାହୁ ଏହାର ଲୋକାର୍ପଣ କରିଛନ୍ତି । ଏଥିଯୋଗୁ ରାତିରେ ରହୁଥିବା ଶ୍ରଦ୍ଧାଳୁମାନେ ଉପକୃତ ହେବେ ବୋଲି ମନ୍ଦିର ଟ୍ରଷ୍ଟ ବୋର୍ଡ ଅଧକ୍ଷ ଆଦିତ୍ୟ ପଣ୍ଡା କହିଛନ୍ତି । ଏହି ଅବସରରେ ମନ୍ଦିର ପୂଜକ ମନୁରାମ ଦିଶାରି, ସରପଞ୍ଚ ପ୍ରତିନିଧି ପ୍ରଦିପ ସାହୁ, ତାପସ ନାଗ, ତ୍ରିଲୋଚନ ନାଏକ, ବଳଦେବ ବେମାଲ, ଖଦାଲି ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।

### ଜିଲା ପ୍ରଶାସନ ପକ୍ଷରୁ ୫-ଟି କାର୍ଯ୍ୟକ୍ରମ

**ଭବାନୀପାଟଣା,୪।୧୦ (ଡି.ଏନ.ଏ.)-** କଳାହାଣ୍ଡି ଜିଲା ପ୍ରଶାସନ ପକ୍ଷରୁ ୫-ଟି କାର୍ଯ୍ୟକ୍ରମରେ ପ୍ରଥମ ଥର ପାଇଁ ଶିକ୍ଷକମାନଙ୍କ ନିମନ୍ତେ ଏକ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲାରେ ଇଂଲିଶ ଭାଷାକୁ ସହଜ ଓ ସରଳ ଭାବେ ଶିକ୍ଷାର୍ଥୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ସ୍ଥାନୀୟ ସରକାରୀ କୃଷି କଲେଜରେ ଅନୁଷ୍ଠିତ କର୍ମଶାଳାରେ ସିନ୍ଥେଟିକ ଫୋନିକ ଟେକ୍ନୋଲୋଜି ଦ୍ୱାରା ଶିକ୍ଷାଦାନ କରାଯାଇଥିଲେ। ଉଦ୍‌ଘାଟନୀରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ଜିଲାପାଳ ଡା. ଗାଭାଲି ପରାଗ ହର୍ଷଦ, ଅତିରିକ୍ତ ଜିଲାପାଳ ଶରତଚନ୍ଦ୍ର ଶ୍ରୀଚନ୍ଦନ, ପିଡି ଡିଆରଡିଏ ଜ୍ଞାନରଞ୍ଜନ ଭଞ୍ଜଦେଓ, ଓୟୁଏଟି ଡିନ୍ ଶାନ୍ତନୁ ମହାନ୍ତି, ସହକାରୀ ଜିଲାପାଳ ତଥା କର୍ମଶାଳାର ନୋଡାଲ ଅଫିସର ଶୁଭ୍ରଦୀପ୍ତା ମହାନ୍ତି ଉଦ୍‌ବୋଧନ ଦେଇଥିଲେ। ଏଥିରେ ପ୍ରଶିକ୍ଷଣ ପାଇଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ ପର୍ଯ୍ୟାୟକ୍ରମେ ଜିଲାର ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କଚ ତାଲିମ ଦେବେ। ଭୁବନେଶ୍ୱର ଫୋନିକ୍ସ ବିଶେଷଜ୍ଞ ଶାଶ୍ୱତୀ ନନ୍ଦ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ୩୩ ବର୍ଷରେ ପହଞ୍ଚିଲା ବାହାଦୁରବଗିଚାପଡ଼ା ଦୁର୍ଗାପୂଜା କମିଟି

# ରାବଣ ପୋଡ଼ି ମୁଖ୍ୟ ଆକର୍ଷଣ

**ସଞ୍ଜୀବ କୁମାର ଯୋଷୀ**
**ଭବାନୀପାଟଣା,୪।୧୦ (ଡି.ଏନ.ଏ.)**

ଚଳିତବର୍ଷ ଶାରଦୀୟ ଦୁର୍ଗାପୂଜାକୁ ମହାସମାରୋହରେ ପାଳନ ପାଇଁ ଭବାନୀପାଟଣା ବାହାଦୁରବଗିଚାପଡା ଦୁର୍ଗା ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ବେଶ୍ ଦ୍ରୁତଗତିରେ ଚାଲିଛି। ସହରର ବହୁ ପୁରାତନ ଏହି ପୂଜା କମିଟି ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱ ହେଲା ପାରମ୍ପରିକ ରୀତିନୀତି ଅନୁଯାୟୀ ଶାରଦୀୟ ଦୁର୍ଗାପୂଜା ପାଳନ କରିଆସୁଛି । ଚଳିତବର୍ଷ ବାହାଦୁର ବଗିଚାପଡା ଦୁର୍ଗାପୂଜା କମିଟି ତୋରଣ, ସୁନ୍ଦର ମୂର୍ତ୍ତି ନିର୍ମାଣ ଏବଂ ରାବଣ ପୋଡି ଉପରେ ଗୁରୁତ୍ୱ ଦେଇଛି। କଲିକତାର ମୂର୍ତ୍ତି କାରିଗର ଦେବୁବୋଷ ଓ ସାଥୀ ମା' ଦୁର୍ଗାଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମଣ କରିଛନ୍ତି। ତୋରଣ ମା' ଜଗଦମ୍ବା ଟେଣ୍ଟ ହାଉସ୍ ପକ୍ଷରୁ ପ୍ରାୟ ସାଢେ ୩ ଲକ୍ଷ ଟଙ୍କା ବ୍ୟୟରେ ମେଢ ଓ ମଣ୍ଡପ କାରିଗର ନିର୍ମାଣ କରିଛନ୍ତି। ମଣ୍ଡପର ଉଚ୍ଚ ୧୦୦ ଫୁଟ ଏବଂ ଚଉଡା ୮୦ ଫୁଟ ରହିଛି। ଏଥର ଇଲେକ୍ଟ୍ରିକାଲ ଡିଜିଟାଲ ଲାଇଟର ତୋରଣ ସଜ୍ଜା ସହିତ ଗେଟଗୁଡିକ ମଧ୍ୟ ଡିଜିଟାଲ ଲାଇଟରେ ଝଲସୁଛି। ଭବାନୀପାଟଣା ଇଲେକ୍ଟ୍ରିକ୍ସ ଓ ଡେକୁରେସନ ଦ୍ୱାରା ଜାତୀୟ ରାଜପଥ ୨୬ରୁ ମଣ୍ଡପ, ହନୁମାନ ମନ୍ଦିର ମଣ୍ଡପ ଓ ଆଉଟ ପୋଷ୍ଟ ୟୁଜିଏମ୍‌ଇ ସ୍କୁଲ ପର୍ଯ୍ୟନ୍ତ ଗୁମ୍ଫା ଲାଇଟ ରାତିରେ ଲୋକଙ୍କୁ ମନମୋହୁଛି। ସେହିଭଳି ଡ୍ରୋନ୍ ଓ ହେଲିକେପ୍ଟର କଡେଲର ରୋଟେସନ ସିସଟମ୍ କୁନି କୁନି ଶିଶୁମାନଙ୍କୁ ବେସ ଆକୃଷ୍ଟ କରୁଛି। ଚଳିତବର୍ଷ କର୍ତ୍ତା ଭାବେ ଗିରିଶ ଚନ୍ଦ୍ର ପୁରୋହିତ ଓ ସଞ୍ଜୟ ତ୍ରିପାଠୀ ରହିଛନ୍ତି। ପୂଜକ ଭାବେ ସତ୍ୟନାରାୟଣ ମିଶ୍ର, ନାରାୟଣ ମିଶ୍ର, ମଧୁସୂଦନ ପାଢୀ ଦାୟିତ୍ୱ ନିର୍ବାହ କରୁଛନ୍ତି। ଅଷ୍ଟମୀ ଦିନ ଶ୍ରଦ୍ଧାଳୁଙ୍କ ନିମନ୍ତେ ଅନ୍ନଭୋଗ ବ୍ୟବସ୍ଥା କରାଯାଇଛି। ଏଥିସହିତ ଏହି ପୂଜା କମିଟି ବିଶେଷ ଆକର୍ଷଣ ହେଉଛି ରାବଣ ପୋଡି। ଚଳିତବର୍ଷ ମଧ୍ୟ ରାମ ଲକ୍ଷ୍ମଣ ହନୁମାନ ଓ ଅନ୍ୟମାନେ ସହର ପରିକ୍ରମା କରି ରାବଣ ପୋଡି ସ୍ଥଳକୁ ଆସି ରାବଣଙ୍କୁ ପୋଡିବେ। ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ବିରବାଦ୍ୟ ଘୁମୁରା, ମେଲୋଡି, ମିକ୍ସର୍ ଦଣ୍ଡ ଲୋକନାଟକ, ଭଜନ ସମାରୋହ ଭଳି ଅନେକ କାର୍ଯ୍ୟକ୍ରମ ରହିଛି। ଚଳିତବର୍ଷ ପୂଜାରେ ୧୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଛି ବୋଲି କୋଷାଧକ୍ଷ ମଳୟ କୁମାର ସାହୁ ପ୍ରକାଶ କରିଛନ୍ତି। ପଡାବାସୀ ଓ ସହରର ବହୁ ବଦାନ୍ୟ ବ୍ୟକ୍ତି ଦୁର୍ଗାପୂଜା ପାଇଁ ଆଗ୍ରହ ସହିତ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ପ୍ରତବର୍ଷ କରିଆସୁଛନ୍ତି ଓ ଚଳିତବର୍ଷ ମଧ୍ୟ କରିବେ ବୋଲି ଆଶା କରୁଛୁ ବୋଲି କମିଟି ଉପସଭାପତି ରାଜେନ୍ଦ୍ର ଅଗ୍ରୱାଲ ପ୍ରକାଶ କରିଛନ୍ତି। ୯ ତାରିଖରେ ମୂର୍ତ୍ତି ବିସର୍ଜନ କରାଯିବ।



ଭବାନୀପାଟଣା ବାହାଦୁରବଗିଚାପଡ଼ା ଦୁର୍ଗାପୂଜା କମିଟି ପକ୍ଷରୁ ନିର୍ମିତ ତୋରଣ।

#### ପୂଜା କମିଟି ମୁହଁରୁ...



"ପୂଜା ପାଇଁ କର୍ମକର୍ତ୍ତାମାନେ ଅହରହ ଉଦ୍ୟମ ଜାରି ରଖିଛନ୍ତି। ସମସ୍ତ ରୀତିନୀତିରେ ପୂଜା କାର୍ଯ୍ୟ ଅନୁଷ୍ଠିତ ହେବ। ଭକ୍ତଙ୍କ ଭିଡକୁ ଦୃଷ୍ଟିରେ ରଖି ଉଭୟ ପୁରୁଷ ଓ ମହିଳା ଭକ୍ତଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି। ଆରମ୍ଭରୁ ଶେଷ ଯାଏଁ ଯେପରି ଶାନ୍ତିଶୃଙ୍ଖଳାର ସହିତ ପୂଜା କାର୍ଯ୍ୟ ସମାପନ ହେବ ସେଥିପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି।

**-ଗିରିଶ ଚନ୍ଦ୍ର ପୁରୋହିତ**
**ସଭାପତି, ବାହାଦୁର ବଗିଚାପଡା**



"ଚଳିତବର୍ଷ ପୂଜା ପାଇଁ ସମସ୍ତ ପ୍ରକାର ରୀତିନୀତି, ସାଜସଜ୍ଜା, ଶାନ୍ତିଶୃଙ୍ଖଳା ପ୍ରତି ବିଶେଷ ଦୃଷ୍ଟି ଦିଆଯାଇଛି। ଅନ୍ୟାନ୍ୟ ସାଂସ୍କୃତି କାର୍ଯ୍ୟ ସହିତ ଆମ ପୂଜା କମିଟି ବିଶେଷ ଆକର୍ଷଣ ରାବଣପୋଡି ମଧ ଚଳିତବର୍ଷ ହେବ। କର୍ମକର୍ତ୍ତାମାନେ ପୁରା ଉତ୍ସାହର ସହିତ ପୂଜା ଯେମିତ ଜାକଜମକରେ ହେବ ସେଥିପାଇଁ ଲାଗିପଡିଛନ୍ତି। ଆମ ପୂଜାର ଯେଉଁ ସ୍ୱତନ୍ତ୍ରତା ଓ ନାମ ରହିଛି ତାକୁ ଆମେ ବଜାଇ ରଖିବୁ।

**-ମାନସ ଦାସ,**
**ସମ୍ପାଦକ, ବାହାଦୁର ବଗିଚାପଡ଼ା**

### କଳାହାଣ୍ଡି ଜିଲାପାଳଙ୍କୁ ମାନବାଧିକାର କମିଶନଙ୍କ ସମନ

**ଭବାନୀପାଟଣା,୪।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କଲମପୁର ବ୍ଲକ ଇଚ୍ଛାପୁର ଗାଁର ଅରୁଣ ପାତ୍ରଙ୍କ ସ୍ତ୍ରୀ ଲକ୍ଷ୍ମୀ ପାତ୍ର, ତାଙ୍କ ନାବାଳିକା ଝିଅ ଶୁଭ ପାତ୍ର ଓ ଅନ୍ୟ ୫ ଜଣ ଦାଦନ ଶ୍ରମିକ ୨୦୧୮ ଅକ୍ଟୋବରରୁ ସିକନ୍ଦରାବାଦ ଜିଲାର ଦଣ୍ଡେଇକେଲ ଇଟାଭାଟିରେ ବନ୍ଧକ ଥିବା ଓ ନିର୍ଯାତିତ ହେଉଥିବା ବାବଦରେ ଧାର୍ଯ୍ୟ ସମୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରି ନ ଥିବାରୁ କଳାହାଣ୍ଡି ଜିଲାପାଳଙ୍କୁ ଜାତୀୟ ମାନବ ଅଧିକାର କମିଶନ ସମନ ଜାରି କରିଛନ୍ତି । ଗତ ଜାନୁୟାରୀରେ ଏବାବଦରେ ଆଗତ ମାମଲାରେ ଜାତୀୟ ମାନବାଧିକାର କମିଶନ ୨୮ ଜାନୁୟାରୀ ୨୦୧୯ରେ ନୋଟିସ ଜାରି କରି କଳାହାଣ୍ଡି ଜିଲାପାଳଙ୍କଠାରୁ ୧ ମାର୍ଚ୍ଚ ୨୦୧୯ ସୁଦ୍ଧା ରିପୋର୍ଟ ମାଗିଥିଲେ। କିନ୍ତୁ ଏହି ରିପୋର୍ଟ କଳାହାଣ୍ଡି ଜିଲାପାଳ ଆଜିସୁଦ୍ଧା ଦାଖଲ କରି ନ ଥିବାରୁ ଜାତୀୟ ମାନବାଧିକାର କମିଶନ ଅସନ୍ତୋଷ ପ୍ରକାଶ କରିବା ସହିତ ୩୦ ସେପ୍ଟେମ୍ବର ୨୦୧୯ରେ ସମନ ଜାରି କରି ଆସନ୍ତା ୩୧ ଡିସେମ୍ବର ୨୦୧୯ରେ ବ୍ୟକ୍ତିଗତ ହାଜର ହୋଇ ତଥ୍ୟ ଉପସ୍ଥାପନ କରିବାକୁ କଳାହାଣ୍ଡି ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସର୍ତ୍ତମୂଳକ ଭାବେ ଯଦି ଉକ୍ତ ରିପୋର୍ଟ ୨୪ ଡିସେମ୍ବର ସୁଦ୍ଧା ଦାଖଲ କରନ୍ତି ତେବେ ୩୧ ଡିସେମ୍ବର ବ୍ୟକ୍ତିଗତ ହାଜିରାରୁ କ୍ଷାନ୍ତ ମିଳିବ ବୋଲି ମଧ କହିଛନ୍ତି।

## ଲୋକକଳା ଗ୍ରାମ ଭାବେ ଛୋରିଆଗଡ଼ ଘୋଷିତ

**ଜୁନାଗଡ,୪।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲୋକକଳା ଗ୍ରାମ ଭାବେ ଜୁନାଗଡ ବ୍ଲକ ଛୋରିଆଗଡ ଗ୍ରାମକୁ ଘୋଷିତ କରାଯାଇଛି। ଏହାକୁ ନେଇ ଛୋରିଆଗଡ ଗ୍ରାମବାସୀଙ୍କ ମଧରେ ଖୁସିର ଲହରୀ ଖେଳିଯାଇଛି। ଏହି ଅବସରରେ ଅନୁଷ୍ଠିତ ଲୋକାର୍ପଣ ସମାରୋହରେ ମୁଖ୍ୟଅତିଥି ଭାବେ ଶକ୍ତିମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟ ଶଙ୍କର ମିଶ୍ର, ସମ୍ମାନିତ ଅତିଥି ଜିଲା କଳା ଓ ସଂସ୍କୃତି ଅଧିକାରୀ ଅର୍ପିତା ବେହେରା, ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ଶ୍ରୀଚନ୍ଦନ, ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡି, ବ୍ଲକ ଅଧକ୍ଷା ନୁର୍ଯ୍ୟ ମାଝି, ଉପାଧକ୍ଷ ଟଙ୍କଧର ନାଏକ, ଜିପିଓ ସିର୍ଦ୍ଧେଶ୍ୱର ମେହେର, ବିଏସଏସଓ ତୁଷାର ରଞ୍ଜନ ସାହୁ, ଡବ୍ଲୁଇଓ ସୁମନ୍ତ ମାଝି, ଆଇନଜୀବୀ କଲ୍ୟାଣୀ ନାଏକ, ସରପଞ୍ଚ ବବିତା ଗୁରୁ, ସମିତିସଭ୍ୟ ପ୍ରେମଲାଲ ନାଏକ ପ୍ରମୁଖ ଯୋଗଦେଇଥିଲେ । ପରେ ଛୋରିଆଗଡ ଗ୍ରାମର ବିଭିନ୍ନ ଲୋକକଳା ଯଥା ମାଦ୍‌ଲି ନୃତ୍ୟ, ଢାବ, ଘୁମରା ସହ ଜୁନାଗଡ କଳାବିକାଶ କେନ୍ଦ୍ର ପକ୍ଷରୁ ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଲୋକକଳା ଗୁରୁ ଭାବେ ଲୋକକବି ସତ୍ୟ ନାଏକ, ସୀମାଞ୍ଚଳ ନାଗ ଓ ମାର୍କଣ୍ଡ ନାଏକଙ୍କୁ ସମ୍ମାନିତ କରାଯାଇଥିଲା। କର୍ତ୍ତବ୍ୟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଶୋକ ପଟ୍ଟନାୟକ କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ। ଦିଲୀପ ଠାକୁର ଧନ୍ୟବାଦ ଦେଇଥିଲେ।



ଲୋକାର୍ପଣ ସମୟରେ ଯୋଗଦେଇଥିବା ଅତିଥିବୃନ୍ଦ ।

### କର୍ଲାମୁଣ୍ଡା ପ୍ରେସ କ୍ଲବର ବାର୍ଷିକୋତ୍ସବ, ନୂଆଁଖାଇ ଭେଟ୍‌ଘାଟ୍

**କର୍ଲାମୁଣ୍ଡା,୪।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଡାକ୍ତରଖାନା ପଡିଆଠାରେ ପ୍ରେସକ୍ଲବର ୨୨ତମ ବାର୍ଷିକ ଉତ୍ସବ ଓ ନୂଆଖାଁଇ ଭେଟ୍‌ଘାଟ୍ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କର୍ଲାମୁଣ୍ଡା ପ୍ରେସକ୍ଲବ ସଭାପତି ନରୋତ୍ତମ ସେଲମାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପଶ୍ଚିମ ଓଡିଶା ବିକାଶ ପରିଷଦ ସଭ୍ୟ ପୁଷ୍ପେନ୍ଦ୍ର ସିଂହଦେଓ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଡି.ଆ.ଇ.ଟିର ଅଧ୍ୟକ୍ଷ ଡ ଯୁଗଳ କିଶୋର ମିଶ୍ର , ସମ୍ମାନିତ ଅତିଥି ଭାବେ କର୍ଲାମୁଣ୍ଡା ବିଡିଓ ପ୍ରିୟଦର୍ଶନୀ ମିର୍ଦ୍ଧା, ତହସିଦାର ସର୍ବେଶ୍ୱର ଜାଲ, ସିଡିପିଓ ପାର୍ବତୀ ସାହୁ, ସତ୍ୟନାରାୟଣ ମହାପାତ୍ର, ପାର୍ଥ ମହାପାତ୍ର, ରଜନୀକାନ୍ତ ମିଶ୍ର, କମ୍ବୁପାଣି ସାହୁ, ସାମାଜିକ କର୍ମୀ ଦଲଜିତ ସିଂ ଯୋଗଦେଇ ସାମ୍ବାଦିକତା ଏକ ପବିତ୍ର ଧର୍ମ ଓ କର୍ମ ବୋଲି କହିଥିଲେ। ସମ୍ପାଦକ ପ୍ରଦୀପ କୁମାର ସାହୁ ବିବରଣୀ ପାଠ କରିଥିବା ବେଳେ ଉପସଭାପତି ଜଗଦିଶ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଗଣବଳାତ୍କାର ଶିକାର ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ଦାବି

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ଭବାନୀପାଟଣା,୪।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ଥାନା ଅଞ୍ଚଳରେ ଗତ ୧୪ ତାରିଖରେ ଗଣବଳାତ୍କାର ଶିକାର ପୀଡ଼ିତାଙ୍କୁ ଆଇନ୍ ଅନୁମୋଦିତ ନ୍ୟାୟ ପ୍ରଦାନ ସହିତ ସରକାରୀ ପ୍ରୋତ୍ସାହନ ଯୋଗାଇଦେବା ପାଇଁ ଦାବି କରିଛି କଳାହାଣ୍ଡି ଯାଦବ ମହାସଭା । ଜିଲା ଯାଦବ ମହାସଭା ସଭାପତି ହରିଶଙ୍କର ବାଗଙ୍କ ନେତୃତ୍ୱରେ ଶୁକ୍ରବାର ମହାସଭାର କାର୍ଯ୍ୟକର୍ତ୍ତାମାନେ କଳାହାଣ୍ଡି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଅତିରିକ୍ତ ଜିଲାପାଳ ଶରତଚନ୍ଦ୍ର ଶ୍ରୀଚନ୍ଦନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଯାଦବ ମହାସଭାର ଦାବି ହେଲା ପୀଡ଼ିତାଙ୍କୁ ଜୀବନ ସୁରକ୍ଷା ଯୋଗାଇ ଦିଆଯାଉ, ପୀଡ଼ିତାଙ୍କ ବଞ୍ଚିବା ଅଧିକାର ପାଇଁ ୩୦ ଲକ୍ଷ ଟଙ୍କା ପ୍ରଦାନ, ପୀଡ଼ିତା ଏଏନ୍‌ଏମ୍ ତାଲିମ୍‌ପୂର୍ଣ୍ଣ କରିବା ନିମନ୍ତେ ଏକ ସୁରକ୍ଷିତ ସରକାରୀ ଏଏନ୍‌ଏମ୍ ଟ୍ରେନିଂ ସେଣ୍ଟର ବ୍ୟବସ୍ଥା କରିବା, କମ୍ ସମୟ ମଧରେ ଏହି ମାମଲାକୁ ଚୁଡାନ୍ତ କରିବା ପାଇଁ କୋର୍ଟକୁ ଅବଗତ କରିବା ଏହାସହ ସମସ୍ତ ଅଭିଯୁକ୍ତଙ୍କୁ ଫାଶୀଦଣ୍ଡ ଦେବା ପାଇଁ କୋର୍ଟକୁ ଅନୁରୋଧ କରିବାକୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜିଲା ଯାଦବ ମହାସଭା ସଭାପତିଙ୍କ ସହ ଜିଲା ସମ୍ପାଦକ ସଞ୍ଜୟ ଧଙ୍ଗଡାମାଝି, ଜିଲା ଯୁବଯାଦବ ମହାସଭା ସଭାପତି ଗୋବିନ୍ଦ ବନଛୋର, ସମ୍ପାଦକ ଲିଙ୍ଗରାଜ ବେହେରାଙ୍କ ସହ ବିଭିନ୍ନ ବ୍ଲକ ସଭାପତି ଓ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ ।



ଅତିରିକ୍ତ ଜିଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଉଛି।

## ଗଡ଼ଜାତ ଅଞ୍ଚଳରେ ଛତର ଯାତ୍ରା

**ମଦନପୁର,୪।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମଦନପୁରର ଆରାଧ୍ୟ ଦେବୀ ମା' ପାଟଖଣ୍ଡାଙ୍କ ଛତର ଯାତ୍ରା ସ୍ଥାନୀୟ ପାଟଖଣ୍ଡା ମନ୍ଦିରରେ ଶୁକ୍ରବାର ଅନୁଷ୍ଠିତ ହୋଇଛି । ଏହି ଅବସରରେ ଭକ୍ତଙ୍କ ବୋଦା ବଳିରେ ରକ୍ତରଞ୍ଜିତ ହୋଇଥିଲା ମା'ଙ୍କ ପୂଜା ପୀଠ । ଏହି ଛତର ଯାତ୍ରାରେ ପାଖ ଅଞ୍ଚଳରୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା । ଉକ୍ତ ଛତର ଯାତ୍ରା ଆଶ୍ୱିନ ମାସ ଶୁକ୍ଳ ପକ୍ଷ ପ୍ରତିପଦାରୁ ପୂଜା ଆରମ୍ଭ ହୋଇ ସପ୍ତମୀ ତିଥିରେ ଛତର ଯାତ୍ରା ହୋଇଥାଏ । ୭ ଦିନ ୭ ରାତି ମନ୍ଦିରରେ ଅଖଣ୍ଡ ଦୀପ ପୂଜାର୍ଚ୍ଚନା ହୋଇଥାଏ। ମା' ପାଟଖଣ୍ଡାଙ୍କ ଛତରକୁ ଶତାଧିକ ଭକ୍ତଙ୍କ ଗହଣରେ ନିକଟସ୍ଥ ଜଙ୍ଗଲରେ ଥିବା ଏକ ପୀଠସ୍ଥଳି (ନେଉର)କୁ ନିଆଯାଇ ଦିଶାରୀ ନିଜେ ଛତର ଧରି ପୂଜା କରିଥାନ୍ତି। ଲୋକ କଥା ଅନୁସାରେ ବହୁ ପୂର୍ବେ ମା' ପାଟଖଣ୍ଡା ଓ ପାର୍ଶ୍ୱ ଦେବୀ ଖେମୁଣ୍ଡି ରାଜ୍ୟରୁ ଆସିଥିଲେ। ସେମାନେ ବାଟରେ କେତେକ ସ୍ଥାନରେ ବିଶ୍ରାମ ନେଇଥିଲେ । ତାଙ୍କର ପୂଜା ବାଲିଗୁଡା, ମଦନପୁର, ଦେଉଳଗୁଡି ଓ ବଲାଙ୍ଗୀର ଜିଲାର ଜରାସିଂହାଠାରେ ହୋଇଥାଏ। ଛତର ଯାତ୍ରାରେ ପାଟଖଣ୍ଡା ଦିଆରୀ ମନୁ ଦିଆରୀ ଛତର ଧରିଥିବା ବେଳେ ବାହା ଧରନିଆ ରୂପେ ଭୋଳାନାଥ ସିଂହ, ଶଶିକାନ୍ତ ଚିନ୍ଦା ଓ ଭାଗିରଥୀ ମାଝି ସାହାଯ୍ୟ କରିଥିଲେ। ମ.ରାମପୁର ରାଜ ପରିବାରରୁ ମହେନ୍ଦ୍ରାଦିତ୍ୟ ସିଂ ଦେଓ, ପୃଥ୍ୱୀରାଜ ସିଂଦେଓ, ବୁଧେନ୍ଦ୍ର ପ୍ରତାପ ସିଂଦେଓ, ଭୁବନ ମୋହନ ସିଂଦେଓ ଓ ପୂର୍ବତନ ଚ୍ୟାର୍‌ମେନ ବିମଳ ଚନ୍ଦ୍ର ସିଂଦେଓ ଏହି ଯାତ୍ରାରେ ଉପସ୍ଥିତ ଥିଲେ। ମୁଖ୍ୟ ଢୁଲିଆ ରୂପେ ପାର୍ଥ ମହାନନ୍ଦ ଥିବା ବେଳେ ଲକ୍ଷ୍ୟା ମହାନନ୍ଦ, ଜୟରାମ ମହାନନ୍ଦ, ହରି ମହାନନ୍ଦ, ଶତ୍ରୁଘ୍ନ ମହାନନ୍ଦ ଓ ବିରାଟ ମୁଣ୍ଡଛିନା ସହ ୱାର୍ଡ ସଭ୍ୟାସଭ୍ୟ ତଥା ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।



### ଦୁର୍ଗାପୂଜା ପାଇଁ ବିଲ୍ୱବରଣ, ଅଧିବାସ

**କୋକସରା, ୪।୧୦ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରାଠାରେ ଦୁର୍ଗାପୂଜା ପାଇଁ ଶୁକ୍ରବାର ଅଧିବାସ ଓ ବିଲ୍ୱବରଣ ସହ ମା'ଙ୍କ ପୂଜା ଆରମ୍ଭ ହୋଇଛି । ଚଳିତବର୍ଷ ପୂଜା କର୍ତ୍ତା ଭାବେ କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ ସପନ୍ନିକଙ୍କୁ ଦାୟିତ୍ୱ ତୁଲାଉଛନ୍ତି । ଅପରାହ୍ନରେ ପୂଜା କମିଟି ପକ୍ଷରୁ ପୂଜାକର୍ତ୍ତାଙ୍କୁ ସ୍ୱାଗତ କରିବା ସହ ପଦ୍ମସାଗର ପୋଖରୀରୁ ମନ୍ତ୍ର ସିଦ୍ଧ ଜଳ ଆଣି ଦୁର୍ଗାପୂଜା ମଣ୍ଡପରେ ସ୍ଥାପନ କରାଯାଇଛି। ପରେ ଏକ ବିରାଟ ପଟୁଆରରେ ଶ୍ରଦ୍ଧାଳୁମାନଙ୍କ ଗହଣରେ ବାଜାଗାଜା ବଜାଇ ବିଲ୍ୱବରଣ କରାଯାଇଛି । ଶନିବାର ମା'ଙ୍କ ଆରାଧନା ସହ ଦୁର୍ଗାପୂଜା ୩ ଦିନ ଧରି ଚାଲିବ। କମିଟି ପକ୍ଷରୁ ଆସନ୍ତା ୩ ଦିନ ପାଇଁ ଅନେକ ମନୋରଞ୍ଜନ କାର୍ଯ୍ୟକ୍ରମ ଥିବା ପୂଜା କମିଟି ପର୍ଶୁରାମ ପ୍ରଧାନୀ, ସୁଶାନ୍ତ ବେହେରା, ମନସ ରଞ୍ଜନ ପ୍ରଧାନୀ, ମହେଶ ଗୁପ୍ତା ସୂଚନା ଦେଇଛନ୍ତି । ଏହା ବ୍ୟତୀତ କୋକସରା ବ୍ଲକର ଲଡୁଗାଁ, ମୋଟେର, ଓଲମା, ଟେମରା, ସାନପୋଡାଗୁଡା ଓ କଣ୍ଟିଆଠାରେ ମଧ ଶୁକ୍ରବାରଠାରୁ ଶାରଦୀୟ ଦୁର୍ଗାପୂଜା ଆରମ୍ଭ ହୋଇଛି ।

### ବିପଦସଙ୍କୁଳ ଅବସ୍ଥାରେ ପଦ୍ମପୁର ଅଙ୍ଗନୱାଡି କେନ୍ଦ୍ର

## କମ୍ୟୁନିଟି ଗୃହରେ ଚାଲିଛି କେନ୍ଦ୍ର

**କେଗାଁ,୪।୧୦ (ଡି.ଏନ.ଏ.)**

ସରକାର ପ୍ରାକ୍ ବିଦ୍ୟାଳୟରେ ଛୋଟ ପିଲାଙ୍କୁ ପାଠ ପଢାଇବା ପାଇଁ ଗ୍ରାମାଞ୍ଚଳରେ ଅନେକ ଅଙ୍ଗନୱାଡି କେନ୍ଦ୍ର ଖୋଲିଛନ୍ତି । ଏଥିପାଇଁ ସମନ୍ୱିତ ଶିଶୁ ବିକାଶ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । କିନ୍ତୁ ବାସ୍ତବରେ ଏହା କେତେ ଦୂର କାମରେ ଲାଗିଛି ତାହା ଦେଖିବାକୁ କେହି ନାହିଁ । ପିଲାଙ୍କ ପାଇଁ ଆବଶ୍ୟକ ଶ୍ରେଣୀ ଗୃହ ନ ଥିବାରୁ ଏକ କମ୍ୟୁନିଟି ଗୃହରେ ଚାଲିଛି ଅଙ୍ଗନୱାଡି କେନ୍ଦ୍ର । ଏହା ଦିନେ କି ମାସେ ନୁହେଁ ଦୀର୍ଘ ୨ ବର୍ଷରୁ ଊର୍ଦ୍ଧ୍ୱ ହେବ ଏଠାରେ ପାଠ ପଢାଯାଉଛି । କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ପଦ୍ମପୁର ଗ୍ରାମରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି । ଉକ୍ତ ଗ୍ରାମରେ ଥିବା ପୁରୁଣା ଅଙ୍ଗନୱାଡି କେନ୍ଦ୍ର ୨ ବର୍ଷରୁ ଊର୍ଦ୍ଧ୍ୱ ହେବ ବିପଦ ସଙ୍କୁଳ ଅବସ୍ଥାରେ ପଡି ରହିଛି । ଗୃହର ଛାତରେ ଫାଟ ସୃଷ୍ଟି ହେବା ସହ ସାମାନ୍ୟ ବର୍ଷା ହେଲେ ପାଣି ଝରୁଛି। ସେହିପରି ଲୁହା ରଡ ବାହାରି କଂକ୍ରିଟ ମେଟାଲ ପଡୁଛି । ଫଳରେ କୋମଳମତି ଛାତ୍ରୀଛାତ୍ରମାନେ ଅଙ୍ଗନୱାଡି କେନ୍ଦ୍ରକୁ ଆସିବାକୁ ଭୟ କରୁଛନ୍ତି। ଅନ୍ୟପକ୍ଷରେ ଅଙ୍ଗନୱାଡି କେନ୍ଦ୍ର ଚାଲିଥିବା କମ୍ୟୁନିଟି ଗୃହରେ ରୋଷେଇ ଘର ବ୍ୟବସ୍ଥା ନ ଥିବାରୁ ପିଲାଙ୍କ ପାଇଁ ମଧ୍ୟାହ୍ନ ଭୋଜନ ବାରଣ୍ଡାରେ ହେଉଛି। ତେବେ ବର୍ଷା ହେଲେ ରୋଷେଇ କରିବା ପାଇଁ ନାନା ଅସୁବିଧା ହେଉଛି । ଏ ନେଇ ଅଙ୍ଗନୱାଡି କର୍ମୀ ସରୋଜିନୀ ହରିଜନଙ୍କୁ ପଚାରିବାରୁ ସେ କହିଥିଲେ ଅଙ୍ଗନୱାଡି କେନ୍ଦ୍ର ଗୃହ ବହୁ ପୁରୁଣା ଓ ବିପଦପୂର୍ଣ୍ଣ ଥିବାରୁ ବାଧ ହୋଇ କମ୍ୟୁନିଟି ଗୃହରେ ପାଠ ପଢାଉଛି । ଏ ସଂକ୍ରାନ୍ତରେ ପରିଦର୍ଶନରେ ଆସୁଥିବା ସୁପରଭାଇଜରଙ୍କୁ ମଧ ଜଣାଇଛି ବୋଲି କହିଥିଲେ। କମ୍ୟୁନିଟି ଗୃହରେ ପଠପଢା ବିଷୟରେ ଗୋଲାମୁଣ୍ଡା ସିଡିପିଓ ପ୍ରିୟା ମରୀ ସାହୁଙ୍କୁ ପଚାରିବାରୁ ଅଙ୍ଗନୱାଡି କେନ୍ଦ୍ର ମରାମତି ବିଷୟରେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇ ଦିଆଯାଇଛି ବୋଲି କହିଥିଲେ । ଉକ୍ତ ଅଙ୍ଗନୱାଡି କେନ୍ଦ୍ର ବିପଦସଙ୍କୁଳ ଅବସ୍ଥାରେ ଥିବା ଓ ଗ୍ରାମରୁ ଅଧାକିଲୋମିଟର ଦୂର କମ୍ୟୁନିଟି ଗୃହକୁ କୋମଳମତି ଛାତ୍ରୀଛାତ୍ରୀପାଠ ପଢି ଯିବା ଘଟଣା ବିଷୟରେ ସମସ୍ତଙ୍କୁ ଜଣାଥିଲେ ମଧ ଦୀର୍ଘ ଦୁଇ ବର୍ଷରୁ ଊର୍ଦ୍ଧ୍ୱ ହେବ ଚୁପ ରହିବା ଘଟଣା ସ୍ଥାନୀୟ ଲୋକେ ନାପସନ୍ଦ କରିଥିବା ବେଳେ ଉକ୍ତ ଅଙ୍ଗନୱାଡି କେନ୍ଦ୍ରକୁ ମରାମତି କରା ନ ଯାଇ ନୂତନ ଗୃହ ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।




କମ୍ୟୁନିଟି ଗୃହରେ ଛୁଆମାନେ ପାଠପଢ଼ୁଛନ୍ତି।



ଯେତେବେଳେ ଆମେ ନିଜ ପାଇଁ ବଞ୍ଚିବା ଛାଡ଼ିଦେଉ,
ସେତେବେଳେ ଜୀବନ ଏକ ତୀର୍ଥରେ ପରିଣତ ହୁଏ।
- ଜେ.ଏସ୍. ଗୋଲ୍ଡସ୍ମିଥ



## ସଂକ୍ଷେପରେ



### ମା' ସମଲେଶ୍ୱରୀଙ୍କ କାଳରାତ୍ରୀ ବେଶ

**ଗୁଡ଼ଭେଲା,୪।୧୦(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ତୁଷୁରା ସହରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ୬୨ତମ ଶାରଦୀୟ ପର୍ବ ଆରମ୍ଭ ହୋଇଯାଇଛି। ଶୁକ୍ରବାର ମା' ସମଲେଶ୍ୱରୀ କାଳରାତ୍ରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ମା' ନିକଟରେ ଭକ୍ତମାନେ ଅଖଣ୍ଡ ପ୍ରଜ୍ଜଳନ କରି ୨ଜଣ ଭକ୍ତ ଗୋଟିଏ ଲେଖାଏଁ ସୱାମଣୀ ଭୋଗ ଲାଗି କରିଥିଲେ। ସ୍ଥାନୀୟ ମାରୱାଡି ଯୁବା ମଞ୍ଚର ଅଧକ୍ଷ ମନୋଜ କୁମାର ଜୈନଙ୍କ ନେତୃତ୍ୱରେ ସୱାମଣୀ ଭୋଗ ବଣ୍ଟନ କରାଯାଇଥିବା ବେଳେ ସଙ୍ଗୀତ କୁମାର ଜୈନଙ୍କ ସହ ଯୁବା ମଞ୍ଚର କର୍ମକର୍ତ୍ତା ସହଯୋଗ କରିଥିଲେ। ମୁଖ୍ୟ ପୂଜକ କୁଞ୍ଜବିହାରୀ ମିଶ୍ର, ଅମରିଷ ପାଣିଗ୍ରାହୀ, ଦିନ୍‌ଦୟାଳ ଶର୍ମା, ମୁରଲିଧର ମିଶ୍ର, ଗୋପାଳ ପାଣ୍ଡିଆ, ଶୁଶିଲ ମିଶ୍ର ପ୍ରମୁଖ ପୂଜା କାର୍ଯ୍ୟ ତୁଲାଉଥିବା ବେଳେ ସରୋଜ ପ୍ରଧାନ ଓ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ପ୍ରଧାନ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି।

### ଷ୍ଟେଶନରୁ ଜାଳେଣି କାଠ ଜବତ

**ଟିଟିଲାଗଡ଼,୪।୧୦(ଡି.ଏନ୍.ଏ.):** ଟିଟିଲାଗଡ଼ ଆର୍‌ପିଏଫ ଏବଂ ସ୍ପେଶାଲ ଟାସ୍କ ଫୋର୍ସ ସିଆଇବି ପକ୍ଷରୁ ଶୁକ୍ରବାର କେସିଙ୍ଗା ରେଳ ଷ୍ଟେଶନରେ ଚଢାଉ କରି ସମ୍ବଲପୁର-କୋରାପୁଟ ଏକ୍ସପ୍ରେସ ଟ୍ରେନରୁ ବିପୁଲ ପରିମାଣର ଜାଳେଣି କାଠ ଜବତ କରାଯାଇଛି। ଟିଟିଲାଗଡ଼ ଆର୍‌ପିଏଫ୍ ପୋଷ୍ଟ କମାଣ୍ଡର ଏମ୍.ଏସ୍. କୁମାୱତଙ୍କ ନେତୃତ୍ୱରେ ଚଢାଉରେ ଏଏସ୍ଆଇ ଏସ୍. ପଣ୍ଡା, ସିଆଇବି ଏଏସ୍ଆଇ ପି.ଏନ୍.ଭାଟି, ଏଚ୍.ସି.ଏସ୍.କେ. ବେମାଲ, ଏସ୍.ସି. ସାହୁ, ସନ୍ତୋଷ କୁମାର ସାଧା ପୋଷାକ ଧାରୀ ଆର୍‌ପିଏଫ ସ୍ପେଶାଲ ଟାସ୍କ ଫୋର୍ସର ବି.ବି. ସାହୁ, ଏଫ୍. ମାହାର, ଏସ୍.କେ. ବିଶି ପ୍ରମୁଖ ସାମିଲ ଥିଲେ। କେସିଙ୍ଗା ବନ ବିଭାଗ ରେଞ୍ଜ ଅଧିକାରୀ ଦିନବନ୍ଧୁ ମେହେର, ଫରେଷ୍ଟର ଡି. ମିଶ୍ର, ପି.ଆର୍. ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

ଦେଓଗାଁ ମେନ୍‌ରୋଡ୍ ଦୁର୍ଗାପୂଜା

# ମୁଖ୍ୟ ଆକର୍ଷଣ ମା'ଙ୍କ ସନ୍ଧ୍ୟା ଆଳତି

**ଦେଓଗାଁ, ୪।୧୦(ଡି.ଏନ.ଏ.)**

ଦେଓଗାଁ ବ୍ଲକ ଅଧୀନ ଦେଓଗାଁ ମେନ୍‌ରୋଡ ଦୁର୍ଗାମଣ୍ଡପ ଛକଠାରେ ୫୨ ତମ ଶାରଦୀୟ ଦୁର୍ଗାପୂଜା ଅନୁଷ୍ଠିତ ହେଉଛି। ସ୍ଥାନୀୟ ଜବାହର ସାଂସ୍କୃତିକ ଯୁବକ ସଂଘ ଆନୁକୂଲ୍ୟରେ ୩ତାରିଖରୁ ଆରମ୍ଭ ହୋଇଥିବା ଉତ୍ସବରେ ମା'ଦୁର୍ଗାଙ୍କ ସନ୍ଧ୍ୟା ଆଳତି ମୁଖ୍ୟ ଆକର୍ଷଣ ହୋଇଛି। ଚଳିତ ବର୍ଷ ପୂଜାକର୍ତ୍ତା ଭାବେ ସୌମ୍ୟରଞ୍ଜନ ସାହୁ ଓ ତାଙ୍କ ସ୍ତ୍ରୀ ପଙ୍କଜିନୀ ସାହୁ ଦାୟିତ୍ୱରେ ରହିଥିବା ବେଳେ ବାଳକୃଷ୍ଣ କର ମୁଖ୍ୟ ପୂଜକ ଓ ସଞ୍ଜୀବ କର ସହପୂଜକ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ଉତ୍ସବକୁ ଆକର୍ଷଣୀୟ କରିବା ପାଇଁ ଆଲୋକ ସାଜସଜ୍ଜା ଜଗୁ ସାହୁ ଦାୟିତ୍ୱରେ ରହିଥିବା ବେଳେ ମାଣିକ୍ୟ ପାତ୍ର ଏବଂ ତାଙ୍କ ସାଥୀ ପରଭା ନିର୍ମାଣ କରିଛନ୍ତି। ଚଳିତବର୍ଷ ପୂଜନୋତ୍ସବ ପରିଚାଳନା କମିଟି ସଭାପତି ବିଶ୍ୱଜିତ ପାତ୍ର, ସମ୍ପାଦକ କୃଷ୍ଣ ପ୍ରସାଦ ପାଣିଗ୍ରାହୀ, ଉପସଭାପତି ପିଣ୍ଟୁ ପୋଢ଼, ଯୁଗ୍ମ ସମ୍ପାଦକ ସମୀର ସାହୁ, କୋଷାଧ୍ୟକ୍ଷ ମୋହନଲାଲ ଅଗ୍ରୱାଲ ଦାୟିତ୍ୱ ତୁଲାଉଥିବା ବେଳେ ପ୍ରତିଦିନ ସନ୍ଧ୍ୟା ଆଳତି ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ସ୍ଥିରି ହୋଇଛି। ପୂଜନୋତ୍ସବକୁ ଯୁଗେଶ୍ୱର ସାହୁ, ପ୍ରଶାନ୍ତ ପାଣ୍ଡେ, ମୋହନ ଦଲାଇ, ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ, ବୁଲୁ ଘିଭେଲା, ମୋତିଲାଲ ପାତ୍ର, ଲକ୍ଷ୍ମଣ ଦଲାଇ, ପିଣ୍ଟୁ ବେହେରା, କାର୍ତ୍ତିକ ମଲ୍ଲିକ, ବସନ୍ତ ଦଲାଇ, ଶୁଭ୍ରାଂଶୁ ନାୟକ, ଘନ ଦଲାଇ, କୈଳାସ ବେହେରା, କରୁଣାକର ବେହେରା, ବାବୁଲାଲ ଅଗ୍ରୱାଲ, ବେଲାର ସା, ନାରାୟଣ ସାହଙ୍କ ସହ ଦେଓଗାଁ ଗ୍ରାମବାସୀ ସହଯୋଗ କରୁଛନ୍ତି। ୯ ତାରିଖ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ଆୟୋଜକମାନେ କହିଛନ୍ତି।



ଦେଓଗାଁ ମେନ୍‌ରୋଡ୍‌ରେ ଦୁର୍ଗାପୂଜା ଚାଲିଛି।

## ଅସହାୟକୁ ସହାୟତା ହେଲା ପ୍ରଶାସନ

**ଟିକ୍ରାପଡା,୪।୧୦(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ସଇଁନ୍ତଳ ବ୍ଲକ ଅନ୍ତର୍ଗତ କରମତଲା ଅଧୀନ ଝିମନପଲି ଗ୍ରାମର ହେମ ନାଏକ(୬୨)ଙ୍କୁ ସ୍ଥାନୀୟ ସରପଞ୍ଚ ହିମାଞ୍ଚଳ ବୁଡେକଙ୍କ ନେତୃତ୍ୱରେ ସଇଁନ୍ତଳା ବ୍ଲକ ପ୍ରଶାସନର ସହାୟତାରେ ଶୁକ୍ରବାର ସାଲେପାଲି ବୃଦ୍ଧା ଆଶ୍ରମକୁ ପଠାଯାଇଛି। ସୂଚନା ଅନୁସାରେ, ହେମ ନାଏକଙ୍କ ସ୍ୱାମୀ କୁବେର ନାଏକଙ୍କ ଦୁଇ ବର୍ଷ ତଳେ ମୃତ୍ୟୁ ଘଟିଥିଲା। ତାଙ୍କର କେହି ସମ୍ପର୍କୀୟ ଲୋକ ନ ଥିବାରୁ ହେମ ଅସହାୟ ହୋଇପଡିଥିଲେ। ଫଳରେ ସେ ଲୋକଙ୍କୁ ମାଗି ଯାଚି ଚଳୁଥିଲେ। ହେଲେ ବର୍ଷାରେ ହେମଙ୍କ ଘର ଭୁଷୁଡି ପଡିଥିବାରୁ ଗାଁର ସ୍କୁଲ ବାରଣ୍ଡାରେ ଦିନ ବିତାଉଥିଲା। ଏନେଇ ସ୍ଥାନୀୟ ସରପଞ୍ଚ ଖବର ପାଇ ବିଡିଓ ପ୍ରଦୀପ ପଟ୍ଟନାୟକଙ୍କୁ ଘଟଣା ସଂକ୍ରାନ୍ତରେ ଜଣାଇଥିଲେ। ପରେ ପିଏ ରାଜେନ୍ଦ୍ର ଖମାରୀ, ବିଏସ୍ଏସ୍ଓ ସଂଗ୍ରାମ ମିଶ୍ର, ଏପିଓ ସୁଦାଷ ବେହେରା, ପିଇଓ ଦେବରାଜ ମାଝି ବୃଦ୍ଧା ହେମଙ୍କୁ ଉଦ୍ଧାର କରି ସାଲେପାଲି ବୃଦ୍ଧା ଆଶ୍ରମକୁ ପଠାଇଥିଲେ।

## ଛନଛଡା ଦୁର୍ଗାପୂଜା: ମହିଳାଙ୍କ କଳସ ଶୋଭାଯାତ୍ରା

**ଟିକ୍ରାପଡ଼ା,୪।୧୦(ଡି.ଏନ୍.ଏ.)**

ସଇଁନ୍ତଳା ବ୍ଲକ କରମତଲା ପଞ୍ଚାୟତ ଅଧୀନ ଛନଛଡା ଗ୍ରାମରେ ସାର୍ବଜାନୀନ ଦୁର୍ଗା ପୂଜା ଉପଲକ୍ଷେ ମହିଳାଙ୍କ କଳସ ଶୋଭାଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଛି। ଶତାଧିକ ମହିଳା ଲାନ୍ଥ ନଦୀରୁ କଳସରେ ପାଣି ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ପରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ଶିବ ପୁରୋହିତ, ସରୋଜ ପୁରୋହିତ, ରବି ପଢୀ, ଶଶାଙ୍କ ମହାନ୍ତି ପ୍ରମୁଖ ପୂଜା ଦାୟିତ୍ୱ ତୁଲାଉଛନ୍ତି। ବିକ୍ରମ ସିଂ ବୁଡେକ ଓ ତାଙ୍କ ସ୍ତ୍ରୀ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି। କମିଟି ସଭାପତି ଭାରତଭୂଷଣ ବୁଡେକ, ସମ୍ପାଦକ ପ୍ରଶାନ୍ତ ପୁଟେଲ, ସୁବ୍ରତ ବେହେରା, ଶିବୁ ଶର୍ମା, ମନଭନ ବାଗ, ଶରତ ବାଗ, ସିବ ବୁଡେକ, ଭିକ ପୂଜାରି, ବିମଲ ଶର୍ମା, ଅଜୟ ଶର୍ମା, ଉମେଶ ପୁରୋହିତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରୁଛନ୍ତି।



ସଇଁନ୍ତଳା ବ୍ଲକ ଛନଛଡାରେ ଦୁର୍ଗା ପୂଜା ଉପଲକ୍ଷେ ମହିଳାଙ୍କ କଳସ ଶୋଭାଯାତ୍ରା।

## ସମ୍ପତ୍ତି ବାଜ୍ୟାପ୍ତି ଲାଗି ଫେରାର ଅଭିଯୁକ୍ତଙ୍କ ଘରେ ଲାଗିଲା ନୋଟିସ

**ଲୋଇସିଂହା,୪।୧୦(ଡି.ଏନ.ଏ.)**

ଲୋଇସିଂହା ଜେଏମ୍ଏଫ୍‌ସିଙ୍କ ନିର୍ଦ୍ଦେଶ କ୍ରମେ ଲୋଇସିଂହା ପୋଲିସ ଶୁକ୍ରବାର ସାଲେଭଟା ଗ୍ରାମର ଫେରାର ଅଭିଯୁକ୍ତ ରଞ୍ଜନ ତାଣ୍ଡି ଓରଫ ଗୋପବନ୍ଧୁ ପାଇକଚନ୍ଦନଙ୍କ ଘରେ ସମ୍ପତ୍ତି ବାଜ୍ୟାପ୍ତି ଲାଗି ନୋଟିସ ଜାରି କରାଯାଇଛି। ଜାତୀୟ ସଂହତି ଉଲ୍ଲଂଘନ ଅଭିଯୋଗରେ ଅଭିଯୁକ୍ତଙ୍କ ବିରୋଧରେ କୋର୍ଟ ପକ୍ଷରୁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନୋଟିସର ୯୦ ଦିନ ମଧ୍ୟରେ ଲୋଇସିଂହା ଜେଏମ୍ଏଫସିଙ୍କ ନିକଟରେ ହାଜର ନ ହେଲେ ରଞ୍ଜନ ତାଣ୍ଡି ଓରଫ ଗୋପବନ୍ଧୁଙ୍କ ସମ୍ପତ୍ତି ବାଜ୍ୟାପ୍ତି କରାଯିବ ବୋଲି ନୋଟିସରେ ଉଲ୍ଲେଖ କରାଯାଇଛି। ପୋଲିସ ସୂଚନା ମୁତାବକ, ସାଲେଭଟା ଗ୍ରାମର ରଞ୍ଜନ ତାଣ୍ଡି ଓରଫ ଗୋପବନ୍ଧୁ ପାଇକଚନ୍ଦନଙ୍କ ବିରୋଧରେ ୩୮୬ ଆଇପିସି ଜିଆର୍୧୨୦/୨୦୦୩ରେ ଏକ ମାମଲା ରହିଛି। ହେଲେ ଅଭିଯୁକ୍ତ ଜଣକ ଫେରାର ଅଛନ୍ତି। ଏନେଇ ତାଙ୍କ ବିରୋଧରେ ଗିରଫ ପରୱାନା ଜାରି କରାଯାଇଛି। ଚଳିତ ମାସ ୧ ତାରିଖରେ ଲୋଇସିଂହା ଜେଏମଏଫସିଙ୍କ ନିକଟରେ ହଜାର ପାଇଁ ଅଗଷ୍ଟ ୨୦ରେ ନୋଟିସ ହୋଇଥିଲା। ହେଲେ ସେ କୋର୍ଟ ନୋଟିସକୁ ପ୍ରତ୍ୟାଖାନ କରି ଆସୁଛନ୍ତି। ଯାହାକି ଜାତୀୟ ସଂହତିର ଉଲ୍ଲଂଘନ ହୋଇଥିବାରୁ କୋର୍ଟ ପକ୍ଷରୁ ଫର୍ମ ୭ରେ ଅଭିଯୁକ୍ତଙ୍କ ଘରେ ସମ୍ପତ୍ତି ବାଜ୍ୟାପ୍ତି ନେଇ ନୋଟିସ ଜାରି କରିବାକୁ ଲୋଇସିଂହା ପୋଲିସକୁ ନିର୍ଦ୍ଦେଶ ଦିଆଯାଇଥିବା ଆଇଆଇସି ଲଳିତା ଲାକ୍ରା ପ୍ରକାଶ କରିଛନ୍ତି।

## ବ୍ଲୁମ୍ସ୍ କଂସେପ୍ଟ ସ୍କୁଲର ରୌପ୍ୟ ଜୟନ୍ତୀ ସମାରୋହ

**ବଲାଙ୍ଗୀର ଅଫିସ,୪।୧୦**

ବଲାଙ୍ଗୀର ବ୍ଲୁମ୍ସ୍ କଂସେପ୍ଟ ସ୍କୁଲର ରୌପ୍ୟ ଜୟନ୍ତୀ ସମାରୋହ ସେଞ୍ଚୁରିଆନ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଚେୟାରମେନ୍ ପ୍ରଦୀପ କୁମାର ଷଡଙ୍ଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ରୌପ୍ୟ ଜୟନ୍ତୀ ସମାରୋହରେ ମୁଖ୍ୟଅତିଥି ଭାବେ ବ୍ୟଙ୍ଗକବି ରସରାଜ ଅଚ୍ୟୁତ୍ ପୁରୋହିତ ଯୋଗ ଦେଇଥିଲେ। ତାଙ୍କ ବ୍ୟଙ୍ଗ କବିତା ଛାତ୍ରୀଛାତ୍ର, ଦର୍ଶକ ଓ ସ୍କୁଲ ଷ୍ଟାଫ୍‌ଙ୍କୁ ହସର ଖୋରାକ୍ ଯୋଗାଇଥିଲା। ଗୂଢ଼ କଥାକୁ ବ୍ୟଙ୍ଗ କବିତା ମାଧମରେ ଅତ୍ୟନ୍ତ ହାଲୁକା ଭାବେ ସେ ଉପସ୍ଥାପନ କରିଥିବାରୁ ଏହା ଦର୍ଶକଙ୍କୁ ଅଧିକ ରୁଚିକର ହୋଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନ ସଭାପତି ଡ.ବି.ଏନ୍. ମିଶ୍ର, ନିର୍ଦ୍ଦେଶିକା ମଞ୍ଜୁଶ୍ରୀ ମିଶ୍ର, ଅଧକ୍ଷା ସୁନନ୍ଦିନୀ ଗୁରୁ ମଞ୍ଚାସୀନ ଥିଲେ। ଶିକ୍ଷୟିତ୍ରୀ ରଶ୍ମି ଦାସ, ସୋନମ୍ ସାହୁ ସଭା କାର୍ଯ୍ୟ ସଂଯୋଜନା କରିଥିଲେ। ଏହି ଅବସରରେ ନିର୍ଦ୍ଦେଶକ ଷଡଙ୍ଗୀ ତାଙ୍କର ବକ୍ତବ୍ୟ ରଖି ଅଭିଭାବକମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଉପରେ ଅଧିକ ଚାପ ନ ଦେଇ ସେମାନଙ୍କ ଭବିଷ୍ୟତ ଲକ୍ଷ୍ୟ ସ୍ଥିର କରି ପାଠ ପଢାଇବାକୁ ସେ କହିଥିଲେ। ସଭାରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।




ବ୍ଲୁମ୍ସ୍ କଂସେପ୍ଟ ସ୍କୁଲର ରୌପ୍ୟ ଜୟନ୍ତୀ ସମାରୋହରେ ଉପସ୍ଥିତ ଅତିଥି।

## ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ଟିଟିଲାଗଡ଼,୪।୧୦(ଡି.ଏନ.ଏ.)**

ଟିଟିଲାଗଡ଼ ରେଳ ଷ୍ଟେଶନ ରାସ୍ତା ପୌର ପରିଷଦ ଛକ ନିକଟରୁ ପୋଲିସ ଶୁକ୍ରବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଛି। ହେଲେ ବ୍ୟକ୍ତିଙ୍କ ପରିଚୟ ଜଣାପଡି ନାହିଁ। ସୂଚନା ଯୋଗ୍ୟ, ପୌର ପରିଷଦ ଛକ ଏକ ପିଣ୍ଡାରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡିଥିବା ସ୍ଥାନୀୟ ଲୋକ ଦେଖି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଟିଟିଲାଗଡ଼ ଥାନା ଏସ୍ଆଇ ସାବିତ୍ରୀ ଖାକା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏନେଇ ଟିଟିଲାଗଡ଼ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ସର୍ଦ୍ଦାର ଘରେ ବନ୍ଧକ ଦାଦନ ଶ୍ରମିକ ମୃତ୍ୟୁ ଘଟଣା

## ଦୁଇ ଦାଦନ ସର୍ଦ୍ଦାର ଗିରଫ

**ବଲାଙ୍ଗୀର ଅଫିସ,୪।୧୦**

ଦାଦନ ସର୍ଦ୍ଦାରଙ୍କ ଘରେ ଜଣେ ଦାଦନ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାକୁ ନେଇ ବଲାଙ୍ଗୀର ସଦର ପୋଲିସ ୨ଜଣ ଦାଦନ ସର୍ଦ୍ଦାରଙ୍କୁ ଶୁକ୍ରବାର ଗିରଫ କରିଛି। ସେମାନେ ହେଲେ ବେଲପଡ଼ା ଥାନା ରେଙ୍ଗାଲୀ ଗାଁର କ୍ଷମାନିଧି ମେହେର (୪୨) ଓ ବଲାଙ୍ଗୀର ସଦର ଥାନା ସିନ୍‌ଖମନ ଗାଁର ଲକ୍ଷ୍ମୀନ୍ଦ୍ର ଓରଫ୍ ଫୁଲ କୁମ୍ଭାର (୩୨)। ଗିରଫ ଦୁଇ ଦାଦନ ସର୍ଦ୍ଦାରଙ୍କ ବିରୋଧରେ ଆଇପିସି ଧାରା ୩୪୨, ୧୬ ବଣ୍ଡେଡ୍ ଲେବର ଆବୋଲିଶନ୍ ଆକ୍ଟ ଏବଂ ସେକ୍ସନ୍ ୨୬ ଇଣ୍ଟର ଷ୍ଟେଟ୍ ମାଇଗ୍ରେସନ୍ ୱର୍କମେନ୍ (ରେଗୁଲେସନ୍ ଅଫ୍ ଆମ୍ପ୍ଲୋମେଣ୍ଟ ଆଣ୍ଡ କଣ୍ଡିସନ୍‌ସ ଅଫ୍ ସର୍ଭିସ୍) ଆକ୍ଟ ବଳରେ ସଦର ଥାନାରେ ଏକ ମାମଲା(ନଂ.୨୩୯/୨୦୧୯) ରୁଜୁ କରାଯାଇଥିଲା। ଦୁଇ ସର୍ଦ୍ଦାର ବେଆଇନ୍ ଭାବେ ବିନା ପଞ୍ଜୀକରଣରେ ବରଗଡ଼ ଜିଲା ଭୁବନପାଲି ଗାଁରୁ ୯ଜଣ ଦାଦନ ଶ୍ରମିକଙ୍କୁ ରାଜ୍ୟ ବାହାରକୁ ଚାଲାଣ ଉଦ୍ଦେଶ୍ୟରେ ଆଣିଥିଲେ। ସମସ୍ତ ଶ୍ରମିକଙ୍କୁ ସିନ୍‌ଖମନ ଗାଁର ସର୍ଦ୍ଦାର ଲକ୍ଷ୍ମୀନ୍ଦ୍ରଙ୍କ ଘରେ ରଖି ସେମାନଙ୍କ ମଧ୍ୟରୁ ୬ ଜଣଙ୍କୁ ତେଲେଙ୍ଗାନା ପଠାଇ ଦେଇଥିଲେ। ଅନ୍ୟ ୩ଜଣ ଶ୍ରମିକଙ୍କୁ ବେଆଇନ୍ ଭାବେ ସିନ୍‌ଖମନ ଗାଁର ଲକ୍ଷ୍ମୀନ୍ଦ୍ରଙ୍କ ଘରେ ଅଟକ ରଖାଯାଇଥିଲା। ତେଲେଙ୍ଗାନାର କାର୍ଯ୍ୟସ୍ଥଳୀରେ ଶ୍ରମିକମାନେ ପହଞ୍ଚିଲା ପରେ ଯାଇ ପାଉଣା ଦିଆଯିବ ବୋଲି ସର୍ଦ୍ଦାର କହିଥିଲେ। ତେବେ ଗତ ୩୦ ତାରିଖରେ ସିନ୍‌କମନ ଗାଁରେ ଅଟକ ଥିବା ଶ୍ରମିକ କେନାଲୁ ମଲ୍ଲିକ(୭୫)ଙ୍କ ମୃତ୍ୟୁ ହୋଇଯାଇଥିଲା। ଅସୁସ୍ଥ ଶ୍ରମିକ କେନାଲୁଙ୍କୁ ଚିକିତ୍ସା କରା ନ ଯାଇ ତାଙ୍କୁ ଅଟକ ରଖାଯାଇଥିବା ଓ ପୋଲିସକୁ ଚକ୍‌ମା ଦେଇ ତାଙ୍କ ମୃତଦେହକୁ ସିନ୍‌ଖମନରୁ ତାଙ୍କ ଗାଁ ଭୁବନପାଲିକୁ ନିଆଯାଇଥିବା ଜଣାପଡିଥିଲା। ଏହି ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପୋଲିସ ତଦନ୍ତ ଆରମ୍ଭ ହୋଇଥିଲା। ଗିରଫ୍ ଦୁଇ ଦାଦନ ସର୍ଦ୍ଦାର ମୃତ ଶ୍ରମିକ କେନାଲୁଙ୍କ ସ୍ତ୍ରୀ ଓ ଝିଅଙ୍କୁ ବେଆଇନ୍ ଭାବେ ତେଲେଙ୍ଗାନା ପଠାଇ ଦିଆଯାଇଥିବା ଜଣାପଡିଛି।



ବଲାଙ୍ଗୀର ରିଜର୍ଭ ପୋଲିସ ପକ୍ଷରୁ ଦୁର୍ଗା ପୂଜା ଅବସରରେ କଳସ ଶୋଭାଯାତ୍ରା କରାଯାଉଛି। (ଫଟୋ-ସୁନୀଲ)

## ସଞ୍ଜୀବ ପାଣିଗ୍ରାହୀ ହାଇକୋର୍ଟ ଜଜ୍ ମନୋନୀତ

**ବଲାଙ୍ଗୀର ଅଫିସ,୪।୧୦**

ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ତଥା ବଲାଙ୍ଗୀର ଜିଲା ସଦର ବ୍ଲକ ଅନ୍ତର୍ଗତ ବାରପୁଟୁଗିଆ ଗାଁର ସଞ୍ଜୀବ ପାଣିଗ୍ରାହୀ ଓଡ଼ିଶା ହାଇକୋର୍ଟର ବିଚାରପତି ଭାବେ ମନୋନୀତ ହୋଇଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ଜିଲାରେ ଖୁସି ପ୍ରକାଶ ପାଇଛି। ବହୁ ଆଇନଜୀବୀ ଓ ଜନସାଧାରଣ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ବଲାଙ୍ଗୀର ନାଗରିକ କମିଟି ପକ୍ଷରୁ ସାଧାରଣ ସମ୍ପାଦକ ବିଷ୍ଣୁପ୍ରସାଦ କେଡିଆ ବିଚାରପତି ପାଣିଗ୍ରାହୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ସିଏନ୍‌ସି କଲେଜରେ ୟୁଥ୍ ପାର୍ଲାମେଣ୍ଟ କାର୍ଯ୍ୟକ୍ରମ

# ଶାସକ ଦଳ ଉପରେ ଭାରି ପଡ଼ିଲେ ବିରୋଧୀ

**ବଲାଙ୍ଗୀର ଅଫିସ,୪।୧୦**

ଦେଶର ପାର୍ଲାମେଣ୍ଟରେ ଶାସକ ଦଳର ସ୍ଥିତି ଖୁବ୍ ମଜବୁତ୍ ରହିଛି। ସଂଖ୍ୟାଗରିଷ୍ଠ ଶାସକ ଦଳକୁ ବିରୋଧୀଦଳ ଘେରି ପାରୁନାହିଁ। ପରିସ୍ଥିତି ଏଭଳି ହୋଇଛି ଯେ ବାସ୍ତବ କ୍ଷେତ୍ରରେ ଶାସକ ଦଳ ବିରୋଧୀଦଳକୁ ଏକ ପ୍ରକାର ଚାପରେ ରଖିଥିବା ଦେଖାଯାଉଛି। ମାତ୍ର ସିଏନ୍‌ସି କଲେଜ ପକ୍ଷରୁ ଆୟୋଜିତ ୟୁଥ୍ ପାର୍ଲାମେଣ୍ଟ କାର୍ଯ୍ୟକ୍ରମରେ ଶାସକ ଦଳ ଉପରେ ବିରୋଧୀ ଦଳ ଭାରି ପଡ଼ିଥିବା ଦେଖାଯାଇଛି। ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମକୁ ସମାଲୋଚନା କରି ବିରୋଧୀ ଦଳ ଶାସକ ଦଳର ଉପଲବ୍ଧି ସବୁକୁ ପ୍ରଶ୍ନ ଘେରକୁ ନେଇଆସିଥିବା ଦେଖାଯାଇଥିଲା। ସିଏନ୍‌ସି କଲେଜର ୟୁଥ୍ ପାର୍ଲାମେଣ୍ଟ କାର୍ଯ୍ୟକ୍ରମ ବେଶ୍ ରୋମାଞ୍ଚକର ହେବା ସହ ଏଥିରେ ଶାସକ ଦଳର ନେତା ପ୍ରଧାନମନ୍ତ୍ରୀ ଓ ବିରୋଧୀଦଳ ନେତା, ବିଭିନ୍ନ ମନ୍ତ୍ରଣାଳୟର ମନ୍ତ୍ରୀ ଓ ବିରୋଧୀ ଦଳ ସଦସ୍ୟ ମୁହାଁମୁହିଁ ହେବା ଘଟଣା ବେଶ୍ ଆମୋଦଦାୟକ ଓ ଶିକ୍ଷଣୀୟ ହୋଇପାରିଥିଲା। କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ଏଭଳି ୟୁଥ୍ ପାର୍ଲାମେଣ୍ଟ କାର୍ଯ୍ୟକ୍ରମର ବାସ୍ତବରେ ଆଗାମୀ ପିଢ଼ି ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଥିଲା। ଇଜ୍ ଦି ଆଇଡିଆ ଅଫ୍ ନିଉ ଇଣ୍ଡିଆ ଇନ୍ ଡେଞ୍ଜର ଶୀର୍ଷକ ବିଷୟକୁ ନେଇ ଆୟୋଜିତ ଏହି ୟୁଥ୍ ପାର୍ଲାମେଣ୍ଟରେ ସିଏନ୍‌ସି କଲେଜର ଯୁକ୍ତତିନି ଓ ଯୁକ୍ତଦୁଇ ଶ୍ରେଣୀ ଛାତ୍ରୀଛାତ୍ର ଭାଗ ନେଇଥିଲେ। ବାଚସ୍ପତି ଭାବେ ଆଡଭୋକେଟ୍ ପ୍ରମୋଦ କୁମାର ମିଶ୍ର ଯୋଗଦେଇ ୟୁଥ୍ ପାର୍ଲାମେଣ୍ଟର ଅଧିବେଶନ ପରିଚାଳନା କରିଥିଲେ। ଶାସକ ଓ ବିରୋଧୀ ଦୁଇ ଦଳରେ ଛାତ୍ରୀଛାତ୍ରମାନେ ବିଭକ୍ତ ହୋଇଥିଲେ। ଶାସକ ଦଳରେ କଲେଜର ପୁରାତନ ଛାତ୍ର ବିନାୟକ ମିଶ୍ର ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ଅନ୍ୟ ଛାତ୍ରୀଛାତ୍ରମାନେ ବିଭିନ୍ନ ମନ୍ତ୍ରଣାଳୟର ମନ୍ତ୍ରୀ ଓ ପାର୍ଲାମେଣ୍ଟ ସଦସ୍ୟ ଭାବେ ରହିଥିଲେ। ବିରୋଧୀ ଦଳରେ କଲେଜର ପୁରାତନ ଛାତ୍ର ବ୍ୟାସଦେବ ନନ୍ଦ ବିରୋଧୀଦଳ ନେତା ଭାବେ ଦାୟିତ୍ୱ ତୁଲାଇଥିଲେ। ଅନ୍ୟ ଛାତ୍ରୀଛାତ୍ରମାନେ ସଦସ୍ୟ ଭାବେ ଯୋଗ ଦେଇଥିଲେ। ଶାସକ ଦଳ ପକ୍ଷରୁ ବିଗତ ୫ ବର୍ଷର ଉପଲବ୍ଧି, ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା, ଚଳିତ ସରକାରର ଉପଲବ୍ଧି, ଜାମ୍ମୁ ଓ କାଶ୍ମୀରରୁ ୩୭୦ ଓ ୩୫- ଏ ଧାରା ଉଚ୍ଛେଦ ବିଷୟରେ କହିଥିଲେ। ସରକାରଙ୍କ ପଦକ୍ଷେପ ଯୋଗୁ ଆନ୍ତର୍ଜାତିକସ୍ତରରେ ଦେଶର ସୁନାମ ଆସିବା ସହ ଆର୍ଥିକ ଦିଗରୁ ଅଗ୍ରଗତି କରୁଥିବା ସୂଚନା ଦେଇଥିଲେ। ଆର୍ଥିକ ସଂସ୍କାର ଓ କଳାଧନ ଆଣିବା ପାଇଁ ବିମୁଦ୍ରୀକରଣ, ଜିଏସ୍‌ଟି ଲାଗୁ ଭଳି ପଦକ୍ଷେପ ବିଷୟରେ କହି ବିଗତ ଦିନର ସରକାରକୁ କଡା ସମାଲୋଚନା କରିଥିଲେ। ଏହାର ଜବାବ୍‌ରେ ବିରୋଧୀ ଦଳ ସରକାରକୁ ଏକ ପ୍ରଚାର ସର୍ବସ୍ୱ ସରକାର କହି କେବ, ମିଥ୍ୟା ପ୍ରଚାର କରି ଦେଶର ଚରମ ଅଧୋଗତି କରିସାରିଛି ବୋଲି କହିଥିଲେ। ବିମୁଦ୍ରୀକରଣ ଯୋଗୁ ଦେଶର ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଥିବାବେଳେ କଳାଧନ ବିଦେଶରୁ ଆସିନାହିଁ ବୋଲି କହିଥିଲେ। ୩୭୦ ଓ ୩୫ ଏ ଧାରା ଉଚ୍ଛେଦକୁ ନେଇ ଡିଣ୍ଡିମି ପିଟୁଥିବା ସରକାର ଦୁଇ ମାସ ହେଲା କାଶ୍ମୀରରେ କାହିଁକି ପୋଲିସ ଛାଉଣୀ କରିଛି ବୋଲି ପ୍ରଶ୍ନ କରିଥିଲେ। ସ୍ୱଚ୍ଛତା ଅଭିଯାନ, ଉଜ୍ଜ୍ୱଳା ଯୋଜନା, ଧନ୍‌ଜନ୍ ଯୋଜନା ଭଳି ଅନେକ ଯୋଜନା ଫେଲ ମାରିଛି ବୋଲି କହିଥିଲେ। ପାଇଖାନା ତିଆରିକୁ ନେଇ ବିରୋଧୀ ଦଳ ସଦସ୍ୟଙ୍କ ଟାର୍ଗେଟ ବେଶ୍ ରୋମାଞ୍ଚକର ହୋଇଥିଲା। କାର୍ଯ୍ୟକ୍ରମରେ କଲେଜର ଦୁଇ ଡାଇରେକ୍ଟର ଆଶୁତୋଷ ପୁରୋହିତ ଓ ପ୍ରଦୀପ ସାହୁଙ୍କ ସମେତ ବହୁ ବୁଦ୍ଧିଜୀବୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।




ସିଏନ୍‌ସି କଲେଜରେ ଆୟୋଜିତ ୟୁଥ୍ ପାର୍ଲାମେଣ୍ଟ।



ସୁରକ୍ଷିତ ଯୌନସମ୍ପର୍କ ଲାଗି ପିତାମାତା ପିଲାଙ୍କୁ ଉତ୍ସାହିତ କରିବା ଉଚିତ।
କଙ୍ଗନା ରାଣାଓ୍ବତ୍, ବଲିଉଡ୍ ଅଭିନେତ୍ରୀ

## ସଂକ୍ଷେପରେ

### ପତଞ୍ଜଳି ଯୋଗ ସମିତି ପକ୍ଷରୁ ସ୍ବଚ୍ଛତା କାର୍ଯ୍ୟକ୍ରମ

ସୁନ୍ଦରଗଡ଼, ୪।୧୦ (ଡି.ଏନ୍.ଏ) ପତଞ୍ଜଳି ଯୋଗସମିତି ଓ ସୁନ୍ଦରଗଡ କ୍ଲବ ତରଫରୁ ସ୍ଥାନୀୟ ଭବନୀ ଭବନ ପଡିଆଠାରେ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପତଞ୍ଜଳି ଯୋଗସମିତି ଓ ସୁନ୍ଦରଗଡ କ୍ଲବର ବନମାଳୀ ନାଏକ, ଶଙ୍କର ଅଗ୍ରୱାଲ, ଜୟପ୍ରକାଶ ସାହୁ, ଗୋବିନ୍ଦ ବିଶ୍ୱାଳ, ଯୋଗଜନ୍ମା ପଟେଲ, ବାସନ୍ତୀ ପଟେଲଙ୍କ ସମେତ କ୍ଲବର ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ଏଥିସହିତ ପଡିଆର ଚାରିପାର୍ଶ୍ୱରେ ବୃକ୍ଷ ରୋପଣ କରିଥିଲେ।

### ବାଇକରୁ ପଡ଼ି ଯୁବକଙ୍କ ମୃତ୍ୟୁ

ବଡଗାଁ, ୪।୧୦ (ଡି.ଏନ.ଏ)- ବଡଗାଁ ଥାନା ଏକମା ନିକଟ ବାଦୁଲପାନୀରୁ ବିରିମୁଣ୍ଡା ଗାଁ ମଝିରେ ଥିବା ଘାଟି ତଳକୁ ବାଇକ ଖସି ଯିବାରୁ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୁତ୍ରା ଥାନା କଟଙ୍ଗଝରିଆ ଗ୍ରାମର ସୀତାରାମ ସିଂ (୨୩)। ଗୁରୁବାର ସେ ବାଦୁଲପାନୀ ଗ୍ରାମରେ ଥିବା ସମ୍ପର୍କିୟଙ୍କ ଘରକୁ ଆସିଥିଲେ । ସନ୍ଧ୍ୟାରେ ଘରକୁ ଫେରିବା ବେଳେ ନିୟନ୍ତ୍ରଣ ହରାଇ ଘାଟି ତଳକୁ ଖସିପଡିଥିଲେ। ଆହତ ଅବସ୍ଥାରେ ରାତିସାରା ପଡି ରହିଥିଲେ । ଶୁକ୍ରବାର ପୂର୍ବାହ୍ନ ୮ଟାରେ ଲୋକେ ଦେଖି ପୋଲିସକୁ ସୂଚନା ଦେଇଥିଲେ।

### ମହିଳା ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

ଟେନସା, ୪।୧୦ (ଡି.ଏନ.ଏ)- ଅଡାଘାଟ ଖଣି ତରଫରୁ ଏକ ମହିଳା ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଅଡାଘାଟ, ଯୋଡିପଦା, ଗୋପିସାହି ଗ୍ରାମରୁ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ମହିଳା ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଅଂଶଗ୍ରହଣ କରିଥିବା ମହିଳାମାନଙ୍କୁ ସାନଟାରୀ ନାପକିନ୍‌ର ବ୍ୟବହାର ସମ୍ବନ୍ଧରେ ସଚେତନତା କରାଯାଇ ନାପକିନ୍‌ଗୁଡିକୁ ମହିଳାମାନଙ୍କୁ ବଣ୍ଟନ କରାଯାଇଥିଲା। ଏହା ସହିତ ମହିଳାମାନଙ୍କୁ ଶିଶୁର ଯତ୍ନ, ସ୍ତନ୍ୟପାନ, ପରିଷ୍କାର ପରିଚ୍ଛନ୍ନତା ଉଚିତ ସମୟରେ ଟିକାକରଣ ସମ୍ବନ୍ଧରେ ଅବଗତ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରତିମା ବାରା, ଷ୍ଟାଫ ନର୍ସ ଏବଂ ଅଙ୍ଗନୱାଡି କର୍ମୀ ଓ ଆଶାକର୍ମୀ ମହିଳାମାନଙ୍କୁ ସଚେତନ କରାଇଥିଲେ । ଏହି କାର୍ଯ୍ୟକ୍ରମକୁ ଅଡାଘାଟ ଖଣି ତରଫରୁ ଅଞ୍ଜନ କୁମାର ଲେଙ୍କା ପରିଚାଳନା କରିଥିଲେ। ସମିରଞ୍ଜନ ଦାସ, ରାମେଶ୍ୱର ପାଇକରାୟ, ସୁରେନ୍ଦ୍ର ଯୋଗୀ, ଅରୁଣ କୁମାର ବାଲା, ଶିବାଜୀ ମହାନ୍ତ, ମନୋଜ ପାତ୍ର, ଦଇତାରୀ ଦାସ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ସଫେଇ ନଦୀ ଅସୁରକ୍ଷିତ

■ ଖଣ୍ଡି ଖାଉଥିବା ସ୍ଥାନରୁ ବାଲି ଉଠାଣକୁ ବିରୋଧ
■ କାର୍ଯ୍ୟାନୁଷ୍ଠାନ ଲାଗି ଜନସାଧାରଣଙ୍କ ଦାବି

ବଡ଼ଗାଁ, ୪।୧୦ (ଡି.ଏନ.ଏ)

ବଡ଼ଗାଁ ବ୍ଲକର ଡୁଡାଲଗା, ଫୁଲବାରୀ ଓ ଭୋଇପାଲି ପଞ୍ଚାୟତର କେତେକ ଗ୍ରାମ ନିକଟ ଦେଇ ପ୍ରବାହିତ ସଫେଇ ନଦୀର ସୁରକ୍ଷା, ରକ୍ଷଣାବେକ୍ଷଣ କରାଯାଉ ନ ଥିବାରୁ ନଦୀ ତାର ପୂର୍ବ ସ୍ଥିତି ହରାଇ ବସିଥିଲା ବେଳେ ନଦୀର ଖଣ୍ଡି ଖାଇଥିବା ସ୍ଥାନରୁ ବାଲି ଉଠାଣ ଯୋଗୁ ନଦୀ କ୍ଷତିଗ୍ରସ୍ତ ହୋଇଚାଲିଛି। ଏହାକୁ ଗ୍ରାମବାସୀ ବିରୋଧ କଲେ ବାଲି ଚୋରା ଚାଲାଣକାରୀମାନେ ନାଲି ଆଖି ଦେଖାଉଛନ୍ତି। ସୂଚନାନୁଯାୟୀ, ଫୁଲବାରୀ ପଞ୍ଚାୟତର କୁରେଇବଗା ଗାଁ ନିକଟ ନଦୀରେ ୨ ବର୍ଷ ପୂର୍ବେ ପୋଲ ନିର୍ମାଣ କରାଯାଇଛି । ପୋଲ ପାର୍ଶ୍ୱ ନଦୀ ଖଣ୍ଡି ବର୍ଷାରେ ଧସି ଯାଉଥିବାରୁ ଏହାର ସୁରକ୍ଷା ପାଇଁ କାମ କରାଯିବା ଆବଶ୍ୟକ। ହେଲେ ଏ ଦିଗରେ କାମ କରାଯାଉ ନଥିଲା ବେଳେ ଖଣ୍ଡିରୁ ଦୈନନ୍ଦିନ ବାଲି ଉଠାଣ କରାଯାଉଛି। ଫଳରେ ପୋଲକୁ ପାର୍ଶ୍ୱ ମାଟି କ୍ଷୟହୋଇ କ୍ଷତି ଘଟାଇବା ଆଶଙ୍କା ରହୁଛି। ଦୈନନ୍ଦିନ ବାଲି ଉଠାଣ ହେଉଥିଲେ ମଧ୍ୟ ରାଜସ୍ୱ ବିଭାଗ କର୍ମଚାରୀମାନେ ଆଖି ବନ୍ଦ କରି ଦେଇଥିବାରୁ କିମ୍ବା ବାଲି ଚୋରା ଚାଲାଣକାରୀଙ୍କ ପ୍ରତି ଅନୁକମ୍ପା କାରଣରୁ ନିରବଦ୍ରଷ୍ଟା ସାଜିଛନ୍ତି। ଏହି ସବୁ କେତେକ କାରଣରୁ ନଦୀ ମୃତ୍ୟୁ ମୁହଁକୁ ଠେଲି ହୋଇଯାଇଛି। ଉଲ୍ଲେଖଯୋଗ୍ୟ ଯେ, ୩୦ ବର୍ଷ ପୂର୍ବେ ନଦୀର ଜଳଧାରଣ କ୍ଷମତା ବଢ଼ାଇବା, ନଦୀ କ୍ଷତିଗ୍ରସ୍ତ ନ ହେବା ପାଇଁ ପାର୍ଶ୍ୱରେ ବୃକ୍ଷ, ଗୁଳ୍ମ ରୋପଣ କରାଯାଉଥିଲା । ଦୀର୍ଘ ବର୍ଷ ହେଲା ନଦୀର ସୁରକ୍ଷା ପ୍ରତି ଆଖି ବୁଜି ଦିଆଯାଇଛି। ଏଭଳି ପରିସ୍ଥିତିରେ ନଦୀର ସୁରକ୍ଷାକୁ ଗୁରୁତ୍ୱ ନ ଦେଇ ନଦୀରେ ବିଭିନ୍ନ ପ୍ରକଳ୍ପ କରାଯାଉଛି । ନଦୀର ସୁରକ୍ଷାକୁ ଦୃଷ୍ଟିରେ ରଖି ଖଣ୍ଡି ଖାଇଥିବା ସ୍ଥାନରୁ ବାଲି ଉଠାଣ ବନ୍ଦ କରିବା ଓ ଚୋରା ଚାଲାଣକାରୀଙ୍କ ଉପରେ ରାଜସ୍ୱ ବିଭାଗ ଅଙ୍କୁଶ ଲଗାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନସାଧାରଣରେ ଦାବି ହେଉଛି ।



କୁରେଇବଗା ନିକଟ ଖଣ୍ଡି ଖାଇଥିବା ସଫେଇ ନଦୀରୁ ବାଲି ଉଠାଣ ହେଉଛି।

# ବଡ଼ଗାଁ ଯୁକ୍ତ ୨ କଲେଜରେ ଚାରା ରୋପଣ

ବଡ଼ଗାଁ, ୪।୧୦ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ସ୍ଥିତ ପଞ୍ଚାୟତ ସମିତି ଯୁକ୍ତ ୨ କଲେଜରେ ବୁଧବାର ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି । ସକାଳୁ ପ୍ରଭାତ ଫେରି ପରେ କଲେଜ ପରିସରରୁ ପ୍ଲାଷ୍ଟିକ ଜରି ଗୋଟାଇ ସଫା କରାଯାଇଥିଲା ଓ ୨୫ଟି ବୃକ୍ଷ ଚାରା କଲେଜ ପରିସରରେ ଲଗାଯାଇଥିଲା। ଏହାପରେ ଗାନ୍ଧୀଜୀଙ୍କ ସ୍ମୃତିରେ ଫଟୋଚିତ୍ର ପ୍ରଦର୍ଶନୀ ହୋଇଥିଲା। ଏହାକୁ କଲେଜ ଅଧ୍ୟକ୍ଷ ସୁଶାନ୍ତ କୁମାର ଚୌଧୁରୀ ଉନ୍ମୋଚନ କରିଥିଲେ । ପ୍ରଦର୍ଶନୀରେ ୮୦ଟି ଚିତ୍ର ସ୍ଥାନିତ ହୋଇଥିଲା । କଲେଜର ସଂସ୍କୃତିକ ବିଭାଗ ପକ୍ଷରୁ ଗାନ୍ଧୀଜୀ ଓ ଲାଲବାହାଦୁର ଶାସ୍ତ୍ରୀଙ୍କ ଜନ୍ମ ଦିବସ ପାଳନ କରାଯାଇଥିଲା । ପ୍ରାଧ୍ୟାପିକା ନଳିନୀପ୍ରଭା ପଟେଲ, ଅଧ୍ୟାପକ ଡ. ଅରୁଣ କୁମାର ପୂଜାରୀ, ଡ. ସୁପ୍ରିୟା ପାଳ, ଅଧ୍ୟାପକ ଧୂଳେଶ୍ୱର ସାହୁ, ଗାନ୍ଧୀଙ୍କ ନୀତି ଆଦର୍ଶ ଓ ସ୍ୱାଧୀନତା ସଂଗ୍ରାମରେ ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।



ବୃକ୍ଷ ଚାରା କଲେଜ ପରିସରରେ ରୋପଣ ପାଇଁ ନିଆଯାଉଛି।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

ଲେଫ୍ରିପଡା,୪।୧୦(ଡି.ଏନ.ଏ)

ଲେଫ୍ରିପଡା ବ୍ଲକ୍ ଝୁରିମାଲଠାରେ ବିଜେଡି ଜନସମ୍ପର୍କ ପଦଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ସଦର ବିଧାୟକ ଯୋଗେଶ କୁମାର ସିଂ ଯୋଗଦାନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶ ଏବଂ ସ୍ୱଚ୍ଛ ଶାସନ ସମ୍ପର୍କରେ କହିଥିଲେ। ସମଗ୍ର ଦେଶରେ ଜଣେ ଶ୍ରେଷ୍ଠ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଭାବେ ସେ ପରିଚୟ ସୃଷ୍ଟି କରିପାରିଛନ୍ତି। ବିଜୁ ଜନତା ଦଳକୁ ଆହୁରି ସକ୍ରିୟ ଏବଂ ସୁଦୃଢ଼ କରିବା ପାଇଁ ରାଜ୍ୟ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତିଙ୍କ ଆହ୍ୱାନ କ୍ରମେ ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମ ଏବଂ ଜନସମ୍ପର୍କ ପଦଯାତ୍ରା ଆରମ୍ଭ କରାଯାଇଛି। ଅଞ୍ଚଳର ବିକାଶ ପାଇଁ ନବୀନଙ୍କ ହାତମୁଠାକୁ ଟାଣ କରିବା ପାଇଁ ଆହ୍ୱାନ କରିଥଲେ। ପ୍ରାରମ୍ଭରେ ଅଉଁଲାବାହାଲ ଠାରୁ ଝୁରିମାଲ ପର୍ଯ୍ୟନ୍ତ ବିଜେଡି କର୍ମୀ ଏବଂ ନେତୃମଣ୍ଡଳୀ ପଦଯାତ୍ରା କରିଥିଲେ। ପରେ ଝୁରିମାଲ ଠାରେ ଏକ ବୈଠକ ଆୟୋଜନ କରାଯାଇଥିଲା। ଏଥିରେ ସ୍ଥାନୀୟ ବିଜେଡି ନେତା ରବିରତ୍ନ ମାଝୀ ସଭାପତିତ୍ୱ କରିଥିଲେ। ବୈଠକରେ ପୂର୍ବତନ ଜିଲାପରିଷଦ ସଭ୍ୟା ରୀନା ମାଝୀ, ରାଏଡିହି ସରପଞ୍ଚ ବୁଦ୍ଧେଶ୍ୱରୀ ମାଝୀ, ଦିଲୀପ କୁମାର ସାହୁ, ଅମରମଣୀ ଉପାଧ୍ୟାୟ, ଉମେଶ ଚନ୍ଦ୍ର ପଟେଲ ପ୍ରମୁଖ ନେତୃମଣ୍ଡଳୀ ଯୋଗଦାନ କରି ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିଥଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ମହିଳା ପୁରୁଷ ଯୋଗଦାନ କରି ସଦସ୍ୟତା ଗ୍ରହଣ କରିଥିଲେ।



ବିଜେଡି ଜନସମ୍ପର୍କ ପଦଯାତ୍ରା ଅବସରରେ ପୂର୍ବତନ ବିଧାୟକ ଯୋଗେଶ ସିଂ ଉଦ୍‌ବୋଧନ ଦେଉଛନ୍ତି।

# ସରକାରୀ ମହାବିଦ୍ୟାଳୟରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

ସୁନ୍ଦରଗଡ଼, ୪।୧୦ (ଡି.ଏନ୍.ଏ)

ସ୍ଥାନୀୟ ସରକାରୀ ମହାବିଦ୍ୟାଳୟରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହେବା ସହ ଏହି ଅବସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ହୋଇଥିଲା। ମହାବିଦ୍ୟାଳୟ ସମ୍ମୁଖ ମୁଖ୍ୟ ରାସ୍ତାପାର୍ଶ୍ୱ, ଷ୍ଟାଡିୟମ ଓ ସ୍ଥାନୀୟ ଅଞ୍ଚଳକୁ ସଫା କରିବା ସହ ଛାତ୍ରୀଛାତ୍ର ଲୋକଙ୍କୁ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ସମ୍ପର୍କରେ ସଚେତନ କରିଥିଲେ। ଏହା ପରେ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷଠାରେ ଆୟୋଜିତ ସଭାରେ ଅଧ୍ୟକ୍ଷ ଡ. କିଶୋର କୁମାର ଦାଶ, ପ୍ରାଧ୍ୟାପକ ଡ. ରାଧେଶ୍ୟାମ ଓତା, ପ୍ରାଧ୍ୟାପିକା ଡ. ଜୟଶ୍ରୀ ଶୁକ୍ଳା ପ୍ରମୁଖ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ନୀତିଆଦର୍ଶ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶାନ୍ତନୁ କୁମାର ମହାପାତ୍ର ଓ ଗୋକୁଳ ମୋହନ ପଟେଲ ଦେଶାତ୍ମବୋଧ ସଙ୍ଗୀତ ପରିବେଷଣ କରିଥିଲେ। ଗାନ୍ଧୀ ଜୟନ୍ତୀ ଓ ସ୍ୱଚ୍ଛ ଭାରତ ସମ୍ପର୍କୀତ ଏକ କୁଇଜ୍ ପ୍ରତିଯୋଗିତା ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆୟୋଜନ କରାଯାଇ ସେମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ଆଜେଲିନା କିଣ୍ଡୋ, ଅଧ୍ୟାପକ ଆର୍ଯ୍ୟ ବିଭାସ କୁମାର ଓ ସରୋଜ କୁମାର ପୂଜାରୀ, ପ୍ରଦୀପ ବହିଦାର ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଜିଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ

ସୁନ୍ଦରଗଡ଼, ୪।୧୦ (ଡି.ଏନ୍.ଏ )

ବନ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ବିକାଶ ଭବନ ଠାରେ ୬୫ତମ ଜିଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ଜିଲାପାଳ ନିଖିଲ ପବନ କଲ୍ୟାଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବନ୍ୟପ୍ରାଣୀ ସମ୍ପଦର ସୁରକ୍ଷା ଦିଗରେ ସମସ୍ତଙ୍କର ସମ୍ମିଳିତ ଉଦ୍ୟମ ସମ୍ପର୍କରେ ଗୁରୁତ୍ୱ ଦେଇଥିଲେ। ଅତିରିକ୍ତ ଜିଲାପାଳ ନୃସିଂହଚରଣ ସ୍ୱାଇଁ ମହୁମାଛି , କଇଁଛ ଓ ସାପ କିପରି ମନୁଷ୍ୟର ଉପକାରୀ ସେ ସମ୍ପର୍କରେ ବୁଝାଇଥିଲେ । ଡିଏଫ୍‌ଓ ଅରୁଣ କୁମାର ମିଶ୍ର ବନ୍ୟପ୍ରାଣୀଙ୍କ ସୁରକ୍ଷା ଓ ବଂଶବୃଦ୍ଧି ଉପରେ ବୃତ୍ତଚିତ୍ର ମାଧ୍ୟମରେ ବୁଝାଇଥିଲେ। ବନ୍ୟପ୍ରାଣୀଗୁଡିକର ପରିବେଶ ସନ୍ତୁଳନ ରକ୍ଷା କରିବା ଦିଗରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ, ଏନ୍‌ଟିପିସିର ଜେନେରାଲ ମ୍ୟାନେଜର ଏସ.କେ ରାୟ, ସୁରେଶ ମାଳୀ, ସହକାରୀ ବନସଂରକ୍ଷକ ଦିବାକର ବେହେରା, ଅବସରପ୍ରାପ୍ତ ପ୍ରଫେସର ଡ. ଆଶୁତୋଷ ନାଏକ ଓ ଜିଲାଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ଦୟାନିଧି ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଚଳିତବର୍ଷ ବନ୍ୟପ୍ରାଣୀ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସୁରକ୍ଷା ପୁରସ୍କାର ୨୦୧୯ ପାଇଁ ପାନପୋଷ ଉପଖଣ୍ଡର କନର ସୁନା, ବଣାଇଁ ବନଖଣ୍ଡର ପ୍ରଶାନ୍ତ ତିର୍କୀ, ସୁନ୍ଦରଗଡ ବନଖଣ୍ଡର ରବୀନ୍ଦ୍ର କୁମାର ପଟେଲଙ୍କୁ ମାନପତ୍ର ସହ ୫ହଜାର ଟଙ୍କା ଲେଖାଏଁ ଅର୍ଥରାଶି ପ୍ରଦାନ କରାଯାଇଥିଲା। ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅବସରପ୍ରାପ୍ତ ପ୍ରଫେସର ଡ. ଆଶୁତୋଷ ନାଏକ, ଇକୋ କ୍ଲବ ମାଷ୍ଟର ଟ୍ରେନର ଭାବେ ଶିକ୍ଷକ ସୁଧାଂଶୁ କୁମାର ଚୌଧୁରୀ, ଶିକ୍ଷକ ଅଶୋକ କୁମାର ପରିଡାଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା।



ଜିଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ମଞ୍ଚାସୀନ ଅତିଥି।

# ୟୁବିଆଇରେ ଅଣଓଡ଼ିଆ କର୍ମଚାରୀଙ୍କ ଯୋଗୁ ବଢ଼ୁଛି ଅଡୁଆ

ହେମଗିର, ୪।୧୦ (ଡି.ଏନ.ଏ.)

ଓଡ଼ିଶାରେ ପ୍ରତ୍ୟେକ ସରକାରୀ ତଥା ବେସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷା ପ୍ରଚଳନ ପାଇଁ ସରକାର ଆଇନ ପ୍ରଣୟନ କଲେ। କାରଣ ଲେଖାପଢ଼ା କଥାବାର୍ତ୍ତାରେ ଓଡ଼ିଆ ଲୋକେ ହଇରାଣ ହରକତ ନ ହେବା ପାଇଁ ସରକାରଙ୍କ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଲୋକେ ଭାବିଥିଲେ। ହେଲେ ଏବେ ସୁଦ୍ଧା ଅଧିକାଂଶ କାର୍ଯ୍ୟାଳୟରେ ଏହା ଲାଗୁ ନ ହେବା ଯୋଗୁ ଅସୁବିଧାର ସମ୍ମୁଖୀନ ହେଉଥିବାର ଦେଖିବାକୁ ମିଳୁଛି। ଏପରି ଘଟଣା ବିଲେଇମୁଣ୍ଡା ୟୁବିଆଇ (ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ)ରେ ଦେଖିବାକୁ ମିଳୁଛି। ନିକଟରେ ବ୍ୟାଙ୍କ ତରଫରୁ ଦୁଇ ଜଣ ଅଣଓଡ଼ିଆ ଅଧିକାରୀ, ଜଣେ ଶାଖା ପରିଚାଳକ ଓ ଅନ୍ୟ ଜଣେ କ୍ଷେତ୍ର ଅଧିକାରୀ ଭାବେ ଯୋଗଦାନ କରିଛନ୍ତି । ଯେଉଁମାନେ ଓଡ଼ିଆ ବୁଝି ପାରୁନାହାନ୍ତି କିମ୍ବା କହି ପାରୁନାହାନ୍ତି। ବର୍ତ୍ତମାନ ସରକାର ବିଭିନ୍ନ ଯୋଜନାରେ ମହିଳାମାନଙ୍କୁ ଅଗ୍ରାଧିକାର ଦେଉଥିବାରୁ ବ୍ୟାଙ୍କ କାରବାରରେ ସେମାନଙ୍କ ସଂଖ୍ୟା ଅଧିକ। ହେମଗିର ବ୍ଲକର ବିଲେଇମୁଣ୍ଡା ୟୁବିଆଇ ଅଧିନରେ ଅଧିକାଂଶ ଗ୍ରାମାଞ୍ଚଳ ରହିଛି। ସେଠାରେ ଅଧିକାଂଶ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ବ୍ୟାଙ୍କ କାରବାର ୟୁବିଆଇରେ ଚାଲିଥାଏ। ଏପରି ସ୍ଥଳେ ଏହି ଉଭୟ କର୍ମଚାରୀଙ୍କ କଥା ଭାଷା ଅଧିକାଂଶ ମହିଳା ବୁଝିପାରୁନାହାନ୍ତି। ଅନେକ ସମୟରେ ଅପଦସ୍ତ ମଧ ହେଉଥିବାର ଅଭିଯୋଗ ହେଉଛି। କେବଳ ଯେ ମହିଳାମାନେ ନୁହନ୍ତି, ଜନସାଧାରଣଙ୍କ ମଧ ସମାନ ଅଭିଯୋଗ ହେଉଛି। ଅଧିକାଂଶ ଋଣି ଲୋକଙ୍କୁ ନୂଆ ଋଣ ପ୍ରଲୋଭନ ଦେଖାଇ ପୁରୁଣା ଋଣ ଆଦାୟ କରୁଥିବା ଏହି ଅଧିକାରୀମାନଙ୍କ ନାମରେ ଅଭିଯୋଗ ହେଉଛି। ତେଣୁ ଏ ଦିଗରେ ୟୁନାଇଟେଡ ବ୍ୟାଙ୍କର ଉପରିସ୍ଥ କର୍ମକର୍ତ୍ତା ଦୃଷ୍ଟି ଦେଇ ଏଠାରେ ଓଡ଼ିଆ କର୍ମଚାରୀଙ୍କୁ ନିଯୁକ୍ତି ନ ଦେଲେ ଭବିଷ୍ୟତରେ ଜନ ଆକ୍ରୋଶ ବଢ଼ିବାର ସମ୍ଭାବନା ରହିଛି।

# ସକାଳେ, ସନ୍ଧ୍ୟାରେ ପ୍ରସାଦ ବଣ୍ଟନ




■ ଚଳିତବର୍ଷ ବ୍ୟୟ ଅଟକଳ ୨୦ଲକ୍ଷ
■ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ

ସୁନ୍ଦରଗଡ଼, ୪।୧୦ (ଡି.ଏନ୍.ଏ)

ଶାରଦୀୟ ଦୁର୍ଗାପୂଜା ପାଇଁ ସୁନ୍ଦରଗଡ ସହରର ବିଭିନ୍ନ ପୂଜାକମିଟି ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସହରର ଦୟା ଧର୍ମଶାଳାଠାରେ ପ୍ରତିବର୍ଷ ପାରମ୍ପରିକ ରୀତିନୀତି ଅନୁଯାୟୀ ପାଳିତ ହୋଇ ଆସୁଥିବା ଦୁର୍ଗାପୂଜା ଚଳିତବର୍ଷ ୫୩ବର୍ଷରେ ପଦାର୍ପଣ କରିଛି। ସବୁବର୍ଷ ପରି ଚଳିତବର୍ଷ ମଧ୍ୟ ପୂଜାକୁ କିଭଳି ଅଧିକ ଆକର୍ଷଣୀୟ କରାଯିବ ସେ ନେଇ ପୂଜା କମିଟିର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଲାଗିପଡିଛନ୍ତି। ଚଳିତବର୍ଷ ପୂଜାର ମେଢ ସାଜସଜ୍ଜା, ତୋରଣ, ମୂର୍ତ୍ତି ଓ ପ୍ରସାଦସେବନ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ସକାଶେ ମୋଟବ୍ୟୟ ଅଟକଳ ୨୦ଲକ୍ଷ ଟଙ୍କା ରଖାଯାଇଥିବା କମିଟିର ସମ୍ପାଦକ ବେଣୁମାଧବ ତ୍ରିପାଠୀ ପ୍ରକାଶ କରିଛନ୍ତି। ସବୁବର୍ଷ ପରି ପଶ୍ଚିମବଙ୍ଗର ଶିଳ୍ପୀ ହରେନ୍ ସୂତ୍ରଧର ମା' ଦୁର୍ଗା ଓ ପାର୍ଶ୍ୱ ଦେବାଦେବୀଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ କରୁଛନ୍ତି। ସେହିପରି ପଶ୍ଚିମବଙ୍ଗ ଦୀଘାର ବଙ୍ଗୀୟ କାରିଗରମାନଙ୍କ ଦ୍ୱାରା ସାଢେ ୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ତୋରଣ ନିର୍ମାଣ କରାଯାଉଛି। ଏଥି ସହିତ ଆଲୋକ ସାଜସଜ୍ଜା ପାଇଁ ଅଢେଇ ଲକ୍ଷ, ମେଢ ପାଇଁ ୧ଲକ୍ଷ, ମୂର୍ତ୍ତିପାଇଁ ୧ଲକ୍ଷ ୨୫ହଜାର ଟଙ୍କା ବ୍ୟୟ ଅଟକଳ ରହିଛି। ଗତ ୩୦ବର୍ଷ ଧରି ମେଢ ନିର୍ମାଣ କରିଆସୁଥିବା କଟକର ମେଢ କାରିଗର ହୁସେନ୍ ବକ୍ସ ଏଥର ମଧ୍ୟ ମେଢ ତିଆରି କରିଛନ୍ତି। ପୂଜା ମଣ୍ଡପକୁ ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା ସହ ଶ୍ରଦ୍ଧାଳୁଙ୍କ ସକାଶେ ସକାଳେ ଓ ସନ୍ଧ୍ୟାରେ ପ୍ରସାଦ ବଣ୍ଟନ ବ୍ୟବସ୍ଥା ହୋଇଛି। ଶୁକ୍ରବାର ଷଷ୍ଠୀ ତିଥିରେ ଅପରାହ୍ନରେ ବିଲ୍ୱ ବରଣ ଓ ଅଧିବାସ ହୋଇଥିଲା। ଶନିବାର ମହାସପ୍ତମୀ ପ୍ରାତଃ ୬ଟା ୧୫ରେ କଳସ ଯାତ୍ରା ପରେ ସପ୍ତମୀ ପୂଜା ଆରମ୍ଭ ହେବ। ସକାଳ ୭ଟା୧୫ରେ ପୂଜା ମଣ୍ଡପରେ ଭାଇଜିଉଁତିଆ ଓଷା ଅନୁଷ୍ଠିତ ହେବ। ରବିବାର ମହାଷ୍ଟମୀ ପୂଜା ସହ ରାତି ୧୦ଟା ୩୩ରେ ସନ୍ଧିପୂଜା ଅନୁଷ୍ଠିତ ହେବ। ସୋମବାର ମହାନବମୀ ପୂଜା ଓ ମଙ୍ଗଳବାର ମହାଦଶମୀ ପୂଜା ହେବା ସହ ସନ୍ଧ୍ୟାରେ ସିନ୍ଦୁର ଦାନ ତଥା ସିନ୍ଦୁରଖେଳ ଅନୁଷ୍ଠିତ ହେବ। ଦଶମୀ ପର୍ଯ୍ୟନ୍ତ ପ୍ରତ୍ୟହ ମଣ୍ଡପରେ ଚଣ୍ଡୀପାଠ, ହୋମଯଜ୍ଞ, ଆରତି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୧୧ ତାରିଖ ୧୦ଟା ୩୦ରେ ମା'ଙ୍କ ଭସାଣି ଯାତ୍ରା ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି।



ଦୟା ଧର୍ମଶାଳା ପୂଜା କମିଟିର ତୋରଣ।

# ଆଞ୍ଚଳିକ ଗ୍ରାମୀଣ ଉନ୍ନୟନ କେନ୍ଦ୍ରର ପ୍ରତିଷ୍ଠା ଦିବସ

ବେଦବ୍ୟାସ, ୪।୧୦ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ଗ୍ରାମାଞ୍ଚଳର ଉନ୍ନତି ନିମନ୍ତେ ୧୯୯୨ରୁ କାର୍ଯ୍ୟକରି ଆସୁଥିବା ଅଗ୍ରଣୀ ଅନୁଷ୍ଠାନ ଆଞ୍ଚଳିକ ଗ୍ରାମୀଣ ଉନ୍ନୟନ କେନ୍ଦ୍ରର ୧୩ତମ ପ୍ରତିଷ୍ଠା ଦିବସ ବେଦବ୍ୟାସ ସ୍ଥିତ ଅମର ପ୍ୟାଲେସ ସଭାଗୃହ ମଧରେ ବୁଧବାର ପାଳିତ ହୋଇଛି। ଉକ୍ତ ପ୍ରତିଷ୍ଠା ଦିବସ ପାଳନ ଅବସରରେ ବରିଷ୍ଠ ଉପସଭାପତି ତଥା ମୁଖ୍ୟ ଆଞ୍ଚଳିକ ଅଧିକାରୀ ସାଉଥ ଏସିଆ ଡ. ଅଭିଷେକ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଆଞ୍ଚଳିକ ଗ୍ରାମୀଣ ଉନ୍ନୟନ କେନ୍ଦ୍ର ଦ୍ୱାରା ପରିଚାଳିତ ସର୍ବୋଦୟ ସମାଜ ଗ୍ରୁପ ଅନୁଷ୍ଠାନର ସୃଷ୍ଟି ଓ ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସମୃଦ୍ଧ ଫିନସେର୍ଭ ପ୍ରାଲିଃର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିପକ କୁମାର କିଣ୍ଡୋ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧରେ ଅନୁଷ୍ଠାନର ପ୍ରତିଷ୍ଠାତା ସଂଯୋଜକ ତଥା ଭାରତୀୟ ପ୍ରଶାସନିକ ସେବାର ଅବସରପ୍ରାପ୍ତ ଅଧିକାରୀ ଲିଭନୁସ କିଣ୍ଡୋ ଯୋଗଦେଇ ଆଞ୍ଚଳିକ ଗ୍ରାମୀଣ ଉନ୍ନୟନ କେନ୍ଦ୍ର ଗ୍ରାମୀଣ ବିକାଶ କ୍ଷେତ୍ରରେ ଏକ ବୃକ୍ଷ ଭଳି କାର୍ଯ୍ୟ କରୁଛି ଓ ସେ ଅନୁଷ୍ଠାନର ଆଗାମୀ ଭବିଷ୍ୟତରେ କଣ ଲକ୍ଷ୍ୟ ରହିଛି ସେ ବିଷୟରେ ଉପସ୍ଥିତ କର୍ମକର୍ତ୍ତାଙ୍କୁ ସୂଚାଇଥିଲେ। ଏହି ଅବସରରେ ଜିଲାର ବିଭିନ୍ନ ପ୍ରାନ୍ତରରୁ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଲୋକେ ଯୋଗଦେଇଥିଲେ। ସମାଜସେବାରେ ନିୟୋଜିତ କରିଥିବା କିଛି ଅନୁଷ୍ଠାନର ଅଧିକାରୀ ଓ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ସହ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ଶେଷରେ ଅନୁଷ୍ଠାନର ଲୋକ ସମ୍ପର୍କ ଅଧିକାରୀ ଏସ.କେ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।



"ଆୟୁଷ୍ମାନ୍ ଭାରତ ଯୋଜନାରେ ଆଗାମୀ ୫ରୁ ୭ ବର୍ଷରେ ପ୍ରାୟ ୧୧ ଲକ୍ଷ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ରେଲୱେ ପରେ ଏହା ହେବ ଦେଶରେ ଦ୍ୱିତୀୟ ନିଯୁକ୍ତି ସୁଯୋଗ ସୃଷ୍ଟିକାରୀ କ୍ଷେତ୍ର।
-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ସଂକ୍ଷେପରେ

### ଶିଶୁଙ୍କ ବିକାଶ ହିଁ ସାମାଜିକ ବିକାଶର ଚାବିକାଠି

ରାଉରକେଲା ଅଫିସ,୪।୧୦: ଝିରପାଣିଠାରେ ଥିବା ଲକ୍ଷ୍ୟ କିଡ୍ସ ସ୍କୁଲ ପରିଦର୍ଶନରେ ଆସି ମଙ୍ଗଳବାର ଜିଲା ସଂସ୍କୃତି ଅଧିକାରୀ ଅନୀଲ କେର୍କେଟା ଶିଶୁଙ୍କ ବିକାଶ ହିଁ ସାମାଜିକ ବିକାଶର ଚାବି କାଠି ବୋଲି କହିଥିଲେ। ଶିଶୁଙ୍କ ପ୍ରତି ଯତ୍ନବାନ ହେବାକୁ ଅଭିଭାବକ ଏବଂ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ କେର୍କେଟା ପରାମର୍ଶ ଦେଇଥିଲେ। ଏହି ଅବସରରେ କୁନି କୁନି ପିଲାଙ୍କ ଦ୍ୱାରା ଆୟୋଜିତ ନୃତ୍ୟ, ସଂଗୀତ କାର୍ଯ୍ୟକ୍ରମ ବେଶ୍ ଉପଭୋଗ୍ୟ ହୋଇ ପାରିଥିଲା। କେର୍କେଟାଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଏମ୍‌ଡି ସୁଲତାନ ଖାନ, ଝୁନୁ ପୃଷ୍ଟି, ସୁଶ୍ରୀ ମୁନମୁନ ପ୍ରମୁଖ ଉପସ୍ଥିତ ଥିଲେ।

### ସେଣ୍ଟ୍ରାଲ ପାର୍କରେ ସଫେଇ

ରାଉରକେଲା ଅଫିସ, ୪।୧୦ ଛେଣ୍ଡ କଲୋନୀସ୍ଥିତ 'ଉଇ ଫର ୟୁ' କ୍ଲବ ପକ୍ଷରୁ ସେଣ୍ଟ୍ରାଲ ପାର୍କରେ ସଫେଇ କରାଯାଇଥିଲା। କ୍ଲବର ସଭାପତି କୈଳାସ ବେହେରା, ଉପଦେଷ୍ଟା ଶରତ ଧଳ, ପ୍ରଶାନ୍ତ ରାୟ ଏବଂ କାର୍ଯ୍ୟକାରୀ ସଦସ୍ୟ ଦୀପ୍ତି ରଞ୍ଜନ ବାରିକ, ପ୍ରିୟଦର୍ଶନ ରାଉତ, ପ୍ରଦୀପ ବାରିକ, ଚନ୍ଦନ ସୂତାର, ଶୁଭମ ମହାପାତ୍ର, ରାହୁଲ ପଲାଇ, ଅଭୟ ସାହୁ, ବାବୁଲି ବେହେରା, ବିଶ୍ୱଜିତ୍ ଘୋଷ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

■ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସର ବିକ୍ଷୋଭ

# ଦୁର୍ନୀତିରେ ବୁଡ଼ିଛି ଆର୍‌ଏମ୍‌ସି, ସ୍ମାର୍ଟ ସିଟି କାର୍ଯ୍ୟାଳୟ

ରାଉରକେଲା ଅଫିସ,୪।୧୦

ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ଓ ସ୍ମାର୍ଟ ସିଟି କାର୍ଯ୍ୟାଳୟ ଦୁର୍ନୀତିରେ ବୁଡିଛି । ରାଜ୍ୟ ସରକାର କେତେଜଣ ନେତାଙ୍କୁ ଏହି ଦୁର୍ନୀତିର ଫାଇଦା ନେବାକୁ ଖୁଲମ୍‌ଖୁଲା ଛାଡି ଦେଇଛନ୍ତି । ସେହି ନେତାଙ୍କ ଦୁର୍ନୀତି କଥା କଂଗ୍ରେସ ଜନସାଧାରଣଙ୍କୁ ଜଣାଇ ଦେବ ବୋଲି କହି କଂଗ୍ରେସ ନେତାମାନେ ଗର୍ଜିଛନ୍ତି । ଶୁକ୍ରବାର ବରିଷ୍ଠ କଂଗ୍ରେସ ନେତା ଜର୍ଜ ତିର୍କୀଙ୍କ ନେତୃତ୍ୱରେ ଆସିଥିବା ନେତାମାନେ ରାଉରକେଲା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାଉରକେଲା ବିଧାୟକ ସାରଦା ନାୟକଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୀରେନ ସେନାପତି, ପ୍ରଶାନ୍ତ ସେଠୀ, ରୋହିତ ଯୋସେଫ ତିର୍କୀ, ରାମାନନ୍ଦ ଶ୍ରୀଚନ୍ଦନ, ଦେବ ବିହାରୀ, ସବିର ହୁସେନ, ନିରୁପମା ବଳିଆରସିଂ. ଇମଲିଆ ତିର୍କୀ, ଆଲମା ଲାକ୍ରା ପ୍ରମୁଖ ଉଦ୍‌ବୋଧନ ଦେଇ ସରକାରଙ୍କ ମିଛ ଆଦର୍ଶକୁ ତୀବ୍ର ସମାଲୋଚନା କରିଥିଲେ। ସରକାର ଟ୍ରାନ୍ସପରେନ୍ସି ଦ୍ୱାହିଦେଉଥିବା ବେଳେ ତାଙ୍କ ଦଳର ନେତା କିପରି ନୀତିରେ ବୁଡି ରହିଛନ୍ତି ସେନେଇ ତଦନ୍ତ ହେବା ଆବଶ୍ୟକ ବୋଲି ଦାବି କରିଥିଲେ। ସଂପ୍ରତି ଆରଏମ୍‌ସି, ଆରଡିଏ ଓ ସ୍ମାର୍ଟସିଟି ଆଦି କାର୍ଯ୍ୟାଳୟ ଦୁର୍ନୀତିରେ ବୁଡି ରହିଛି। ସରକାର କୋଟି କୋଟି ଟଙ୍କା ଅନୁଦାନ ଯୋଗାଇ ଦେଉଥିଲେ ମଧ୍ୟ ତାହା କାହା ପକେଟକୁ ଯାଉଛି ସେନେଇ ତଦନ୍ତ କରାଯିବ ଆବଶ୍ୟକ ରହିଛି ବୋଲି କଂଗ୍ରେସ ନେତାମାନେ କହିଥିଲେ । ଛେଣ୍ଡ ସେଣ୍ଟ୍ରାଲ ପାର୍କ ନବୀକରଣ କାମରେ ୧. ୮୧ କୋଟି ଦୁର୍ନୀତି ହୋଇଛି। ପାର୍କ ଭିତରେ ପୋଖରୀ କିମ୍ବା ବୋଟ ନ ଥିବା ବେଳେ ବୋର୍ଟିଂ କମ୍ପ୍ଲେକ୍ସ ପାଇଁ ଖର୍ଚ୍ଚ ହୋଇଥିବା ୪୫ ଲକ୍ଷ ଟଙ୍କା କୁଆଡେ ଗଲା ବୋଲି କଂଗ୍ରେସ ପକ୍ଷରୁ ପ୍ରଶ୍ନ କରାଯାଇଛି। ଗତ ୩ ବର୍ଷ ମଧ୍ୟରେ ରାଉରକେଲା ସ୍ମାର୍ଟ ସିଟି ପାଇଁ ୩ଶହ ୭୬କୋଟି ଅନୁଦାନ ଆସିଥିଲା । ତାହା ବାଟମାରଣା କରାଯାଇଥିବା କଂଗ୍ରେସ ନେତୃବୃନ୍ଦ ଅଭିଯୋଗ କରିଥିଲେ। ମୁଖ୍ୟମନ୍ତ୍ରୀ ଏହାର ଭିଜିଲାନ୍ସ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଉପସ୍ଥିତ ନେତୃମଣ୍ଡଳୀ ଦାବି କରିଥିଲେ। ଯଦି ଏ ସଂକ୍ରାନ୍ତରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ତେବେ କଂଗ୍ରେସ ଏହି ଆନ୍ଦୋଳନକୁ ତୀବ୍ର କରିବା ବୋଲି ଚେତାବନୀ ଦିଆଯାଇଛି।



ବିଭିନ୍ନ ଦୁର୍ନୀତି ନେଇ କଂଗ୍ରେସ ପକ୍ଷରୁ ଏଡିଏମ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

## ଆର୍‌ଏସ୍‌ପି, ଜିଲା ପ୍ରଶାସନ ପକ୍ଷରୁ ଗାନ୍ଧୀ ଜୟନ୍ତୀ

ରାଉରକେଲା ଅଫିସ, ୪।୧୦

ଜିଲା ପ୍ରଶାସନ ଓ ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ସିଭିକ ସେଣ୍ଟରରେ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଆର୍‌ଏସ୍‌ପି ସିଇଓ ଦୀପକ ଚଟ୍ଟରାଜ, ଦୀପିକା ମହିଳା ସଂଘର ଅଧ୍ୟକ୍ଷା ରାକା ଚଟ୍ଟରାଜ, କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ରାଜବୀର ସିଂ, ଗୌତମ ବାନାର୍ଜୀ, ଦିଲୀପ ମହାପାତ୍ର, ଅତନୁ ଭୌମିକ, ଡା.ଏସ୍.ଏସ୍.ପତି, ପ୍ରବୀଣ ନିଗମ, ଦୀପିକା ମହିଳା ସଂଘର ଉପାଧ୍ୟକ୍ଷା ସୁମନ ଲତା, ଅନୁରାଧା ବାନାର୍ଜୀ, ମୀନାକ୍ଷୀ ମହାପାତ୍ରଙ୍କ ସମେତ ଓଡିଶା ସରକାରଙ୍କ ବହୁ ବରିଷ୍ଠ ଅଧିକାରୀ, ସହରର ବହୁ ବିଶିଷ୍ଟ ବ୍ୟକ୍ତି ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଆଶାଲତା ଷଡ଼ଙ୍ଗୀ ଓ ସିଂହାରୀ କଳା ନିକେତନର କଳାକାରଙ୍କ ଦ୍ୱାରା ଗାନ୍ଧୀଙ୍କ ପ୍ରିୟ ଭଜନ ବୈଷ୍ଣବ ଜନତୋ ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି ଅବସରରେ ଆଇଜିଏଚରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ରାଜବୀର ସିଂ, ଗୌତମ ବାନାର୍ଜୀ, ଡି.କେ. ମହାପାତ୍ର, ଡା.ଏସ୍.ଏସ୍.ପତି ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରମିକ ନେତା ଜି.ଏନ୍. ତ୍ରିପାଠୀଙ୍କ ସ୍ମୃତିସଭା




ସ୍ମୃତିସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

ରାଉରକେଲା ଅଫିସ, ୪।୧୦

ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ସୁନ୍ଦରଗଡ଼ ଜିଲା କମିଟିର ବରିଷ୍ଠ ସଦସ୍ୟ, ଶ୍ରମିକ ସଙ୍ଗଠନ ଏଆଇୟୁଟିୟୁସିର କେନ୍ଦ୍ରୀୟ ସଦସ୍ୟ ତଥା ରାଉରକେଲା ୱାର୍କସ ୟୁନିୟନର ସାଧାରଣ ସମ୍ପାଦକ ଶ୍ରମିକ ନେତା ଜି.ଏନ୍. ତ୍ରିପାଠୀଙ୍କ ସ୍ମୃତିସଭା ସୁନ୍ଦରଗଡ଼ ଜିଲା କମିଟି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏସୟୁସିଆଇ ଓ ଏଆଇୟୁଟିୟୁସି ସଙ୍ଗଠନର ମିଳିତ ଆନୁକୂଲ୍ୟରେ ଡେଲିମାର୍କେଟସ୍ଥିତ ୱାର୍କର୍ସ ପ୍ଲିଜାଣ୍ଟ ହାଉସଠାରେ ଅନୁଷ୍ଠିତ ଏହି ସଭାରେ ଏଆଇୟୁଟିୟୁସିର ସଦସ୍ୟ ଶଙ୍କର ଦାସଗୁପ୍ତା ଅଧ୍ୟକ୍ଷତା କରିଥିଲେ। ଏହି ସଭାରେ ଏସ୍‌ୟୁସିଆଇର ରାଜ୍ୟ କମିଟି ସଦସ୍ୟା ଛବି ମହାନ୍ତି, ଅଜୟ ମହାନ୍ତି, ଜିଲା କମିଟି ସମ୍ପାଦକ ଅଜିତ ନାଏକ, ସୁନ୍ଦରଗଡ଼ ଜିଲା ସଭାପତି ସତ୍ୟପ୍ରିୟ ମହାନ୍ତି, ଶ୍ରୀନିବାସ ସେଠୀ, ବିଷ୍ଣୁ ପଣ୍ଡା, ଲେନିନ ଟେଟେ, କିଷାନ କ୍ଷେତ ମଜଦୁର ସଙ୍ଗଠନର ଜିଲା ଆବାହକ ବିଜୁ ଲୋହାର, ପାଚିକା ସଂଘର ବିଜୟ ସାହୁ, ନିର୍ମାଣ ଶ୍ରମିକ ସଙ୍ଗଠନର ନୃପମଣୀ ମାଝି, ଏଆଇଡିଏସ୍‌ଓର ବିରେନ ନାଏକ, ସଂଗ୍ରାମ ପରିଡ଼ା, ଡିୱାଇଓର ଜଷ୍ଟିନ ଲୁଗୁନ, ମହିଳା ସାଂସ୍କୃତିକ ସଭ୍ୟଗଠନର ଲିଓନି ତିର୍କୀ, ବିଦ୍ୟୁତ ମହାନ୍ତ, ଲିଲି ମହାନ୍ତି ଓଡିଓର ବକେଶ୍ୱର ମହାନ୍ତ ପ୍ରମୁଖଙ୍କ ସମେତ ବହୁ ରାଜନୈତିକ ଓ ସାମାଜିକ କର୍ମୀ ଏହି ସଭାରେ ଯୋଗଦେଇ ତ୍ରିପାଠୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ, ଜି.ଏନ୍. ତ୍ରିପାଠୀ ୭୦ ଦଶକରେ ଏକ ଘରୋଇ ସଂସ୍ଥାରେ କାର୍ଯ୍ୟରତ ଥିବା ବେଳେ ଶ୍ରମିକନେତା ତାପସ ଦତ୍ତ ଓ ବି.ଜେନାଭ୍‌ଙ୍କ ସଂସ୍ପର୍ଶରେ ଆସିଥିଲେ। ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟସ୍ଥିତ ପ୍ରଭାତ ଆଇରନ ଫାଉଣ୍ଡାରୀ କାରଖାନା ଶ୍ରମିକମାନଙ୍କ ଆନ୍ଦୋଳନରେ ସେ ସାମିଲ ହୋଇ ପୋଲିସ ଗୁଳିମାଡ଼ରେ ସେ ଆହତ ହେଇଥିଲେ ।

■ ଡିଏଭି ସ୍କୁଲରେ ଆଧାତ୍ମିକ ପ୍ରବଚନ

## ନିର୍ଦ୍ଦିଷ୍ଟ ଲକ୍ଷ୍ୟ, ଏକାଗ୍ରତା ସଫଳତାର ଚାବିକାଠି

ରାଉରକେଲା ଅଫିସ,୪। ୧୦

ଡିଏନ୍ ଖୋସଲା ଡିଏଭି ସ୍କୁଲ ପରିସରରେ ଏକ ଆଧାତ୍ମିକ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୁଜରାଟର ଆର୍ଯ୍ୟବନ ଦର୍ଶନ ଯୋଗ ମହାବିଦ୍ୟାଳୟର ନିର୍ଦ୍ଦେଶକ ସ୍ୱାମୀ ସୁଦାନନ୍ଦ ସରସ୍ୱତୀ ଯୋଗଦେଇ ଈଶ୍ୱରଙ୍କ ଉପରେ ଆସ୍ଥା ପ୍ରକଟ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସେ ପୂର୍ବ ଜନ୍ମ ଓ ପର ଜନ୍ମ ତଥା କର୍ମଫଳ ଉପରେ ବ୍ୟାଖ୍ୟାନ କରିଥିଲେ। ଓମ୍‌କାର ଜପର ମହତ୍ତ୍ୱ ଓ ଏହାର ପ୍ରତିଫଳନ ଉପରେ ସବିଶେଷ ଆଲୋଚନା କରିଥିଲେ। ମାତା ପିତାଙ୍କ ପ୍ରତି ପିଲାଙ୍କ ଆଚାର ବିଚାର, ଜୀବନର ଲକ୍ଷ୍ୟ ବାବଦରେ ସ୍ୱାମିଜୀ ଆଲୋକପାତ କରିଥିଲେ। ଈଶ୍ୱରଙ୍କ ପ୍ରତି ସକାରାତ୍ମକ ଚିନ୍ତାଧାରା ରହିଲେ ଜଣେ ଜୀବନର ଗନ୍ତବ୍ୟସ୍ଥଳରେ ପହଞ୍ଚି ପାରିବ ବୋଲି ସେ କହିଥିଲେ। ନିର୍ଦ୍ଦିଷ୍ଟ ଲକ୍ଷ୍ୟ, ଏକାଗ୍ରତା ସଫଳତାର ଚାବି କାଠି ବୋଲି ମହାରାଜ କହିଥିଲେ। ବେଦର ଅନୁଚିନ୍ତାକୁ ଆଧୁନିକ ଜୀବନଚର୍ଯ୍ୟାରେ ସାମିଲ କରି କିପରି ଏକ ସରସ ସୁନ୍ଦର ଜୀବନ ଅତିବାହିତ କରାଯାଇପାରିବ ସେ ନେଇ ସ୍ୱାମିଜୀ ଗୁରୁ ମନ୍ତ୍ର ପ୍ରଦାନ କରିଥିଲେ। ପ୍ରତ୍ୟେକ ବ୍ୟକ୍ତି ପ୍ରଥମେ ଜଣେ ଭଲ ମଣିଷ ହେବାକୁ ଚେଷ୍ଟା କରିବା ଉଚିତ। ଏହା ଦ୍ୱାରା ଆମେ ସାମାଜିକ କର୍ତ୍ତବ୍ୟ ବୋଧ ସମ୍ପର୍କରେ ଅବଗତ ହୋଇ ପାରିବା। ସଂଯମ ଜୀବନ ଦ୍ୱାର ଅସାଧ୍ୟ ସାଧନ କରାଯାଇ ପାରିବ ବୋଲି ସେ କହିଥିଲେ। ତେବେ ଏସବୁ ନୀତିନିଷ୍ଠ ଭାବେ ପାଳନ କରାଯିବା ଆବଶ୍ୟକ ବୋଲି ସ୍ୱାମିଜୀ କହିଥିଲେ। ଦୈନ୍ୟଦିନ ଜୀବନରେ କ'ଣ କରିବା ଉଚିତ୍, କ'ଣ କରିବା ଉଚିତ୍ ନୁହେଁ ସେନେଇ ଏକ ସ୍ୱତନ୍ତ୍ର ଚିଠା ପ୍ରସ୍ତୁତ କରାଯିବା ଆବଶ୍ୟକ। ଛାତ୍ରୀଛାତ୍ର ଏହା ଉପରେ ଭଲ ଭାବେ ସମୀକ୍ଷା କରି ପାଳନ କଲେ ଜୀବନରେ ନିଶ୍ଚିତ ସୁଖୀ ହୋଇପାରିବେ ବୋଲି ସ୍ୱାମିଜୀ କହିଥିଲେ। ପ୍ରାରମ୍ଭରେ ବିଦ୍ୟାଳୟ ଅଧ୍ୟକ୍ଷ ଲୋକନାଥ ପ୍ରଧାନ ପୁଷ୍ପଗୁଚ୍ଛ ଦେଇ ସ୍ୱାମିଜୀଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ପୁଲିନ ରାଉତରାୟ, ଅଶୋକ ରାଉତ ଓ ବିଶ୍ୱନାଥ ଥାନପତି ପ୍ରମୁଖ ଉପସ୍ଥିତ ଥିଲେ।




ଡିଏଭି ପବ୍ଲିକ୍ ସ୍କୁଲ୍‌ରେ ଆଧାତ୍ମିକ ପ୍ରବଚନ ସଭା।

## କବିବର ରାଧାନାଥ ରାୟ, ଗୋପାଳକୃଷ୍ଣ ପ୍ରହରାଜ ଜୟନ୍ତୀ

ରାଉରକେଲା ଅଫିସ, ୪।୧୦

ରାଉରକେଲା ଓଡିଆ ଭାଷା ବିକାଶ ମଞ୍ଚ ପକ୍ଷରୁ କବିବର ରାଧାନାଥ ରାୟ ଓ ଭାଷା ବିଶାରଦ ଗୋପାଳକୃଷ୍ଣ ପ୍ରହରାଜଙ୍କ ଜୟନ୍ତୀ ସେକ୍ଟର-୫ସ୍ଥିତ କଲଚରାଲ ଏକାଡେମୀଠାରେ ପାଳନ ହୋଇଯାଇଛି। ଏହି ଅବସରରେ କବି ବ୍ରଜ ଦାସଙ୍କ 'ଧାନଫୁଲ' ପତ୍ରିକାର ଶାରଦୀୟ ସଂଖ୍ୟା ମଧ ଉନ୍ମୋଚିତ ହୋଇଛି। ମଞ୍ଚର ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବଳରାମ ରାଉତ ସଭାପତିତ୍ୱ କରିଥିଲେ। ସାମାଜିକ କର୍ମୀ କେଦାର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ବ୍ରଜ ଦାସ ସମ୍ମାନିତ ଅତିଥି ଏବଂ ଡ.ନଗେନ ଦାସ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଓଡିଆ ସାହିତ୍ୟ ନବନିର୍ମାଣର ସୂତ୍ରଧର ଥିଲେ ରାଧାନାଥ। ତାଙ୍କର କୃତି ଓ କୀର୍ତ୍ତି ଜାତିର ଚେତନାକୁ ଋଦ୍ଧିମନ୍ତ କରିଛି। ତାଙ୍କ ରଚିତ ପ୍ରତ୍ୟେକ କବିତାରେ ଭରି ରହିଛି ପ୍ରକୃତି ଓ ଦେଶପ୍ରେମର ଝଲକ ବୋଲି ମୁଖ୍ୟବକ୍ତା ନଗେନ ଦାସ ମତବ୍ୟକ୍ତ କରିଥିଲେ। ସେହିପରି 'ପୂର୍ଣ୍ଣଚନ୍ଦ୍ର ଓଡିଆ ଭାଷାକୋଷ'ର ପ୍ରଣେତା ଗୋପାଳକୃଷ୍ଣ ପ୍ରହରାଜ ଜଣେ ସୁପ୍ରସିଦ୍ଧ ସୁଲେଖକ ଥିଲେ। ତାଙ୍କ ରଚିତ ଉତ୍କଳ କାହାଣୀ, ଢଗଢ଼ମାଳି ଏବଂ ବହୁ ରମ୍ୟ ରଚନା ଆମ ଭାଷାକୁ ଋଦ୍ଧିମନ୍ତ କରିଛି ବୋଲି ମୁଖ୍ୟଅତିଥି ପ୍ରଧାନ ମତପ୍ରକାଶ କରିଥିଲେ। ସଭା ପ୍ରାରମ୍ଭରେ ସମ୍ପାଦକ ମହାପାତ୍ର ଅତିଥି ପରିଚୟ ପ୍ରଦାନ ସହ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଦାସ ନିଜ ପୁସ୍ତକ 'ଧାନଫୁଲ' ସମ୍ପର୍କରେ ଆଲୋକପାତ କରିବା ସହ ଉଭୟ ମହାପୁରୁଷଙ୍କ ଜୀବନୀ ଉପରେ ମତ ରଖିଥିଲେ। ଏହି ଅବସରରେ ଅତିଥିମାନେ ବ୍ରଜ ଦାସଙ୍କ ରଚିତ ପୁସ୍ତକ 'ଧାନଫୁଲ'କୁ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ବଳରାମ ରାଉତଙ୍କ ସଂଯୋଜନାରେ କବିତାପାଠ କରାଯାଇଥିଲା। ଏଥିରେ ପ୍ରଣତି ବେହେରା, ଆର୍ତ୍ତତ୍ରାଣ ମହାପାତ୍ର, କୁଞ୍ଜବିହାରୀ ରାଉତ, ତ୍ରିଲୋଚନ ସ୍ୱାଇଁ, ତ୍ରିନାଥ ସିଂ, ବ୍ରଜବିହାରୀ ଦାସ ଓ ବଳରାମ ରାଉତ କବିତା ପାଠ କରିଥିଲେ। ଶ୍ରୀଧର ସୁନା, ସୁମନ ଦତ୍ତ, ଅଭିରାମ ପ୍ରଧାନ, ପ୍ରକାଶ ସେଠୀ, କୃପାସିନ୍ଧୁ ନାୟକ, ପ୍ରହଲ୍ଲାଦ ଦାସ, ବିଜୟିନୀ ଦାସ ଓ ସୌମ୍ୟରଞ୍ଜନ ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଆରୋଗ୍ୟ ଜନସେବା କେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟସେବା ଶିବିର

ରାଉରକେଲା ଅଫିସ, ୪।୧୦

ଆରୋଗ୍ୟ ଜନସେବା କେନ୍ଦ୍ର ଆନୁକୂଲ୍ୟରେ ଶୁକ୍ରବାର ସ୍ୱିଟ ଲାଇଫ ଡାଇବେଟିକ୍ କେୟାରର ନିର୍ଦ୍ଦେଶକ ଡା. ଏ. ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ମାଗଣା ରକ୍ତଚାପ ଓ ମଧୁମେହ ପରୀକ୍ଷଣ ଶିବିର ଛେଣ୍ଡଠାରେ ଆୟୋଜିତ ହୋଇଥିଲା। 'କୃଷି ବିକାଶ ଫାଉଣ୍ଡେଶନ୍ ଆଣ୍ଡ ରିସର୍ଚ୍ଚ କୋ-ଅପରେଟିଭ୍' ତଥା ସିଞ୍ଜୋଲ ଇଣ୍ଟରନ୍ୟାଶନାଲ ଗ୍ୟାସ୍ ଆଣ୍ଡ ପେଟ୍ରୋ କେମିକାଲ୍‌ସ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ସାମନ୍ତ କୁମାର ସାହୁ ଏଥିରେ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ଶତାଧିକ ବ୍ୟକ୍ତି ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପରେ ଡା. ନାଏକଙ୍କଠାରୁ ଆବଶ୍ୟକ ପରାମର୍ଶ ଗ୍ରହଣ କରିଥିଲେ। ଡା. ସୁରମା ମିଶ୍ର ଶିବିର ପରିଚାଳନା କରିଥିଲେ। ଆରୋଗ୍ୟ ଜନସେବା କେନ୍ଦ୍ରର ଓଡ଼ିଶା ଅଧ୍ୟକ୍ଷ ବୈଦ୍ୟନାଥ ମିଶ୍ର ଏହି ଶିବିରରେ ଉପସ୍ଥିତ ରହି ପଶ୍ଚିମ ଓଡ଼ିଶାର ପ୍ରତ୍ୟେକ ଜିଲା ମୁଖ୍ୟାଳୟରେ ଏହିଭଳି ଶିବିରମାନ ଆୟୋଜନ କରାଯିବ ବୋଲି କହିଥିଲେ। ଚଳିତ ମାସ ଶେଷ ସୁଦ୍ଧା ଦେବଗଡ଼ରେ ଡା. ନାଏକଙ୍କ ତତ୍ତ୍ୱାବଧାନରେ ଅନୁରୂପ ଭାବେ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ ହେବ ବୋଲି ସେ ସୂଚନା ଦେଇଥିଲେ। କେନ୍ଦ୍ର ପକ୍ଷରୁ ଦାରିଦ୍ର ସୀମାରେଖା ତଳେ ରହୁଥିବା ଲୋକଙ୍କୁ ସ୍ୱାସ୍ଥ୍ୟକାର୍ଡ଼ ପ୍ରଦାନ କରି ସୁଲଭ ମୂଲ୍ୟରେ ଔଷଧ ବିତରଣ ପାଇଁ ଦେବଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, କଳାହାଣ୍ଡି ଓ ନୂଆପଡ଼ାଠାରେ ଆରୋଗ୍ୟ କେନ୍ଦ୍ରମାନ ଖୋଲାହେବ ଏବଂ ଏହି କେନ୍ଦ୍ରମାନଙ୍କରେ ଅଭିଜ୍ଞ ଡାକ୍ତରମାନଙ୍କ ଜରିଆରେ ସ୍ୱାସ୍ଥ୍ୟ ଓ ପରିମଳ ସମସ୍ୟାର ସମାଧାନ କରାଯିବ ବୋଲି କେନ୍ଦ୍ରର ଛେଣ୍ଡସ୍ଥିତ ରାଉରକେଲା କାର୍ଯ୍ୟାଳୟ ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି।



ମାଗଣା ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିରରେ ଉପସ୍ଥିତ ଡାକ୍ତର ଓ ରୋଗୀମାନେ।

## ୨ ମାସପରେ ବି ହତ୍ୟାକାରୀଙ୍କୁ ଗିରଫ କରୁନି ପୋଲିସ

ରାଉରକେଲା ଅଫିସ,୪।୧୦

ଗତ ୨ ମାସ ତଳେ ଟାଙ୍ଗରପାଲ୍ଲୀ ଥାନା ଅନ୍ତର୍ଗତ ସମରାବସ୍ତିରେ ଜଣେ ଯୁବକଙ୍କୁ ହତ୍ୟା କରାଯିବା ନେଇ ଅଭିଯୋଗ ହୋଇଥିଲା। ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପାଖ ମଶାଣିରୁ ମିଳିଥିଲା। ତାଙ୍କୁ କାଠଫାଳିଆରେ ପିଟି ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ପୋଲିସ ମୃତଦେହ ଜବତ କରି ତଦନ୍ତ ପରେ ସବୁ ସ୍ପଷ୍ଟ ହୋଇଯିବ ବୋଲି କହିଥିଲା। ହେଲେ ୨ ମାସ ପରେ ବି ପୋଲିସ ହତ୍ୟାକାରୀଙ୍କୁ ଗିରଫ କରିପାରିନାହିଁ। ଏହି ସୁଯୋଗରେ ହତ୍ୟାକାରୀ ସ୍ଥାନୀୟ ଅଞ୍ଚଳରେ ବୁଲୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ସମରା ବସ୍ତିର ସୁଶୀଲ ଓରାମ(୨୬) ଗତ ଅଗଷ୍ଟ ୮ ତାରିଖ ସନ୍ଧ୍ୟାରେ ଘରୁ ବାହାରି ଆଉ ଫେରି ନ ଥିଲେ। ସକାଳେ ତାଙ୍କ ମୃତଦେହ ସ୍ଥାନୀୟ ମଶାଣି ପଦାରୁ ଉଦ୍ଧାର କରାଯାଇଥିଲା। ଏନେଇ ପୋଲିସ ଏକ ମାମଲା(ନଂ.୯୯/ ୨୦୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। କେତେଜଣ ଜମିମାଫିଆଙ୍କୁ ସୁଶୀଲ ବିରୋଧ କରିବାରୁ ତାଙ୍କୁ ହତ୍ୟା କରାଯାଇଥିଲା ବୋଲି ଅଭିଯୋଗ ହୋଇଥିଲା। ତେବେ ପରବର୍ତ୍ତୀ ଅବସ୍ଥାରେ ସବୁ ଶୀତଳ ପଡିଯାଇଛି ବୋଲି ଗ୍ରାମବାସୀ ତାଙ୍କ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। କେତେଜଣ ଲୋକ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଉର୍ଦ୍ଦିଷ୍ଟ ଜମିକୁ ଜବରଦଖଲ କରିବାକୁ ଉଦ୍ୟମ କରିଥିଲେ। ଯାହାକୁ ନେଇ ସୁଶୀଲଙ୍କ ପରି ଜଣେ ନିରୀହ ଯୁବକଙ୍କୁ ହତ୍ୟା କରାଗଲା ବୋଲି ଏସ୍‌ପିଙ୍କୁ ପ୍ରଦାନ କରାଯାଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ଏନେଇ ସ୍ଥାନୀୟ ଥାନାଧିକାରୀଙ୍କ ସମେତ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଲେ ବି କିଛି ଫଳ ମିଳିନି ବୋଲି ଦର୍ଶାଯାଇଛି। ତୁରନ୍ତ ସୁଶୀଲଙ୍କ ହତ୍ୟାକାରୀଙ୍କୁ ଗିରଫ କରିବାକୁ ଗ୍ରାମବାସୀ ଏସ୍‌ପିଙ୍କ ନିକଟରେ ଦାବି କରିଛନ୍ତି।

## ସ୍ୱାସ୍ଥ୍ୟସେବା କେନ୍ଦ୍ରରେ ମେଡିକାଲ ଗ୍ୟାସ୍ ପାଇପ୍ ଲାଇନ ବ୍ୟବସ୍ଥା

ରାଉରକେଲା ଅଫିସ, ୪।୧୦

ରାଉରକେଲା ଇସ୍ପାତ୍ କାରଖାନାର ବୃତ୍ତିଗତ ସ୍ୱାସ୍ଥ୍ୟସେବା କେନ୍ଦ୍ରଠାରେ ଶୁକ୍ରବାର ସିଇଓ ଦୀପକ ଚଟ୍ଟରାଜ କେନ୍ଦ୍ରୀଭୂତ ମେଡିକାଲ ଗ୍ୟାସ ପାଇପ ଲାଇନ ବ୍ୟବସ୍ଥାର ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଆର୍‌ଏସ୍‌ପିର ବରିଷ୍ଠ ଅଧିକାରୀ ରାଜବୀର ସିଂ, ଗୌତମ ବାନାର୍ଜୀ, ଡି.କେ. ମହାପାତ୍ର, ଡା. ଏସ୍.ଏସ୍. ପତି, ପ୍ରବୀଣ ନିଗମ ପ୍ରମୁଖଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ। ବୃତ୍ତିଗତ ସ୍ୱାସ୍ଥ୍ୟକେନ୍ଦ୍ରର ଜରୁରିକାଳୀନ ୟୁନିଟ 'ଧନ୍ୱନ୍ତରୀ'ର ସମସ୍ତ ୩୦ଟି ବେଡକୁ ଏହି ନୂତନ କେନ୍ଦ୍ରୀଭୂତ ମେଡିକାଲ ଗ୍ୟାସ ପାଇପ ଲାଇନ ସହିତ ସଂଯୁକ୍ତ କରାଯାଇଛି। ଗ୍ୟାସ ସଂସ୍ପର୍ଶରେ ଆସିବା ଭଳି ଜରୁରୀ ପରିସ୍ଥିତିରେ ପ୍ରଭାବିତ ଲୋକମାନଙ୍କୁ ଏହି କେନ୍ଦ୍ରରେ ସେବା ପ୍ରଦାନ କରାଯାଇପାରିବ। ୨୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ନୂତନ ବ୍ୟବସ୍ଥା ପ୍ରତ୍ୟେକ ବେଡରେ ଅକ୍ସିଜେନ ଉପଲବ୍ଧତା ସୁନିଶ୍ଚିତ କରିବ। ଏହାସହ ବୃତ୍ତିଗତ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପଲବ୍ଧ ସୁବିଧାଗୁଡ଼ିକର ସିଇଓ ପ୍ରଶଂସା କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ଯୁଗ୍ମ ନିର୍ଦ୍ଦେଶକ ତରୁଣାଦିତ୍ର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜରୁରିକାଳୀନ ସମୟରେ କର୍ମଚାରୀମାନଙ୍କୁ ନିପୁଣ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ କାରଖାନା ପରିସରରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ ସୁବିଧା ପ୍ରଦାନ କରାଯାଉଛି। ଉକ୍ତ କେନ୍ଦ୍ରରେ ଅଡିଓ ମିଟର, ବ୍ରେଥ ଆନାଲାଇଜର, ସାଉଣ୍ଡ ଲେଭଲ ମିଟର, ହିଟ ଷ୍ଟ୍ରେସ ମନିଟର, ଲକ୍ସ ମିଟର, ଡିଫଇବ୍ରିଲେଟର, ସ୍ପାଇରୋ ମିଟର, ଇସିଜି ମେଶିନ ଏବଂ ପଲ୍ସ ଅକ୍ସିମିଟରେ ଭଳି ସୁବିଧା ରହିଛି। ଏହି କେନ୍ଦ୍ର ପ୍ରାକ ନିଯୁକ୍ତି, ପ୍ରାକ ନିୟୋଜନ ଏବଂ କର୍ମଚାରୀଙ୍କୁ ନିୟମିତ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛି।




ଆର୍‌ଏସ୍‌ପି ସିଇଓ ଦୀପକ ଚଟ୍ଟରାଜ ଗ୍ୟାସ ପାଇପ ଲାଇନ ବ୍ୟାବସ୍ଥାର ଉଦଘାଟନ କରୁଛନ୍ତି।



ଅତୀତ ମନୁଷ୍ୟ ବିଷୟରେ ବହୁ କଥା ଜାଣିଲେ,
ଭବିଷ୍ୟତ ମନୁଷ୍ୟ ଗଢ଼ିବା ଦିଗରେ ସହାୟତା ମିଳେ ।
- ବିନୋଦ କାନୁନ୍‌ଗୋ

**ସଂକ୍ଷେପରେ**

## ବାଇକ୍ ଦୁର୍ଘଟଣା, ଜଣେ ମୃତ

ବୌଦ୍ଧ,୪।୧୦(ସ୍ୱ.ପ୍ର): ବୌଦ୍ଧ ଥାନା ମୁର୍ଖୁଣ୍ଡି ଛକରେ ଶୁକ୍ରବାର ବାଇକ ଧକ୍କାରେ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗମ୍ଭାରିପଦର ଗ୍ରାମର ପଙ୍କଜ ଦେହୁରୀ (୫୦)। ଖବର ପାଇ ବୌଦ୍ଧ ଥାନା ଅଧିକାରୀ ତପସ୍ୱନୀ କହଁର ଘଟଣାସ୍ଥଳକୁ ପହଞ୍ଚି ବାଇକକୁ ଜବତକୁ କରିବା ସହ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ବୌଦ୍ଧ ମେଡିକାଲକୁ ପଠାଇଛି। ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଥାନା ଅଧିକାରୀ କହଁର ପ୍ରକାଶ କରିଛନ୍ତି । ସୂଚନା ଅନୁସାରେ, ବଡିଗାଁ ଗ୍ରାମର ଗଣେଶ ବେହେରା ବୌଦ୍ଧ ମେଡିକାଲରୁ ତାଙ୍କ ଝିଅ ଓ ଜ୍ୱାଇଁଙ୍କୁ ଧରି ବାଇକ (ନଂ.ଓଡି୨୭/୦୨୭୨) ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥର ମୁର୍ଖୁଣ୍ଡି ଛକ ନିକଟରେ ରାସ୍ତା ପାରି ହେଉଥିବା ବେଳେ ବାଇକ୍‌ଟି ପଙ୍କଜଙ୍କୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

## ବିଲ୍ୱବରଣ ସହ ଦୁର୍ଗାପୂଜା ଆରମ୍ଭ

ଘଣ୍ଟାପଡା,୪।୧୦(ଡି.ଏନ.ଏ): ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜା ପାଇଁ କଣ୍ଟାମାଳ ବ୍ଲକର ବିଭିନ୍ନ ପୂଜା ମଣ୍ଡପ ଚଳଚଞ୍ଚଳ ଓ ଉତ୍ସବମୁଖର ହୋଇପଡିଛି। କଣ୍ଟାମାଳ ବ୍ଲକ ଛକ ଜୀବନଜ୍ୟୋତି ସାଂସ୍କୃତିକ ପରିଷଦ ଦ୍ୱାରା ଆୟୋଜିତ ଦୁର୍ଗାପୂଜା ପାଇଁ ଶୁକ୍ରବାର ସକାଳ ୮ଟାରେ ବିଲ୍ୱବରଣ ହୋଇଛି । ଏକ ଶୋଭାଯାତ୍ରାରେ ବେଲ ଗଛମୂଳକୁ ଯାଇ ପୂଜାର୍ଚ୍ଚନା ସହ ବରଣ କରାଯାଇଥିଲା। ଏହି ଅବସରରେ ଅପରାହ୍ନରେ କଳସଯାତ୍ରା ହୋଇଥିଲା। ଭକ୍ତମାନେ ଏକ ଶୋଭାଯାତ୍ରାରେ ନିକଟସ୍ଥ ବନ୍ଧରୁ କଳସରେ ଜଳ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ । ଶିବ ପ୍ରସାଦ ମିଶ୍ର ପୂଜକ ଓ ବିବସ୍ୱ କର୍ମୀ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି । କ୍ଲବ ସଭାପତି ସୁରେଶ ଚନ୍ଦ୍ର ମହାନ୍ତି, ସମ୍ପାଦକ ସନ୍ତୋଷ କୁମାର ବିଶି ଓ ସନ୍ତୋଷ କୁମାର ସାହୁ, କୋଷାଧ୍ୟକ୍ଷ ଆନନ୍ଦ ଚନ୍ଦ୍ର ପାଢୀ, ଦୃତିଆଚରଣ ସାହୁ, ଦୁଃଶାସନ ସାହୁ, ବିରେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ।

# ସଶସ୍ତ୍ର ଡକାୟତି ଯୋଜନା ପଣ୍ଡ

## ■ ବିଭିନ୍ନ ମାରଣାସ୍ତ୍ର ସହ ୫ ଅଭିଯୁକ୍ତ ଗିରଫ

ଝାରସୁଗୁଡା ଅଫିସ/ଲଖନପୁର, ୪।୧୦ (ଡି.ଏନ୍.ଏ.)

ଝାରସୁଗୁଡ଼ା ଉପକଣ୍ଠସ୍ଥ ବ୍ଲାକ୍‌ଡାଇମଣ୍ଡ ରାସ୍ତା ନର୍ସରୀ ନିକଟରେ ଗୁରୁବାର ରାତିରେ ଏକ ଡକାୟତ ଦଳ ଡକାୟତି ଯୋଜନା ଚଳାଇଥିଲେ। ବିଶେଷ ସୂତ୍ରରୁ ଖବରପାଇ ତାଳପଟିଆ ଫାଣ୍ଡି ପୋଲିସ ସେଠାରେ ପହଞ୍ଚି ଏହି ସଶସ୍ତ୍ର ଡକାୟତି ଯୋଜନାକୁ ପଣ୍ଡ କରିଛି। ଏହି ଘଟଣାରେ ପୋଲିସ ଡକାୟତ ଦଳର ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଚିଟୁଆପଡ଼ାର ମିଶ୍ର ଓରାମ(୨୯), ଓରାମପଡ଼ାର ଶନିଚର ଓରାମ(୨୯), ସାରସମାଲ ସତ୍‌ନାମୀପଡ଼ାର ଲଳିତ ରୋହିଦାସ(୧୯), ମାଳିପଡ଼ାର ସୁବୋଧ କୁମାର ସାହୁ(୨୯), ମୁଙ୍ଗାପଡ଼ା ମଙ୍ଗଳବଜାରର ହେମନ୍ତ ମେହେର(୨୨) । ସେମାନଙ୍କ ପାଖରୁ ପୋଲିସ ଗୋଟିଏ ପିସ୍ତଲ, ୨ ଭୁଜାଲି, ୩ ଲୁହାରଡ୍ ଆଦି ମାରଣାସ୍ତ୍ର ଜବତ କରିଛି। ପୋଲିସ ଏନେଇ ଝାରସୁଗୁଡ଼ା ଥାନାରେ ଏକ ମାମଲା(ନଂ.୬୩୯/୧୯) ରୁଜୁ କରି ତଦନ୍ତ ଚଳାଇଛି। ଗିରଫ ଅଭିଯୁକ୍ତମାନଙ୍କୁ ପୋଲିସ ଶୁକ୍ରବାର କୋର୍ଟ ଚାଲଣ କରିଛି। ଗିରଫ ଅଭିଯୁକ୍ତ ମିଶ୍ରଙ୍କ ନାମରେ ପୂର୍ବରୁ ଝାରସୁଗୁଡ଼ା ଥାନାରେ ୪ ମାମଲା ରହିଛି । ଶନିଚରଙ୍କ ନାମରେ ମଧ୍ୟ ପୂର୍ବରୁ ଝାରସୁଗୁଡ଼ା ଥାନାରେ ୭ ଓ ବଡ଼ମାଲ ଥାନାରେ ୩ ମାମଲା ରହିଛି। ସୁବୋଧଙ୍କ ନାମରେ ପୂର୍ବରୁ ଝାରସୁଗୁଡା ଥାନାରେ ୩ ଓ ବଡ଼ମାଲ ଥାନାରେ ୧ ମାମଲା ରହିଛି। ସେହିପରି ହେମନ୍ତଙ୍କ ନାମରେ ଝାରସୁଗୁଡ଼ା ଥାନାରେ ୨ ମାମଲା ରହିଛି । ଗତ ଶୁକ୍ରବାର ରାତିରେ ତାଳପଟିଆ ଫାଣ୍ଡି ଅଧିକାରୀ ପବିତ୍ର କିଷାନ ରାତି ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ବିଶେଷ ସୂତ୍ରରୁ ସେ ନର୍ସରୀ ନିକଟରେ କେତେକ ଯୁବକ ଏକତ୍ରିତ ହୋଇ ଡକାୟତି ଯୋଜନା ଚଳାଇଥିବା ଖବର ପାଇଥିଲେ। ସ୍ୱତନ୍ତ୍ର ପୋଲିସ ଦଳ ପହଞ୍ଚି ସେଠାରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ କାବୁ କରିଥିଲେ। ଏହି ଚଢ଼ଉରେ ଝାରସୁଗୁଡ଼ା ଥାନା ଆଇଆଇସି ସାବିତ୍ରୀ ବଳ, ଇନ୍‌ସ୍ପେକ୍ଟର ପବିତ୍ର କିଷାନ, ଇନ୍‌ସ୍ପେକ୍ଟର ଏସ୍‌ଏସ୍ ମହାନ୍ତି, ଏସ୍‌ଆଇ ପି.କେ. ସ୍ୱାଇଁ, ଏସ୍‌ଆଇ ଏମ୍. ପାଣିଗ୍ରାହୀ, ଏଏସ୍‌ଆଇ ଜଗଦୀଶ ଜେନା ପ୍ରମୁଖ ପୋଲିସ ଅଧିକାରୀ ସାମିଲ ଥିଲେ।



ଡକାୟତ ଦଳର ଗିରଫ ୫ ଅଭିଯୁକ୍ତଙ୍କ ସହ ଜବତ ମାରଣାସ୍ତ୍ର।

## ଗାଳିଗୁଲଜ, ଗାଡ଼ିଭଙ୍ଗା ଘଟଣାରେ ୩ ଗିରଫ

ଲଖନପୁର,୪।୧୦ (ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବନହରପାଲି ଥାନା ଅଧୀନ ବନ୍ଧବାହାଲରେ ଗତ ଗୁରୁବାର ସନ୍ଧ୍ୟାରେ ଗାଳିଗୁଲଜ୍, ଗାଡ଼ି ଭଙ୍ଗାରୁଜାକୁ ନେଇ ବନ୍ଧବାହାଲ ଫାଣ୍ଡିରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ବନହରପାଲି ପୋଲିସ କେସ୍ (ନଂ୧୨୨/୧୯)ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ଏହି ମାମଲାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ବେଲପାହାଡ଼ର ବ୍ରହ୍ମାନନ୍ଦ ସୁନା(୨୬), ବନ୍ଧବାହାଲ କଲୋନୀର ଗୋପୀନାଥ ବିସାର(୨୨) ଓ ଶାନ୍ତିନଗରର ଜଣେ ନାବାଳକ ରହିଛନ୍ତି। ଗିରଫ ଅଭିଯୁକ୍ତମାନଙ୍କୁ ପୋଲିସ ଶୁକ୍ରବାର କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଅଭିଯୁକ୍ତମାନେ ବନ୍ଧବାହାଲ ଏମ୍‌ସିଏଲ୍ ଆଇବି ଏ ୪୦୩ ନଂ କ୍ୱାର୍ଟର୍ସରେ ପହଞ୍ଚି ବିଲୁ ନାମକ ଯୁବକଙ୍କୁ ଖୋଜିଥିଲେ। ହେଲେ ବିଲୁ ଘରେ ନାହିଁ ବୋଲି ପରିବାର ଲୋକ କହିବାରୁ ଯୁବକମାନେ ଉତ୍‌କ୍ଷିପ୍ତ ହୋଇ ବିଲୁଙ୍କ ଭଉଣୀ ପଦ୍ମିନୀ ରୋହିଦାସଙ୍କୁ ଗାଳିଗୁଲଜ କରିଥିଲେ। ପରେ ତାଙ୍କ ଗାଡ଼ିମୋଟର ଭଙ୍ଗାରୁଜା କରିଥିଲେ। ଏନେଇ ବିଲୁଙ୍କ ଭଉଣୀ ପଦ୍ମିନୀ ବନ୍ଧବାହାଲ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ।

## ଗାଇସିଲେଟରେ ଟ୍ରାଫିକ ସଚେତନତା ଶୋଭାଯାତ୍ରା

ଗାଇସିଲେଟ, ୪।୧୦(ଡି.ଏନ.ଏ)

ବରଗଡ଼ ଜିଲା ଗାଇସିଲେଟ ଥାନା ତରଫରୁ ଟ୍ରାଫିକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ଶୋଭାଯାତ୍ରାରେ ସରସ୍ୱତୀ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ର ତଥା ପ୍ରଧାନଆଚାର୍ଯ୍ୟ ଅଶ୍ୱିନୀ କୁମାର ବାରିକ, ଆଚାର୍ଯ୍ୟ ବ୍ୟାସଦେବ ପଧାନ, ଜଗନ୍ନାଥ ପଟେଲ, ଗୁରୁମା ପ୍ରମିଳା ଗଡତିଆ ଓ ଅନ୍ୟ ଗୁରୁଜୀ ଗୁରୁମା ସାମିଲ ହୋଇଥିଲେ। ଗାଇସିଲେଟ ଥାନା ଅଧିକାରୀ ହରିବନ୍ଧୁ ଗଡତିଆ, ଏଏସଆଇ ରସାଞ୍ଜଳ ଦେହୁରୀ, ଏଏସଆଇ ପ୍ରମୋଦ କୁମାର ପାତ୍ର, କନଷ୍ଟେବଳ ପ୍ରେମାନନ୍ଦ ବିଶି, ଲୋକନାଥ କୁମ୍ଭାର, ବିପ୍ର ଭୋଇ ଓ ଅନ୍ୟ କର୍ମଚାରୀ ଶହୀଦ ଛକରୁ ଶୋଭାଯାତ୍ରାରେ ବାହାରି ବସଷ୍ଟାଣ୍ଡ ବ୍ଲକ, ଡାକ୍ତରଖାନା ଛକ ଦେଇ ପୁଣି ଶହୀଦ ଛକରେ ପହଞ୍ଚିଥିଲେ। ସେଠାରେ ଗାଡି ଚାଳକଙ୍କୁ ଟ୍ରାଫିକ ନିୟମ ବିଷୟରେ ସଚେତନ କରାଯାଇଥିଲା ।

# ଉପନିର୍ବାଚନ ପ୍ରସ୍ତୁତି ପାଇଁ ସମୀକ୍ଷା ବୈଠକ

ବରଗଡ଼ ଅଫିସ୍,୪।୧୦

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ନେଇ ଶୁକ୍ରବାର ସ୍ଥାନୀୟ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ପ୍ରଶାସନର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଜ୍ୟୋତିରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ପର୍ଯ୍ୟବେକ୍ଷକ ଅବିନାଶ ଲାଭାନିଆ, ଏସପି ପଦ୍ମିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ନିର୍ବାଚନୀ ପ୍ରସ୍ତୁତି ଉପରେ ସମୀକ୍ଷା କରାଯାଇଥିଲା। ସମସ୍ତ ଭୋଟକେନ୍ଦ୍ରରେ ଆବଶ୍ୟକୀୟ ମୌଳିକ ସୁବିଧା ଉପଲବ୍ଧ ଅଛି କି ନାହିଁ, ତାର ସମୀକ୍ଷା କରାଯାଇଥିଲା । ୫୦ଟି ବୁଥ୍‌ରେ ୱେବ୍‌କାଷ୍ଟିଂ ଏବଂ ୪୦ଟି ବୁଥ୍‌ରେ ସିସିଟିଭି କ୍ୟାମେରା ଲଗାଯିବାର ବ୍ୟବସ୍ଥା କରାଯାଇଛି ବୋଲି ପ୍ରଧାନ ସୂଚନା ଦେଇଥିଲେ । ଜିଲାରେ ଆଚରଣ ବିଧି କଡ଼ାକଡ଼ି ପାଳନ କରାଯାଇ ହୋର୍ଡିଂ ହଟାଯିବା, ମାଦକଦ୍ରବ୍ୟ ଜବତ କରାଯିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଏହା ସହିତ ଉପନିର୍ବାଚନକୁ ଶୃଙ୍ଖଳିତ, ଅବାଧ, ନିରପେକ୍ଷ ଭାବେ ସମାପନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା । ବୈଠକରେ ଅତିରିକ୍ତ ଏସ୍‌ପି ଅମରେନ୍ଦ୍ର ରଣା, ପଦ୍ମପୁର ଏସଡ଼ିପିଓ ପ୍ରଦୀପ କୁମାର ସାହୁ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ କୃତ୍ତିବାସ ରାଉତଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।



ସମୀକ୍ଷା ବୈଠକରେ ଉପସ୍ଥିତ ଅଧିକାରୀବୃନ୍ଦ ।

## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ବରଗଡ଼ ଅଫିସ୍,୪।୧୦

ବରଗଡ଼-ସମ୍ବଲପୁର ରାସ୍ତାର ଶୁକୁଟାପାଲି ନିକଟରେ ଶୁକ୍ରବାର ରାତ୍ରି ପ୍ରାୟ ସାଢ଼େ ୯ଟାରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଦୁଇଟି ବାଇକ୍ ପରସ୍ପର ପିଟି ହେବା ଯୋଗୁ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି । ଖବର ଲେଖାହେବା ସୁଦ୍ଧା (ରାତ୍ରି ୧୦ଟା ପର୍ଯ୍ୟନ୍ତ) ମୃତକଙ୍କ ପରିଚୟ ମିଳିପାରି ନାହିଁ । ସେହିପରି ମୃତକଙ୍କ ସହିତ ବାଇକ୍‌ରେ ବସିଥିବା ଅନ୍ୟ ଜଣେ ମଧ୍ୟ ଗୁରୁତର ଆହତ ହୋଇଛନ୍ତି । ସେ ସଂଜ୍ଞାହୀନ ହୋଇପଡ଼ି ଥିବାଯୋଗୁ ତାଙ୍କ ପରିଚୟ ମିଳିପାରି ନାହିଁ। ଅପରପକ୍ଷେ ଉକ୍ତ ଦୁର୍ଘଟଣାରେ ଅନ୍ୟ ବାଇକ୍ ଆରୋହୀ ଲସ୍ତଲାର ଅନାଦୀ ମହାକୁଡ଼ ଗୁରୁତର ଆହତ ହୋଇ ପଡ଼ିଛନ୍ତି । ମୃତାହତଙ୍କୁ ସ୍ଥାନୀୟ ଲୋକେ ପୋଲିସ ସହାୟତାରେ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାକୁ ଆଣିଛନ୍ତି। ଦୁର୍ଘଟଣାର ମୃତକ ଓ ଅନ୍ୟ ଜଣେ ଏକ ୟାମାହା ବାଇକ୍ (ନଂ-ଓଡ଼ି୧୫ପି ୦୫୦୮) ଯୋଗେ ଯାଉଥିବାବେଳେ ଆହତ ଅନାଦୀ ବସିଥିବା ବାଇକ୍‌ରେ ଧକ୍କା ଲାଗିବାରୁ ଏହି ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି । ଦୁର୍ଘଟଣାରେ ବାଇକ୍ ଏକ ବିଲ ଭିତରକୁ ପଶି ଯାଇଥିଲା ।

**ବରଗଡ଼ ଜିଲ୍ଲା**

## ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରତିଷ୍ଠା ଦିବସ

ବରଗଡ଼ ଅଫିସ୍,୪।୧୦

ବରଗଡ଼ର ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡା. ଜୟଦେବ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି, ଯଶୋଦା ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ସୂର୍ଯ୍ୟପ୍ରକାଶ ମହାପାତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ରବିନାରାୟଣ ସାହୁ, ସହସମ୍ପାଦକ ପ୍ରଶାନ୍ତ ଦାଶ, ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ସାହୁ, ମେଘନାଦ ସାହୁ, ଅଭୟ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ତିନିଜଣ ବହୁମୁଖୀ ପ୍ରତିଭା ଛାତ୍ରୀଛାତ୍ର ଉଷାରାଣୀ ଗୁରୁ, ଅରୁଣା ବେହେରା ଓ ଅମିତ ବର୍ମାଙ୍କୁ ନଗଦ ୨ହଜାର, ମାନପତ୍ର ସହିତ ଶାନ୍ତନୁ କୁମାର ରଣା ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଅଙ୍କିତା ଖମାରୀ, ବର୍ଷା ବାରିକ, ଏକାମ୍ର ବାଗଙ୍କୁ ସ୍ୱଚ୍ଛତା ପୁରସ୍କାର ପ୍ରଦାନ କରାଯାଇଥିଲା। ଡା. ସୁସ୍ମିତା ଦାଶ ୨ଜଣ ପୁରାତନ ଛାତ୍ରୀଛାତ୍ର ସୁଜାତା ପାଣ୍ଡେ, ସୁନୀଲ ସେଠଙ୍କୁ ସିଲେଇ ମେଶିନ ପ୍ରଦାନ କରିଥିଲେ । ସେହିପରି ଅନ୍ୟ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଖେଳ ଶିକ୍ଷକ ସୁଧାଂଶୁ ସାହୁଙ୍କ ଶିକ୍ଷଣରେ ଛାତ୍ର ବୈକୁଣ୍ଠ ସାହୁ ଯୋଗ ପ୍ରଦର୍ଶନ କରିଥିଲେ । ଶିକ୍ଷକ ଗୁଣନିଧି ସାହୁ, ଦୁଃଖୀସେବକ ସାହୁ, ଅମରେଶ ବାରିକଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ମେଘନାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## କଫ୍ ସିରପ ଜବତ, ୨ ଅଭିଯୁକ୍ତ ଗିରଫ

ବରଗଡ଼ ଅଫିସ୍,୪।୧୦

କଫ ସିରପ୍ କାରବାର ଅଭିଯୋଗରେ ବରଗଡ଼ ସଦର ଥାନା ପୋଲିସ ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବରଗଡ଼ ସୁବାସନଗରର ନବି ହୁସେନ ଏବଂ ଡ୍ୟାମ କଲୋନୀର ଅର୍ଜୁନ ବାଦୀ । ସେମାନଙ୍କ ପାଖରୁ ୧୦୦ ବୋତଲ କଫ୍ ସିରପ୍ ଏବଂ ୩ ଷ୍ଟ୍ରିପ୍ ନିଶା ବଟିକା ଜବତ ହୋଇଛି । ଅଭିଯୁକ୍ତଙ୍କ ବିରୋଧରେ ଏକ ମାମଲା (ନଂ.୧୭୭/୧୯) ରୁଜୁ ହୋଇଛି ବୋଲି ସଦର ଥାନା ଅଧିକାରୀ ଦିଲୀପ କୁମାର ବେହେରା ସୂଚନା ଦେଇଛନ୍ତି ।

**ଫଟୋରେ ଖବର**



ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଖରିକାମୁଣ୍ଡା ଗ୍ରାମବାସୀଙ୍କ ଦ୍ୱାରା ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ବୃକ୍ଷରୋପଣ କାର୍ଯ୍ୟକ୍ରମ।

# କବି ବିନୋଦ ଚନ୍ଦ୍ର ନାୟକଙ୍କ ଜନ୍ମଶତବାର୍ଷିକୀ ପାଳିତ

ଝାରସୁଗୁଡା ଅଫିସ/ଲଖନପୁର, ୪।୧୦ (ଡି.ଏନ୍.ଏ.)

ଝାରସୁଗୁଡ଼ା ଲକ୍ଷ୍ମୀନାରାୟଣ କଲେଜ୍‌ରେ ଶୁକ୍ରବାର ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଏଲ୍‌ଏନ୍ କଲେଜର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ କବି ବିନୋଦ ଚନ୍ଦ୍ର ନାୟକଙ୍କ ଜନ୍ମଶତବାର୍ଷିକୀ ପାଳିତ ହୋଇଯାଇଛି। ଏହି ଜନ୍ମଶତବାର୍ଷିକୀ ଉତ୍ସବକୁ ସମ୍ମାନିତ ଅତିଥି ଜିଲାପାଳ ସରୋଜ କୁମାର ସାମଲ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଧ୍ରୁବରାଜ ନାୟକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟା ଅଧାପିକା ମନ୍ଦାକିନୀ ଶତପଥୀଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଥମ ଅଧିବେଶନରେ ଜିଲାପାଳ ସାମଲ, ପ୍ରାକ୍ତନ ପ୍ରଫେସର ନାୟକ, କଲେଜ୍ ଅଧକ୍ଷ ଡ.ଚିରବ୍ରତ ଦତ୍ତ, ଏକାଡେମୀ ସଦସ୍ୟ ଚନ୍ଦ୍ରଶେଖର ହୋତା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ କବିଙ୍କ କାବ୍ୟକୃତି ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପକ ସରୋଜ କୁମାର କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଡ.ପ୍ରଭାତ କୁମାର ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ସମ୍ମାନିତ ଅତିଥିଭାବେ ପ୍ରଫେସର୍ ପଞ୍ଚାନନ ମିଶ୍ର, ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସମ୍ପାଦକ ତଥା କବି ଅଶ୍ୱିନୀ ମିଶ୍ର, ଗବେଷକ ଡ.ଅଶୋକ ମହାପାତ୍ର ପ୍ରମୁଖ ଯୋଗଦେଇ କବିଙ୍କ ସାମଗ୍ରିକ ସୃଷ୍ଟି ସମ୍ପର୍କରେ ଆଲୋଚନା କରିଥିଲେ। ତୃତୀୟ ଅଧିବେଶନରେ ଲଳିତ ମୋହନ ଦାସଙ୍କ ପୌରୋହିତ୍ୟରେ ସମ୍ମାନିତ ଅତିଥି ଭାବେ ଗାଳ୍ପିକ ଗିରି ଉନସନା, ଭୂପେନ ମହାପାତ୍ର, ଗୌରୀଦାସ ପ୍ରଧାନ ପ୍ରମୁଖ ଯୋଗଦେଇ କବିଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷ ଅଧିବେଶନରେ କବି ଗୌନ୍ତିଆ ଜର୍ମିଉଲ୍ଲା ପୌରୋହିତ୍ୟ କରିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ ଚତୁର୍ଭୁଜ ସାହୁ ଓ ରାଜୀବ ପାଣି ପ୍ରମୁଖ ଯୋଗଦେଇଥିଲେ। ଏହି ଅଧିବେଶନ ସଭାକୁ ଡ.ହେମନ୍ତ ପଟେଲ, ଶିବପ୍ରିୟା ମିଶ୍ର, ଅଞ୍ଜଳି ପଟ୍ଟନାୟକ ଓ ବିରାଟରାଜା ପ୍ରଧାନ ପରିଚାଳନା କରିଥିଲେ। ଏହି ଅବସରରେ ରାଜ୍ୟର ଅନେକ ସୁନାମଧନ୍ୟ କବି ଓ ସାହିତ୍ୟ ସାଧକ ଯୋଗଦେଇ କବି ନାୟକଙ୍କ ସ୍ୱରଚିତ କବିତା ପାଠ କରିଥିଲେ। ସେହିପରି କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ଗ୍ରାମପଥ ପରିବେଷଣ ହୋଇଥିଲା। ଏହି ମଞ୍ଚରେ କବିଙ୍କ ନାମରେ ବିନୋଦ ଦୃଷ୍ଟି ବୈଭବ ନାମକ ଏକ ପୁସ୍ତକ ଉନ୍ମୋଚନ ହୋଇଥିଲା। ଶେଷରେ ଅଧ୍ୟାପକ ତପନ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିମାନେ 'ବିନୋଦ ଦୃଷ୍ଟି ବୈଭବ' ପୁସ୍ତକକୁ ଉନ୍ମୋଚନ କରୁଛନ୍ତି।

## ■ ଭେଡେନ୍ ଗଣବଳାତ୍କାର ଘଟଣା

# ମାମଲା ରୁଜୁକଲା ପୋଲିସ

କଟକ ଅଫିସ,୪।୧୦

ବରଗଡ଼ ଜିଲା ଭେଡେନ୍ ଥାନା ଅଞ୍ଚଳରେ ତିନି ଦଳିତ ମହିଳାଙ୍କୁ ଗଣବଳାତ୍କାର ଓ ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆର୍‌ସି)ଙ୍କ ହସ୍ତକ୍ଷେପ ପରେ ବରଗଡ଼ ପୋଲିସ ମାମଲା ରୁଜୁ କରିଛି। ମାମଲା ରୁଜୁ ହେବା ନେଇ ବରଗଡ଼ ଏସ୍‌ଡିପିଓ ଆବେଦନକାରୀଙ୍କୁ ଅବଗତ କରିଛନ୍ତି। ୨୦୧୬ରେ ଏହି ଘଟଣା ଘଟିଥିଲେ ମଧ୍ୟ ପୋଲିସ ମାମଲା ରୁଜୁ କରି ନ ଥିଲା। ଏହି ଘଟଣାକୁ ନେଇ ଜଣେ ପୀଡ଼ିତା ଓଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହୋଇଥିଲେ। ପରେ ଓଏଚ୍‌ଆରସି ଗତ ୨୫ତାରିଖରେ ପୋଲିସର ଏଭଳି କାର୍ଯ୍ୟକୁ ନେଇ ବିରକ୍ତି ପ୍ରକାଶ କରିବା ସହ ରାଜ୍ୟ ପୋଲିସ ମାନବାଧିକାର ଉଲ୍ଲଂଘନ କରିଛି ବୋଲି କହିଥିଲେ। ସେହିପରି ଓଏଚ୍‌ଆର୍‌ସି ମାମଲା ରୁଜୁ କରିବାକୁ ବରଗଡ଼ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପୀଡ଼ିତାଙ୍କୁ କାହିଁକି କ୍ଷତିପୂରଣ ଦିଆ ନ ଯିବ ତାହାର ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ।

ମାମଲାର ବିବରଣୀରୁ ପ୍ରକାଶ, ପ୍ରଜାକୋର୍ଟ ଦ୍ୱାରା ବାସନ୍ଦ ହୋଇଥିବା ଗୋଟିଏ ପରିବାରର ତିନି ମହିଳାଙ୍କୁ ୨୦୧୬ ସେପ୍ଟେମ୍ବର ୨୩ରେ ଭେଡେନ୍ ଥାନାର କେତେଜଣ କର୍ମଚାରୀ ଘରୁ ପୋଲିସ ଭ୍ୟାନ୍‌ରେ ଉଠାଇ ନେଇଥିଲେ। ପରେ ସେମାନଙ୍କୁ ବଳାତ୍କାର କରାଯାଇଥିଲା। ଏହାପରେ ପୀଡ଼ିତାମାନଙ୍କୁ ପୋଲିସ ଗାଁ ଲୋକଙ୍କ ଜିମା ଦେଇଥିଲା। ଗ୍ରାମର କେତେଜଣ ଲୋକ ସେମାନଙ୍କୁ ୧୦ ଦିନ ଜଙ୍ଗଲରେ ରଖି ବଳାତ୍କାର କରିଥିଲେ। ସେମାନଙ୍କ କବଳରୁ ଜଣେ ଖସି ଆସିଥିବାବେଳେ ଆଉ ଦୁଇଜଣଙ୍କୁ ସେମାନେ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା । କିନ୍ତୁ ପୋଲିସ ଏହା ଉପରେ କୌଣସି ପଦକ୍ଷେପ ନେଇ ନ ଥିଲା। ଖସି ଆସିଥିବା ମହିଳାଜଣଙ୍କ ଓଏଚ୍‌ଆରସିଙ୍କ ଦ୍ୱାରସ୍ଥ ହୋଇଥିଲେ। ମହିଳା ଜଣକ ତାଙ୍କ ବଡ ଭାଇଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ପରେ ୨୦୧୭ ମେ' ୫ରେ ତାଙ୍କ ଭାଇ ବରଗଡ ଏସ୍‌ପିଙ୍କୁ ଏ ନେଇ ଏକ ଅଭିଯୋଗ ଡାକ ଯୋଗେ ପଠାଇଥିଲେ। ସେହିପରି ଏହି ଘଟଣା ସମ୍ପର୍କରେ ମଧ୍ୟ ସେ ପୋଲିସ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ । ମାତ୍ର କାର୍ଯ୍ୟାନୁଷ୍ଠାନ ବଦଳରେ ୨୦୧୭ ଜୁଲାଇ ୧୯ରେ ଅଭିଯୋଗ କରିଥିବା ଭାଇଙ୍କୁ ହତ୍ୟା କରାଯାଇଥିଲା। ଏଥିରେ ପୋଲିସ ଓ ଗାଁ ଲୋକଙ୍କ ସମ୍ପୃକ୍ତି ରହିଥିବା ଆବେଦନକାରିଣୀ କମିଶନଙ୍କୁ ଜଣାଇଥିଲେ। ଆଇନଜୀବୀ ନିଶିକାନ୍ତ ମିଶ୍ରଙ୍କ ସହାୟତାରେ ପୀଡିତାଙ୍କ ପରିବାର ଓଏଚ୍‌ଆର୍‌ସିଙ୍କ ଦୃଷ୍ଟିଆକର୍ଷଣ କରିଥିଲେ।